

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଦିଲ୍ଲୀରେ ଉଚ୍ଛେଦ ହେବନି ବସ୍ତି | ୬

ତୃତୀୟ ଥର ପାଇଁ ପ୍ରେମରେ ପଡ଼ିଛନ୍ତି ଅମୀର ! | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୫ Vol. 21 No-305 3 FEBRUARY 2025 MONDAY BHUBANESWAR ସୋମବାର, ୩ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୪ରେ ଓଡ଼ିଶା ଆସୁଛନ୍ତି ଷୋଡ଼ଶ ଅର୍ଥ କମିଶନ

ଭୁବନେଶ୍ୱର, ୨।୨ (ଭାସ୍କର ନ୍ୟୁଜ): ଆସନ୍ତା ୪ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ଷୋଡ଼ଶ ଅର୍ଥ କମିଶନ। କମିଶନର ଅଧ୍ୟକ୍ଷ ଡକ୍ଟର ଅରବିନ୍ଦ ପାନାଗାରିଆଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଟିମ୍ ଓଡ଼ିଶା ଆସିବେ ବୋଲି ସୂଚନା ମିଳିଛି। ଏହି ଟିମ୍ ୪ ଦିନ ଧରି ଓଡ଼ିଶାର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ୬ତାରିଖରେ ଟିମ୍ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ୭ ତାରିଖରେ ଦିଲ୍ଲୀ ଫେରିଯିବେ।

### ନିଖୋଜର ୫ ଦିନ ପରେ ଗଳିତ ମୃତଦେହ ଉଦ୍ଧାର

ବାରିପଦା, ୨।୨ (ଭାସ୍କର ନ୍ୟୁଜ): ଜମିବାଡ଼ିକୁ କେନ୍ଦ୍ରକରି ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ୫ଦିନ ତଳେ ନିଖୋଜ ହୋଇଥିବା ଏହି ବ୍ୟବସାୟୀଙ୍କ ଗଳିତ ମୃତଦେହ ରବିବାର କୃଷ୍ଣଚନ୍ଦ୍ରପୁର ଫାଣ୍ଡି ନିକଟ କେନାଲ ନିକଟରୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଜମି ବିକ୍ରିଟଙ୍କା ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି।

## ଏବେଠୁ କଲବଲ କଲାଣି ତାତି

# ପାରଦ ୩୬ ଡିଗ୍ରୀ ପାର୍



- ୩୬.୭ ଡିଗ୍ରୀ ସହ ବଲାଙ୍ଗୀର ସବୁଠୁ ଉତ୍ତପ୍ତ
- ୩୪ ଡିଗ୍ରୀ ଉପରେ ୮ ସହର
- ଉପକୂଳ,ଆଭ୍ୟନ୍ତରୀଣ ଓଡ଼ିଶାରେ ବି ପ୍ରଭାବ
- ୨ ଦିନ ଧରି ହେବ ଘନ କୁହୁଡ଼ି

ଭୁବନେଶ୍ୱର, ୨।୨ (ଭାସ୍କର ନ୍ୟୁଜ): କଥାରେ ଅଛି- ମାଘମାସ ଶୀତ ବାଘପରି। ହେଲେ ଓଡ଼ିଶାରେ ଶୀତ ତ ଶୀତ, ଶୀତର ଝଲ ମଧ୍ୟ ମାଘ ମାସରେ ଦେଖିବାକୁ ମିଳୁନାହିଁ । ଆରମ୍ଭ ହୋଇଯାଇଛି ତାତିର ପ୍ରାବଲ୍ୟ। ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ସବୁଠି ପ୍ରବଳ ଗରମ। ଉପକୂଳଠୁ ଆରମ୍ଭ କରି ଆଭ୍ୟନ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେଉଛି। ରାଜ୍ୟରେ ତାପମାତ୍ରା ୩୬ ଡିଗ୍ରୀ ଉପରେ ଥିବା ସୂଚନା ଦିଆଯାଇଛି। ୩୬.୭ ଡିଗ୍ରୀ ସହ ବଲାଙ୍ଗୀର ସବୁଠୁ ଉତ୍ତପ୍ତ ସହର ହୋଇଥିବାବେଳେ ଝାରସୁଗୁଡ଼ାରେ ୩୫.୬, ପାରଳାଖେମୁଣ୍ଡିରେ ୩୫.୮, ସମ୍ବଲପୁରରେ ୩୫.୧, ଭବାନୀପାଟଣାରେ ୩୫, ଟିଟିଲାଗଡ଼ରେ ୩୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିଭଳି ରବିବାର ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୩୪ ଡିଗ୍ରୀ ଡେଇଁ ସାରିଛି। ଦିନର ତାପମାତ୍ରା ଏବେଠୁ ସହ୍ୟ କରିବା କାଠିକର ପାଠ ହେଲାଣି। ମାଘମାସର ଥଣ୍ଡା ସତେ ଯେପରି ଉଭେଇ ଯାଇଛି। ଶନିବାର ଅପରାହ୍ନ ୨.୩୦ ସୁଦ୍ଧା ଭୁବନେଶ୍ୱରର ପାରଦ ୩୩ ଡିଗ୍ରୀ ରହିଥିବାବେଳେ ରବିବାର ୨.୩୦ ସୁଦ୍ଧା ଏହା ୩୪.୪ ଡିଗ୍ରୀ ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ ସହ ଉପକୂଳ ଓଡ଼ିଶାରେ ତାତିର ସାଂଘାତିକ ପ୍ରଭାବ ଅନୁଭୂତ ହେଲାଣି। ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ପାରଦ ବୃଦ୍ଧି ପାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ ଓ ପାରଦ ବୃଦ୍ଧି ପାଇବ। କିଛି ସ୍ଥାନରେ ପାରଦ ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇବା ନେଇ ବିଭାଗ ପୂର୍ବାନୁମାନ କରିଛି। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରଚଣ୍ଡ ଗରମ ଅନୁଭୂତ ହେବ। ସେହିପରି ପଶ୍ଚିମ ଓଡ଼ିଶାରେ ମଧ୍ୟ ତାତିର ପ୍ରଭାବ ଜୋର ରହିବ। ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ାରେ ମଧ୍ୟ ମେଘମୁକ୍ତ ଆକାଶ ସହ ପାରଦ ୩୦ରୁ ୩୪ ଡିଗ୍ରୀ ରହିବ ବୋଲି ଆକଳନ କରାଯାଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ତାତିର ପ୍ରଭାବ ଅନୁଭୂତ ହେବ। ଅନ୍ୟପକ୍ଷରେ ତାତି ବୃଦ୍ଧି ସହ ରାଜ୍ୟର କେତେକ ଜିଲ୍ଲାରେ ଦୁଇଦିନ ଯାଏ ଘନକୁହୁଡ଼ି ଦେଖାଦେବ। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଉଠିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ଏଥିନେଇ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି ଯେ ଫେବୃଆରୀରେ ତାତିର ପ୍ରଭାବ ଅଧିକ ଅନୁଭୂତ ହେବ। ଅନ୍ୟପକ୍ଷରେ ଆଉ ୫ରୁ ୭ ଦିନ ପରେ ପାରଦ ଅଧିକ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତେବେ ମାଘ ମାସରେ ଏଭଳି ତାତିକୁ ଲୋକେ ସହିପାରୁ ନଥିବାବେଳେ ଆଗକୁ କିପରି ତାକୁ ସହ୍ୟ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ପଟେ ତାତିର ପ୍ରଭାବ ଓ ଅନ୍ୟପଟେ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏବେଠୁ ଏ ନେଇ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶେଷକରି କୁହୁଡ଼ି ସମୟରେ ସାବଧାନରେ ଗାଡ଼ି ଚଳାଇବାକୁ କୁହାଯାଇଛି।

## ବର୍ଣ୍ଣବୋଧର ଅବିକଳ ସଂସ୍କରଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

# ବର୍ଣ୍ଣବୋଧ ଓଡ଼ିଆଙ୍କ ପ୍ରିୟ ପୁସ୍ତକ



ଭୁବନେଶ୍ୱର, ୨।୨ (ଭାସ୍କର ନ୍ୟୁଜ): ଓଡ଼ିଶା ଏବଂ ଓଡ଼ିଆ ଭାଷା ଯେଉଁ କାଳଖଣ୍ଡରେ ନିଜର ଅସ୍ତିତ୍ୱ ଓ ଜାତୀୟତା ପାଇଁ ସଂଗ୍ରାମ କରୁଥିଲେ, ସେହି ସମୟରେ ଭକ୍ତକବି ମଧୁସୂଦନ ରାଓ, ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରକାଶ କରି ଆମ ରାଜ୍ୟର ହୃତ ଗୌରବ ଫେରାଇ ଆଣିଥିଲେ ବୋଲି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡିଜିଟାଲ କପି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପବିତ୍ର ଶ୍ରୀପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା, ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ କୃଷି ଭବନ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଆହୁରି ମଧ କହିଛନ୍ତି ଯେ, ଓଡ଼ିଆ ଭାଷାର ନିଜତ୍ୱ, ମୂଳ ସ୍ୱରୂପକୁ ଜନମାନସରେ ଆଦୃତ କରିବା ପାଇଁ ଲେଖା ହୋଇଥିଲା 'ବର୍ଣ୍ଣବୋଧ'। ଏହାର ରଚୟିତା ଭକ୍ତକବି ମଧୁସୂଦନ ରାଓ ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ, ଶବ୍ଦ ଗଠନ, ବାକ୍ୟ ଗଠନକୁ କିପରି ସରଳ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶିଖାଇ ହେବ ଏହି ପୁସ୍ତକରେ ପ୍ରତିପାଦିତ କରିଛନ୍ତି। ସେ ଆହୁରି ମଧ କହିଥିଲେ ଯେ, ମା', ମାତୃଭୂମି ଏବଂ ମାତୃଭାଷା ଯେ କୌଣସି ମାନବର ସବୁଠାରୁ ବଡ ପରିଚୟ। ଯଦି କେହି ଏହାର ହତାଦର କରେ, ତାକୁ ସ୍ୱଭାବ କବି ଅଜ୍ଞାନ କହିଥିଲେ ନିଜ କାଳଜୟୀ ରଚନାରେ। ବର୍ଣ୍ଣବୋଧର ଭାଷା ଥିଲା ଅତ୍ୟନ୍ତ ସହଜ ଓ ସରଳ । ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ● ପୃଷ୍ଠା ୫ ଦେଖନ୍ତୁ


वित्त मंत्रालय
MINISTRY OF FINANCE

Union
BUDGET
2025-26



## ଉତ୍ତମ ପରୋକ୍ଷ କର, ଶକ୍ତିଶାଳୀ ଆର୍ଥିକ ଅଭିବୃଦ୍ଧି

### ବାଣିଜ୍ୟ ସୁବିଧା

- ଅସ୍ଥାୟୀ କଷ୍ଟମ୍ସ ମୂଲ୍ୟାଙ୍କନ ପାଇଁ ସମୟ ସୀମା ୨ ବର୍ଷ କରାଯାଇଛି (ଏହା ୧ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇ ପାରିବ)।
- ସ୍ୱେଚ୍ଛାକୃତ ଅନୁପାଳନ: ଆମଦାନୀକାରୀ / ରପ୍ତାନିକାରୀମାନେ ବାସ୍ତୁଗତ ତଥ୍ୟ ଘୋଷଣା କରିପାରିବେ ଏବଂ ସୁଧ, ପେନାଲ୍ଟିମୁକ୍ତ ଶୁଳ୍କ ପ୍ରଦାନ କରିପାରିବେ।
- ଆମଦାନୀ ହୋଇଥିବା ଇନପୁଟଗୁଡ଼ିକ ପାଇଁ ବିସ୍ତାରିତ ବ୍ୟବହାର ଅବଧି: ୬ ମାସରୁ ୧ବର୍ଷ ପର୍ଯ୍ୟନ୍ତ, ମାସିକ ପରିବର୍ତ୍ତେ ତ୍ରମାସିକ ଦାଖଲ।

### ରପ୍ତାନୀ ବଢ଼ାଇବା

- ହସ୍ତଶିଳ୍ପ ରପ୍ତାନି ସମୟ ସୀମା ୧ ବର୍ଷକୁ ବୃଦ୍ଧି (+୩ ମାସ ବିସ୍ତାର) କରାଯାଇଛି।
- ଘରୋଇ ମୂଲ୍ୟ ବୃଦ୍ଧି ପାଇଁ ଓଦା ଟାନେଡ୍ ଚମଡ଼ା ଉପରେ ସମ୍ପୂର୍ଣ୍ଣ ମୌଳିକ କଷ୍ଟମ ଡ୍ୟୁଟି (ବିସିଡି) ଛାଡ଼।
- ଫ୍ରିଜ୍ ହୋଇଥିବା ମାଛ ପେଷ୍ଟ (ସୁରମି) ଉପରେ ବିସିଡି ୩୦% ରୁ ୫% କୁ ହ୍ରାସ କରାଯାଇଛି।
- ମରାମତି ପାଇଁ ଆମଦାନୀ ହୋଇଥିବା ରେଳ ସାମଗ୍ରୀ ପାଇଁ ବିସ୍ତାରିତ ରପ୍ତାନି ୱିଣ୍ଡୋ: ୬ ମାସରୁ ୧ ବର୍ଷ (+୧ ବର୍ଷ ବିସ୍ତାର) କରାଯାଇଛି।

### ଘରୋଇ ଉତ୍ପାଦକୁ ମଜବୁତ କରିବା

- କୋବାଲ୍ଟ ପାଉଡର, ୧୨ ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଲିଥିୟମ୍ ଆୟନ ବ୍ୟାଟେରୀ ଆବର୍ଜନା, ସୀସା ଏବଂ ଜିଙ୍କ ସ୍କ୍ରାପ୍ ଉପରେ ବିସିଡ଼ି ରିହାତି।
- ବୟନ ଯନ୍ତ୍ରପାତି ଛାଡ଼ ଅଧିକ ସଟଲ୍ - କମ୍ ତାଳକୁ ବିସ୍ତାରିତ ହୋଇଛି
- ଏଲସିଡି/ ଏଲଇଡି ଟିଭି ପ୍ୟାନେଲ ପାଇଁ ଖୋଲା ବିକ୍ରୟ ଅଂଶ ଉପରେ ବିସିଡି ରିହାତି।
- ଜାହାଜ ନିର୍ମାଣ ଏବଂ ଜାହାଜ ଭାଙ୍ଗିବା ପାଇଁ ୧୦ ବର୍ଷର ବିସିଡି ଛାଡ଼ ବୃଦ୍ଧି।

### ସୀମା ଶୁଳ୍କ ଏବଂ ବାଣିଜ୍ୟ ସଂସ୍କାର

- ବିଶ୍ୱ ବାଣିଜ୍ୟକୁ ସହଜ କରିବା ପାଇଁ କ୍ରେଡିଟ୍, ଏମ୍ଏସ୍ଏମ୍ଇ ସମର୍ଥନ ଏବଂ ସୀମା ପାର ଫ୍ୟାକ୍ଟରିଂ।
- ନିରବଚ୍ଛିନ୍ନ ଡିଜିଟାଲ୍ ବାଣିଜ୍ୟ ଡକ୍ୟୁମେଣ୍ଟେସନ୍ ଏବଂ ଆର୍ଥିକ ସହାୟତା ପାଇଁ ଭରତ ଟ୍ରେଡ୍ ନେଟ (ବିଟିଏନ)ର ଶୁଭାରମ୍ଭ।
- ପ୍ରମୁଖ ଯୋଗାଣ ଶୃଙ୍ଖଳା ଏବଂ ଶିଳ୍ପ ପାଇଁ ସୁବିଧା ଗୋଷ୍ଠୀ।
- ଘରୋଇ ଇଲେକ୍ଟ୍ରୋନିକ୍ସ ଶିଳ୍ପ ପାଇଁ ସରକାରୀ ପ୍ରୋତ୍ସାହନ ଏବଂ ଶିଳ୍ପ ୪.୦ ଗ୍ରହଣ।
- ଦ୍ୱିତୀୟ ପର୍ଯ୍ୟାୟ ସହରରେ ଗ୍ଲୋବାଲ୍ ଦକ୍ଷତା କେନ୍ଦ୍ରକୁ ପ୍ରୋତ୍ସାହିତ କରିବା ପାଇଁ ରାଷ୍ଟ୍ରୀୟ ଢାଞ୍ଚା।

### ସ୍ୱାସ୍ଥ୍ୟ ସେବା ଏବଂ ଜୀବନ ରକ୍ଷାକାରୀ ଔଷଧ

- ୩୬ ଜୀବନ ରକ୍ଷାକାରୀ ଔଷଧ ଏବଂ ୧୩ ରୋଗୀ ସହାୟତା କାର୍ଯ୍ୟକ୍ରମ ଉପରେ ସମ୍ପୂର୍ଣ୍ଣ ବିସିଡି ରିହାତି।
- ୫% ବିସିଡି ତାଲିକାରେ ଅଧିକ ୬ ଟି ଔଷଧ ଯୋଗ କରାଯାଇଛି।

SCAN ME

CBC 15502/13/0005/2425

@cbic_india @cbicindia @cbicindia @CBICINDIA @CBIC india



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ୧୧୪ କୁଣ୍ଡିୟ ତ୍ରୀଦିନାତ୍ମକ ବିଶ୍ୱ ଶାନ୍ତି ମହାଯଜ୍ଞ ଉପଲକ୍ଷେ କେନ୍ଦୁଝର ସହରର କାଳୀତୀର୍ଥ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ସଭାପତି ନିରଞ୍ଜନ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ନାଗରିକ କୈଳାଶଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ସୁରେଶଚନ୍ଦ୍ର ପଟ୍ଟନାୟକ,ମଧୁସୂଦନ ମିଶ୍ର, ଆଇନଜୀ ମନୋରଞ୍ଜନ ପାଢ଼ୀ,କେନ୍ଦୁଝର ବଡଦେଉଳର ବଡ଼ ପଣ୍ଡା ରାଜକିଶୋର ପଣ୍ଡା, ବୁଟା ସିଂହ, ବେଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ,ବିଶ୍ୱଜିତ ତ୍ରିପାଠୀ ପ୍ରମୁଖ ମଞ୍ଚାସିନ ହୋଇ ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ୧୧୪ କୁଣ୍ଡିୟ ତ୍ରୀଦିନାତ୍ମକ ବିଶ୍ୱ ଶାନ୍ତି ମହାଯଜ୍ଞ ଉପଲକ୍ଷେ ବିଶେଷ ଆଲୋଚନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ କେନ୍ଦୁଝର ଜିଲ୍ଲା ତଥା ସହରର ଶତାଧିକ ସନାତନୀ ପ୍ରେମୀ ଉପସ୍ଥିତ ରହି ଆଗାମି ବିଶ୍ୱ ଶାନ୍ତି ମହାଯଜ୍ଞ ଉପଲକ୍ଷେ ମତାମତ ରଖିଥିଲେ। ଏହି ବୈଠକକୁ ସନାତନୀ ପ୍ରେମୀ ସତ୍ୟଜିତ ମିଶ୍ର ପରିଚାଳନା କରିଥିଲେ।



■ ଅଭିଯୋଗ ସମୀକ୍ଷା ବୈଠକ ■

# ସମାଧାନ ହୋଇନଥିବା ଅଭିଯୋଗର ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଦରବାରହଲ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, କେନ୍ଦୁଝରରେ ଲୋକଙ୍କ ଅଭିଯୋଗ ଉପରେ ସମାଧାନ ହୋଇନଥିବା ଅଭିଯୋଗଗୁଡିକ ଉପରେ ଏକ ସମୀକ୍ଷା ବୈଠକ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ଜନଶୁଣାଣୀ ଅଧିକାରୀ ଇଂ ହିମାଂଶୁ ଶେଖର ସାହୁ, ସ୍ୱତନ୍ତ୍ର ଅଭିଯୋଗ ଅଧିକାରୀ ଶରତ ଚନ୍ଦ୍ର ବାରିକ, ଆସିଷ୍ଟାଣ୍ଟ କଲେକ୍ଟର ସରୋଜ ମଲ୍ଲିକଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ସମୀକ୍ଷା ବୈଠକରେ ସମାଧାନ ହୋଇନଥିବା ଅଭିଯୋଗ ଉପରେ ତ୍ୱରିତ ଶୁଣାଣୀ କରି ଲୋକଙ୍କୁ ନ୍ୟାୟ



ଦେବାକୁ ମୁଖ୍ୟ ଜନଶୁଣାଣି ଅଧିକାରୀ ହିମାଂଶୁ ଶେଖର ସାହୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ମାସ ୧୦ ତାରିଖ ମଧ୍ୟରେ ଏହାର ରିପୋର୍ଟ ଦେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, କେନ୍ଦୁଝର ଠାରେ ଆସୁଥିବା ଲୋକଙ୍କ କେତେକ ଅଭିଯୋଗ ସମାଧାନ ହୋଇନାହିଁ ସେ ସମ୍ପର୍କରେ ଆଲୋଚନ କରାଯାଇ ତ୍ୱରିତ ନ୍ୟାୟ ଦେବାକୁ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୩୪ଟି,ସଦର ତହସିଲଦାର ୩୧ଟି,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ୮ଟି,କେନ୍ଦୁଝରଗଡ ପୌର ପାଳିକାରେ ୮ଟି ଅଭିଯୋଗର ସମାଧାନ ହୋଇନାହିଁ । ଏଥିସହ ଅନ୍ୟ ବିଭାଗରେ ରହିଥିବା ଅଭିଯୋଗ ଉପରେ ଆଲୋଚନା କରାଯାଇ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ମଣ୍ଡୁଆସ୍ଥିତ ବାସ ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସପ୍ତାହରେ ୩ ଦିନ ଖୋଲାରହୁଛି । ମଙ୍ଗଳବାର, ଗୁରୁବାର ଏବଂ ଶୁକ୍ରବାର ଦିନ ଲୋକଙ୍କ ଅଭିଯୋଗ ରଖାଯାଉଛି । ଜିଲାସ୍ତରରେ ଥିବା ଅଭିଯୋଗ ଉପରେ ଜିଲାସ୍ତରରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି ଏବଂ ରାଜ୍ୟସ୍ତରରେ ଥିବା ଅଭିଯୋଗ ପତ୍ର ଉପରେ ଭୁବନେଶ୍ୱରସ୍ଥ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପଠାଯାଉଛି ।

## ଘାଟି ରାସ୍ତା ଉପରୁ ଖସୁଛି ପଥର



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବିରିଦା ଘାଟି ରାସ୍ତା ଉପରୁ ବଡ ବଡ ପଥର ଖସୁଛି।ଫଳରେ ପଥଚାରୀମାନେ ଯାତାୟତରେ ନିରାପଦ ମଣୁନାହାନ୍ତି।ଏହି ରାସ୍ତାଦେଇ କେନ୍ଦୁଝର ସହର ସମେତ ଫୁଲଝର,ଅଁରା ଆଦି ଦୂର ଦୂରାନ୍ତର ଗ୍ରାମକୁ ଯିବା ପାଇଁ ଲୋକେ ବ୍ୟବହାର କରୁଛନ୍ତି। ତେବେ ବିରିଦା ଘାଟି କଂକ୍ରିଟ ରାସ୍ତା ନିର୍ମାଣ ବେଳେ ଘାଟି କଟା ଯାଇଥିଲା। ଉପରେ ଥିବା ବଡ ବଡ ପଥର ସବୁ ଏବେ ରାସ୍ତା ତଳକୁ ଖସିବାକୁ ଲାଗୁଛି। ଦୁର୍ଘଟଣା ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଏରଞ୍ଚ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଛି ପୋକରା ଚାଉଳର ଭାତ

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଏରଞ୍ଚ ଲକ୍ଷ୍ମୀ ନୃସିଂହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଅଭାବନୀୟ ଦୃଶ୍ୟ। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପାଚିକାମାନେ ପୋକରା ଚାଉଳ ରୋଷେଇ କରି ଦେଉଛନ୍ତି। ପୋକ ସାଲୁ ବାଲୁ ଚାଉଳ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଲଟିଛି ଆହାର। ଏମିତିକି ପୋକରା ଚାଉଳ ବାଛିବା ପାଇଁ ପାଚିକା ମାନଙ୍କ ପାଖରେ ନାହିଁ ସମୟ। ଉକ୍ତ ବିଦ୍ୟାଳୟରେ ତିନିଜଣ ପାଚିକା ନିଯୁକ୍ତି ହୋଇଥିବା ବେଳେ ପିଲାମାନଙ୍କୁ କିଭଳି ସଠିକ ସମୟରେ ଖାଇବାକୁ ଦେବେ ସେ ନେଇ ତରବରିଆ ଭାବରେ ରୋଷେଇ କରୁଛନ୍ତି। କିନ୍ତୁ ପୋକରା ଚାଉଳକୁ ରୋଷେଇ କରି ଛାତ୍ରଛାତ୍ରୀ ମାନଙ୍କୁ ଦେଉଛନ୍ତି। ଏହାର ଫଟୋ ଭାଇରଲ ହେବା ପରେ ଉକ୍ତ ବିଦ୍ୟାଳୟ ର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଘଟଣାକୁ ଚାପି ଦେବା ପାଇଁ ପ୍ରାଣ ମୂର୍ଚ୍ଛା



ଉଦ୍ୟମ ଚଳାଇଛନ୍ତି। କିନ୍ତୁ ଉକ୍ତ ଘଟଣା ପ୍ରଘଟ ହେବା ପରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ରାଜ୍ୟ ଓ କେନ୍ଦ୍ର ସରକାର ପିଲାମାନଙ୍କୁ ପୁଷ୍ଟିସାର ଖାଦ୍ୟ ଯୋଗାଇଦେବା ନିମନ୍ତେ ମଧ୍ୟାହ୍ନ ଭୋଜନ ର ବ୍ୟବସ୍ଥା କରିଥିବା ବେଳେ ଏରଞ୍ଚ ଲକ୍ଷ୍ମୀ ନୃସିଂହ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ପୋକରା ଚାଉଳର ଭାତ ଖାଇବାକୁ ଦେବା ଓ ପୁଷ୍ଟିସାର ଖାଦ୍ୟ ଦେବା ବଦଳରେ ବିଭିନ୍ନ ରୋଗକୁ ନିମନ୍ତ୍ରଣ କରାଯାଉଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହେଉଛି।

# ମୂର୍ତ୍ତି ଶିଳ୍ପୀ ରବିନ୍ଦ୍ରଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ମୂର୍ତ୍ତୀ କାରିଗର ତଥା ବାଲିବରେଇ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ବାସିନ୍ଦା ରବିନ୍ଦ୍ର ଘଡ଼େଇଙ୍କୁ ତାଙ୍କର କଳାକୃତି ପାଇଁ ସମ୍ବଦ୍ଧନା ପ୍ରଦାନ କରାଯାଇଛି। ହଦଗଡ଼ ଆଞ୍ଚଳିକ ହାଇସ୍କୁଲ ପରିସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ପୂର୍ବତନ ହତଡ଼ିହି ବ୍ଲକ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ପର୍ଶୁରାମ ପେଡ଼ା, କେନ୍ଦୁଝର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବିଶିଷ୍ଟ ଶିକ୍ଷାବିତ୍ ପ୍ରସନ୍ନ କୁମାର ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶ୍ରୀ ଘଡ଼େଇଙ୍କୁ ମାନପତ୍ର ପ୍ରଦାନ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ଏହି ବିଶିଷ୍ଟ ମୂର୍ତ୍ତିଶିଳ୍ପୀଙ୍କ ଉତ୍ତରୋତ୍ତର ଉନ୍ନତି କରି ଅଧିକ ସୁନାମ ଅର୍ଜନ କରିବାର ଉତ୍ସାହ ପ୍ରଦାନ କରିଥିଲେ। ଶ୍ରୀ ଘଡ଼େଇ ଜଣେ ଉଚ୍ଚକୋଟିର ମୃଣ୍ମୟ ମୂର୍ତ୍ତି ଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏଥିପାଇଁ ତାଙ୍କୁ ଓଡ଼ିଶା ତଥା ବାହାର ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହିତ ରବିନ୍ଦ୍ର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ କେନ୍ଦୁଝର ଓ ଉଦ୍ରକ ଜିଲାର ବେଶ୍ ପରିଚିତି ଲାଭ କରି ପାରିଛନ୍ତି।

## ମରଣାନ୍ତକ ଆକ୍ରମଣ ଘଟଣାରେ ୨କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ସାଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗଡାସ୍ଥିତ ହୋଟେଲ ଚଣ୍ଡିଆ ପ୍ୟାଲେସର ମାଲିକ ବଳରାମ ସାହୁ ଓରଫ ବାବୁନି ଶନିବାର ସକାଳ ପ୍ରାୟ ୧୦ଟା ବେଳେ ପୁରୁଣା କଚେରୀ ନିକଟସ୍ଥ ମାଛ ଦୋକାନରେ ମାଛ କିଣୁଥିବା ବେଳେ ହଠାତ ଟାଉନ ଥାନା ଅନ୍ତର୍ଗତ ପୋଷ୍ଟଅଫିସ ଲେନ୍‌ର ମୀର ଖଦିମ ବକ୍ସଙ୍କ ପୁଅ ମୀର ଲିପୁ ସେଠାରେ ପହଞ୍ଚି ବଳରାମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବଳରାମଙ୍କୁ ଲିପୁ ତଣ୍ଟିଆ ମାରିବାରୁ ସେ ତଳେ ପଡିଯାଇଥିଲା। ଏହାପରେ ବଳରାମଙ୍କୁ ଗୋଇଠା ଓ ଚାପୁଡା ମାରିବା ସହ ତା’ ମୁଣ୍ଡକୁ ମଧ୍ୟ ଖୁବ ଜୋରରେ ଗୋଇଠା ମାରିଥିବା ବଳରାମ ଅଭିଯୋଗ କରିଛି। ବଳରାମର ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ପହଞ୍ଚି ବାରୁ ବଳରାମ ଥାନାକୁ ଯିବାକୁ ବାହାରିଥିଲା। ଠିକ ସେତିକିବେଳେ ମୀର ଲିପୁର ବଡଭାଇ ମୀର ମୁଜିବ ବକ୍ସ ଓରଫ ପପୁ ସେଠାରେ ଅନ୍ୟ କେତେକ ଯୁବକଙ୍କ ସହ ପହଞ୍ଚି ବଳରାମଙ୍କୁ ଜୋର ଜବରଦସ୍ତ ଚିଲିଖାନା ସମ୍ମୁଖରେ ଥିବା ଏକ ଆଳୁ ଗୋଦାମକୁ ନେଇଯାଇ ସେଠାରେ ଧମକ ଦେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେଠାରୁ ଉଭୟ ପକ୍ଷଙ୍କୁ ଥାନାକୁ ନେଇଆସିଥିଲେ। ପରେ ବଳରାମଙ୍କ ଲିଖିତ ଅଭିଯୋଗ ଉପରେ ଟାଉନ ଥାନା ପୋଲିସ ୨୩/୨୦୨୫ରେ ଭାରତୀୟ ନ୍ୟାୟ ସଂହିତାର ୧୨୬(୨), ୧୨୭(୨), ୨୯୬, ୪୫(୨), ୩୫(୩) ଓ ୩୬ଧାରାରେ ଏକ ମାମଲା ରୁଜୁ କରିବା ସହ ଉଭୟ ଲିପୁ ଓ ପପୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କ ଠାରୁ ଜଣାପଡିଛି।

# ଡେରାବିଶ ମହୋତ୍ସବ ପାଇଁ ବୈଠକ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ କିରଣକୁଞ୍ଜ ଠାରେ ଡେରାବିଶ ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ଡଃ ଭକ୍ତକବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିର ବରିଷ୍ଠ ସଦସ୍ୟ ସରୋଜକାନ୍ତ ସାହୁ, ଡେରାବିଶ ବ୍ଲକ ଅଧ୍ୟକ୍ଷ ପ୍ରଭାତି ମଲିକ, ହଳଧର ଦାଶ, ମହେନ୍ଦ୍ର ସିଂ, ପ୍ରଭାକର ସାମଲ, ସାହାଜାନ୍ ଖାଁ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଲକ୍ଷ୍ମୀନାରାୟଣପୁର ସମିତିସଭ୍ୟ ଫନିନ୍ଦ୍ର ବେହେରା, ରାଜକିଶୋର ମଲ୍ଲ, ସରୋଜ କୁମାର ଦାସ, ତ୍ରିଲୋଚନ ରାଉତ, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ରାମଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ତ୍ରୟୋଦଶତମ ଡେରାବିଶ ମହୋତ୍ସବ ସରସ, ସୁନ୍ଦର ଓ ଶାନ୍ତି



ଶୃଙ୍ଖଳାରେ ଅନୁଷ୍ଠିତ ହୋଇଥିବାରୁ କମିଟିର ସମସ୍ତ ସଦସ୍ୟ ଓ ଅଂଚଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ନମିତା ବାରିକ ଯୋଗଦେଇ ପ୍ରଶାସନ ପକ୍ଷରୁ ଏହି ମହୋତ୍ସବ ନିମନ୍ତେ ଆଗକୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ କମିଟିର ସମ୍ପାଦକ ଗୁରୁଚରଣ ସେଠୀ ଚଳିତ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁପ କୁମାର ରାଉତ, ଧରଣୀଧର ପ୍ରଧାନ, ଚିତରଞ୍ଜନ ଦାସ, ସତ୍ୟଜିତ ଲେଙ୍କା, ବିଷ୍ଣୁଦେବ ବାରିକ, ହରେକୃଷ୍ଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# କୁନିହାତୀ ଆହତ, ସାହାଯ୍ୟ କରିପାରୁନି ବନ ବିଭାଗ

ମୁରିବାହାଲ, (ଭାସ୍କର ନ୍ୟୁଜ ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ରେ ପ୍ରାୟ ପାଞ୍ଚ ଦିନ ହେଲା ୪୪ ଟିକିଆ ହାତୀ ପଲ ଘୁରି ବୁଲୁଛନ୍ତି । ଏହା ପ୍ରତି ବନ ବିଭାଗ ଓ ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ଭାବରେ ତତ୍ପର ରହିଛନ୍ତି । ଲଗାତାର ଏହି ହାତୀପଲଙ୍କୁ ରକ୍ଷକ ଗାଡି, ଜଙ୍ଗଲ ବିଭାଗ ଡ୍ରୋନ କାମେରା ସାହାଯ୍ୟରେ ଲଗାତାର ଟ୍ରାକ କରୁଛି । କିନ୍ତୁ ଏହି ହାତୀ ପଲ ମଧ୍ୟରେ ଥିବା ଏହି କୁନି ହାତୀଟି ଆହତ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। କୁନି ହାତୀର ଡାହାଣ ପଟର ଆଗ ଗୋଡ଼ଟି କୌଣସି କାରଣ ରୁ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଏହା ଯୋଗୁଁ ଏହି କୁନି ହାତୀ ଅନେକ କଷ୍ଟ ପାଉଛି। ଚାଲିବି ଠିକ ରେ ପାରୁନି । ଏହା ଦେଖି ବନ ବିଭାଗ ମଧ୍ୟ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛି । ହାତୀଟିକୁ ସାହାଯ୍ୟ କରିବାକୁ



ଚାହିଁଲେ ମଧ୍ୟ ହାତୀ ପଲରେ ଅନେକ ବଡ ବଡ ହାତୀ ଥିବାରୁ ପାଖକୁ ଯାଇ ପାରୁନି । ଏହି ବାବଦରେ ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାଏକଙ୍କୁ ପଚାରିବାରୁ ଆମେ ହାତୀଟିକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରିବୁ , କିନ୍ତୁ ଅନ୍ୟ ହାତୀ ମାନଙ୍କପାଇଁ ପାଖକୁ ଯାଇ ହେଉନି ବୋଲି ପ୍ରକାଶ କରିଥିଲେ । ତେବେ ଏହି ବିଷୟକୁ ଗୁରୁତ୍ୱ ଦେଇ ଉପରିସ୍ଥ କର୍ମଚାରୀ ଆସି କେମିତି ଏହି ହାତୀଟିକୁ ଉଦ୍ଧାର କରି ତାର ଚିକିତ୍ସା କରିପାରିବ ସେହି ପ୍ରତି ଧ୍ୟାନଦେବାକୁ ଅଞ୍ଚଳବାସୀଙ୍କ ଦାବି ହେଉଛି ।

## ଗଛରୁ ପଡି ଛାତ୍ରୀ ମୃତ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ତଳଗୋଲୁର ପଂଚାୟତ ସଦର ମହକୁମାସ୍ଥିତ ୟୁଜିଏଚ୍‌ଏସ୍ ବିଦ୍ୟାଳୟର ଜଣେ ଛାତ୍ରୀ ଗଛରୁ ପଡି ଆହାତ ହୋଇ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସାଧିନ ଥିବା ବେଳେ ମୃତ୍ୟୁ ହୋଇଛି । ଏନେଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ବିଭାଗୀୟ ଅଧିକାରୀ ଅନୀଲ ସେଠୀ ତଦନ୍ତ କରିଛନ୍ତି ।

## ଷ୍ଟ୍ରବେରୀ ଷ୍ଟଲ୍ ଉଦ୍‌ଘାଟିତ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟସ୍ଥିତ କଳା ନିକେତନ ଛକରେ ଓରମାସ, ଡଙ୍ଗରରାଣୀ ଫାର୍ମସ୍ ପ୍ରଡ୍ୟୁସର କମ୍ପାନି ଲିମିଟେଡ, ସିଓ୍ୱାଇଏସଡି ଏବଂ ଉଦ୍ୟାନ ବିଭାଗର ମିଳିତ ସହଯୋଗରେ ଏକ ଷ୍ଟ୍ରବେରୀ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଯୋଗଦେଇ ଶୁଭାରମ୍ଭ କରିଥିଲେ । ସୂଚନା ଯୋଗ୍ୟ, ଜିଲ୍ଲାରେ ଦଶମନ୍ତପୁର ବ୍ଲକର କାଉଗୁଡା ଗ୍ରାମରେ ୩୦ଜଣ ଆଦିବାସୀ ଚାଷୀଙ୍କ ଦ୍ୱାରା ପ୍ରାୟ ୩୦ଏକର ଜମିରେ କରାଯାଇଥିବା ଏହି ଷ୍ଟ୍ରବେରୀ ଚାଷରୁ ପ୍ରଥମ ଅମଳ ଆସିଛି । ୭୫କେଜି ଗୁଣାତ୍ମକମାନର ଷ୍ଟ୍ରବେରୀ ଏଠାରେ ବିକ୍ରି ହେଉଛି । ପ୍ରତି ୨ଶହ ଗ୍ରାମର ଷ୍ଟ୍ରବେରୀ ପ୍ୟାକେଟକୁ ୧୦୦ଟଙ୍କା ରଖାଯାଇଛି । କୋରାପୁଟିଆ ଷ୍ଟ୍ରବେରୀର ଚାହିଦା ଅଧିକ ଥିବାରୁ ଷ୍ଟଲ ଶୁଭାରମ୍ଭର ଘଣ୍ଟାଏ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ପ୍ୟାକେଟ ବିକ୍ରି ହୋଇଥିବା ସିଓ୍ୱାଇଏସଡିର ଦଶମନ୍ତପୁର ସଂଯୋଜକ ଆନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ଉଦ୍ୟାନ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ, ଓରମାସର କାର୍ଯ୍ୟକାରୀ ଅଧିକାରୀ ରୋଶନ କାର୍ତ୍ତିକ, ବିଭାଗୀୟ ଅଧିକାରୀ ଓ କାଉଗୁଡା ଗ୍ରାମର ଚାଷୀ ଉପସ୍ଥିତ ଥିଲେ । ଷ୍ଟଲ ଆସନ୍ତା ୨ମାସ ଧରି ଚାଲିବାକୁ ଥିବାବେଳେ ଏଥିରୁ ଜେଲି ପ୍ରସ୍ତୁତ କରାଯାଇ ବିକ୍ରି କରିବା ଲକ୍ଷ୍ୟ ଥିବା ସଂଯୋଜକ ମଲ୍ଲିକ କହିଛନ୍ତି ।

# ନିଆଳିରେ ଛତୁଫୁଟିଲା ଭଳି ଘରୋଇ କ୍ଲିନିକ

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଅଧୀନରେ ୮ ରୁ ଊର୍ଦ୍ଧ୍ୱ ଘରୋଇ କ୍ଲିନିକ ଖୋଲିଛି। କେଉଁଠି ଲେଖା ହଉଚି ହସ୍ପିଟାଲ ତ ଆଉ କେଉଁଠି ଲେଖା ହୋଇଛି ଘରୋଇ ଚିକିତ୍ସାଳୟ। ଯିଏ ଯେଉଁଠି ପାଇଲା ଦାନ୍ତ ଓ ଚକ୍ଷୁ ଚିକିତ୍ସାଳୟ ଖୋଲି

**ସରକାରୀ ନିୟମକୁ ଖୋଲା ଉଲଂଘନ**

ପକାଇଲା। ଏହି ସବୁ ଚିକିତ୍ସାଳୟରେ ନା ଅଛି ଡାକ୍ତର ନା ଅଛି ଅତ୍ୟାଧୁନିକ ସୁବିଧା। ସରକାରଙ୍କ ନିୟମ ଅନୁଯାୟୀ କ୍ଲିନିକ ଖୋଲିବା ପାଇଁ ଯେଉଁ ସବୁ ଲାଇସେନ୍ସ ଆବଶ୍ୟକ ସେ ଗୁଡିକ ମଧ୍ୟ ପୂରଣ କରୁନାହାଁନ୍ତି। କେତେକ ହସ୍ପିଟାଲ ସୁବିଧା ନଥାଇ ଦୁଃସାହସ କରି କରୁଛନ୍ତି ଅପରେସନ। ଅଭିଜ୍ଞ ଡାକ୍ତର ନଥିବା ସତ୍ତ୍ୱେ ମାରାତ୍ମକ ଅପରେସନ କରିବାକୁ ପଛାଉନାହାନ୍ତି। ଯେଉଁ ନର୍ସଙ୍କ ଦ୍ୱାରା ଦିଆଯାଉଛି ଇଞ୍ଜେକ୍ସନ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ପାସ। ଗର୍ଭବତୀ ମହିଳା ଙ୍କୁ କମ ପଇସାରେ ପ୍ରସୂତି କରାଇଦେବାକୁ କହି ନିଜ ହସ୍ପିଟାଲରେ ଆଡ଼ମିସନ କରାଉଛନ୍ତି। ପ୍ରସୂତି ସମୟରେ



ଅପରେସନ ହେବ କହି ଟଙ୍କା ଲୁଟୁଛନ୍ତି। ଯାହାଫଳରେ ବାଧ୍ୟ ହୋଇ ରୋଗୀମାନେ ସର୍ବସ୍ୱାନ୍ତ ହେଉଛନ୍ତି ।ଏମିତିକି ନିର୍ଦ୍ଦିଷ୍ଟ କମ୍ପାନୀର ଔଷଧ କ୍ଲିନିକରେ ରଖି ସେହିସବୁ ଔଷଧ ଗୁଡିକୁ କିଣିବାକୁ ଚିଠା ଲେଖୁଛନ୍ତି। ଏହି ସବୁ କ୍ଲିନିକ ଗୁଡିକ ଉପରେ ଜିଲ୍ଲା ଡ୍ରଗ୍ସ ବିଭାଗ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେଲେ ବହୁ ରୋଗୀ ଙ୍କ ପରିବାର ସର୍ବସ୍ୱାନ୍ତ ହେବାରୁ ବର୍ତ୍ତିବେ।

**ପବିତ୍ର ବସନ୍ତ ପଞ୍ଚମୀ**

# ମା’ଙ୍କ ଆଗମନକୁ ନେଇ ସବୁଠି ଉତ୍ସାହ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଆଜି ମାଘମାସ ଶୁକ୍ଳ ପକ୍ଷ ପଞ୍ଚମୀ । ହିନ୍ଦୁ ପଞ୍ଜାଙ୍ଗ ଅନୁଯାୟୀ ଏହାକୁ ବସନ୍ତ ପଞ୍ଚମୀ ବୋଲି ମଧ୍ୟ କୁହାଯାଏ । ଧରାବତରଣ କରିଛନ୍ତି ବାଗଦେବୀ ସରସ୍ୱତୀ । ମା’ ବିଦ୍ୟାଦାୟିନୀ ହୋଇଥିବାରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ଅତି ଭକ୍ତିର ସହ ପୂଜା ପାଳନ କରିଥାନ୍ତି । ମା’ ସରସ୍ୱତୀଙ୍କୁ ବାଗଦେବୀ, ଭଗବତୀ, ଶାରଦା, ବୀଣାବାଦିନୀ ରୂପରେ ପୂଜା କରାଯାଏ । ବସନ୍ତ ଋତୁର ଆଗମନରେ ଧରା ପଲ୍ଲବିତ ହୁଏ । ଶ୍ୱେତ ମେଘଖଣ୍ଡ ଆକାଶରେ ଶୋଭାପାଏ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଐଶାନେଶ୍ୱର ବିଦ୍ୟାପୀଠ, ପଣ୍ଡିମେଶ୍ୱର ବିଦ୍ୟାପୀଠ, ଅସ୍ତରଙ୍ଗ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ, ଅସ୍ତରଙ୍ଗ ଡିଗ୍ରୀ କଲେଜ, ହାପି ଟ୍ୟୁଟରିଆଲ ସହ ବିଭିନ୍ନ ସ୍ଥାନରେ ଛାତ୍ର ଛାତ୍ରୀ ସକାଳୁ ପହଂଚି ପୂଜାଆୟୋଜନ ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପୂଜାର୍ଚ୍ଚନା କରାଯାଇଛି ।ଏବର୍ଷ ସବୁଠି ଧୂମଧାମରେ ମାଆଙ୍କର ପୂଜାର୍ଚ୍ଚନା କରାଯାଉଛି ।

# ଚୋରାବାଇକ ରାକେଟର ପର୍ଦ୍ଦାଫାଶ

## ୬ ବାଇକ ଚୋର ଗିରଫ,୫ ବାଇକ ଜବତ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଚୋରା ବାଇକ ରାକେଟ ପର୍ଦ୍ଦାଫାଶ କରିଛି ଯୋଡ଼ା ଥାନା ପୋଲିସ । ଏହି ମାମଲାରେ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୫ ବାଇକ ଜବତ କରିଛି ପୋଲିସ। ଯୋଡା ଥାନା ଆଇଆଇସି ଲୋକେଶ୍ୱର ସାହୁଙ୍କ ସୂଚନା ଅନୁଯାୟୀ, ଯୋଡା ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । କେସ ନଂ ୧୧୨/୨୪ ଅନୁଯାୟୀ,ଗତ ତା ୧/୩/୨୦୨୪ ରିଖରେ ଯୋଡା ସହର ସ୍ଥିତ ଆମ ବାଗାନ ଠାରେ ରହୁଥିବା ବି.ଜୟ ରାମ ରେଡ୍ଡୀଙ୍କ ଘର ସାମ୍ନାରୁ ବାଇକ୍ ନଂ ଓଡି-୩୩ଏଜି-୦୪୭୮ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ସେହିପରି ଯୋଡା ଥାନା କେସ ନଂ ୧୫୪/୨୪ ଅନୁଯାୟୀ,ଯୋଡା ଥାନା ଅଞ୍ଚଳରୁ ଚୋରି ହୋଇଥିବା ବାଇକଟିକୁ ଚମ୍ପୁଆ ଥାନାରେ ଜବତ ହୋଇଥିଲା । ଏହି ଦୁଇଟି



ମାମଲାର ତଦନ୍ତଭାର ଯୋଡା ଆଇ ଆଇ ସି ଲୋକେଶ ସାହୁ ନେବା ପରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଜାରି ରଖି ଏହି ବାଇକ୍ ଚୋରି ରାକେଟର ମାଷ୍ଟରମାଇଣ୍ଡ ଯୋଡା ବାଚୁହାଟିଂର ସୌରଭ ମହାକୁଡ ଓରଫ ଗୁଡୁଙ୍କୁ ଗିରଫ କରିବା ପରେ ସମସ୍ତ ଘଟଣା ପର୍ଦ୍ଦାଫାଶ ହୋଇଥିଲା । ଏହି ରାକେଟରେ ସଂପୃକ୍ତ ଥିବା ଅନ୍ୟ ୫ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ବାଚୁହାଟିଂର ସନ୍ତୋଷ ମହାନ୍ତ (୨୮),ରୁଗୁଡ଼ି ଥାନା କ୍ୟାମ୍ପ ହାଟିଂର ବୀର ସିଂ ମୁଣ୍ଡା (୪୮),ଭୂୟାଁ ରୋଇଡା ଅଞ୍ଚଳର ଗୋବିନ୍ଦ ମୁଣ୍ଡା (୩୭),ଚମ୍ପୁଆ ଥାନା ରାଇଗୁଡ଼ି ଅଞ୍ଚଳର ପୁରୁଷୋତ୍ତମ ମହାନ୍ତ (୨୧),କରଞ୍ଜିଆ ଅଞ୍ଚଳର ଲକ୍ଷ୍ମଣ ଜିତ୍ (୨୮) । ପୋଲିସ ଚଢାଉ ବେଳେ ସଦର ଥାନାରୁ ଚୋରି ହୋଇଥିବା ଗୋଟିଏ ପଲ୍ସର୍ ଓଡ଼ି-୦୯ୟୁ-୨୩୪୮ ନମ୍ବର ବାଇକ୍ ସମେତ ୫ଟି ଚୋରି ବାଇକକୁ ଉଦ୍ଧାର କରିଛି । ପୋଲିସର ଅନୁସନ୍ଧାନ କରି ଜାଣିବାକୁ ପାଇଛି ଯେ,ମାଷ୍ଟର ମାଇଣ୍ଡ ସୌରଭ ଓରଫ ଗୁଡୁ ଯୋଡା ସହର ସମେତ ବିଭିନ୍ନ ଅଞ୍ଚଳରୁ ତାଙ୍କ ସହଯୋଗୀଙ୍କ ସହାୟତାରେ ବାଇକ୍ ଚୋରି ଜିଲ୍ଲା ତଥା ରାଜ୍ୟ ବାହାରକୁ ନକଲି ବାଇକ୍ ନଂ ଲଗାଇ କମ୍ ମୂଲ୍ୟରେ ବିକ୍ରି କରୁଥିଲା । ଗିରଫ ଅଭିଯୁକ୍ତ ନାମରେ ମଧ୍ୟ ଆଗରୁ ଅପରାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତ ମାନେ ବାଇକ ଚୋରି କରି ପ୍ରଥମେ ଏହାର ନମ୍ବର ପ୍ଲେଟ, ବଦଳାଇ ଦେଉଥିଲେ । ଏପିରିକ ଗାଡିର ଇଞ୍ଜିନ ଓ ଚେସିସ ନମ୍ବର ବି ବଦଳାଇ ଦେଉଥିଲେ । ଏହା ପରେ ଗ୍ରାହକ ଯୋଗାଡ କରି ସେଗୁଡିକୁ ଚୋରାରେ ବିକ୍ରି କରୁଥିଲେ । ଶନିବାର ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇ ଥିବା ବେଳେ ଏହି ମାମଲାରେ ଜଡିତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଯୋଡ଼ା ଥାନା ଆଇଆଇସି ଲୋକେଶ୍ୱର ସାହୁ ସୂଚନା ଦେଇଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର




କଟକ(ଭାସ୍କର ନ୍ୟୁଜ): କଟକ ନୂଆବଜାର ସ୍ଥିତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠ ଠାରେ ବିଶ୍ୱ ଆଦ୍ରଭୂମି ସଂରକ୍ଷଣ ଦିବସ ଓ ସଚେତନତା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରେନ୍ଦ୍ର କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରିବେଶବିତ ଡକ୍ଟର ଅର୍ଜୁନ କୁମାର ବିଶ୍ୱାଳ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଆଦ୍ର ଭୂମି ସଂରକ୍ଷଣ ସଚେତନତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ମିନତୀ ମହାପାତ୍ର ଛାତ୍ର ଛାତ୍ରୀ ମାନଙ୍କୁ ପରିବେଶ ସଚେତନତା ଆଦ୍ର ଭୂମି ସଂରକ୍ଷଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗଙ୍ଗାଧର ସାହୁ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆଦ୍ର ଭୂମି ସଂରକ୍ଷଣ ଓ ଶକ୍ତି ସଂରକ୍ଷଣ ଉପରେ ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତି ଯୋଗୀ ମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଟ୍ୱିନ୍‌ସିଟିରେ ବିଦ୍ୟାଦାୟିନୀ ମା’ ସରସ୍ୱତୀଙ୍କ ପୂଜାର୍ଚ୍ଚନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ ରେ ବିଦ୍ୟାଦାତ୍ରୀ ମା’ ସରସ୍ୱତୀଙ୍କୁ ପୂଜା କରାଯାଇଥାଏ । ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବିଦ୍ୟାଦାୟିନୀ ମା’ ସରସ୍ୱତୀଙ୍କୁ ପୂଜା କରାଯାଏ । ରବିବାର ବିଦ୍ୟାଦାୟିନୀଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ଭକ୍ତିର ସହ ପୂଜା କରୁଛନ୍ତି । ସରସ୍ୱତୀ ପୂଜା ଲାଗି ଉତ୍ସବମୁଖର ଗାଁରୁ ସହର । ମା’ ସରସ୍ୱତୀ ଶୁକ୍ଳବସ୍ତ୍ର ପରିଧାନ କରି କର୍ଣ୍ଣରେ ରତ୍ନବିଭୂଷିତ କୁଣ୍ଡଳ ଧାରଣ କରି ଗଳାରେ ଗଜମୋତି ଏବଂ ମୁକ୍ତାହାର ପିନ୍ଧି ଓ ହସ୍ତରେ ବୀଣା ଓ ପୁସ୍ତକ ଧାରଣ କରି ପଦ୍ମାସନରେ ଶ୍ୱେତପଦ୍ମ ଉପରେ ଅଧିଷ୍ଠାତ୍ରୀ ହୁଅନ୍ତି । ମା’ ସରସ୍ୱତୀ ବିଦ୍ୟାର୍ଥୀଙ୍କୁ ଓ ସଙ୍ଗୀତ ସାଧକଙ୍କୁ ଅଶେଷ କୃପା ପ୍ରଦାନ କରିଥାନ୍ତି । କୁନି କୁନି ପିଲାଙ୍କର ନୂଆ ଖଡି ଛୁଆଁ ଆଜିର ଦିନର ହୋଇଥାଏ । ଏହି ଅବସରରେ ରବିବାର ଟ୍ୱିନ୍‌ସିଟି ଭୁବନେଶ୍ୱର ଓ କଟକରେ ବିଦ୍ୟାଦାୟିନୀ ବାଗ୍‌ଦେବୀ ମା’ ସରସ୍ୱତୀଙ୍କ ପୂଜାର୍ଚ୍ଚନା ମହା ସମାରୋହରେ ପାଳିତ ହୋଇଯାଇଛି । ରବିବାର ସକାଳେ ବିଭିନ୍ନ ପ୍ରତିଷ୍ଠାନ, ଅନୁଷ୍ଠାନ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ମା’ଙ୍କ ପୂଜା ଭକ୍ତିଭାବ ନେଇ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ପଣ୍ଡିତ ମନ୍ତ୍ର ଉଚ୍ଚାରଣ ସହ ପୁଷ୍ପାଞ୍ଜଳି ଦେଇ ମା’ଙ୍କୁ ପୂଜା କରିଥିଲେ । ଏଥିପାଇଁ ଏହି ଦୁଇ ସହର ଦିନତମାମ ଚଳଚଞ୍ଚଳ ହୋଇଉଠିଥିବା ଦେଖିବାକୁ ମିଳିଥିଲା । ନବବସ୍ତ୍ର ପରିଧାନ କରି ହାତରେ ପୂଜାଡାଲା ଧରି ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନକୁ ଯାଉଥିବା ଦେଖାଯାଇଥିଲା । ଏପରିକି କେତେକ ଶିକ୍ଷାନୁଷ୍ଠାନରେ ସମବେତ ଭୋଜି ମଧ୍ୟ ଅନୁଷ୍ଠିତ ହୋଇଥିଲା । ଭଜନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ଦେଖାଯାଇଥିଲା । ଏଥିପାଇଁ ଶିକ୍ଷାନୁଷ୍ଠାନ ଓ ଅନୁଷ୍ଠାନଗୁଡ଼ିକୁ ଆକର୍ଷଣୀୟ ଭାବେ ସଜ୍ଜା ଯାଇଥିଲା । ସମସ୍ତଙ୍କ ମନରେ ଧାର୍ମିକ ଭାବନା ସୃଷ୍ଟି ହୋଇଥିଲା । ପରସ୍ପର ପରସ୍ପରକୁ ଆଲିଙ୍ଗନ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା ।




ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ଅବିକଳ ସଂସ୍କରଣ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

## ପ୍ରଭାତୀ ପରିଡାଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ରାଜ୍ୟର ଅନ୍ୟତମ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ତାଙ୍କର ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ମୋର ଭଉଣୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ତାଙ୍କ ଶୁଭ ଜନ୍ମଦିନ ଅବସରରେ ମୋର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଆଶୀର୍ବାଦ ପ୍ରଦାନ କରିଥିଲି। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଭାବରେ ଆପଣଙ୍କର ଉଲ୍ଲେଖନୀୟ ନେତୃତ୍ୱ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଏବଂ ଆପଣଙ୍କ ଉତ୍ତମ ପ୍ରୟାସରେ ନିରନ୍ତର ସଫଳତା ର ଆଶୀର୍ବାଦ ପ୍ରଦାନ କରନ୍ତୁ।

## ନାକ୍ ରେଟିଂ ପାଇଁ ଲାଞ୍ଚ ମାମଲାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସମେତ ୧୦ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସିବିଆଇ ନାକ୍ ରେଟିଂ ପାଇଁ ଲାଞ୍ଚ ନେବା ମାମଲାରେ ୧୦ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ମଧ୍ୟ ଥିବା ଜଣାପଡିଛି । ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଏକ ୱାଦେଶ୍ୱରମ୍ ନାମକ ଶିକ୍ଷାନୁଷ୍ଠାନର ରେଟିଂ ବଢ଼ାଇବା ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ହୋଇଥିଲା। ସେହି ଅଭିଯୋଗ ଆଧାରରେ ସିବିଆଇ ଗତକାଲି ଦେଶର ୧୦ଟି ବିଶ୍ୱ ବିଦ୍ୟାଳୟରେ ଛାନଭିନ୍ କରିଥିଲେ । ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଖୋଳତାଡ଼ କରିଥିଲେ। ଦୀର୍ଘସମୟ ଧରି ଯାଞ୍ଚ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ବୁଲୁ ମହାରଣାଙ୍କୁ ଗିରଫ କରିଛନ୍ତି ସିବିଆଇ ଅଧିକାରୀ। ସେ ନାକ୍ ଟିମ୍‌ର ସଦସ୍ୟ ଅଛନ୍ତି। ଏହି ମାମଲାରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସିବିଆଇ ଚଢ଼ାଉ କରିଥିଲା । ଓଡ଼ିଶା ସମେତ ଚେନ୍ନାଇ, ବାଙ୍ଗାଲୋର, ବିଜୟୱାଡା, ସମ୍ବଲପୁର, ପାଲମୁ, ଭୋପାଳ ଦିଲ୍ଲୀ ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ୩୭ ଲକ୍ଷ ନଗଦ ଟଙ୍କା, ୬ଟି ଲାପଟପ୍ ଏବଂ ଆଇ-ଫୋନ ଜବତ ହୋଇଛି। ଶିକ୍ଷାନୁଷ୍ଠାନର ଅଧିକାରୀ ଓ ନାକ୍ ଟିମ୍ ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି।

## ଶାନ୍ତିସ୍ତୁପରେ କାରୁକଳା କାଗଜରେ ନିଆରା ସରସ୍ୱତୀ ମୂର୍ତ୍ତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ବାଗଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୭ଫୁଟ ଉଚ୍ଚର ଆସାମର ପ୍ରସିଦ୍ଧ ପାରମ୍ପରିକ ଶୈଳୀର ନିଆରା ମୂର୍ତ୍ତି ଓ ତ୍ୱରଣ ନିର୍ମାଣ ହୋଇଥିଲା। ଛାତ୍ରଛାତ୍ରୀମାନେ କେବଳ ମାଟି ଓ ରଙ୍ଗୀନ କ୍ରାଫ୍ଟ କାଗଜରେ ଏହି ନିଆରା ମୂର୍ତ୍ତି ଗଠନ କରିଥିଲେ। ଏହି ମୂର୍ତ୍ତି ନିର୍ମାଣ ପାଇଁ ବୃନ୍ଦାବନ ପଣ୍ଡା, ଶୁଭମ୍ ଦାସ, ସୁବ୍ରତ କୁମାର ମୁଦୁଲି, ଗାୟତ୍ରୀ ସାହୁ, ଶିବପ୍ରସାଦ ସ୍ୱାଇଁ, ସୁଭସ୍ମିତା ନାୟକ, ଦୀପକ କୁମାର ସାହୁ, ସତ୍ୟଜିତ ନଥାସର୍ମା, ଶୁଭଙ୍କର ରାୟ, ମନିଷା ମଞ୍ଜରୀ ଗୁରୁ, ଷୌଭାଗ୍ୟ ନାରାୟଣ ବେହେରା, ପ୍ରଦତ୍ତ ଭକ୍ତା, ସିରାଜଦୌଲ୍ଲା ନାୟକ, ସୁରଜ୍ ବିଶୋଇ ଆଦି ଛାତ୍ରଛାତ୍ରୀମାନଙ୍କୁ ୧୫ ଦିନ ସମୟ ଲାଗିଥିଲା । ପ୍ରକାଶଥାଉ କି ବିଗତ ୨୧ ବର୍ଷ ଧରି ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ପ୍ରତିବର୍ଷ ଇକୋ ଫ୍ରେଣ୍ଡଲି ମୂର୍ତ୍ତି ତିଆରି ହୋଇଆସୁଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସମାଜକୁ ପରିବେଶ ଅନୁକୂଳ ବାର୍ତ୍ତା ଦେଇଥାନ୍ତି। ପୂଜା ଅବସରରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ର. ଡ଼.ହୃଷିକେଶ ମିଶ୍ର, ସଦସ୍ୟ ସୁଶାନ୍ତ କୁମାର ସାହୁ, ଡ. ସସ୍ମିତା କମିଲା, ସମ୍ପାଦକ ରବିଶଙ୍କର ଦାସ, ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ଭୂପତି ଭୂଷଣ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଲକ୍ଷ୍ମୀଧର ସ୍ୱାଇଁ ସହଯୋଗ କରିଥିଲେ।

## ମାଛ ଝୋଳ ନଦେବାରୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମାଛ ଝୋଳ ନଦେବାରୁ ମରଣାନ୍ତକ ଆକ୍ରମଣ । ହୋଟେଲ କର୍ମଚାରୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ । ଘଟଣା ଘଟିଛି ନାକା ଗେଟ୍ ସ୍ଥିତ ହୋଟେଲ ଅଞ୍ଜଳିରେ । ହୋଟେଲ କର୍ମଚାରୀଙ୍କୁ ମାରି ମୁହଁ ଫଟାଇ ଦେଇଛନ୍ତି ଦୁର୍ବୃତ୍ତ । ଥାନାରେ ଅଭିଯୋଗ ପରେ ଭରତପୁର ଥାନା ପୋଲିସ ଛାନ୍‌ଭିନ୍ କରୁଛି ।

## ଡିଆରଡିଓର ସଫଳତା ପାଇଁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡିଆରଡିଓକୁ ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ଓଡ଼ିଶାର ଚାନ୍ଦିପୁର ଉପକୂଳରୁ ଡିଆରଡିଓର ଭେରୀ ସର୍ଟ-ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ ଫ୍ଲାଇଟର ସଫଳତା ଟ୍ରାଏଲ ପାଇଁ ଶୁଭେଚ୍ଛା ।

## ଚଳଚ୍ଚିତ୍ର ପ୍ରଯୋଜକ ତଥା ଶିଳ୍ପପତି ରାହାସ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳଚ୍ଚିତ୍ର ପ୍ରଯୋଜକ ତଥା ଶିଳ୍ପପତି ରାହାସ ବିହାରୀ ମହାନ୍ତିଙ୍କ ପରଲୋକ। ୬୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । ବିଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। କଟକ ସାମନ୍ତ ସାହି ସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି । ଏକାଧିକ ଓଡ଼ିଆ ଚଳଚ୍ଚିତ୍ର ତଥା ସିରିଏଲ୍ ପ୍ରଯୋଜନା କରିଛନ୍ତି ସ୍ୱର୍ଗତ ରାହାସ ବିହାରି ମହାନ୍ତି।

## ବସନ୍ତ ପଞ୍ଚମୀରେ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟପାଳ ଡ. ହରିବାବୁ କୁମ୍ଭମପଟି ପବିତ୍ର ବସନ୍ତ ପଞ୍ଚମୀ ତଥା ମା’ ସରସ୍ୱତୀ ପୂଜା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମା’ ସରସ୍ୱତୀଙ୍କ ଅପାର କରୁଣା ସମସ୍ତଙ୍କ ଜୀବନରେ ଜ୍ଞାନ, ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏହା କାମନା କରିଛନ୍ତି।

## ବସନ୍ତ ପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବସନ୍ତ ପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ପବିତ୍ର ବସନ୍ତ ପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ବିଦ୍ୟାଦାୟିନୀ ମା’ ସରସ୍ୱତୀଙ୍କ ଅପାର କୃପାରୁ ବିଦ୍ୟାର୍ଥୀଙ୍କ ଜୀବନ ଜ୍ଞାନର ଆଲୋକରେ ଆଲୋକିତ ହେଉ। ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଏବଂ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ, ଏତିକି ପ୍ରାର୍ଥନା।

## ଶ୍ରୀପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ ଶୁଭକାମନା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବସନ୍ତ ପଂଚମୀ ଓ ମାଆ ସରସ୍ୱତୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଋତୁବସନ୍ତ ପଂଚମୀ ଓ ମାଆ ସରସ୍ୱତୀଙ୍କ ପୂଜାର ପବିତ୍ର ଦିବସରେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା। ଏହି ଶୁଭ ଦିନ ଜ୍ଞାନ, ବିଦ୍ୟା ଓ କଳାର ଦେବୀ ମାଆ ସରସ୍ୱତୀଙ୍କୁ ସମର୍ପିତ, ଯିଏ ଆମକୁ ସଦ୍ବୁଦ୍ଧି, ବିବେକ ଓ ସୃଜନଶୀଳତାର ଆଶୀର୍ବାଦ ଦେଇଥାନ୍ତି। ସହିତ, ବସନ୍ତ ଋତୁର ଆଗମନ ନୂତନ ଶକ୍ତି ଓ ଉଲ୍ଲାସ ସହିତ ଆସିଥାଏ। ଏହି ପବିତ୍ର ଦିନରେ ମାଆ ସରସ୍ୱତୀଙ୍କର କୃପାରେ ସମସ୍ତ ସମାଜ ଜ୍ଞାନ, ସଂସ୍କାର ଓ ସଦ୍ଭାବରେ ପରିପୂର୍ଣ୍ଣ ହେଉ, ଏହି କାମନା କରୁଛି।

## ବସନ୍ତ ପଞ୍ଚମୀରେ ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବସନ୍ତ ପଞ୍ଚମୀର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ପବିତ୍ର ବସନ୍ତ ପଞ୍ଚମୀ ତଥା ମା’ ସରସ୍ୱତୀଙ୍କ ପୂଜା ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ବିଦ୍ୟାଦାୟିନୀ ମା’ ସରସ୍ୱତୀଙ୍କ କୃପା ସଭିଙ୍କ ଉପରେ ରହିଥାଉ।

## ପୂର୍ବ ଶତ୍ରୁତାରୁ ଛୁରାମାଡ଼, ଦୁଇ ଗୁରୁତର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗାଡି ପାର୍କିଂର ପୂର୍ବ ଶତ୍ରତାକୁ କେନ୍ଦ୍ରକରି ଭରତ୍ରୁପର ଥାନା ଅଞ୍ଚଳରେ ଏକ ଛୁରାମାଡ଼ ଘଟଣା ରାଜଧାନୀବାସୀଙ୍କୁ ଭୟଭୀତ କରିଛି ।ଏହି ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ତେବେ ଗୋଟିଏ ଗୋଷ୍ଠୀର ଶତାଧିକ ଲୋକ ଭରତପୁର ଥାନା ଘେରାଉ କରିବା ସହ ଅଭିଯୁକ୍ତ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ସାମାନ୍ୟ ଗାଡି ପାର୍କିଂକୁ କେନ୍ଦ୍ରକରି ଏଭଳି ଘଟିଥିବା ସ୍ପଷ୍ଟ ହୋଇଛି । ଭରତପୁର ଥାନା ଘେରାଉ ହେବାରୁ ରାସ୍ତାଜାମ ହେବା ପରେ ସ୍ଥାନୀୟ ବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଖବର ସଂଗ୍ରହ ହେବା ସୁଦ୍ଧା ପୋଲିସ ସେମାନଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି ।

## ଶହୀଦ ଦିବସ ପାଳନ ବେଳେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ

କଟକ(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କର ଶହୀଦ ଦିବସ ପ୍ରତିବର୍ଷ ଜାନୁଆରୀ ୩୦ ତାରିଖରେ ପାଳନ କରାଯାଇଥାଏ । ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠରେ କଟକ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ପକ୍ଷରୁ ମିଳିତ ଭାବରେ ଶହୀଦ ଦିବସ ପାଳନ ବେଳେ କଟକ ସଦର ବିଧାୟକ ପ୍ରକାଶ ସେଠୀ ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ଏଠାରେ ଆୟୋଜିତ ପଲ୍ଲୀଶ୍ରୀ ମେଳାରେ ବିଧାୟକ ଶ୍ରୀ ସେଠୀ ଉଦଣ୍ଡ ଭାବରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରି ସେ ନିଜର ପଦମର୍ଯ୍ୟାଦା ହରାଇଛନ୍ତି ବୋଲି ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଧୁନିକ ଅଶ୍ଳୀଳ ନୃତ୍ୟ ଓ ବିଧାୟକଙ୍କ ଠୁମକା ନାଚ ରାଷ୍ଟ୍ରପିତା ତଥା ଦେଶ ପାଇଁ ବଳୀଦାନ ଦେଇଥିବା ଶହୀଦ ମାନଙ୍କ ପ୍ରତି ଅପମାନ ବୋଲି ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, କାର୍ଯ୍ୟକାରୀ ସଭାପତି ଡ ସତ୍ୟରାୟ, ସମ୍ପାଦକ ଜୟନ୍ତ କୁମାର ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସଂଗଠନ ସମ୍ପାଦକ ହରିହର ସେନ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ରାଷ୍ଟ୍ରୀୟ ଯୁବା ସଂଗଠନର ମାନସ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ନାଥ, ଆଦ୍ୟଶ୍ଳୋକ ମିଶ୍ର, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟୀ ଡା ବିଶ୍ୱଜିତ, ଦୀପାୟନ ପଟ୍ଟନାୟକ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର ପ୍ରମୁଖ କହି ବିଧାୟକ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି ।

## ବଜେଟ୍‌କୁ ଅଭୁତପୂର୍ବ ଜନସମର୍ଥନ ମିଳିଥିବାରୁ ବିଜେଡି ବିବ୍ରତ: ଡ.ଯତିନ ମହାନ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାର୍ଲାମେଣ୍ଟରେ ଗତକାଲି ଏକ ଐତିହାସିକ, ଲୋକକଲ୍ୟାଣକାରୀ ଓ ବିକାଶମୁଖୀ ବଜେଟ ଆଗତ କରାଯାଇଛି ଏହି ବଜେଟ୍‌କୁ ଅଭୁତପୂର୍ବ ଜନସମର୍ଥନ ମିଳିଛି । ଏନେଇ ବିଜେଡି ବ୍ୟସ୍ତବିବ୍ରତ ହୋଇଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତିନ ମହାନ୍ତି କହିଛନ୍ତି। ଡ.ମହାନ୍ତି କହିଛନ୍ତି, ଏହି ଜନକଲ୍ୟାଣକାରୀ ବଜେଟ ଓଡ଼ିଶା ବିକାଶକୁ ତ୍ୱରାନ୍ୱିତ କରିବ । ଦେଶର ସବୁବର୍ଗର ଲୋକେ ସବୁଦିଗରୁ ଏହି ବଜେଟ୍ ଦ୍ୱାରା ଲାଭାନ୍ୱିତ ହେବେ । ବଜେଟରେ କୃଷକ, ଗରିବ, ମଧ୍ୟବିତ ବର୍ଗ, ମହିଳା ଏବଂ ଶିଶୁଙ୍କ ଶିକ୍ଷା, ପୃଷ୍ଟିସାର ଏବଂ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଷ୍ଟାର୍ଟ ଅପ୍, ନବସୃଜନ ଏବଂ ନିବେଶ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ସବୁବେଳେ ଓଡ଼ିଶା ଉପରେ ପ୍ରାଧାନ୍ୟ ଦେଉଥିଲେ ମଧ୍ୟ ରାଜ୍ୟରେ ବିଜେଡି ସରକାରରେ ଥିଲାବେଳେ ବେପରୁଆ ମନୋଭାବ ପ୍ରଦର୍ଶନ କରି ମହିଳା ବିକାଶଠାରୁ ଆରମ୍ଭ କରି ପୋଷଣ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦୁଇଦଶନ୍ଧି ଧରି ଅବହେଳିତ କରିଥିଲା । ମାତ୍ର ଏବେ ଓଡ଼ିଶାରେ ବିଜେପି ସରକାର ଥିବାରୁ ଏସବୁ ଅସୁବିଧା ଦୂର କରି ଓଡ଼ିଶାକୁ ବିକାଶପଥରେ ଆଗେଇ ନେବାରେ ଲାଗିଛି । ଓଡ଼ିଶା ଏକ କୃଷିଭିତିକ ରାଜ୍ୟ ହୋଇଥିବାବେଳେ ଏହି ବଜେଟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ କୃଷକମାନଙ୍କୁ ଯେଉଁଭଳି ଭାବେ ପ୍ରାଧାନ୍ୟ ଦେଇଛନ୍ତି ତାହା ଓଡ଼ିଶାର କୃଷକମାନଙ୍କ ମନୋବଳ ବଢ଼ାଇଛି । ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆରମ୍ଭ କରାଯିବା ସହ କିଷାନ କ୍ରେଡିଟ୍ କାର୍ଡର ସୀମାକୁ ୩ ଲକ୍ଷ୍ୟରୁ ୫ ଲକ୍ଷ୍ୟ ଟଙ୍କାକୁ ବୃଦ୍ଧି କରାଯିବା ଫଳରେ କୃଷକଙ୍କ ଆର୍ଥିକ ବିକାଶ ହେବ । ଜଳସେଚନ ବ୍ୟବସ୍ଥା ସହ ଡାଲି ଏବଂ କପା ମିଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ଭାରତର ଯଦି କୌଣସି ରାଜ୍ୟ ସବୁଠାରୁ ଅଧିକ ଲାଭାନ୍ୱିତ ହେବ ତାହା ହେଲା ଓଡ଼ିଶା । ପାରମ୍ପାରିକ ଚାଷରେ ଓଡ଼ିଶାରେ ଏହି ଦୁଇ ଚାଷକୁ ଅଧିକ ପ୍ରାଧନତା ଦିଆଯାଉଥିବାରୁ ଓଡ଼ିଶା କୃଷକ ଅଧିକ ଲାଭବାନ ହେବେ । ଯୁବତୀଯୁବକଙ୍କ ପାଇଁ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବା ଲାଗି ବଜେଟ୍‌ରେ ନୂଆ ଇନୋଭେଶନ ଉପରେ ଗୁରୁତ୍ୱାରୋପ କରାଯାଇଛି । ନୂଆ ଟେକ୍ନୋଲୋଜୀ ଜରିଆରେ ଆଗାମୀ ଦିନରେ ଯୁବତୀ, ଯୁବକମାନଙ୍କୁ ରୋଜଗାରକ୍ଷମ କରାଇବ ନିମନ୍ତେ ଏବେଠାରୁ ପ୍ରସ୍ତୁତ କରିବା ଲାଗି ବ୍ୟବସ୍ଥା କରାଯାଇଛି । ଦକ୍ଷତାର ବିକାଶ କରି ରୋଜଗାରକ୍ଷମ କରାଇବା ଲାଗି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ବ୍ୟାପକ ଯୋଜନା କରିଛନ୍ତି । ବୁଦ୍ଧିଷ୍ଟ ସର୍କିଟର ହେଉ ବା ଇକୋ ଟୁରିଜିମ ହେଉ ସବୁ କ୍ଷେତ୍ରରେ ଚଳିତ ବଜେଟ୍‌ରେ ଓଡ଼ିଶା ଏକ ସିଂହ ଭାଗ ପାଇବ । ଏହାଦ୍ୱାରା ଓଡ଼ିଶାର ବିକାଶ ଅଧିକ ଦୃତଗତିରେ ହେବ ବୋଲି ଡ. ମହାନ୍ତି କହିଛନ୍ତି । ଏନେଇ ବିଜେପି ଓ ସାଢେ ୪କୋଟି ଓଡ଼ିଆଙ୍କ ତରଫରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀଥାରମଣଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଡ. ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ସମ୍ବିତ ତ୍ରିପାଠୀ ଉପସ୍ଥିତ ଥିଲେ ।




ମାର୍ଚ୍ଚ ୨ରେ କୋଲ୍ ଇଣ୍ଡିଆ ଭୁବନେଶ୍ୱର ହାଫ୍-ମାରାଥନ୍ ଲୋଗୋ ଏମସିଏଲ୍ ଦ୍ୱାରା ଉନ୍ମୋଚିତ

## ବାରବାଟୀ ଦିନିକିଆ ପାଇଁ ଅଧଘଣ୍ଟାରେ ସରିଲା ଅନଲାଇନ୍ ଟିକେଟ୍

କଟକ(ଭାସ୍କର ନ୍ୟୁଜ): ଆସନ୍ତା ୯ରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ପାଇଁ ଅହେତୁକ ଉତ୍ସାହ ଦେଖିବାକୁ ମିଳିଛି। ରବିବାର ଅପରାହ୍ଣ ୪ଟାରୁ ଅନଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା ବେଳେ ମାତ୍ର ଅଧଘଣ୍ଟାରେ ଟିକେଟ୍ ସରିଯାଇଛି। ପ୍ରାୟ ୪,୦୦୦ ଟିକେଟ ଅନଲାଇନ୍‌ରେ ବିକ୍ରି ହେବାକୁ ଥିବା ବେଳେ ଅଧଘଣ୍ଟାରେ ୨ ଓ ୪ ନଂ ଗ୍ୟାଲେରି ଟିକେଟ୍ ସରିଯାଇଥିଲା। ତେବେ ୫ ଓ ୬ ତାରିଖରେ କାଉଣ୍ଟରରେ ମିଳିବ ଟିକେଟ୍। ଅନ୍ୟପଟେ ଅନଲାଇନ୍ ଟିକେଟ ବିକ୍ରିରେ ଦର୍ଶକଙ୍କ ପସନ୍ଦଯୋଗ୍ୟ ୧ ଓ ୩ ଗ୍ୟାଲେରୀ ସହିତ କର୍ପୋରେଟ ବକ୍ସ ଟିକେଟ୍ ଉପଲବ୍ଧ ହେବା ନଥିଲା। ୧ ଓ ୩ ନମ୍ବର ଗ୍ୟାଲେରୀ ପଡିଆ ପାର୍ଶ୍ୱରେ ରହିଥିବାରୁ କ୍ରିକେଟପ୍ରେମୀ ଏହି ଗ୍ୟାଲେରୀ ଟିକେଟ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥାଆନ୍ତି। କିନ୍ତୁ ଏଥର ଏହି ଦୁଇ ଗ୍ୟାଲେରୀ ଟିକେଟ ନଥିବାରୁ କ୍ରିକେଟପ୍ରେମୀ ଅସନ୍ତୋଷ ପ୍ରକଟ କରିଛନ୍ତି।

## ଅହିଲ୍ୟାବାଈ ହୋଲ୍‌କରଙ୍କ ତ୍ରିଶତତମ ଜୟନ୍ତୀ ପାଳିତ

କଟକ(ଭାସ୍କର ନ୍ୟୁଜ): ଅଷ୍ଟାଦଶ ଶତାବ୍ଦୀରେ ମାଲୱାର ମହାରାଣୀ ଅହିଲ୍ୟାବାଈ ହୋଲ୍‌କର ଛତ୍ରପତି ଶିବଜୀଙ୍କ ସ୍ୱଦେଶପ୍ରୀତିକୁ ସାକାର କରିବା ପାଇଁ କାର୍ଯ୍ୟ କରିଥିଲେ। ସେ ନିଜ ରାଜ୍ୟ ଓ ରାଜ୍ୟ ବାହାରେ ଶତାଧିକ ମନ୍ଦିରର ପୁନରୁଦ୍ଧାର କରି ଦେଶପ୍ରେମର ପରିଚୟ ଦେଇଥିଲେ। ଯୌତୁକ ପ୍ରଥାକୁ ଅପରାଧ ବୋଲି ଘୋଷଣା କରିବା ସଙ୍ଗେସଙ୍ଗେ ସେ ବିଧବାଙ୍କୁ ଉତ୍ତରାଧିକାର ସୂତ୍ରରେ ସମ୍ପତ୍ତି ହାସଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନାରୀ ସମାଜର ସର୍ବାଙ୍ଗୀନ ଉନ୍ନତି ଲାଗି ସେ ଅହରହ ଚେଷ୍ଟିତ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ମହାରାଣୀ ଅହିଲ୍ୟାବାଈ ହୋଲ୍‌କରଙ୍କ ତ୍ରିଶତତମ ଜୟନ୍ତୀ ଉପଲକ୍ଷେ ନାରୀ ପ୍ରଗତିରେ ଅହିଲ୍ୟାବାଈଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆବାହକ ଡକ୍ଟର ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ ମୁଖ୍ୟ ଅତିଥି ଓ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଚିନ୍ମୟୀ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ସଂଜିତା ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବୈଷୟିକ ଅଧିବେଶନକୁ ପ୍ରଫେସର ଶିବବ୍ରତ ଦାସ ପରିଚାଳନା କରିଥିଲେ। ପ୍ରଫେସର ଶଚୀନ୍ଦ୍ର ରାଉଳ, ଡକ୍ଟର ବିକଳି ଚରଣ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ଡକ୍ଟର କ୍ଷୀରୋଦ ଚନ୍ଦ୍ର ସାହୁ, ଅଧ୍ୟାପକ ମିହିର ରଞ୍ଜନ କର ଓ ଅଧ୍ୟାପକ ଅକ୍ଷୟ କୁମାର ଦାଶ ଅହିଲ୍ୟାବାଈଙ୍କ ଉପରେ ସ୍ୱରଚିତ ନିବନ୍ଧମାନ ଉପସ୍ଥାପନ କରିଥିଲେ। ଡକ୍ଟର ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଓ ଡକ୍ଟର ସରୋଜ କୁମାର ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅଧ୍ୟାପିକା ଜ୍ଞାନବିଜୟିନୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ, ଡକ୍ଟର ନରେନ୍ଦ୍ରନାଥ ନାୟକ, ଅଧ୍ୟାପିକା ଶାଶ୍ୱତୀ ଲେଙ୍କା, ଡକ୍ଟର ବିକାଶ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ କେନ୍ଦ୍ର ସରକାରଙ୍କ ଜନବିରୋଧୀ ବଜେଟ୍ ପୋଡ଼ି




କଟକ(ଭାସ୍କର ନ୍ୟୁଜ): କେନ୍ଦ୍ର ବିଜେପି ସରକାର ସଂସଦରେ ଆଗତ କରିଥିବା ଚୂଡ଼ାନ୍ତ ଜନ ସ୍ୱାର୍ଥ ବିରୋଧୀ ଓ ଏକଚାଟିଆ ପୁଞ୍ଜିପତି ସପକ୍ଷବାଦୀ ବଜେଟ ବିରୁଦ୍ଧରେ କଟକ କଲେଜ ଛକଠାରେ ଏକ ପ୍ରତିବାଦ ସଭା ଏସୟୁସିଆଇ ( କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟିର ଡାକରାରେ ଆୟୋଜିତ ହୋଇଥିଲା। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଈସା ଧର, ଭାଗ୍ୟରବି ଦାସ, ଦୀପକ ଦାସ, ସୌଭାଗ୍ୟ ସାମଲ, ଶୁଭସ୍ମିତା ସାହୁ, ଆଇନଜୀବୀ ପ୍ରତାପ ମିଶ୍ର, ଅର୍ଜୁନ ଜେନା, ଅକ୍ଷୟ ରାଉଳ, ଶୋଭା ଦେହୁରୀ, ସିପ୍ରା ମହାନ୍ତି, ଝରଣା ଦାସ, ନମିତା ସିଂହ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ବଜେଟର ତୀବ୍ର ସମାଲୋଚନା କରିଥିଲେ। ଦେଶର ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଭାଷାର ଚତୁରୀ ଆଢୁଆଳରେ ଉତ୍କଟ ବେକାରୀ, ନିତ୍ୟ ପ୍ରୟୋଜନୀୟ ଜିନିଷର ଅସହ୍ୟ ଦର ବୃଦ୍ଧି, ଦାରିଦ୍ର୍ୟ ରେ ହାହାକାର କରୁଥିବା ଦେଶର ସାଧାରଣ ଖଟିଖିଆ ଲୋକଙ୍କ ଦୁଃଖ ଦୂର କରିବା ପାଇଁ ଏହି ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଅଧିକରୁ ଅଧିକ ପିପିପି ବ୍ୟବସ୍ଥାର ପ୍ରଚଳନ, ବୀମା କ୍ଷେତ୍ରରେ ଶତକଡ଼ା ୧୦୦ ବିଦେଶୀ ପୁଞ୍ଜି ଅନୁପ୍ରବେଶ ଓ ସରକାରୀ କମ୍ପାନୀ ଗୁଡ଼ିକର ଦ୍ରୁତ ଘରୋଇକରଣ ପାଇଁ ଏହି ବଜେଟରେ ବ୍ୟବସ୍ଥା କରାଯାଇଛି। ଶିକ୍ଷା ,ସ୍ୱାସ୍ଥ୍ୟ ସେବା ଓ ଅନ୍ୟାନ୍ୟ ଜନମଙ୍ଗଳକାରୀ କ୍ଷେତ୍ରରେ ବ୍ୟୟବରାଦ ହ୍ରାସ କରାଯାଇଛି ମାତ୍ର ବିତ୍ତ ମନ୍ତ୍ରୀ ଚତୁରତାର ସହିତ ବଜେଟ ଭାଷଣରେ ଏହାର ଉଲ୍ଲେଖ କରିନାହାନ୍ତି। ମୋଟ ଉପରେ ଏହି ବଜେଟ ଧନୀ ଦରିଦ୍ର ମଧ୍ୟରେ ଆର୍ଥିକ ତରତମ୍ୟକୁ ଆହୁରି ବ୍ୟାପକ କରିବ ଓ ସାଧାରଣ ଲୋକଙ୍କ ଅବସ୍ଥା ଆହୁରି ଶୋଚନୀୟ ହେବ ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ। ଶେଷରେ ଦଳ ପକ୍ଷରୁ ବଜେଟ ର ପ୍ରତିଲିପି ଦହନ କରାଯାଇଥିଲା।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



### ବହୁ ପ୍ରତୀକ୍ଷିତ କେନ୍ଦ୍ର ବଜେଟ୍

# ମଧ୍ୟବିତ୍ତ ବର୍ଗଙ୍କୁ ବଡ଼ ଆଶ୍ୱସ୍ତି

ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବହୁ ପ୍ରତୀକ୍ଷିତ କେନ୍ଦ୍ର ବଜେଟ୍ ଶନିବାର ସଂସଦରେ ଉପସ୍ଥାପିତ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କ୍ରମାଗତ ଅଷ୍ଟମ ଥର ପାଇଁ ବଜେଟ୍ ଆଗତ କରିବାର ସୁଯୋଗ ଲାଭ କରିଛନ୍ତି। ମୋଦୀ ସରକାରଙ୍କ ତୃତୀୟ ପାଳିର ଏହି ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଗରିବ, କୃଷକ, ମଧ୍ୟବିତ୍ତ ଓ ଯୁବବର୍ଗ ସମେତ ମହିଳାଙ୍କ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ସରକାରୀ କର୍ମଚାରୀ ଓ ମଧ୍ୟବିତ୍ତଙ୍କ ଉପରୁ ଟିକସ ବୋଝ ହାଲୁକା କରିବା ପାଇଁ ଆୟକରରେ ଏକ ବଡ଼ ରିହାତିର ଘୋଷଣା କରାଯାଇଛି। ଅର୍ଥମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବାର୍ଷିକ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଉପରେ କୌଣସି ଆୟକର ବୋଝ ରହିବ ନାହିଁ, ଅର୍ଥାତ୍ ମାସିକ ଏକ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ। ତେବେ ବେତନଭୋଗୀଙ୍କ ଲାଗି ଏହି ସୀମା ୧୨ଲକ୍ଷ ୭୫ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି, ଯେହେତୁ ସେମାନେ ୭୫ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍‌ସନ୍ ସୁବିଧା ପାଇପାରିବେ। ଆୟକର ସ୍ଲାବ ଓ ହାରରେ ଆମୂଳଚୂଳ ପରିବର୍ତ୍ତନ ଏହି ବଜେଟ୍‌ର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ବୋଲି କୁହାଯାଉଛି। ଆୟକର ରିହାତି ଜରିଆରେ ମଧ୍ୟବିତ୍ତ ବର୍ଗଙ୍କୁ ଆଶ୍ୱସ୍ତି ଦେବା ଯୋଗୁଁ ସରକାର ୧ଲକ୍ଷ କୋଟି ଟଙ୍କା ହରାଇବେ। ଏହି ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ରରେ ସର୍ବାଧିକ ପାଣ୍ଠି ବରାଦ କରାଯାଇଥିବା ସ୍ଥଳେ ଗ୍ରାମୀଣ ବିକାଶ ନିମନ୍ତେ ଦ୍ୱିତୀୟ ସର୍ବାଧିକ ଅର୍ଥ ବିନିଯୋଗ କରାଯିବ। ଯୁବବର୍ଗଙ୍କୁ ନିଯୁକ୍ତି, ମହିଳାମାନଙ୍କୁ ସଶକ୍ତ କରିବା, କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଶିକ୍ଷାକ୍ଷେତ୍ରରେ ଉନ୍ନତି ଆଣିବାକୁ ମଧ୍ୟ ଏଥିରେ ଉଦ୍ୟମ କରାଯାଇଛି। ଗତଥରର କେନ୍ଦ୍ର ବଜେଟ୍ ପରିମାଣ ୪୮ଲକ୍ଷ ୨୦ହଜାର ୫୧୨ଟଙ୍କା ଥିବା ସ୍ଥଳେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ପରିମାଣ ୫୦ଲକ୍ଷ ୬୫ ହଜାର ୩୪୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏଥି ମଧ୍ୟରୁ ୪୨ଲକ୍ଷ ୭୦ ହଜାର ୨୩୩ କୋଟି ଟଙ୍କା ସରକାର ମୋଟ ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରିବେ। ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଗତ ବଜେଟ୍ ତୁଳନାରେ ଅଧିକ ୯ ପ୍ରତିଶତ ଅର୍ଥ ପ୍ରଦାନ କରାଯାଇଛି। କେନ୍ଦ୍ର ବଜେଟ୍‌ରେ ୧୭ନିୟୁତ କୃଷକଙ୍କ ପାଇଁ ଋଣ ସୁବିଧା ଓ ଡାଲି ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିମନ୍ତେ ଯୋଜନା କରାଯାଇଛି। ଡାଲି ଉତ୍ପାଦନ କ୍ଷେତ୍ରରେ ଭାରତ ଯେପରି ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇପାରିବ, ସେଥିପାଇଁ ଏକ ୬ ବର୍ଷିଆ ଅଭିଯାନ ଆରମ୍ଭ କରିବାକୁ ପ୍ରସ୍ତାବ ରହିଛି। କିଷାନ୍ କ୍ରେଡିଟ୍ କାର୍ଡରେ ଋଣ ସୀମା ବଢ଼ାଇ ଦିଆଯାଇଥିବା ସ୍ଥଳେ ମଞ୍ଜି ଓ କପା ମିଶନ୍ ଆରମ୍ଭ କରାଯିବ। ଭାରତକୁ ଖେଳନା ଉତ୍ପାଦନରେ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ରୂପେ ଗଢ଼ି ତୋଳିବା ସହିତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଘରୋଇ ଉତ୍ପାଦନ ବଢ଼ାଇବାକୁ ଏହି ବ୍ୟବସ୍ଥା କରାଯାଇଛି। ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ, ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା, ଅଣ ସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ପି.ଏମ୍ ଜନ ଆରୋଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପାଣ୍ଡୁଲିପି ସଂରକ୍ଷଣ ପାଇଁ ଜ୍ଞାନ ଭାରତମ୍ ମିଶନ ପ୍ରତିଷ୍ଠା, ସହରାଞ୍ଚଳ ନିମନ୍ତେ ୧ଲକ୍ଷ କୋଟି ଟଙ୍କାର ପାଣ୍ଠି ପ୍ରତିଷ୍ଠା ଆଦି ବଜେଟ୍‌ର ବିଶେଷତ୍ୱ। ଏହି ବଜେଟ୍‌ରେ ରେଳବାଇ କ୍ଷେତ୍ର ପାଇଁ ୨ଲକ୍ଷ ୫୨ହଜାର କୋଟି ଟଙ୍କା ବରାଦ କରାଯାଇଛି, ଯାହାକି ପୂର୍ବ ଆର୍ଥିକ ବର୍ଷର ଅର୍ଥବରାଦ ସହ ପ୍ରାୟ ସମାନ ରହିଛି। ରେଳବାଇର ଆୟ ୩ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ସ୍ଥଳେ ସେଥିମଧ୍ୟରୁ ୯୨ ହଜାର ୮ଶହ କୋଟି ଟଙ୍କା ଯାତ୍ରୀ ଭଡ଼ାରୁ ମିଳିବ। ୨ଶହ ନୂଆ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ନିମନ୍ତେ ବଜେଟରେ ଲକ୍ଷ୍ୟଧାର୍ଯ୍ୟ ହୋଇଛି ଏବଂ ୧୩ଶହ ରେଳ ଷ୍ଟେସନ୍‌ର ପୁନଃ ବିକାଶ କରାଯିବ। ଅନେକ ସାମଗ୍ରୀ ଉପରୁ ସୀମାଶୁଳ୍କ ହ୍ରାସ କରାଯାଇଥିବାରୁ ସେସବୁର ମୂଲ୍ୟ କମିବାର ସମ୍ଭାବନା ରହିଛି। ଅର୍ଥମନ୍ତ୍ରୀ ଏହି ବଜେଟ୍‌ରେ ଆଣବିକ ଶକ୍ତି କ୍ଷେତ୍ରକୁ ଘରୋଇ ସଂସ୍ଥାର ପ୍ରବେଶ ପାଇଁ ସବୁଜ ସଙ୍କେତ ଦେଇଛନ୍ତି। ଯଦ୍ୱାରା ଆସନ୍ତା ୨୦୩୩ ମସିହା ସୁଦ୍ଧା ୫ଟି କ୍ଷୁଦ୍ର ଓ ମଡ୍ୟୁଲାର ରିଆକ୍ଟର ସ୍ଥାପନ ସମ୍ଭବ ହୋଇପାରିବ। ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ କରାଯାଉଥିବାରୁ ବିହାର ପାଇଁ ଅନେକଗୁଡ଼ିଏ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୦୨୫-୨୬ ବର୍ଷରେ ଓଡ଼ିଶାକୁ ଅଧିକ ୯ହଜାର ୧୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତବର୍ଷ ବଜେଟ୍‌ରେ ଆମ ରାଜ୍ୟକୁ କେନ୍ଦ୍ର ଟିକସରୁ ରାଜ୍ୟ ଅଂଶ ବାବଦରେ ୫୫ ହଜାର କୋଟି ଟଙ୍କା ମିଳିଥିବା ସ୍ଥଳେ ଏଥର ଏହି ଅର୍ଥରାଶି ୬୪ ହଜାର ୪୦୮କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ଦରଦାମ ନିୟନ୍ତ୍ରଣ ନିମନ୍ତେ କେନ୍ଦ୍ର ବଜେଟରେ ସେଭଳି କୌଣସି ବିଶେଷ ପଦକ୍ଷେପ ନିଆଯାଇ ନଥିବାରୁ ବିରୋଧୀ ଦଳ ଏହାକୁ ସମାଲୋଚନା କରିଛନ୍ତି। ମୋଟାମୋଟି ଭାବରେ ବିଚାର କଲେ ଏହି ବଜେଟ ସାଧାରଣ ବର୍ଗ ଓ ସରକାରୀ କର୍ମଚାରୀଙ୍କ ପାଇଁ ବେଶ୍ ଉତ୍ସାହଜନକ ହୋଇଛି।

# ଆନୁମାନିକ ସିଦ୍ଧାନ୍ତରେ ନ୍ୟାୟର ରୂପରେଖ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ଘଟଣା, ଦୁର୍ଘଟଣା, ଅନୁସନ୍ଧାନ, ଅନୁମାନ ଆଦି ଅନେକ କ୍ଷେତ୍ରରେ ମାନସିକ ଦୌର୍ବଲ୍ୟକୁ ପ୍ରମାଣିତ କରିଥାଏ, ଯେଉଁଥିରେ ପ୍ରଶ୍ନ ହୋଇଥାଏ ଆନୁମାନିକ ସିଦ୍ଧାନ୍ତ ଓ ତାହାର ବାସ୍ତବ ନ୍ୟାୟ ରୂପରେଖ। ସମାଜରେ ବ୍ୟକ୍ତିକୁ କୌଣସି ଘଟଣାର ସିଦ୍ଧାନ୍ତରେ ଉପନୀତ ପାଇଁ ଆବଶ୍ୟକ ହୋଇଥାଏ ଉପଯୁକ୍ତ ସାମଗ୍ରିକ ପ୍ରମାଣ ତାହା ପୁଣି ଯୁକ୍ତିଯୁକ୍ତ ଓ ସତ୍ୟ ଉପରେ ଆଧାରିତ ହେବା ଆବଶ୍ୟକ। ମାତ୍ର ଅନୁମାନକୁ ଆଧାର କରି ସିଦ୍ଧାନ୍ତରେ ଉପନୀତ ହୋଇ ବିଚାର କରିବା ହେଉଛି ନିର୍ବୋଧତାର ପରିଚୟ ଯାହାର ଫଳସ୍ୱରୂପ ବ୍ୟକ୍ତି ବା ଗୋଷ୍ଠୀକୁ ପରବର୍ତ୍ତୀ ସମୟରେ ଅନେକ ଦୁର୍ଦ୍ଦଶା ଭୋଗ କରିବାକୁ ପଡିଥାଏ। ପ୍ରମାଣ କିମ୍ବା ସାମାନ୍ୟ ପ୍ରମାଣ ଉପରେ କିଛି ସନ୍ଦେହ କରିବାର କାର୍ଯ୍ୟ କିମ୍ବା ଉଦାହରଣ ହେଉଛି ଅନୁମାନ। ଅନୁମାନ ହେଉଛି ମାନସିକ ଅସ୍ଥିରତା ଓ ଅନିଶ୍ଚିତତାର ସନ୍ଦେହ, ଯାହା ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଯଥେଷ୍ଟ ହୋଇ ନଥାଏ। ଯେତେବେଳେ କିଛି ସନ୍ଦେହ ହୋଇଥାଏ ଯେ କିଛି ଆନୁମାନିକ ତଥ୍ୟ ବିଦ୍ୟମାନ ଅଛି କି ନାହିଁ, ସେତେବେଳେ ତାହା ନିଷ୍କ୍ରିୟ କଳ୍ପନା ଠାରୁ ଅଧିକ ବଳବତ୍ତର ହୋଇଥାଏ, ଯାହାର ଆଧାରରେ ପ୍ରକୃତ ଭୟ କିମ୍ବା ଅବିଶ୍ୱାସର ଏକ ସକରାତ୍ମକ ଅନୁଭବ ସୃଷ୍ଟି ହୋଇଥାଏ। ମାତ୍ର ତାହା ପର୍ଯ୍ୟାପ୍ତ ପ୍ରମାଣର ସହବନ୍ଧନ ପାଇଁ ଉନ୍ମୁକ୍ତ ହୋଇନଥାଏ। ଯେକୌଣସି ଆଧୁନିକ ବୈଜ୍ଞାନିକ ପ୍ରୟାସ ସହିତ ଅନୁମାନ ଘନିଷ୍ଠ ଭାବରେ ସମନ୍ୱିତ ହୋଇଥାଏ କେବଳ ସନ୍ଦେହର ପରିସୀମାକୁ ପରିବେଷ୍ଟିତ କରି। ଅନୁମାନ ନୀରିକ୍ଷଣର ସର୍ବାଧିକ ତର୍କକୁ ସମର୍ଥନ କରେ ଓ ଯେତେବେଳେ ଅନୁମାନକୁ କାର୍ଯ୍ୟକାରୀ କରାଯାଇଥାଏ ସେତେବଳେ ଯେଉଁ ସିଦ୍ଧାନ୍ତ ନିଆଯାଇଥାଏ ତାହା କେବଳ ଅନୁମାନର ଭିତ୍ତିଭୂମିକୁ ଆଧାର କରି ହୋଇଥାଏ, ଯାହା ପର୍ଯ୍ୟାପ୍ତ ହୋଇନଥାଏ। ଅନେକ ସମୟରେ ଅନୁମାନକୁ ସନ୍ଦେହ ବା ପ୍ରତିରୋଧ କରି ଯେତେବେଳେ ବ୍ୟକ୍ତି ବା ଗୋଷ୍ଠୀ ଉପଯୁକ୍ତ ତଦନ୍ତ ବା ନିରୀକ୍ଷଣ କରିଥାନ୍ତି, ସେତେବେଳେ ସତ୍ୟାସତ୍ୟର ଉଦ୍‌ଘାଟନ ହୋଇଥାଏ ଓ ସେତେବେଳେ ଅନୁମାନ ହୋଇଥାଏ ଭୁଲର ନିଷ୍ପତ୍ତି ବା ସିଦ୍ଧାନ୍ତ। ନୀରିକ୍ଷଣର ଏହି ଅଭ୍ୟାସ ଓ ପ୍ରତୀକ୍ଷାର ମୂଳ ତର୍କ ସନ୍ଦେହକୁ ଆଇନଗତ କାର୍ଯ୍ୟକ୍ଷମ ବୁଦ୍ଧିରେ ପରିଣତ କରିଥାଏ ଯାହାର ସୁଫଳ ବ୍ୟକ୍ତି ପାଇଥାଏ ଯାହା ଥାଏ ଉପଯୁକ୍ତ ନ୍ୟାୟ। ଅନୁମାନକୁ ସହବନ୍ଧନ କରି ଅନୁସନ୍ଧାନରୁ କ୍ଷାନ୍ତ ହୋଇ ମଣିଷ ଯେତେବେଳେ ସିଦ୍ଧାନ୍ତ ନେଇଥାଏ, ସେତେବେଳେ ମଣିଷ ନିଜର ଅନୁଧ୍ୟାନ, ଅନୁସରଣ, ଅନୁକରଣ, ଅନୁସନ୍ଧିତ୍ସୁର ପ୍ରବଳତାକୁ ଅବକ୍ଷୟ କରି ଅତି ସହଜରେ ନିଷ୍ପତ୍ତି ଆଶାର ପ୍ରତିଫଳନ କରିଥାଏ ଯାହା ଥାଏ ନୀତିହୀନ ସିଦ୍ଧାନ୍ତ। ମଣିଷର ଅନୁମାନ ଓ ଆନୁମାନିକ ନିର୍ଦ୍ଦିଷ୍ଟ ନକାରାତ୍ମକ ନୃତତ୍ତ୍ୱିକ ଦୃଷ୍ଟିକୋଣ ଯେଉଁଠାରେ ସମସ୍ତେ ସର୍ବଦା ଜଣେ ସମ୍ଭାବ୍ୟ ସନ୍ଦିଗ୍ଧ, ଚିହ୍ନଟ ଓ ଯାଞ୍ଚର ସ୍ୱୟଂଚାଳିତ ପଦ୍ଧତି ଉପରେ ନିର୍ଭରଶୀଳ, ସେଠାରେ ବ୍ୟବହାର ହେଉଥିବା ବୈଜ୍ଞାନିକ ପଦ୍ଧତି ଦ୍ୱାରା ନିଶ୍ଚିତ ଭାବରେ ଅନୁମାନର ସତ୍ୟାସତ୍ୟ ଦୃଢ ଭାବରେ ନିରୂପଣ ଆଶା କରାଯାଏ।

ସନ୍ଦେହର କୌଣସି ସୀମା ନଥାଏ ଓ ସନ୍ଦେହକୁ ଦୃଷ୍ଟିରେ ରଖି ଅନୁମାନର ସିଦ୍ଧାନ୍ତରେ ଉପନୀତ ହୋଇଗଲେ ଅନେକ କ୍ଷେତ୍ରରେ ଅନେକ ଅକ୍ଷମଣୀୟ ଭୁଲ ହୋଇଥାଏ, ଯାହା ମଣିଷ ପରବର୍ତ୍ତୀ ସମୟରେ ପରିମାର୍ଜିତ ହୋଇନଥାଏ। ଭବିଷ୍ୟତ, ଅତୀତ ଓ ବର୍ତ୍ତମାନ ଠାରୁ ଅପ୍ରତ୍ୟାଶିତ ଉପାୟରେ ଭିନ୍ନ ହୋଇପାରେ ବୋଲି ସମ୍ଭାବନାକୁ ଧ୍ୟାନ ଦେବାରେ ସନ୍ଦେହର କାରଣଗୁଡିକର ନିର୍ଦ୍ଦିଷ୍ଟ ସମ୍ଭାବନା ଉପରେ ସନ୍ଦେହ ସୃଷ୍ଟି କରେ। ଆମେ ହୁଏତ ନିର୍ଦ୍ଦିଷ୍ଟ ସମୟରେ ଭୁଲ୍ କରିଥାଇପାରୁ, କିନ୍ତୁ ପ୍ରକୃତରେ କ'ଣ ତାହା ବିବେକର ଅନୁମତିରେ ହୋଇଥାଏ ? ବ୍ୟକ୍ତିବିଶେଷ ହୁଏତ କୌଣସି ଭୁଲ କରିଥାନ୍ତି କିମ୍ବା ଭବିଷ୍ୟତରେ ସେ କରିପାରନ୍ତି, ମାତ୍ର ତାହାର ଅର୍ଥ ନୁହେଁ ତାହା ସ୍ୱୀକାର୍ଯ୍ୟ। ସାଧାରଣ ସନ୍ଦେହ ହୁଏତ ସାମାଜିକ ଜୀବନର ଚରମ ବିନାଶକାରୀ ହୋଇପାରେ, କାରଣ ଏହା ବିଶ୍ୱାସଘାତକତାକୁ ବୃଦ୍ଧି କରିଥାଏ ଓ ପାରସ୍ପରିକ ଅବିଶ୍ୱାସ ତଥା ଅବନତି ଘଟାଇଥାଏ। ଅନୁମାନକୁ ଆଧାର କରି ପୃଥିବୀରେ ଅନେକ କିଛି କ୍ଷତି ହୋଇଯାଇଛି। କୌଣସି ହତ୍ୟା ଷଡ଼ଯନ୍ତ୍ର ଆଦିରେ ଅନୁମାନକରି କାରାଗାରର ଅନ୍ଧକାରରେ ବ୍ୟକ୍ତିକୁ ଜୀବନର ମୂଲ୍ୟବାନ ସମୟ ଅତିବାହିତ କରିବାକୁ ପଡୁଅଛି। ଆତଙ୍କବାଦୀ, ସନ୍ତ୍ରାସବାଦୀ, ଉଗ୍ରବାଦୀ, ନକ୍ସଲବାଦୀ ଆଦି ଅନୁମାନ କରି ଅନେକ ବ୍ୟକ୍ତିଙ୍କୁ ହତ୍ୟା କରାଯାଉଛି। ଅନୁମାନକୁ ଆଧାର କରି ପାରିବାରିକ ହିଂସା, ସ୍ୱାମୀ-ସ୍ତ୍ରୀ କଳହ, ଭାତୃ ବିବାଦ, ଧାର୍ମିକ ଅସହିଷ୍ଣୁତା, ସାମାଜିକ ବିଭେଦ ଇତ୍ୟାଦି ସୃଷ୍ଟି ହେଉଛି। ସଭ୍ୟତାର ଉତ୍କର୍ଷରେ ମଣିଷ ଉପବେଶନ କରି ମଧ ଅନେକେ ଚୋର, ଡକାୟତ, ଡାହାଣୀ, ପିଲାଚୋର, ଭୁତ ପ୍ରେତ ଆଦି ବ୍ୟକ୍ତି ମଧ୍ୟରେ ଅନୁମାନ କରି ନିର୍ମମ ଭାବରେ ହତ୍ୟା ବା ମରଣାନ୍ତକ ଆକ୍ରମଣ କରିଥାନ୍ତି। ମାତ୍ର ଉପରୋକ୍ତ ଅନୁମାନ ଯେତେବେଳେ ବିଧି ବ୍ୟବସ୍ଥା ଦ୍ୱାରା ପ୍ରମାଣିତ ଓ ତର୍ଜମା ଦ୍ୱାରା ଶୃଙ୍ଖଳିତ ହୋଇଥାଏ, ସେତେବେଳେ ପ୍ରକୃତ ଦୁର୍ବଳତା ପରିପ୍ରକାଶ ହୋଇଥାଏ ଓ ଦଣ୍ଡ ପ୍ରଦାନ କରିଥିବା ବ୍ୟକ୍ତି ବା ଗୋଷ୍ଠୀ ସ୍ୱର୍ଦ୍ଧିତ ଆଭିଜାତ୍ୟରେ ନିମର୍ଜିତ ଥିବା ଅହଂକାରରେ ନିଜର ଗାଣିତିକ ସଂଜ୍ଞାକୁ ହରାଇ ବସିଥାଏ। ଅନ୍ୟପକ୍ଷରେ ଯିଏ ଅନୁମାନର ଶିକାର ହୋଇ ପରବର୍ତ୍ତୀ ସମୟରେ ଯେତେବଳେ ପ୍ରାମାଣିକ ତଥ୍ୟରେ ସିଦ୍ଧାନ୍ତ ହୋଇଥାଏ, ସେତେବେଳେ ସବୁକିଛି ଉକ୍ତ ବ୍ୟକ୍ତିର ତଥା ପରିବାରର ଉଜୁଡି ଯାଇଥାଏ। ଅନେକ କ୍ଷେତ୍ରରେ ଅହମିକା, କ୍ରୋଧ, ଆଭିଜାତ୍ୟ ଆଦିର ଭାରସାମ୍ୟରେ ଉପବେଶନ କରି ବ୍ୟକ୍ତି, ରାଷ୍ଟ୍ରର ବିଶିଷ୍ଟ ବ୍ୟକ୍ତି ବା ରାଷ୍ଟ୍ରମୁଖ୍ୟମାନଙ୍କୁ ହତ୍ୟା ଆଦି କରିଥାନ୍ତି କେବଳ ଅନୁମାନକୁ ପାଥେୟ କରି। ମାତ୍ର ପରବର୍ତ୍ତୀ ସମୟରେ ଯେତେବେଳେ ସନ୍ଦେହର ଆରୋପ ଭୁଲ ପ୍ରମାଣିତ ହୋଇଥାଏ, ସେତେବଳେ କେବଳ ଅନୁଶୋଚନାର ବହ୍ନିରେ ଅନୁମାନକୁ ବ୍ୟବହାର କରିଥିବା ବ୍ୟକ୍ତି ଜର୍ଜରିତ ହୋଇଥାଏ। ରାମାୟଣରେ ସୀତାଦେବୀଙ୍କର ସ୍ୱର୍ଣ୍ଣ ମୃଗ ଅନୁମାନ ଓ ରାମଚନ୍ଦ୍ରଙ୍କର ସିଦ୍ଧାନ୍ତ, ମହାଭାରତରେ ଦୁର୍ଯ୍ୟୋଧନର ଅନୁମାନ ଓ ଧୃତରାଷ୍ଟ୍ରଙ୍କର ସିଦ୍ଧାନ୍ତ, ଦଶରଥଙ୍କର ମଣିଷକୁ ମୃଗ ଅନୁମାନ ଓ ଶିକାରର ସିଦ୍ଧାନ୍ତ, ଜାରା ଶବରର ଅନୁମାନରେ କୃଷ୍ଣଙ୍କ ନିଧନ ଇତ୍ୟାଦି କେବଳ ଅନୁମାନ ଉପରେ ସିଦ୍ଧାନ୍ତର ପ୍ରତିଫଳନ।

ଭାରତୀୟ ଦର୍ଶନରେ ଜ୍ଞାନର ପାଞ୍ଚଟି ଉପାୟକୁ ତର୍କ ଦ୍ୱାରା ସିଦ୍ଧ କରାଯାଇଥାଏ ତାହା ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ପ୍ରମାଣ, ଅନୁପାଳବିଧି ଓ ଶବ୍ଦ ପ୍ରମାଣ ବା ନ୍ୟାୟ ବିଧି। ଅନୁମାନ ଯୁକ୍ତିଯୁକ୍ତ ସିଦ୍ଧାନ୍ତରୁ ସଠିକ୍ ଜ୍ଞାନ ଆହରଣ କରିଥାଏ। ଉପମାନ (ତୁଳନା) - ସମାନତା ପାଳନ କରି ଶିଖିବା। ଅନୁମାନ ହେଉଛି ଏକ ପ୍ରକାର ଜ୍ଞାନ, ଯାହା ପୂର୍ବ ଜ୍ଞାନ ଉପରେ ଆଧାରିତ। ଅନୁମାନ ହେଉଛି ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି 'ଅନୁସନ୍ଧାନ' କିମ୍ବା 'ଅନୁସରଣ କରୁଥିବା ଜ୍ଞାନ'। ଭାରତୀୟ ଦର୍ଶନରେ ଏହା ପ୍ରମାଣ ବା ସଠିକ୍ ଜ୍ଞାନର ଉତ୍ସ। ଏକ ନୂତନ ସିଦ୍ଧାନ୍ତ ଏବଂ ସତ୍ୟରେ ପହଞ୍ଚିବା ପାଇଁ ଅନୁମାନ, ପର୍ଯ୍ୟବେକ୍ଷଣ, ପୂର୍ବ ସତ୍ୟ ଓ କାରଣ ବ୍ୟବହାର କରିବା ଉଚିତ। ମାତ୍ର ନିର୍ଣ୍ଣୟ ଅନୁମାନକୁ ଆପେକ୍ଷିକ କରି ସିଦ୍ଧାନ୍ତରେ ଉପନୀତ ହେବା ଉଚିତ ନୁହେଁ। ସିଦ୍ଧାନ୍ତ ପାଇଁ ଜରୁରି ହୋଇଥାଏ ଉପଯୁକ୍ତ ବିଧିବଦ୍ଧ ବୈଜ୍ଞାନିକ ପ୍ରମାଣ, ବୌଦ୍ଧିକ, ଦାର୍ଶନିକ ତଥା ଧାର୍ମିକ ପ୍ରାମାଣିକ ତଥ୍ୟ। ଉକ୍ତ ତଥ୍ୟକୁ ତର୍ଜମା କରି ସିଦ୍ଧାନ୍ତରେ ଉପନୀତ ହେଲେ ହୁଏତ ଅନୁମାନ ଏକ ସିଦ୍ଧାନ୍ତ ନହୋଇ ସହଯୋଗର ସହଚର ହୋଇପାରନ୍ତା। ଅନୁମାନ, କାରଣ (ହେତୁ), ଉଦାହରଣ, ପୁନଃନିଶ୍ଚିତକରଣ (ଉପନ୍ୟାୟ) ଓ ସିଦ୍ଧାନ୍ତ ଏକ ଏକ ସତ୍ୟର ସନ୍ଧାନରେ ବ୍ରତୀ ହୋଇ ସିଦ୍ଧାନ୍ତକୁ ପ୍ରାମାଣିକ ସାମର୍ଥ୍ୟ ଦେବା ପାଇଁ ତତ୍ପର ହୋଇଥାନ୍ତି। ଯଦି ସକରାତ୍ମକ ଉଦାହରଣ ଏବଂ ପ୍ରତିକୂଳ ପ୍ରମାଣର ଅନୁପସ୍ଥିତି ଥାଏ, ତେବେ ଅନୁମାନ କେତେକାଂଶରେ ସର୍ତ୍ତମୂଳକ ସତ୍ୟକୁ ସିଦ୍ଧାନ୍ତ କରିଥାଏ, ମାତ୍ର ସମସ୍ତ କ୍ଷେତ୍ରରେ ଅନୁମାନକୁ ଆଧାର କରି ଅନୁସନ୍ଧାନକୁ ପୂର୍ଣ୍ଣଚ୍ଛେଦ କରିବା ଓ ଅନୁଶୀଳନ ତଥା ଅନୁପାଳନକୁ ଅବଜ୍ଞା କରିବା ଉଚିତ ହୋଇନଥାଏ। ଏଥିରେ ସୃଷ୍ଟି ହୋଇଥାଏ ଅବିଶ୍ୱାସ ଓ ଅନ୍ୟାୟର ପାରସ୍ପରିକ ଦ୍ୱନ୍ଦ। ତେଣୁ ବିବେକ ଓ ବୁଦ୍ଧିର ପରିପକ୍ୱତାକୁ ବିଶ୍ଳେଷଣ କରି ଅନୁସନ୍ଧାନ ଓ ଅନୁସନ୍ଧିତ୍ସୁ ମନବୃତ୍ତିରେ ନିଜକୁ ନିମର୍ଜିତ କରି ଯଦି ଘଟଣାର ଅନୁମାନକୁ ଏକ ଉତ୍ସ ଭାବେ ବ୍ୟବହାର କରି ସିଦ୍ଧାନ୍ତର ରୂପରେଖ ଯୁକ୍ତିଯୁକ୍ତ ପ୍ରାମାଣିକ ତଥ୍ୟ ଉପରେ ଆଧାରିତ ହୁଅନ୍ତା, ତେବେ ସିଦ୍ଧାନ୍ତରେ ବିଶ୍ୱାସ ବିରାଜମାନ ନିଶ୍ଚିତ ଭାବରେ ହୋଇପାରନ୍ତା। ଅତଏବ ସିଦ୍ଧାନ୍ତ ଅନୁମାନକୁ ଅନୁସନ୍ଧାନର ଉତ୍ସ ଭାବରେ ଅନୁଧାବନ କରୁ, ମାତ୍ର ଆନୁମାନିକ ସିଦ୍ଧାନ୍ତ ନ୍ୟାୟର ସ୍ଥାନ ଅଧିକାର ନ କରୁ।

# ଶଙ୍ଖ ଦିଏ ମୋକ୍ଷ



ନିରୁପମା ଭୂୟାଁ
ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୯୩୭୪୭୦୯୮୦

ଭଗବତ୍ ପୁରାଣ ଅନୁସାରେ, ଶ୍ରୀକୃଷ୍ଣଙ୍କ ଶିକ୍ଷା ଶେଷ ହେବା ପରେ ସେ ଗୁରୁ ସନ୍ଦୀପନିଙ୍କୁ ଦକ୍ଷିଣା ଦେବା ପାଇଁ ଚାହିଁଲେ। ଋଷି ସନ୍ଦୀପନି କହିଲେ, ମୋର ଏକ ପୁତ୍ର ସମୁଦ୍ରରେ ବୁଡ଼ି ରହିଛି, ତାକୁ ତୁମେ ନେଇଆସ। ଏହାପରେ ଶ୍ରୀକୃଷ୍ଣ ତାଙ୍କ ପୁତ୍ରକୁ ଆଣିବା ପାଇଁ ସମୁଦ୍ର ମଧ୍ୟକୁ ଗଲେ। ସେଠାରେ ଶଙ୍ଖାସୁରକୁ ବଧ କରି ଋଷି ସନ୍ଦୀପନିଙ୍କ ପୁତ୍ରକୁ ଉଦ୍ଧାର କରିଥିଲେ ଶ୍ରୀକୃଷ୍ଣ। ବିଶ୍ୱାସ କରାଯାଏ, ଶଙ୍ଖାସୁରର ମୃତ୍ୟୁ ପରେ ଯେଉଁ ଖୋଳ ରହିଯାଇଥିଲା, ସେଥିରେ ସୃଷ୍ଟି ହୋଇଥିଲା ଶଙ୍ଖ। ଏହା ବ୍ୟତୀତ ଗ୍ରନ୍ଥରେ ବର୍ଣ୍ଣନା ହୋଇଛି, ସୃଷ୍ଟିରୁ ଆତ୍ମା, ଆତ୍ମାରୁ ପ୍ରକାଶ, ପ୍ରକାଶରୁ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳରୁ ପୃଥିବୀ ନିର୍ମାଣ ବା ଉତ୍ପତ୍ତି ହୋଇଛି। ଏହି ସମସ୍ତ ତତ୍ତ୍ୱ ମିଶି ଶଙ୍ଖର ସୃଷ୍ଟି ହୋଇଛି। ଏହା ବ୍ୟତୀତ ବ୍ରହ୍ମବୈବର୍ତ୍ତପୁରାଣ ଅନୁସାରେ ଶଙ୍ଖ ସୂର୍ଯ୍ୟ ଓ ଚନ୍ଦ୍ରମା ପରି ଦେବସ୍ୱରୂପ। ଏଥିରେ ଭଗବାନ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି।

ସୁଖ ସମୃଦ୍ଧି ବଢ଼ାଏ ଶଙ୍ଖ : ବିଶ୍ୱାସ ରହିଛି, ଶଙ୍ଖର ଧ୍ୱନି ବହୁତ ପବିତ୍ର। ଏହାର ଧ୍ୱନିରେ ବହୁ ରୋଗ ଦୂର ହୁଏ। ରାକ୍ଷସ ଓ ଭୂତ ପିଚାଶରୁ ରକ୍ଷା ମିଳିଥାଏ। ଏହାର ଧ୍ୱନିରେ ଦାରିଦ୍ର୍ୟତା ଓ ଦୁଃଖ ଦୂର ହୋଇଥାଏ। ଶଙ୍ଖର ଧ୍ୱନିରେ ଆୟୁ ବୃଦ୍ଧି ହୋଇଥାଏ। ଏହାର ଧ୍ୱନିରେ ବାତାବରଣରେ ଥିବା ଛୋଟ ଛୋଟ କୀଟାଣୁର ମୃତ୍ୟୁ ହୋଇଥାଏ। ଶଙ୍ଖ ତ ଅନେକ ପ୍ରକାରର ରହିଛି। ହେଲେ ବିଶ୍ୱାସ କରାଯାଏ ଯେ ଯଦି ଘରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ନିୟମିତ ଭାବରେ ପୂଜାସ୍ଥଳରେ ବ୍ୟବହାର କରାଯାଏ ତା'ହେଲେ ଘରେ ସୁଖ ସମୃଦ୍ଧି ବଢ଼ିଥାଏ। ଯଦି ଆପଣଙ୍କର ଧନ ପ୍ରାପ୍ତିର ମାର୍ଗ ବନ୍ଦ ହୋଇଯାଇଥାଏ, ତାହାଲେ ଦକ୍ଷିଣାବର୍ତ୍ତୀ ଶଙ୍ଖକୁ ନିୟମିତ ଭାବରେ ପୂଜା କରନ୍ତୁ। ଅଭୁଦ ଲାଭ ପ୍ରାପ୍ତି ହେବ। ଘରେ ନିୟମିତ ଭାବରେ ଶଙ୍ଖ ସହିତ ତୁଳସୀକୁ ପୂଜା କଲେ ଘରୁ ସମସ୍ତ ସମସ୍ୟା ଯେପରି ରୋଗ, କ୍ଳେଶ, ଅଶାନ୍ତି ଆଦି ଦୂର ହୋଇଯିବ। ଯଦି କୌଣସି ବ୍ୟକ୍ତି କଥା କହିବାରେ ଅସମର୍ଥ ଥାଏ, ଏହି ବାଣୀ ଦୋଷ ଦୂର କରିବା ପାଇଁ ପ୍ରତିଦିନ ଶଙ୍ଖ ବଜାଇବାର ଦରକାର। ଶଙ୍ଖ ବଜାଇବା ଦ୍ୱାରା ବ୍ୟକ୍ତିର ବାଣୀ ଦୋଷ ଦୂର ହୋଇ ସେ କଥା କହିପାରେ। ଏହାସହିତ ଆଜ୍‌ମା, ଶ୍ୱାସନଳୀ ସଂକ୍ରମଣ, ହୃଦ୍‌ରୋଗ ଆଦି ଦୂର ହୋଇଥାଏ। ପୂଜା ଆରମ୍ଭ କରିବା ପୂର୍ବରୁ ଶଙ୍ଖରେ ଜଳ ଭରି କରନ୍ତୁ, ଏଥିରେ ସିନ୍ଦୂର ଓ ଚନ୍ଦନ ଟିକା ଲଗାନ୍ତୁ। ଏହାଦ୍ୱାରା ଶଙ୍ଖରେ ଥିବା ଜଳ ପବିତ୍ର ହୋଇଯାଏ। ଏହାପରେ ଶଙ୍ଖର ଜଳ ସମସ୍ତ ପୂଜା ସାମଗ୍ରୀ ଓ ଉପସ୍ଥିତ ଥିବା ସମସ୍ତ ଲୋକ ଉପରେ ଛିଞ୍ଚନ୍ତୁ। ଏହାଦ୍ୱାରା ପୂଜା ସାମଗ୍ରୀ ପବିତ୍ର ହେବା ସହିତ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କ ମନ ଓ ତନ ପବିତ୍ର ହୋଇଥାଏ। କୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଶଙ୍ଖ ବଜାଇଲେ ଶୁଭ ହୋଇଥାଏ। ଶଙ୍ଖର ଉପଯୋଗ ଜ୍ୟୋତିଷ ଶାସ୍ତ୍ର ଓ ବାସ୍ତୁରେ ମଧ୍ୟ ଦର୍ଶାଯାଇଛି। ବିଶ୍ୱାସ ରହିଛି ଯେ ଯଦି ଘରେ କୌଣସି ପ୍ରକାର ବାସ୍ତୁ ଦୋଷ ଥାଏ କିମ୍ବା ଗ୍ରହ ସମ୍ବନ୍ଧିତ ଦୋଷ ଥାଏ, ତାହାଲେ ଘରେ ଶଙ୍ଖ ସ୍ଥାପନା କରନ୍ତୁ। ଏହା ବ୍ୟତୀତ ଶଙ୍ଖ ପ୍ରୟୋଗ କରିବା ଦ୍ୱାରା ଆରୋଗ୍ୟ ବୃଦ୍ଧି, ପିତୃଦୋଷ, ଲକ୍ଷ୍ମୀ ପ୍ରାପ୍ତି, ପୁତ୍ର ପ୍ରାପ୍ତି, ବିବାହରେ ବିଳମ୍ବ ଆଦି ବିଭିନ୍ନ ପ୍ରକାର ସମସ୍ୟା ଦୂର ହୋଇଥାଏ। ବିଶେଷକରି ଦକ୍ଷିଣାବର୍ତ୍ତୀ ଶଙ୍ଖ ପୂଜା କରିବା ଦ୍ୱାରା ଘରୁ ସମସ୍ତ ବାସ୍ତୁ ଦୋଷ, ଦାରିଦ୍ର୍ୟତା ଦୂର ହୋଇଯାଏ।

ଦକ୍ଷିଣାବର୍ତ୍ତୀ ଶଙ୍ଖ ପୂଜା କରନ୍ତୁ : ପୂଜା ପଦ୍ଧତିରେ ଦକ୍ଷିଣାବର୍ତ୍ତୀ ଶଙ୍ଖର ବିଶେଷ ମହତ୍ତ୍ୱ ରହିଛି। ଏହି ଶଙ୍ଖ ଦେବୀ ଲକ୍ଷ୍ମୀଙ୍କ ସ୍ୱରୂପ। ଏହାର ମୁଖ ବନ୍ଦ ଥାଏ। ଏହାକୁ ବଜାଇ ହୁଏ ନାହିଁ। ଏହି ଶଙ୍ଖ ଧନ-ସମ୍ପତ୍ତି, ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ। ଏହାକୁ ପୂଜା କରୁଥିବା ବ୍ୟକ୍ତି ସର୍ବଦା ଖୁସିରେ ରହେ। ଅଭାବ ଅନାଟନ ତା' ଠୁ ଦୂରେଇଯାଏ। ବ୍ୟବସାୟରେ ଲାଭବାନ ହୁଏ। ଏହା ସହିତ ଏଥିରେ ପାଣି ଭରି ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦେଲେ ଆଖି ରୋଗରୁ ମୁକ୍ତି ମିଳେ। ରାତିରେ ଏଥିରେ ଜଳ ଭରି ସକାଳେ ଘରସାରା ଉକ୍ତ ପାଣିକୁ ଛିଞ୍ଚିଲେ ଘରେ ସୁଖ ଶାନ୍ତି ବଢ଼ିଥାଏ ଓ ସମସ୍ତ ସମସ୍ୟା ଦୂରେଇ ଯାଏ। ଏହି ଶଙ୍ଖ ବିଷ୍ଣୁପ୍ରିୟ, ପବିତ୍ର, ଶୁଭ ଫଳଦାୟୀ ଓ ଲକ୍ଷ୍ମୀଙ୍କ ସହୋଦର। ଏପରି ମାନ୍ୟତା ଅଛି, ଯେଉଁ ଘରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପନା ହୋଇଥାଏ, ସେଠାରେ ସୁଖ ସମୃଦ୍ଧି ଭରି ରହିଥାଏ। ଯେଉଁ ଘରେ ଦୁଃସ୍ୱପ୍ନ ଆସିଥାଏ, ସେ ଘରେ ଏହି ଶଙ୍ଖ ସ୍ଥାପନା କଲେ ଏଥିରୁ ମୁକ୍ତି ମିଳେ। କାରଣ ଏହି ଶଙ୍ଖରୁ ବାହାରୁଥିବା ସକାରାତ୍ମକ ଶକ୍ତି ଘର ଉପରେ ପଡୁଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଦିଏ। ଘରର ବାତାବରଣ ଶାନ୍ତ ହୋଇଯାଏ। ଏହାକୁ ବ୍ୟବସାୟ ସ୍ଥଳରେ ରଖିଲେ କାର୍ଯ୍ୟରେ ଉନ୍ନତି ହୋଇଥାଏ।

ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପନା : ଶୁଦ୍ଧିକରଣ : କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଶୁଦ୍ଧିକରଣ ଆବଶ୍ୟକ ହୋଇଥାଏ। ଏଣୁ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ କରିବା ପୂର୍ବରୁ ପ୍ରଥମେ ଶଙ୍ଖକୁ ଶୁଦ୍ଧିକରଣ କରନ୍ତୁ। ଶୁଭଦିନ : ଶଙ୍ଖ ସ୍ଥାପନା କରିବା ପାଇଁ ବୁଧବାର ହେଉଛି ଶୁଭଦିନ। ଏହିଦିନ ଶୁଭ ମୁହୂର୍ତ୍ତରେ ଶଙ୍ଖ ସ୍ଥାପନା କରନ୍ତୁ। ସାମଗ୍ରୀ: ପଞ୍ଚାମୃତ, କ୍ଷୀର, ଗଙ୍ଗାଜଳ, ଧୂପଦୀପ, ଚାନ୍ଦୀର ଆସନ ଓ ଲାଲ କପଡ଼ା ଆଦି ଶଙ୍ଖ ସ୍ଥାପନା ପାଇଁ ଆବଶ୍ୟକ ହୋଇଥାଏ। ବିଧି : ବୁଧବାର ଦିନ ଶୁଭ ମୁହୂର୍ତ୍ତରେ ଗାଧୋଇ ପଞ୍ଚାମୃତରେ ଶଙ୍ଖକୁ ପବିତ୍ର କରନ୍ତୁ। ଏହାପରେ କ୍ଷୀର ଓ ଗଙ୍ଗାଜଳରେ ଶଙ୍ଖକୁ ଧୁଅନ୍ତୁ। ଧୂପଦୀପ ଲଗାଇ ଏହାକୁ ପୂଜା କରନ୍ତୁ। ଏହାପରେ ଚାନ୍ଦି ଆସନ ଉପରେ ଲାଲକପଡ଼ା ବିଛା ଉକ୍ତ ଶଙ୍ଖକୁ ପ୍ରତିଷ୍ଠିତ କରନ୍ତୁ। ଧ୍ୟାନ ରଖନ୍ତୁ ଶଙ୍ଖର ଖୋଲା ଅଂଶ ଉପରକୁ ତଥା ଆକାଶ ଆଡ଼କୁ ରହିବ। ଏବେ ଶଙ୍ଖକୁ ଅକ୍ଷତ ଚାଉଳ ଓ ସିନ୍ଦୂର ଭରିଦିଅନ୍ତୁ। ଏହାସହିତ ଶଙ୍ଖ ଉପରେ ସ୍ୱାସ୍ତିକ ଚିହ୍ନ କରନ୍ତୁ। ଏବେ ଶଙ୍ଖ ଉପରେ ଚନ୍ଦନ, ଫୁଲ ଓ ଧୂପଦୀପ ଦେଇ ପୂଜା କରନ୍ତୁ। ଏହିପରି ଭାବରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ କରନ୍ତୁ। ଦକ୍ଷିଣାବର୍ତ୍ତୀ ଶଙ୍ଖ ସ୍ଥାପିତ ହୋଇଗଲା ପରେ ପ୍ରତିଦିନ ନିୟମିତ ଭାବରେ ପୂଜା କରନ୍ତୁ ଓ ଦର୍ଶନ କରନ୍ତୁ। ଯଦି ଶୀଘ୍ର ଫଳ ପ୍ରାପ୍ତି ଚାହୁଁଥାନ୍ତି ତାହାଲେ ଶଙ୍ଖରେ ସ୍ୱଷ୍ଟିକ ମାଳା ଦିଅନ୍ତୁ ଓ ଏହା ସହିତ 'ଓଁ ହ୍ରିଂ ଶ୍ରୀଂ ନମଃ ଶ୍ରୀଧରକରସ୍ଥାୟ, ପୟୋନିଧିଜାତାୟଂ ଲକ୍ଷ୍ମୀସହୋଦରାୟ ଫଳପ୍ରଦାୟ ଫଳପ୍ରଦାୟ, ଶ୍ରୀ ଦକ୍ଷିଣାବର୍ତ୍ତ ଶଙ୍ଖାୟ ଶ୍ରୀଂ ହ୍ରିଂ ନମଃ'। ଏହି ମନ୍ତ୍ର ଜପ କରନ୍ତୁ। ଏହାର ପ୍ରଭାବରେ ଦାରିଦ୍ର୍ୟତା ଦୂର ହେବ, ଯଶ ଓ କୀର୍ତ୍ତି ବଢ଼ିବ, ସନ୍ତାନ ପ୍ରାପ୍ତି ହେବ ଓ ଶତ୍ରୁ ଭୟ ଦୂର ହେବ।

# ଭାଗବତର ସ୍ରଷ୍ଟା : ଅତିବଡ଼ୀ ଜଗନ୍ନାଥ ଦାସ

ପୁଷ୍ପମିତ୍ର ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗର କବି ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ପଣ୍ଡିତ ଓ ଆଧ୍ୟାତ୍ମିକ ପୁରୁଷ। ସେ ଓଡ଼ିଆ ଜାତିର ଜୀବନବେଦ ଭାଗବତର ସ୍ରଷ୍ଟା। ତାଙ୍କ ଭାଗବତ, ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ। ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଜଗନ୍ନାଥ ଦାସଙ୍କ ଭାଗବତ, ମୂଳ ଭାଗବତ ଠାରୁ ଭିନ୍ନ। ସେ ସମକାଳୀନ ସାମାଜିକ ଅବସ୍ଥାକୁ ଦୃଷ୍ଟିରେ ରଖି ଭାଗବତ ରଚନା କରିଥିଲେ। ମୂଳ ଭାଗବତରେ ଯେଉଁଠି ସାମାଜିକ ମୂଲ୍ୟବୋଧ ନଥିବା ଅନୁଭବ କରିଥିଲେ, ସେହି ଅଂଶ ଯେ ପରିହାର କରିଥିଲେ। ସମାଜର ଉପକାର ପାଇଁ ସେ ଭାଗବତ ରଚନା କରିଥିଲେ। ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ସେ ଲେଖିଥିଲେ। ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ ଯଥାକ୍ରମେ ମହାଦେବ ଦାସ ଏବଂ ଦ୍ୱାରିକା ଦାସ। ଏହି ଭାଗବତର ଅଧ୍ୟାୟ ତିନିଶହ ବୟାଳିଶ। କଥିତ ଅଛି ଜଗନ୍ନାଥ ଦାସଙ୍କ ମାତା ପୁରାଣ ଶୁଣିବା ପାଇଁ ଥରେ ମନ୍ଦିରକୁ ଯାଇଥିଲେ। ମାତ୍ର ଦକ୍ଷିଣା ଦେବାକୁ ସକ୍ଷମ ନଥିବାରୁ ପୁରାଣ ପଣ୍ଡା ଶୁଣାଇବାକୁ ମନା କରିଦେଇଥିଲେ। ମନ ଦୁଃଖରେ ଘରକୁ ଫେରି ପୁତ୍ରଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଉପଦେଶ ଦେଇଥିଲେ। ପୁଣି, ଏଥି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କୁ ନିର୍ଦ୍ଦେଶ ଦେଇଥିବା ରାମଦାସଙ୍କ ଦାର୍ଢ୍ୟତାଭକ୍ତି ରସାମୃତରେ ଉଲ୍ଲେଖିତ। ପ୍ରଭୁ ସ୍ୱପ୍ନରେ କହିଥିଲେ - ଭୟ ନକର ତୁମ୍ଭେ କିଛି, ଗୀତ ତୁ କର ମୁହିଁ ଅଛି।

ଜଗନ୍ନାଥ ଦାସ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁରରେ ଜନ୍ମ ହୋଇଥିଲେ। କମ୍ ବୟସରେ ବିଭିନ୍ନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ। ଉଣେଇଶ ବର୍ଷ ବୟସରେ ଶ୍ରୀକ୍ଷେତ୍ର ଆସି, ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଉତ୍ସର୍ଗିତ କରିଥିଲେ। ଶ୍ରୀ ଚୈତନ୍ୟ, ତାଙ୍କୁ ନିତ୍ୟ ସହଚର ଭାବେ ଗ୍ରହଣ କରିଥିଲେ। ଶ୍ରୀ ଚୈତନ୍ୟ ହିଁ ତାଙ୍କୁ ଅତିବଡ଼ୀ ଉପାଧି ଦେଇଥିଲେ। ଜଗନ୍ନାଥ ଦାସଙ୍କ ଅନ୍ୟ ପ୍ରସିଦ୍ଧ ରଚନା ମଧ୍ୟରେ ଗୁପ୍ତ ଭାଗବତ, ଅର୍ଥକୋଇଲି, ଶୂନ୍ୟ ଭାଗବତ, ତୁଳାଭିଣା, ବ୍ରହ୍ମଗୀତା, ଭାଗବତ ସାର, ଦାରୁବ୍ରହ୍ମ ଗୀତା ଆଦି ପ୍ରଧାନ। ଫେବୃଆରୀ ୩ ତାରିଖ କିନ୍ତୁ ତିଥି ଓ ନକ୍ଷତ୍ର ଅନୁଯାୟୀ ମାଘ ସପ୍ତମୀ ଦିନ ଏହି କିମ୍ବଦନ୍ତୀ ଆଧ୍ୟାତ୍ମିକ ସାହିତ୍ୟ ସ୍ରଷ୍ଟାଙ୍କ ମହାପ୍ରୟାଣ ଘଟିଥିଲା।

# ମହାକୁମ୍ଭ ଅଘଟଣ ରାଜନୀତି ନୁହେଁ ଶିକ୍ଷା ପାଇବାର ସମୟ



ମାନସ କୁମାର କର
କୋଣାର୍କ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଚାଳିଶ ଦିନ ଧରି ଚାଲିଥିବା ମହାକୁମ୍ଭ ୨୦୨୫ ଅଧା ମଧ୍ୟ ସରିନାହିଁ ଏବଂ ଏକ ବଡ଼ ଦୁର୍ଘଟଣା ଘଟିଛି, ଯାହା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ କହିଲେ ଅତୁକ୍ତି ହେବନାହିଁ। ସୁରକ୍ଷା ଏବଂ ଭିଡ଼ ପରିଚାଳନା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଥିବା ୟୁପି ସରକାର ଦାବି କରିଥିଲେ, କିନ୍ତୁ ଅଗଣିତ ଭକ୍ତଙ୍କ ଭିଡ଼ ଏବଂ ବିଶୃଙ୍ଖଳା ଯୋଗୁଁ ଏହି ଦୁଃଖଦ ଘଟଣା ଏଡାଯାଇ ପାରିଲା ନାହିଁ। ପ୍ରଥମେ ତମ୍ବୁ ପୋଡ଼ିଗଲା, ସିଲିଣ୍ଡର ଫାଟିଗଲା ଏବଂ ଏବେ ଦଳାଚକଟାରେ ଅନେକ ଲୋକ ପ୍ରାଣ ହରାଇଲେ। ଏପରି ବିପର୍ଯ୍ୟୟ ପାଇଁ କୌଣସି ଜଣେ ବ୍ୟକ୍ତିଙ୍କୁ ଦାୟୀ କରିବା ଠିକ୍ ହେବନାହିଁ କାରଣ ଅନେକ ଛୋଟ ବଡ଼ ଭୁଲ୍ ଏକାଠି ଏପରି ଦୁର୍ଘଟଣା ଘଟାଇଥାଏ। ଦୁର୍ଘଟଣାର ଇତିହାସ କୁମ୍ଭ ସହିତ ମଧ୍ୟ ଜଡିତ। ୧୯୫୪ରେ ପ୍ରୟାଗରାଜ, ୨୦୧୩ରେ ପ୍ରୟାଗରାଜ, ୨୦୧୦ରେ ହରିଦ୍ୱାର, ୨୦୦୩ରେ ନାସିକ, ୧୯୯୨ରେ ଉଜ୍ଜୟିନୀ - ଏହି କୁମ୍ଭ କାର୍ଯ୍ୟକ୍ରମରେ ଦଳାଚକଟା ହୋଇଥିଲା, ଅନେକ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ଅନେକ ଆହତ ମଧ୍ୟ ହୋଇଥିଲେ।

୨୦୨୫ର ମହାକୁମ୍ଭ ୧୪୪ ବର୍ଷ ପରେ ଏକ ବିଶେଷ ଘଟଣା। ସବୁକିଛି ବହୁତ ବଡ଼ ସ୍ତରରେ ସଂଗଠିତ ହେଉଛି। ୟୁପି ସରକାର ଦାବି କରିଛନ୍ତି ଯେ ଭିଡ଼ ସମେତ ସବୁକିଛି ନିୟନ୍ତ୍ରଣ କରିବା ପାଇଁ ସର୍ବଶେଷ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ପାର୍କିଂ, ଡାଇଭର୍ସନ, ବ୍ୟାରିକେଡିଂ, ପୋଲିସ ଇତ୍ୟାଦି ସବୁକିଛି ସ୍ଥାନରେ ରଖିବାକୁ ଘୋଷଣା କରାଯାଇଛି। ଏହି କାରଣରୁ ଅଗଣିତ ଲୋକ କୁମ୍ଭ ସ୍ନାନ ପାଇଁ ଆଗକୁ ଆସିଥିଲେ। ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକ ନିଜ ହୃଦୟରେ ବିଶ୍ୱାସର ଦୀପ ଏବଂ ମାତା ଗଙ୍ଗାଙ୍କ ପ୍ରତି ଅଟଳ ବିଶ୍ୱାସ ବହନ କରି କୁମ୍ଭ ପାଇଁ ବାହାରିଥିଲେ। ଲୋକମାନେ ସଠିକ୍ ପଥ ପାଇବା ଆରମ୍ଭ କଲେ ଏବଂ ସେମାନଙ୍କର ସାହସ ବଢ଼ିବାକୁ ଲାଗିଲା। କୁମ୍ଭରେ ୪୫-୫୦ କୋଟି ଲୋକଙ୍କ ଭିଡ଼ ହେବ ବୋଲି କେବଳ ଆକଳନ କରାଯାଇ ନଥିଲା, ବରଂ ଏହାକୁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ବାରମ୍ବାର ଦୋହରାଇ ଦିଆଯାଇଥିଲା। ଦେଶ ସାରାରୁ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଏକ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିଲା। ସାରା ରାଜ୍ୟରୁ କୁମ୍ଭ ମେଳାକୁ ବସ୍ ମଧ୍ୟ ଉପଲବ୍ଧ କରାଯାଇଥିଲା। ସରକାରଙ୍କ ବ୍ୟବସ୍ଥା ଦାବି, ପ୍ରଚଣ୍ଡ ପ୍ରଚାର ଏବଂ ସୋସିଆଲ ମିଡିଆର ଆକାଶଛୁଆଁ ବ୍ୟବହାର ଯୋଗୁଁ, ସମସ୍ତେ ଏହି 'ଜୀବନରେ ଥରେ' ସୁଯୋଗର ଅଂଶ ହେବାକୁ ଆଗ୍ରହୀ ହୋଇପଡିଥିଲେ। ନୂତନ ପରମ୍ପରାକୁ ଆପଣାଇ, ପ୍ରଥମ ଥର ପାଇଁ ସାରା ଦେଶର ରାଜ୍ୟ ସରକାରଙ୍କୁ ନିମନ୍ତ୍ରଣ କାର୍ଡ ବଣ୍ଟନ କରାଯାଇଥିଲା, ତେଣୁ ସମସ୍ତେ ମିଶି ସେଗୁଡ଼ିକୁ ଲୋକଙ୍କ ପାଖକୁ ପଠାଇବା ପାଇଁ କାମ କରୁଛନ୍ତି। ଲୋକମାନେ ଆସିଲେ ଏବଂ ଗଲେ ଏବଂ ଦୁର୍ଘଟଣା ମଧ୍ୟ ଘଟିଗଲା। ପ୍ରଥମେ ତମ୍ବୁଗୁଡ଼ିକ ଜଳିଗଲା, ସିଲିଣ୍ଡର ଫାଟିଗଲା, ତଥାପି ଭଲ ଖବର ଶୁଣିବାକୁ ମିଳିଲା ଯେ କୌଣସି କ୍ଷତି ହୋଇନାହିଁ। କିନ୍ତୁ ବୁଧବାର ଦିନ ଦଳାଚକଟାରେ ପ୍ରାୟ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ହୋଇଛି। ପ୍ରାୟ ୬୦ଜଣ ଆହତ ହୋଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ମୃତକଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଏହି କୁମ୍ଭକୁ 'ଅତୀତ ନୁହେଁ କି ଭବିଷ୍ୟତ ନୁହେଁ' ବୋଲି ଘୋଷଣା କରାଯାଇଥିବାରୁ, ଏହି କାରଣରୁ ଅଧିକ ଲୋକ କୁମ୍ଭରେ ପହଞ୍ଚିଥିଲେ। ଗୋଟିଏ ରାସ୍ତା ସଙ୍ଗମ କୂଳକୁ ଯିବାକୁ ନିଷ୍ପତ୍ତି ନିଆଯାଇଥିଲା ଏବଂ ତିନୋଟି ରାସ୍ତା ଫେରିବା ପାଇଁ ସ୍ଥିର କରାଯାଇଥିଲା - ଅକ୍ଷୟବଟ ମାର୍ଗ, ମହାବୀର ମାର୍ଗ, ଜଗଦୀଶ ରାମ୍ପ। ଜରୁରୀକାଳୀନ ପରିସ୍ଥିତି ପାଇଁ ସବୁଜ କରିଡର ମଧ୍ୟ କରାଯାଇଥିଲା। କିନ୍ତୁ ବଡ଼ ବଡ଼ ଦାବି ମଧ୍ୟରେ, ଗଙ୍ଗା କୂଳରେ ଲୋକଙ୍କୁ ବ୍ୟାରିକେଡିଂ ଏବଂ ବାଲି ବିଛାଡ଼ି ରାତି ବିତାଇବାକୁ ବାଧ୍ୟ କରାଯାଇଥିଲା। ପଣ୍ଟୁନ୍ ସେତୁ ବନ୍ଦ କରିଦିଆଯାଇଥିଲା। ଭିଆଇପି ସୁରକ୍ଷା ପାଇଁ ଯେଉଁ ପ୍ରକାରର ବ୍ୟବସ୍ଥା କରାଯାଇଥିଲା, ସାଧାରଣ ଲୋକଙ୍କ ପାଇଁ କେବେ ବି ସମାନ ବ୍ୟବସ୍ଥା କରାଯାଇ ନଥିଲା ଏବଂ ଏଥର ମଧ୍ୟ ନାହିଁ। ତଥାପି ବଡ଼ ପ୍ରଶ୍ନ ହେଉଛି ଯେ ଯେତେବେଳେ ଭିଡ଼ ନିୟନ୍ତ୍ରଣରେ ଟିକିଏ ସନ୍ଦେହ ଥିଲା, ତେବେ ଏତେ ଲୋକଙ୍କୁ କାହିଁକି ସଙ୍ଗମ ଆଡକୁ ଯିବାକୁ ଅନୁମତି ଦିଆଗଲା ? ସରକାର ଘାଟଗୁଡ଼ିକ ସମ୍ପର୍କରେ ଧାରଣ କ୍ଷେତ୍ରକୁ ସଠିକ୍ ଭାବରେ ବ୍ୟବସ୍ଥା କରିନଥିଲେ କାହିଁକି ?

ଦୁର୍ଘଟଣା ପରେ ଯେଉଁ ଆହ୍ୱାନ ଆରମ୍ଭ ହୋଇଥିଲା, ତାହା କାହିଁକି ପୂର୍ବରୁ କରାଯାଇ ନଥିଲା ଯେ ସଙ୍ଗମ କୂଳକୁ ଯିବା ପରିବର୍ତ୍ତେ, ଆପଣଙ୍କ ନିକଟତମ ଘାଟରେ ଅମୃତ ସ୍ନାନ କରନ୍ତୁ। ପରେ ପ୍ରଚାରିତ ହେଲା ଯେ ଯଦି ଆପଣ ତିନି ଦିନ ମଧ୍ୟରେ ଯେକୌଣସି ସମୟରେ ସ୍ନାନ କରନ୍ତି, ତେବେ ଆପଣଙ୍କୁ ମୌନୀ ଅବା ତ୍ରିବେଣୀ ଅମାବାସ୍ୟାର ଫଳ ମିଳିବ। ଏହି ପ୍ରଚାର ପୂର୍ବରୁ ମଧ୍ୟ କରାଯାଇପାରିଥାନ୍ତା। ଏହା ସହିତ, ଭକ୍ତମାନଙ୍କର ମନୋଭାବ ମଧ୍ୟ କମ୍ ଦାୟୀ ନୁହେଁ। ଯେତେବେଳେ ଶ୍ରଦ୍ଧାଳୁ ସଙ୍ଗମ କୂଳରେ ଥାଆନ୍ତି, ସେତେବେଳେ କାହିଁକି ଶୀଘ୍ର ବ୍ୟାରିକେଡ୍ ଭାଙ୍ଗି ପଳାଇ ଯିବାକୁ ଉଦ୍ୟମ କରନ୍ତି ? ଯେତେବେଳେ ସାଧୁସନ୍ଥମାନେ ପରେ ଶାହୀ ସ୍ନାନ କରିପାରନ୍ତି, ତେବେ ଲୋକମାନେ ଧୈର୍ଯ୍ୟ କାହିଁକି ରଖିପାରିବେ ନାହିଁ ? ସାଧାରଣତଃ ଆମେ ଆମ ପରିବାର ସହିତ ଏପରି ଧାର୍ମିକ କାର୍ଯ୍ୟକ୍ରମରେ ଯାଉ, ଯେଉଁଥିରେ ମହିଳା ଏବଂ ପିଲାମାନଙ୍କର ଭିଡ଼ର ଅଭିଜ୍ଞତା ନଥାଏ। ଫଳସ୍ୱରୂପ, ସେମାନେ ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମାନସିକ ଭାବରେ ହତାଶ, ଦୁଃଖୀ ଏବଂ ଚିନ୍ତିତ ହୋଇଯାଆନ୍ତି। ଭିଡ଼ରେ ଏକ ପ୍ରବଳ ଆବେଗ ଥାଏ। ସମସ୍ତ ଲୋକଙ୍କର ଆବେଗ କେମିତି ଆମେ ଆଗରେ ପହଞ୍ଚିବା। ଭିଡ଼ ବଢ଼ିବା ସହିତ ଲୋକମାନେ ଭିଡ଼ ଭିତରେ ହଜି ଯାଆନ୍ତି। ସେମାନେ ନିଜ ବିଷୟରେ ଚିନ୍ତା କରନ୍ତି ନାହିଁ। ଏହି କାରଣରୁ ଅନିଚ୍ଛାକୃତ ଭାବରେ ଜଣେ ବ୍ୟକ୍ତି ଭିଡ଼ ଅନୁସାରେ କାମ କରେ। ବୁଦ୍ଧି, ବିବେଚନା, ଚିନ୍ତା ଭିଡ଼ରେ କାମ କରେ ନାହିଁ। କେବଳ ଆବେଗର ଉଷ୍ମତା ସମସ୍ତଙ୍କ ପାଖେ ଦେଖାଯାଏ।

ସରକାର ଏବଂ ଭକ୍ତ ଉଭୟଙ୍କୁ ଅନେକ ପ୍ରଶ୍ନ, ଏହି ଦୁର୍ଘଟଣା ପାଇଁ କିଏ ଉତ୍ତର ଦାୟୀ ? କିନ୍ତୁ ଏହାର କୌଣସି ଉତ୍ତର କାହା ପାଖରେ ନାହିଁ, କାରଣ ଯଦି ଉତ୍ତର ଥାଆନ୍ତା, ତେବେ କୌଣସି ଜନଗହଳିପୂର୍ଣ୍ଣ ସ୍ଥାନରେ ଦୁର୍ଘଟଣା ଘଟି ନଥାନ୍ତା, ଆମେ ଅତୀତର ଦୁର୍ଘଟଣାରୁ କିଛି ଶିଖି ନଥାଆନ୍ତୁ। ତ୍ରିବେଣୀ ଅମାବାସ୍ୟାରେ ଯାହା ଘଟିଲା, ତାହା ବହୁତ ଗମ୍ଭୀର ପ୍ରଶ୍ନ ଉଠାଉଛି। କୋଟି କୋଟି ଲୋକ ଏକାଠି ହେଲେ ଦଳାଚକଟା ନିଶ୍ଚିତ ଭାବରେ ଘଟିବ ବୋଲି କହି ଦାୟିତ୍ୱରୁ ଖସି ଯାଇପାରିବା ନାହିଁ। ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ମେଳାର ସମଗ୍ର ପରିଚାଳନା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରେ। ଦୁର୍ଘଟଣାର ଶିକାର ହୋଇଥିବା ଲୋକମାନେ ସରକାରୀ ବ୍ୟବସ୍ଥା ଉପରେ ବିଶ୍ୱାସ କରି ଏଠାକୁ ଆସିଥିଲେ। ଭବିଷ୍ୟତରେ ଦଳାଚକଟା ନଘଟିବ ବୋଲି ଏହାର କ'ଣ ଗ୍ୟାରେଣ୍ଟି ଅଛି ? କେବଳ ଶୋକ ପ୍ରକାଶ କରିବା ବ୍ୟତୀତ କେହି ଚିନ୍ତା କରିବେ କି ? ଆମର ବ୍ୟବସ୍ଥା କେବେ ଜୀବନର ମୂଲ୍ୟ ବୁଝିବ ? ଅନ୍ୟପକ୍ଷରେ, ଏହା ଉପରେ ରାଜନୀତି ମଧ୍ୟ ଆରମ୍ଭ ହୋଇଛି, କିନ୍ତୁ ସମସ୍ତଙ୍କୁ ବୁଝିବା ଆବଶ୍ୟକ ଯେ ଏହା ରାଜନୀତିର ସମୟ ନୁହେଁ ବରଂ ଏପରି ଦୁର୍ଘଟଣାରୁ ଶିକ୍ଷା ପାଇବାର ସମୟ।



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ସାଡେଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦେଇଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଖିରୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ ଜେନା ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କୁଣ୍ଡେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଭାତୀ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇନ୍ଦ୍ରଜିତ ମହାନ୍ତି, ପ୍ରମୋଦ ମଲ୍ଲିକ, ବିଷ୍ଣୁ ଚରଣ ସାହୁ, ମାନସ ମିଶ୍ର, କୈଳାଶ ଚନ୍ଦ୍ର ଦାଶ, ସାଧୁଚରଣ ବିଶ୍ୱାଳ, ପ୍ରମୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସେ ହେଉଛନ୍ତି ଗୁରୁ, ଅନ୍ଧାରରେ ସେ ଦେଖାନ୍ତି ଆଲୋକର କିରଣ, ସଫଳତାର ଶିଖର ଚଢାଇବାରେ ଥାଏ ତାଙ୍କ ହାତ । ବିପଥଗାମୀ ପାଇଁ ସାଜନ୍ତି ପଥ ପ୍ରଦର୍ଶକ । ପୁଷ୍ପାଞ୍ଜଳି ଦେଇ ଶିକ୍ଷୟତ୍ରୀ ଭାବେ ରହିବା ଦିନଠାରୁ ନିସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରିବା ସହ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟ ଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ମତବ୍ୟକ୍ତ କରିଥିଲେ । ପରିଚାଳନା କମିଟି କର୍ମକର୍ତ୍ତା ନିଜ ଅଭିଭାଷଣରେ କହିଥିଲେ ପୁଷ୍ପାଞ୍ଜଳୀ ଦେଇ ଛାତ୍ରଛାତ୍ରୀମାନଙ୍କୁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣରେ କନିଷ୍ଠ ଗୁରୁଜୀ ଓ ଗୁରୁମାଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ଶେଷରେ ଏକ ଭାବ ବିହ୍ୱଳ ପରିବେଶ ମଧ୍ୟରେ ସମସ୍ତ ସହକର୍ମୀ, ଛାତ୍ରଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ପୁଷ୍ପାଞ୍ଜଳୀ ଦେଇଙ୍କୁ ପାଟପୁରସ୍ଥିତ ନିଜ ବାସଭବନରେ ଛାଡିଥିଲେ ।



# ପିପିଏଲ୍ ଡ଼ିଏଭି ସ୍କୁଲର ୩୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ





ପାରାଦୀପ - ପାରାଦୀପ ଫସଫେଟ୍ସ ଲିମିଟେଡ଼ (ପିପିଏଲ)ସ୍ଥିତ ଡ଼ିଏଭି ପବ୍ଲିକ ସ୍କୁଲ ୩୮ତମ ପ୍ରତିଷ୍ଠା ଦିବସ ଫେବୃଆରୀ ୧ ତାରିଖ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି କ୍ଷ ଏହି ଉତ୍ସବ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ପବିତ୍ର ବୈଦିକ ଯଜ୍ଞାନୁଷ୍ଠାନରେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ ପୂର୍ଣ୍ଣାହୁତି ଅର୍ପଣ କରିଥିଲେ। ଓଡିଶା ରେଡକ୍ରସ ସୋସାଇଟି ସହାୟତାରେ ସ୍କୁଲ ପରିସରରେ ଆୟୋଜିତ ରକ୍ତ ଦାନ ଶିବିର ଏବଂ ପୂର୍ବାହ୍ନରେ ପିପିଏଲସ୍ଥିତ କମ୍ୟୁନିଟି ହଲ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବକୁ ପିପିଏଲର ଅଗ୍ନିଶମ ଓ ପରିବେଶ ସୁରକ୍ଷା ବିଭାଗ ମୁଖ୍ୟ ପ୍ରବନ୍ଧକ ନିହାର କାନ୍ତି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରକ୍ତଦାନ ଶିବିରରେ ସର୍ବ ପ୍ରଥମେ ମୁଖ୍ୟ କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ରକ୍ତଦାନ କରିଥିଲେ ଏବଂ ପରେ ପ୍ରାୟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଡକ୍ଟର ସୁରେନ୍ଦ୍ର ମୋହନ ମିଶ୍ର ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ରାଉତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ ସନ୍ତୋଷ ପ୍ରକାଶ କରିଥିଲେ । କରିବା ସହିତ ଆଜିର ଦିନରେ ପୃଥିବୀ ଦାସତ୍ୱରୁ ମୁକ୍ତ ହୋଇଥିବା କଥା ମନେ ପକାଇ ଦେଇଥିଲେ । ବିଦ୍ୟାଳୟ କିପରି ରାଜ୍ୟ,ଦେଶ ତଥା ବିଶ୍ୱର ବିଶିଷ୍ଟ ବ୍ୟକ୍ତିଙ୍କୁ ତିଆରି କରିବାରେ ସହାୟତା କରେ ତାହା ଉଲ୍ଲେଖ କରିଥିଲେ।ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ଏହି ?ଦ୍ୱିସ ପାଳନର ବିଷୟରେ ସମ୍ୟକ ସୂଚନା ପ୍ରଦାନ ସହିତ ଦୀର୍ଘ ୩୭ବର୍ଷ ଧରି ବିଦ୍ୟାଳୟ ଅର୍ଜନ କରିଥିବା ଯଶ ଓ ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡକ୍ଟର ସୁରେନ୍ଦ୍ର ମୋହନ ମିଶ୍ର ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ ଶିକ୍ଷକ ହେଉଛି ଛାତ୍ର ମାନ୍ୟବର ଅନ୍ତର୍ନିହିତ ଉପାଦାନ। ଏ ବିଷୟରେ ଉଦାହରଣ ଦେଇ ଆଦି ଶଙ୍କରାଚାର୍ଯ୍ୟ ତଥା ଦୟାନନ୍ଦ ସରସ୍ୱତୀଙ୍କ ଜୀବନ ଦର୍ଶନ ତଥା ପୃଥିବୀର ବିଶିଷ୍ଟ ବ୍ୟକ୍ତିମାନଙ୍କର ଚରିତ୍ର ଦ୍ୱାରା ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ ଓ ସୂଚାଇ ଦେଇଥିଲେ, ଏହିବିଦ୍ୟାଳୟର ଐତିହାସିକ ଦିବସରେ ଏହା ସମସ୍ତେ ନିଶ୍ଚିତ କରିବା ଉଚିତ୍ ଯେ ଶିକ୍ଷାନୁଷ୍ଠାନ ହେଉଛି ଏକ ମଣିଷ ତିଆରି କାରଖାନା ଯାହା ବିବେକବାନ ମଣିଷ ତିଆରି କରେ ଆଉ ପ୍ରତ୍ୟେକ ଅନୁଷ୍ଠାନ ଏହା ମନେ ରଖିବା ଉଚିତ୍ ଏବଂ ଲକ୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖିବା ଆବଶ୍ୟକ। ବିଦ୍ୟାଳୟର ଛୋଟ ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉତ୍ସବ ରେ ବିଦ୍ୟାଳୟ ତଥା ବାହ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଓ କୁନି ଲେଖକ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ବରିଷ୍ଠ ଶିକ୍ଷକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ପିପିଏଲର ପଦସ୍ଥ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ପିତ ସୁକୁମାର ଚିନ୍ନାରା (ଅଧ୍ୟକ୍ଷ ଡିଏଭି ଇଫ୍‌କୋ ଓ ବିନ୍ଦୁଶ୍ରୀ ମହାନ୍ତି(ଅଧ୍ୟକ୍ଷା, ଡିଏଭି ପାରାଦ୍ୱୀପ ପୋର୍ଟ) ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିବା ବ୍ୱେଳେ ବରିଷ୍ଠ ଶିକ୍ଷକ ତଥା ବିଦ୍ୟାଳୟର ଦୁଇ ମାଧ୍ୟମର ସଂଯୋଜକ ବୃନ୍ଦାବନ ରାଉତ ଓ ମହେଶ୍ୱର ପାଣିଗ୍ରାହୀ ଏଥିରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଅଭିଭାବକ ମାନେ ଉତ୍ସବରେ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଦୁଇ ମାଧ୍ୟମର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟାନ୍ୟ କର୍ମଚାରୀ ଉତ୍ସବ ପାଳନରେ ଅକୁଣ୍ଠ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଜୟଦେବ ଚକ୍ରବର୍ତ୍ତୀ, ପୀୟୁଷ ରଞ୍ଜନ ରାୟ ଏବଂ ଶୀତଲ ସିଂ ଉପସ୍ଥାପନ କରିଥିଲେ। ପିପିଏଲ ପାରାଦ୍ୱୀପର ମୁଖ୍ୟ ପଲାନିସାମି ଭେଲୁସାମି ତଥା ମାନବ ସମ୍ବଳ ବିଭାଗର ମହା ପ୍ରବନ୍ଧକ ସୁମିତ ସେନାପତି ବିଦ୍ୟାଳୟର ୩୮ତମ ପ୍ରତିଷ୍ଠା ଦିବସର ସୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଡିଏଭି ବିଦ୍ୟାଳୟ ସମୂହ ଓଡିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ଓ ଆଞ୍ଚଳିକ ଅଧିକାରୀ ଡକ୍ଟର ସୁଜାତା ସାହୁ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ବିଦ୍ୟାଳୟ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ।

## ଧର୍ମଗଡ଼ ମଦଭାଟି ଡକାୟତି ଘଟଣା

# ୩କୋଟି ୫୧ଲକ୍ଷ ଟଙ୍କା ଜବତ, ୮ ଡକାୟତ ଗିରଫ



ଧର୍ମଗଡ଼(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ବହୁ ଚର୍ଚ୍ଚିତ ଭୀମଖୋଜପଡାସ୍ଥିତ ଦେଶୀ ମଦଭାଟି ଡକାୟତି ଘଟଣାର ପର୍ଦ୍ଦାଫାସ ହୋଇଛି। ଶନିବାର ଦିନ ଓଡିଶା ଡ଼ିଆଇଜି ପ୍ରେସମିଟ କରି ଥିବା ବେଳେ ରବିବାର ଦିନ ଦକ୍ଷିଣ ପଶ୍ଚିମାଞ୍ଚଳ ଆଇଜି ଧର୍ମଗଡ଼ ଥାନା କାର୍ଯ୍ୟାଳୟ ପରିସରରେ ପ୍ରେସ୍‌ମିଟ୍ କରି ବିବରଣୀ ରଖିଥିଲେ। ପ୍ରେସ୍‌ମିଟ୍‌ରେ ଡକାୟତଙ୍କ ଠାରୁ ତିନିକୋଟି ୫୧ଲକ୍ଷ ଟଙ୍କା ଜବତ ସହ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ରବିବାର ଦକ୍ଷିଣ ପଶ୍ଚିମାଞ୍ଚଳ ଆଇଜି ନୀତିଶ ଶେଖର ସୂଚନା ଦେଇଛନ୍ତି । ଡକାୟତିରେ ଦେଶି ମଦ ଭାଟିର ପୂର୍ବତନ କର୍ମଚାରୀ ଅନୁଜ କୁମାର ସାହୁ ହିଁ ମୁଖ୍ୟ ସୂତ୍ରଧର ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେ ପୂର୍ବରୁ ସେ ୧୫ଦିନ ତଳେ ଧର୍ମଗଡ଼ ଆସି ବ୍ଲୁ ପ୍ରିଣ୍ଟ କରି ଯାଇଥିଲା । ପୋଲିସ୍ ଏହି ଘଟଣାରେ ସମୁଦାୟ ୯ ଜଣ ଥିବାବେଳେ ୮ଗିରଫ ହୋଇଛନ୍ତି ଓ ଅନ୍ୟ ଜଣେ ଫେରାର ଅଛି ତାକୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଛି । ଉକ୍ତ ଘଟଣାରେ ବହୁ ପରିମାଣରେ ଟଙ୍କା ଜବତ ହୋଇଛି, ତାହାର ତଦନ୍ତ ହେବ ଓ ପରବର୍ତ୍ତୀ ସମ ରେ ଆୟକର ବିଭାଗକୁ ଲେଖାଯିବ ବୋଲି କହିଛନ୍ତି । କଳାହାଣ୍ଡି ଆରକ୍ଷୀ ଅଧିକାରୀ ଡ଼ଃ ଅଭିଳାଷ ଜି, ସଦର ଏଡ଼ିପିଓ, ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମନୋଜ ବେହେରା, ଧର୍ମଗଡ଼ ଥାନା ଅଧିକାରୀ ଦାମୋଧର ବିହାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ। ଗତ ୩୦ତାରିଖ ବିଳମ୍ବିତ ରାତିରେ ମଦ ଭାଟିରୁ ଡକାୟତି ହୋଇଥିବା ବେଳେ ପୋଲିସର ତତ୍ପରତା କାର୍ଯ୍ୟାନୁଷ୍ଠାନ ଯୋଗୁଁ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ୨୪ଘଣ୍ଟା ନ ପୁରୁଣୁ ପୋଲିସ ଧରିବାରେ ସଫଳ ହୋଇଥିଲା। ଯାହା ପୋଲିସ ମହାନିର୍ଦ୍ଦେଶକ କଳାହାଣ୍ଡି ଆରକ୍ଷୀ ଓ ପୋଲିସ ଟିମ୍‌କୁ ଧନ୍ୟବାଦ ଦେଇଥିବା ବେଳେ ବିଭିନ୍ନ ମହଲରେ କଳାହାଣ୍ଡି ପୋଲିସକୁ ଭୁରି ଭୁରି ପ୍ରଶଂସା କରାଯାଉଛି।

## ଠାକୁରାଣୀଙ୍କ ସୁନା ଆଖି ଓ ମୁକୁଟ ତାଡି ନେବା ସହ ହୁଣ୍ଡି ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

କଣାସ(ଭାସ୍କର ନ୍ୟୁଜ): କଣାସ ଥାନା ଅନ୍ତର୍ଗତ ଗଡସାପୁଟ ଗ୍ରାମପଞ୍ଚାୟତର କଣ୍ଢାବଣିଆଗ୍ରାମର ନାରାୟଣୀ ଦେବୀ ମନ୍ଦିରରୁ କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ମନ୍ଦିର ଭିତରେ ପଶି ଠାକୁରଣୀଙ୍କ ଦୁଇଟି ସୁନା ଆଖି ତାଡିନେବା ସହ ରୁପାର ମୁକଟ ନେଇଯାଇଛନ୍ତି । ସେହିପରି ପାଖ ଗ୍ରାମ ଅଣ୍ଡା ଗ୍ରାମର ତାଳେଶ୍ୱର ମହାଦେବଙ୍କ ମନ୍ଦିର ମଧ୍ୟରେ ପଶି ହୁଣ୍ଡିଭାଙ୍ଗି ସମସ୍ତ ଟଙ୍କା ନେଇଯାଇଥିବା ବେଳେ ତା ନିକଟବର୍ତ୍ତୀ ଗ୍ରାମ ଷଢେଇଗଡ ଗ୍ରାମର ଆରାଧ୍ୟ ଠାକୁର ଖରାଖିଆ ବୈଦ୍ୟନାଥ ମନ୍ଦିରର ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ନେଇଯାଇଛନ୍ତି । ଖବର ପାଇ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ କଣ୍ଢାବଣିଆଗ୍ରାମକୁ ଯାଇ ମନ୍ଦିରରୁ ଚୋରି ଯାଇଥିବା ସୁନା ଆଖି ଓ କିରଟି ସଂପର୍କରେ ତଦନ୍ତ କରି ଆସିଥିଲେ ମଧ୍ୟ କେହି ଥାନାରେ ଏତଲା ଦେଇନଥିବା ଶ୍ରୀ ଜୁଝାରସିଂହଙ୍କ ଠାରୁ ପ୍ରକାଶ ।

# ୩ ବନ୍ଧୁକଧାରୀ କୋର୍ଟଚାଲାଣ: ୨ ଫେରାର



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜ ଓମ୍ଫେଡ ପ୍ଲାଣ୍ଟ ନିକଟରେ ଶନିବାର ରାତି ୯ଟା ସମୟରେ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଏକ ବିଶ୍ୱସ୍ତ ସୁତରୁ ଖବର ପାଇ ୩ଜଣ ଅପରାଧୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ବନ୍ଧୁକ, ଏକ କଟୁରୀ, ଦୁଇଟି ବମ ଓ ଏକ ନମ୍ବର ବିହୀନ କାର ଜବତ କରିଛି। ସେମାନେ ହେଲେ କଟକ ନରସିଂପୁର ଥାନା ଅନ୍ତର୍ଗତ ସଂଗ୍ରାମ ଦାସ (୩୯), ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ଗ୍ରାମର ଦେବୀ ପ୍ରସାଦ ଦଳାଇ(୨୨) ଓ ମଙ୍ଗଳାବାଗ ଥାନା ଅନ୍ତର୍ଗତ ବାପିନା ପାତ୍ର(୨୬)କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣ ଅପରାଧୀ ଫେରାର ଥିବା ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଜୋନ୍ ୪ ଏସିପି ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି ଏବଂ ଦରକାର ପଡିଲେ ଅଧିକ ତଥ୍ୟ ପାଇଁ ୩ ଅପରାଧୀଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି। ପୋଲିସ କହିବା ଅନୁଯାୟୀ ଗତ ଶନିବାର ୯ଟା ରାତିରେ ନାରାଜ ପାହାଡସ୍ଥିତ ଓମଫେଡ ପ୍ଲାଣ୍ଟ ନିକଟବର୍ତ୍ତୀ ରେଲୱେ ଅଣ୍ଡର ପାସ୍‌ଠାରେ ଏକ ବିନା ନମ୍ବର ପ୍ଲେଟ୍ ଥିବା ଗାଡି ଦେଖି ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ଆସିବାରୁ ଗୋଡିସାହି ଫାଣ୍ଡିକୁ ଖବର କରିଥିଲେ। ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲେ ।

# ଆୟକରଦାତାଙ୍କ ରାସନ କାର୍ଡ ଯାଞ୍ଚ କେବେ ?



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): କେବଳ ସରକାରୀ କର୍ମଚାରୀ ନୁହଁନ୍ତି, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଆୟକରଦାତା ଓ ଚାରିଚକିଆ ଯାନ ଚଢୁଥିବା ବ୍ୟକ୍ତି ବିଶେଷ ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ହାତେଇଛନ୍ତି ରାସନକାର୍ଡ । ବର୍ଷ ବର୍ଷ ଧରି ମାଗଣା ଚାଉଳ ନେଉଛନ୍ତି । ସରକାରୀ କର୍ମଚାରୀଙ୍କ ତାଲିକା ପ୍ରକାଶ ପାଇବା ପରେ ଏହାର ଯାଞ୍ଚ ଚାଲିଛି। ଅଥଚ ଆଜିପର୍ଯ୍ୟନ୍ତ କେତେ ଆୟକରଦାତା ରାସନ କାର୍ଡ ହାତେଇଛନ୍ତି, ତାହାର ତଥ୍ୟ କାହା ପାଖରେ ନାହିଁ । ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କ ତାଲିକା ପ୍ରକାଶ ପାଇନି । କାର୍ଯ୍ୟାନୁଷ୍ଠାନ ଭୟରେ ଅଧିକାଂଶ ଆୟକରଦାତା ଇ-କେୱାଇସି ଭରି ନାହାନ୍ତି। ଆୟକର ବିଭାଗରୁ ତଥ୍ୟ ସଂଗ୍ରହ କରି କେଉଁ ମାନେ ରାସନ କାର୍ଡ ହାତେଇଛନ୍ତି, ତାହାର ଯାଞ୍ଚ କରିବାକୁ ଦାବି ହୋଇଛି । ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ରେ କେତେଜଣ ପିଡିଏସ୍ ଡିଲର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାରୀ କର୍ମଚାରୀଙ୍କ ଭଳି ଅନେକ ଆୟକରଦାତା ରାସନକାର୍ଡ ହାସଲ କରିଛନ୍ତି ।ଆୟକର ଦେଉଥିଲେ ବି ତହସିଲ ରୁ କମ୍ ଆୟର ପ୍ରମାଣପତ୍ର ସଂଗ୍ରହ କରିଛନ୍ତି। ତାକୁ ଦାଖଲ କରି କାର୍ଡ ପାଇଛନ୍ତି। ସେମାନଙ୍କ ପରିବାରରୁ ଜଣେ ଲେଖାଏଁ ସଦସ୍ୟ ଆସି ଖାଦ୍ୟ ସୁରକ୍ଷା ଯୋଜନା ଚାଉଳ ନେଉଛନ୍ତି। ଆୟକରଦାତା ଚିହ୍ନଟ ଲାଗି ଆଜିପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନି। ଗତ ଅଗଷ୍ଟ ମାସରୁ ପିଡିଏସ୍ କେନ୍ଦ୍ରରେ ଇ-କେୱାଇସି କରିବାକୁ କୁ ହାଜିରା ପରେ ଭୟରେ ଅନେକ ଆୟକରଦାତା ଆସୁ ନାହାନ୍ତି। ସରକାରଙ୍କ ପକ୍ଷରୁ ତାଲିକା ପ୍ରକାଶ ପାଇନଥିବାରୁ ଜିଲ୍ଲାରେ କେତେଜଣ ଆୟକରଦାତା ରହିଛନ୍ତି ତାହା ସ୍ପଷ୍ଟ ହେଉନି। ଯେହେତୁ ସରକାରଙ୍କ କୌଣସି ନିର୍ଦ୍ଦେଶ ନାହିଁ, ଆୟକରଦାତା ରାସନକାର୍ଡ ପାଇଥିଲେ ମଧ ପିଡିଏସ୍ ଡିଲର କିଛି କରି ପାରିବେ ନାହିଁ । ଯେଉଁ ଆୟକରଦାତା କାର୍ଯ୍ୟାନୁଷ୍ଠାନକୁ ଭୟ କରୁ ନାହାନ୍ତି ସେମାନେ କେ-ୱାଇସି କରିବା ସହ ମାଗଣା ଚାଉଳ ନେଉଛନ୍ତି । ଆୟକରଦାତାଙ୍କ ସମ୍ପର୍କରେ ବିଭାଗ ପାଖରେ କୌଣସି ତଥ୍ୟ ନାହିଁ ବୋଲି ଯାହା ସୂଚନା ମିଳିଛି। ସରକାରୀ କର୍ମଚାରୀଙ୍କ ଭଳି ରାସନକାର୍ଡ ହାତେଇଥିବା ଆୟକରଦାତାଙ୍କ ତାଲିକା ଆସିଲେ ଯାଞ୍ଚ କରାଯିବ। ସୂଚନାଥାଉକି, ଗତ ୩୦ ତାରିଖ ସୁଦ୍ଧା ଅସ୍ତରଙ୍ଗ ବ୍ଲକ ରେ ୬ହଜାର ୪ଶହ ୫୩ ଜଣ ହିତାଧିକାରୀ ଇ-କେୱାଇସି କରିନାହାନ୍ତି । ଏଥିରେ ଅଧିକାଂଶ ଆୟକରଦାତା ଏବଂ ସରକାରୀ କର୍ମଚାରୀଙ୍କ ପରିବାର ଥାଇପାରନ୍ତି ବୋଲି ଆକଳନ କରାଯାଉଛି ।ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ତୁରନ୍ତ ଯାଞ୍ଚ କରାଯାଉ।

## ନିମାପଡା ଏନ୍‌ଏସିରେ ବେଆଇନ ଗୃହନିର୍ମାଣ, କୋଟି କୋଟି ଟଙ୍କା ରାଜସ୍ୱହାନୀ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ବେଆଇନ ଭାବେ ଗୃହ ନିର୍ମାଣ ଚାଲିଥିବା ବେଳେ ପୌରପରିଷଦ ଏହି ଘଟଣା ଉପରେ କୌଣସି ଦୃଷ୍ଟି ଦେଉନଥିବା ବେଳେ ସରକାରଙ୍କ ବ୍ୟାପକ ପରିମାଣରେ ରାଜସ୍ୱ କ୍ଷତି ଘଟୁଛି । ତହସିଲଦାରଙ୍କଠାରୁ ଘରବାରୀ କିସମ ପରିବର୍ତ୍ତନ ନକରି କେତେକ ବ୍ୟକ୍ତି ଗୃହ ନିର୍ମାଣ କରି ବ୍ୟବସାୟୀମାନଙ୍କୁ ଭଡା ଦେବା ପାଇଁ ଲାଗିପଡିଛନ୍ତି । ଦୀର୍ଘଦିନ ହେବ ବେଆଇନ ଗୃହ ନିର୍ମାଣ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିବା ବେଳେ କଣ ପାଇଁ ତହସିଲଦାର ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଦୃଷ୍ଟି ଦେଉନାହିଁ ତାହାକୁ ନେଇ ବେଳକୁ ବେଳ ଜନଅସନ୍ତୋଷ ବଢିବାରେ ଲାଗିଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବିଜ୍ଞାପିତ ପରିଷଦରେ ବେଆଇନ ଭାବେ ଚାଲିଛି ଗୃହ ନିର୍ମାଣ । ଘରବାରୀ କିସମ ପରିବର୍ତନ ନକରି ଅନେକ ବ୍ୟକ୍ତି ବେଆଇନ ଭାବେ ଏକମହଲା ଠାରୁ ଆରମ୍ଭ କରି ୫ ମହଲା ପର୍ଯ୍ୟନ୍ତ ଗୃହ ନିର୍ମଣର କରୁଛନ୍ତି । ବିଶେଷକରି ଅଣ୍ଡିଆ ମୌଜାରେ ବେଆଇନ ଭାବେ ଅନେକ ଗୃହ ଗଢି ଉଠିଛି । ଯାହାଦ୍ୱାରା ସରକାରଙ୍କ ବ୍ୟାପକ ପରିମାଣରେ ରାଜସ୍ୱ କ୍ଷତି ଘଟୁଛି । କଣ ପାଇଁ ପୌରପରିଷଦ ବେଆଁନ ଗୃହ ନିର୍ମାଣକାରୀଙ୍କୁ ଘଂଟ ଘୋଡାଇ ରଖିଛି ତାହା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି । ଅଣ୍ଡିଆ ମୌଜାରେ କଲୋନୀ ପରେ କଲୋନୀ ଗଡଇ ଉଠୁଛି । ଏହି କଲୋନୀରେ ବେଆଇନ କୋଠାଘର ନିର୍ମାଣ ଚାଲିଛି । ସବୁ ଦେଖିମଧ୍ୟ ପରିଷଦ କର୍ମଚାରୀମାନେ ଆଖିରେ ଅନ୍ଧପୁତୁଳି ବାନ୍ଧି ଯାତାୟତ କରୁଛନ୍ତି । ଉଠା ଦୋକାନୀଙ୍କ ଉପରେ ଦାଉ ସାଧିଥିବା ବେଳେ ପ୍ରଭାବଶାଳୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଭୁବନିପୁର ମୌଜାରେ ମଧ ଅନେକ କଲୋନୀ ଗଢି ଉଠିଥିବା ବେଳେ ନାରାୟଣୀ ନଗରରେ କିସମ ପରିବର୍ତନ କରାନଯାଇ କୋଠାଘର ନିର୍ମାଣ ସରିଥିବା ବେଳେ ଅନେକ ବ୍ୟକ୍ତି ବର୍ତମାନ ନିର୍ମାଣ କରୁଛନ୍ତି । ପାଟପୁର ମୌଜାରେ ସେହିପରି କୋଠାଘର ବେଆଇନ ଭାବେ ନିର୍ମାଣ ଚାଲିଛି । ଏଦିଗରେ ପରିଷଦ କିମ୍ବା ତହସିଲଦାର କୌଣସି ପଦକ୍ଷେପ ନେଉନାହାନ୍ତି । ଯାହାପାଇଁ ସରକାରଙ୍କ କୋଟି କୋଟି ଟଙ୍କା ଗୃହନିର୍ମାଣକାରୀମାନେ ରାଜସ୍ୱ ଫାଙ୍କି ଏପରି କାର୍ଯ୍ୟ ଚଳାଇଛନ୍ତି ।

## ପାରାଦୀପ ପୋର୍ଟ ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କ ଅବସର ଗ୍ରହଣ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୋର୍ଟ ଟ୍ରଷ୍ଟ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ଚରଣ ଖୁଣ୍ଟିଆ ଗତ ଜାନୁଆରୀ ୩୧ ତାରିଖ ଦିନ ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ସ୍କୁଲରେ ଆୟୋଜିତ ବିଦାୟକାଳୀନ ସଭାରେ ବନ୍ଦରର ଉପ ସଚିବ ପରାଉ ଟୁଡୁ, ବରିଷ୍ଠ ସହାୟକ ସଚିବ ଦେବଦତ୍ତ ଶତପଥୀ, ସ୍କୁଲର ପ୍ରାକ୍ତନ ଛାତ୍ର ତଥା ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ନୀରୋଜ ପଟ୍ଟନାୟକ, ସହାୟକ ସଚିବ ବିଜୟ ଚନ୍ଦ୍ର ମଲ୍ଲିକ ଓ ପ୍ରାକ୍ତନ ଛାତ୍ର ତଥା ଯୋଗଗୁରୁ ଜ୍ୟୋତିର୍ବିଦ ଇଂ. ତାପସ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଖୁଣ୍ଟିଆଙ୍କ ସଫଳ କାର୍ଯ୍ୟକାଳ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଓ ଅବସର କାଳୀନ ଜୀବନ ସୁଖମୟ ହେବା ନିମନ୍ତେ କାମନା କରିଥିଲେ । ଶ୍ରୀ ଖୁଣ୍ଟିଆ ୧୯୯୭ ମସିହାରେ ବନ୍ଦର ୟୁପି ସ୍କୁଲରେ ଜଣେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ୩୧ ଜାନୁଆରୀ ୨୦୨୫ରେ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଛନ୍ତି । କାର୍ଯ୍ୟକାଳ ମଧ୍ୟରେ ସ୍କୁଲର ସର୍ବାଙ୍ଗୀନ ବିକାଶ କରିବା ସହ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଶିକ୍ଷା ଦାନ ପ୍ରକ୍ରିଆକୁ ତ୍ୱରାନିତ କରିଥିଲେ । ଜଣେ ସରଳ ବ୍ୟକ୍ତିତ୍ୱ ତଥା ନିଷ୍ପାପର ଶିକ୍ଷକ ଭାବେ ସେ ସ୍କୁଲରେ ପରିଚିତ ଥିଲେ ଯାହାକି ବିଦାୟ ଦିନ ସ୍କୁଲର ଛାତ୍ରଛାତ୍ରୀ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଲୋତକ ଭରା ଆଖି ସୂଚାଇ ଦେଇଥିଲା ସେମାନେ ତାଙ୍କର ପ୍ରିୟ ପ୍ରଧାନ ଶିକ୍ଷକଙ୍କୁ କେତେ ଭଲ ପାଉଥିଲେ ଓ ସମ୍ମାନ କରୁଥିଲେ । ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ ହସ ହସ ମୁହଁରେ ଛାତ୍ରଛାତ୍ରୀଙ୍କୁ ଦୃଢ଼ମନା ତଥା ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ ଓ ଶିକ୍ଷକଙ୍କୁ ସ୍କୁଲର ଅଧିକ ବିକାଶ ପାଇଁ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ । ସେହିଦିନ ଶ୍ରୀ ଖୁଣ୍ଟିଆ ସ୍କୁଲର ସମସ୍ତ ଦାୟିତ୍ୱକୁ ବରିଷ୍ଠ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସଙ୍କୁ ହସ୍ତାନ୍ତର କରି ଫେରିଯିବା ପୂର୍ବରୁ ସମସ୍ତ ଶିକ୍ଷକ ଓ ବନ୍ଦର ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଜାନକୀ ସ୍ୱାଇଁ ପରିଚାଳନା କରିଥିଲେ ଓ ଧନ୍ୟବାଦ୍ ମଧ୍ୟ ଦେଇଥିଲେ ।

# ଟ୍ରେନ୍‌ରେ କଟି ଶ୍ରମିକଙ୍କ ମୃତ୍ୟୁ

କଣିହାଁ(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁସ୍ଥ ଏନଟିପିସି ପ୍ଲାଣ୍ଟ ଭିତରେ ଏନଟିପିସିର କୋଇଲା ପରିବହନ କରୁଥିବା ଟ୍ରେନରେ କଟି ଛବିଳ ପରିଡା (୪୭) ନାମକ ଜଣେ ଠିକା ଶ୍ରମିକର ମୃତ୍ୟୁ ହୋଇଛି । ତାଙ୍କର କଣିହାଁ ଥାନା ଅନ୍ତର୍ଗତ ଦଣ୍ଡସିଂହା ଗ୍ରାମରେ । ସେ ଏନଟିପିସି ପ୍ଲାଣ୍ଟ ସିଏଚପିରେ ଠିକା ଶ୍ରମିକ ଭାବରେ କାମ କରୁଥିଲା । ରବିବାର ଭୋର ସକାଳ ପ୍ରାୟ ୫ରୁ ସାଢ଼େ ଘଟିକା ସମୟରେ ଏନଟିପିସି କାରଖାନା ପରିସର କାର୍ଯ୍ୟସ୍ଥଳ ନିକଟସ୍ଥ ଟ୍ରେନ ଲାଇନରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ ହୋଇଛି । ଛବିଳ ପରିଡା ଶନିବାର ରାତି ସିଫ୍ଟ ଡ୍ୟୁଟିରେ ଏନଟିପିସିର ସିଏଚପି ଅପରେସନ ଷ୍ଟେଜ୍-୨ ରେ କାର୍ଯ୍ୟରେ ଥିଲେ । ରବିବାର ଭୋର ସକାଳ ପ୍ରାୟ ୫ରୁ ସାଢ଼େ ଘଟିକା ସମୟରେ ଏନଟିପିସି କାରଖାନା ପରିସର କାର୍ଯ୍ୟସ୍ଥଳ ନିକଟସ୍ଥ ଟ୍ରେନ ଲାଇନରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ ହୋଇଛି । ଦୁର୍ଘଟଣା ଘଟିବା ପରେ ତାଙ୍କ ପରିବାର ବର୍ଗ ଓ ଗ୍ରାମବାସୀ ଏବଂ ବହୁ ଠିକାଶ୍ରମିକ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲେ। ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ, କମରେଇ ସରପଞ୍ଚ ସୁବାସିନି ବେହେରା, ପୂର୍ବତନ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ସମାଜସେବୀ ସୁନୀଲ ପ୍ରଧାନ ଓ ଶ୍ରମିକ ପ୍ରତିନିଧିମାନେ ଘଟଣା ସ୍ଥଳରେ ପହଞ୍ଚି ମୃତ ଛବିଳ ପରିଡାଙ୍କ ପରିବାରକୁ କ୍ଷତିପୂରଣ ଓ ନିଯୁକ୍ତି ଯୋଗାଇ ଦେବାକୁ ଦାବି କରିଥିଲେ । ତ୍ରିପାକ୍ଷିକ ଚୁକ୍ତି ମୁତାବକ ଆର୍ଥିକ ସହାୟତା ୧୩ ଲକ୍ଷ ଟଙ୍କା ଓ ତାଙ୍କ ପରିବାରରୁ ଜଣଙ୍କୁ ମେଣ୍ଟେନାନ୍ସ କାମରେ ନିଯୁକ୍ତି ପ୍ରଦାନ କରିବେ ବୋଲି ଏନଟିପିସି ମ୍ୟାନେଜମେଣ୍ଟ, ଠିକାଦାର, ଆସୋସିଏସନର କର୍ମକର୍ତ୍ତା, ୟୁନିୟନ କର୍ମକର୍ତ୍ତା ଓ ସରପଞ୍ଚଙ୍କ ଉପସ୍ଥିତିରେ ସଂପୃକ୍ତ କଣ୍ଟ୍ରାକ୍ଟର ଓ ମୃତକଙ୍କ ପରିବାରବର୍ଗଙ୍କ ମଧ୍ୟରେ ଲିଖିତ ରାଜିନାମା ହୋଇଥିଲା । ପରେ ଶୁଦ୍ଧିକ୍ରିୟା ପାଇଁ ଉପରୋକ୍ତ ଆର୍ଥିକ ସହାୟତାରୁ ନଗଦ ଏକ ଲକ୍ଷ ଟଙ୍କା ତାଙ୍କ ପୁଅଙ୍କୁ ପ୍ରଦାନ କରାଯାଇଥିଲା । ଏନଟିପିସି ଟାଉନ ଥାନା ଆଇଆଇସି ଘଟଣା ସ୍ଥଳରେ ପହଞ୍ଚି ଏକ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି ।

# ନିମାପଡାରେ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାହା ପାଇଁ ?

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ସହରାଞ୍ଚଳରେ ଆୟୁଷ୍ମାନ ସେବା ଆରୋଗ୍ୟ ମନ୍ଦିର ଉଦ୍‌ଘାଟନ ହୋଇଥିବା ବେଳେ ଏଠାରେ ଡାକ୍ତର ନିଯୁକ୍ତି ପାଇନାହାଁନ୍ତି । କିପରି ସହରାଞ୍ଚଳ ଲୋକମାନଙ୍କର ସ୍ୱାସ୍ଥ୍ୟସେବା ଚାଲିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସହର ଭିତରେ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ଏଠାରେ ରୋଗୀ ଚିକିତ୍ସା ପ୍ରହସନ ପାଲଟିଛି । ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମହାବୀର କଲୋନୀ ଏକ କିଲୋମିଟର ରାସ୍ତା ହୋଇଥିବା ବେଳେ ପୁଣି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା କେଉଁଠି ନା କେଉଁଠି ଅଡୁଆ ସୃଷ୍ଟି କରୁଛି । ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ପ୍ରହସନ ପାଲଟିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସରକାରୀ କ୍ୱାର୍ଟର ପାଲଟିଛି ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର । ଏଠାରେ ରୋଗୀଙ୍କଠାରୁ ଅର୍ଥ ଆଦାୟ ହେଉଥିବା ବେଳେ ଏହି ଘଟଣାର ତଦନ୍ତ ନସୁରୁଣୁ ପୁଣି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ହାସ୍ୟାସ୍ପଦ । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ମହାବୀର କଲୋନୀରେ ସହରାଞ୍ଚଳ ଆୟୁଷ୍ମାନ ସେବା ଆରୋଗ୍ୟ ମନ୍ଦିର ଖୋଲାଯାଇଛି । ଏହି ମନ୍ଦିର ଉଦ୍‌ଘାଟନ ସରିଥିବା ବେଳେ ଏଠାରେ ସନ୍ଧ୍ୟା ୬ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ଦୁଇଘଂଟା ପାଇଁ ଜଣେ ଡାକ୍ତର ନିର୍ଦ୍ଦେଶ ରହିଛି । ମାତ୍ର ଆରୋଗ୍ୟ ମନ୍ଦିର ଖୋଲିବା ଦୁଇଦିନ ବିତିଯାଇଥିବା ବେଳେ ଏଠାରେ ଡାକ୍ତରଙ୍କ ଦେଖା ନାହିଁ । ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ବଢିବାରେ ଲାଗିଛି । ସହରାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହୋଇଥିବା ବେଳେ ଏହା ନାମକୁ ମାତ୍ର ହୋଇଛି । ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଫେରୁଥିବା ବେଳେ ପୌରପରିଷଦ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩କିମି ବ୍ୟବଧାନରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ହୋଇଥିଲେ ସାମାନ୍ୟ କିଛି ରୋଗୀ ସନ୍ଧ୍ୟା ସମୟରେ ଚିକିତ୍ସା ହୋଇପାରିଥାନ୍ତେ । ମାତ୍ର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅଳ୍ପ ବ୍ୟବଧାନରେ ଆରୋଗ୍ୟ ମନ୍ଦିର ଖୋଲାଯାଇଥିବା ବେଳେ ନୁହାରକିରୀ, କିଆକଂଟା, ତଳଅଣ୍ଡିଆ, ପାଟପୁର, ଅଣ୍ଡିଆସାହି ଅଞ୍ଚଳର ରୋଗୀମାନେ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନଯାଇ ଏହି ଆରୋଗ୍ୟ ମନ୍ଦିରକୁ କଣ ପାଇଁ ଯିବେ ବୋଲି ପ୍ରଶ୍ନ କରିଛନ୍ତି । ସରକାର ଅର୍ଥ ବିନିଯୋଗ କରି ଆରୋଗ୍ୟ ମନ୍ଦିର ଖୋଲିଥିବା ବେଳେ ତାହା କେତେଦୂର ଜନହିତରେ ଲାଗୁଛି, ତାହାକୁ ଦେଖିବା ପାଇଁ ଜନସାଧାରଣ ଅପେକ୍ଷା କରି ରହିଛନ୍ତି ।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ଭାପୁର(ଭାସ୍କର ନ୍ୟୁଜ): ଭାପୁର ବ୍ଲକ ଅନ୍ତର୍ଗତ ପଠାଣି ସାମନ୍ତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଜାମୁସାହି ଗ୍ରାମର ଯୁକ୍ତ ଦୁଇ ଶ୍ରେଣୀର ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ବାପା ଫତେଗଡ ଥାନରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ ଏକ କେସ ନଂ ୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବେଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ଥାନା ଉପ ନିରୀକ୍ଷକ ଅଶୋକ କୁମାର ଜେନାଙ୍କ ଠାରୁ ପ୍ରକାଶ। ପୋଲିସ ସୁତ୍ରରୁ ପ୍ରକାଶ, ଭାପୁର ବ୍ଲକ ବଡସହରା ପଞ୍ଚାୟତ ଜାମୁସାହି ଗ୍ରାମର ବଳରାମ ସାହୁଙ୍କ ସାନ ଝିଅ ପାପାଲି ସାହୁ (୧୭) ଶୁକ୍ରବାର କୌଣସି କାରଣରୁ ଶୋଇବା ଘର ପଙ୍ଖାରେ ବେକରେ ଲୁଗା ଲଗାଇ ଝୁଲି ପଡିଥିଲା। ପରିବାର ପକ୍ଷରୁ ଝିଅକୁ ଡାକିବାରେ ଝିଅ କିଛି ଉତ୍ତର ନଦେବାରୁ ପରିବାର ଲୋକ କବାଟ ଭାଙ୍ଗିବା ପରେ ଝିଅ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ।

## ୩ଦିନିଆ ତେଲେଙ୍ଗାପେଣ୍ଠ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ



ଫୁଲନଖରା(ଭାସ୍କର ନ୍ୟୁଜ): ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ଗାନ୍ଧି ସ୍ମୃତି ପୀଠରେ ଚାଲିଥିବା ପଲ୍ଲିଶ୍ରୀ ମେଳାର ଆଜି ଥିଲା ତୃତୀୟ ଦିନ ତଥା ଉଦଯାପନୀ ଦିବସ । ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ରୂପେ ନିଆଳି ବିଧାୟକ ଛବି ମଲ୍ଲିକ, କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ ଯୋଗଦେଇ ସମସ୍ତେ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ, ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ୫୮ ନମ୍ବର ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ଉପସ୍ଥିତ ଥିଲେ । ସଭାରେ ଅଞ୍ଚଳର ମୁରବି ଓ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୂଆଗଡ଼ ଗ୍ରାମ୍ୟ କମିଟି ପକ୍ଷରୁ ଉପସ୍ଥିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସିଏମସି ଯୁଗ୍ମ ଆୟୁକ୍ତ ଡ଼ଃ ଇପସିତା ମିଶ୍ର, ବିଧାୟକଙ୍କ ପ୍ରତିନିଧି ସ୍ୱାଧିନଚେତା ମହାନ୍ତି, ଗୋପାଳପୁର ମଣ୍ଡଳ ସଭାପତି ନିହାର ରଂଜନ ପଣ୍ଡା, ପ୍ରସନ୍ନ ପ୍ରଧାନ, ପ୍ରମୋଦ ବେହେରା, ଅଶୋକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ପ୍ରଶାନ୍ତ ଦଳାଇ, ବିଚିତ୍ରାନନ୍ଦ ଦଳାଇ, ବଦ୍ରିନାରାୟଣ ପଟ୍ଟନାୟକ, ବିକ୍ରମ ଶତପଥୀ, ଅନିଲ ବେଉରା, ପ୍ରମୋଦ ସ୍ୱାଇଁ ପ୍ରମୁଖ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ କଣ୍ଠରୁ ଗୀତ ଶୁଣିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ଦେଖି ମେଳାରୁ ବିଭିନ୍ନ ପ୍ରକାର ଗୃହ ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା ।

# ରାଜ୍ୟରେ ଶୀତ କମୁଛି, ଖରା ବଢୁଛି: ଏ ବର୍ଷ ନିର୍ଘାତ ଖରା

କେନ୍ଦୁଝର(ଭାସ୍କର ନ୍ୟୁଜ): ଏବେ ଠାରୁ ପାରଦ ଉପରମୁହାଁ ହେଲାଣି। ଫେବୃଆରୀ ମାସ ଆରମ୍ଭରୁ ଅସ୍ୱାଭାବିକ ଗରମ। ପାରଦ ୩୨ ଡିଗ୍ରୀ ସେଲସିୟସ୍ ପାର କଲାଣି। ଏଇତ ଆରମ୍ଭ, ଆଗକୁ ଆସୁଛି ଭୟଙ୍କର ଗ୍ରୀଷ୍ମ ପ୍ରବାହ। ଛଟପଟ କରିଦେବ ଜନଜୀବନକୁ। ସାରା ଓଡିଶା ଜଳିବ ବୋଲି ପୂର୍ବାନୁମାନ କରିଛନ୍ତି ଆନ୍ତର୍ଜାତିକ ପାଣିପାଗ ସଂସ୍ଥା। ଗତବର୍ଷ ତୁଳନାରେ ଏ ବର୍ଷ ଅଧିକ ଗରମ ଅନୁଭୂତ ହେବ। ରାତି ତାପମାତ୍ରା ବଢିଲାଣି। ଏମିତିକି ବିନା ପଙ୍ଖାରେ ରାତିରେ ଶୋଇବା ଏବେ କଷ୍ଟକର ହେଲାଣି। ଦିନ ଥିଲା କମ୍ବଳ ଘୋଡେଇ ନହେଲେ ରାତି କଟୁନଥିଲା କି ଜ୍ୟାକେଟ ନ ପିନ୍ଧିଲେ ଦନରେ ପଦାକୁ ବାହାରି ହେଉନଥିଲା। କିନ୍ତୁ ବର୍ତ୍ତମାନ ଆଉ ସେ ସ୍ଥିତି ନାହିଁ। ଗତ ୨ ଦିନ ଧରି ହଠାତ୍ ଶୀତ ଗାଏବ ହେବା ପରେ ରାତି ଫ୍ୟାନ ଦେଇ ଶୋଇବାକୁ ପଡୁଛି। ଖାଲି ସେତିକି ନୁହେଁ ଦିନରେ ବି ପଦାକୁ ବାହାରିଲେ ଖରା କଷ୍ଟ ଦେଉଛି। ଜାନୁୟାରୀ ମାସ ୨୬ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୬.୧ ଥିବାବେଳେ ସବାଧିକ ତାପମାତ୍ରା ୨୭.୫ ଡିଗ୍ରୀ ସେଲସିୟସ୍ ରହିଛି। ୨୭ ତାରିଖରେ ୧୧.୨ ଥିବାବେଳେ ସର୍ବାଧିକ ୨୭.୭ ଡିଗ୍ରୀ ସେଲସିୟସ,୨୮ ତାରିଖରେ ୧୧.୩ ଥିବାବେଳେ ସର୍ବାଧିକ ୨୮.୪ ଡିଗ୍ରୀ ସେଲସିୟସ, ୨୯ ତାରିଖରେ ସର୍ବନିମ୍ନ ୧୪.୬ ଥିବାବେଳେ ସର୍ବାଧିକ ୨୮.୩ ଡିଗ୍ରୀ ସେଲସିୟସ,୩୦ ତାରିଖରେ ସର୍ବନିମ୍ନ ୧୪.୪ ଥିବାବେଳେ ସର୍ବାଧିକ ୨୯.୩ ଡିଗ୍ରୀ ସେଲସିୟସ,୩୧ ତାରିଖରେ ସର୍ବନିମ୍ନ ୧୮.୦ ଥିବାବେଳେ ସର୍ବାଧିକ ୩୧.୪ ଡିଗ୍ରୀ ସେଲସିୟସ ରହିଛି। ଫେବୃଆରୀ ମାସ ୧ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୮.୬ ଡିଗ୍ରୀ ସେଲସିୟସ୍ ଥିବାବେଳ ସର୍ବାଧିକ ଦିନର ତାପମାତ୍ରା ୩୧.୩ ଡିଗ୍ରୀ ସେଲସିୟସ ରହିଛି। ଫେବୃଆରୀ ମାସ ୨ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୮.୨ ଡିଗ୍ରୀ ସେଲସିୟସ ଥିବାବେଳ ସର୍ବାଧିକ ଦିନର ତାପମାତ୍ରା ୩୨.୨ ଡିଗ୍ରୀ ସେଲସିୟସ ରହିଛି। ଫେବୃଆରୀ ମାସ ଆରମ୍ଭରୁ ପାରଦ ୩୦ ଡିଗ୍ରୀ ଅତିକ୍ରମ କରିଥିବାରୁ ଆଗାମି ଦିନରେ ଭୟଙ୍କର ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ମାର୍ଚ୍ଚ ମାସରେ ଦିନର ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀ ଅତିକ୍ରମ କରୁଥିବାବେଳେ ଏବେ ଫେବୃଆରୀ ମାସରେ ଦିନର ତାପମାତ୍ରା ଏହାକୁ ଅତିକ୍ରମ କରିଛି। ଏକଦା ଶୀତଳ ପରିବେଶ, ଥଣ୍ଡା ଜଳବାୟୁ ପାଇଁ ପରିଚିତ କେନ୍ଦୁଝର ଜିଲ୍ଲା ଏବେ ରାଜ୍ୟର ଅନ୍ୟତମ ଉତ୍ତପ୍ତ ସହର ଭାବେ ଗଣାଯାଉଛି। କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ବଢୁଛି ତାତି। ବେପରୁଆ ଖଣିଜସଂପଦ ଖନନ ଯୋଗୁଁ ବ୍ୟାପକ ଜଙ୍ଗଲ କ୍ଷୟ, ପୋଡୁ ଚାଷ, ବ୍ୟାପକ ଜଙ୍ଗଲକ୍ଷୟ, ଜଙ୍ଗଲ ନିଆଁ, ଜାତୀୟ ରାଜପଥ ଏବଂ ଟ୍ରେନ ଲାଇନ ପ୍ରଶସ୍ତିକରଣ ପାଇଁ ଜଙ୍ଗଲ ନଷ୍ଟ, ସ୍ଲରି ପାଇପ ଲାଇନ ଏବଂ କାନପୁର କେନାଲ ପାଇଁ ହଜାର ହଜାର ଗଛ କଟାଚାଲିଛି। ଯେତିକି ପରିମାଣର ଗଛ କଟୁଛି ସେହି ପରିମାଣର ନୂତନ ଜଙ୍ଗଲ ସୃଷ୍ଟି କରିବାରେ ବନ ବିଭାଗର ଫେଲ ମାରଛି। ପ୍ରତିବର୍ଷ କାମ୍ପା ଅନୁଦାନରେ ଶହ ଶହ ଏକର ନୂତନ ଜଙ୍ଗଲ ସୃଷ୍ଟି କରାଯାଉଥିବା ବେଳେ ସେଥିରୁ ୩୦ ପ୍ରତିଶତ ଗଛ ବଞ୍ଚୁନାହିଁ। ବ୍ୟାପକ ଜଙ୍ଗଲକ୍ଷୟ ଯୋଗୁଁ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। କଳକାରଖାନା ବନୀକରଣ ପ୍ରତି ଗୁରୁତ୍ୱ ଦିଆନଥିବାରୁ ଜଳବାୟୁ ପ୍ରଦୂଷଣ ସହ ଉତ୍ତାପ ବଢୁଛି। ଫଳରେ ନଦୀନାଳ ଶୁଖି ଯିବା ଜିଲ୍ଲାରେ ବର୍ଷା ପରିମାଣ ମଧ୍ୟ କମୁଛି। କେନ୍ଦୁଝର ଜିଲ୍ଲାରେ ଥିବା ବିସ୍ତୀର୍ଣ୍ଣ ଜଙ୍ଗଲ ନଷ୍ଟ, କଂକ୍ରିଟ ଜଙ୍ଗଲ ଯୋଗୁଁ ଚଳିତ ବର୍ଷ ତାପମାତ୍ରା ବୃଦ୍ଧି ପାଉଥିବା ଲୋକମାନେ କହୁଛନ୍ତି। ତେଲକୋଇ, ବିଜେପି ରେଞ୍ଜ ଏବଂ ଘଟଗାଁ ରେଞ୍ଜରେ ଘଞ୍ଚ ଜଙ୍ଗଲ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଜଳବାୟୁ ଉପରେ ପ୍ରଭାବ ପଡିଛି। ଜଙ୍ଗଲରେ ଥିବା ୟୁକାଲିପଟାସ୍ ଏବଂ ଆକାଶିଆ କାଟିବାକୁ ବନ ବିଭାଗ ଅନୁମତି ଦେଉଥିବାରୁ ମାଫିଆ ସକ୍ରୀୟ ହୋଇ ବନ ସୁରକ୍ଷା ସମିତି ମାଧ୍ୟମରେ ହଜାର ହଜାର ଗଛ କାଟି ନେଇ ବାହାର ରାଜ୍ୟରେ ବିକ୍ରୀ କରୁଛନ୍ତି। କେନ୍ଦୁଝରରେ ଥିବା ଜଙ୍ଗଲ ସମ୍ପଦର ସୁରକ୍ଷା ସହ ବ୍ୟାପକ ବନୀକରଣ ଉପରେ ସରକାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ହୋଇଛି।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବନସ୍ଥା ରାଜକିଶୋର ଗ୍ରାମ୍ୟମଙ୍ଗଳ ଉଚ୍ଚ ବିଦ୍ୟାପୀଠର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଭଦ୍ରକ ଜିଲ୍ଲା ଓଷ୍ଟା ସଭାପତି ଶଶିଶେଖର କରଶର୍ମା ଉଦ୍‌ଘାଟନ କରିଥିଲେ। ଏଥିରେ ମଣ୍ଡଳ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଣିତକାନ୍ତି ସାମଲ ମୁଖ୍ୟବକ୍ତା ଓ ପାଣିକୋଇଲି ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ମାନସ ରଞ୍ଜନ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶ, ମନୋରଞ୍ଜନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ବଦ୍ରୀନାରାୟଣ ରାଉତ, ଶିକ୍ଷାସଂଯୋଜକ ଦୁର୍ଗାପ୍ରସାଦ ମାର୍ଥା, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ବିଶ୍ୱାଳ, ଯଦୁମଣୀ ବେହେରା, ଗୋଲକ ଚନ୍ଦ୍ର ନାୟକ, ପୂର୍ବତନ ସମ୍ପାଦକ ନଟବର ପଣ୍ଡା ଓ ଜଗତ ରଂଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧୈର୍ଯ୍ୟ, ସହନଶୀଳତା ଓ ନିଷ୍ଠାପର ଭଳି ସୁଗୁଣର ଅଧିକାରୀ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରହ୍ମାନନ୍ଦ ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଆଇଇଡି ପୋତିଥିବା ନକ୍ସଲ ଗିରଫ, ବିସ୍ଫୋରକ ଜବତ



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ସୀମାନ୍ତ ସୁକୁମା ଜିଲ୍ଲାରେ ନକ୍ସଲ ନିପାତ ଅଭିଯାନ ଚାଲିଛି, ଏହି ପରିପ୍ରେକ୍ଷୀରେ, ପୋଲାମପାଲି ପୋଲିସ ଅଧୀନରେ ଦୋର୍ନାପାଲ-ଜାଗରଗୁଣ୍ଡା ରାସ୍ତାର ଗୋରଗୁଣ୍ଡା-ପୋଲାମପାଲି ମଧ୍ୟରେ ଥିବା ଡବ୍ଲ୍ୟୁ ବ୍ରିଜ୍ ନିକଟରେ ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ନକ୍ସଲମାନେ ୫ କିଲୋଗ୍ରାମର ଗୋଟାଏ ଆଇଇଡି ପୋତାଯାଇଥିଲା। ଯାହାକୁ ସୁରକ୍ଷା ବାହିନୀର ଜ୍ଞାନ ସହିତ ଉଦ୍ଧାର କରାଯାଇଥିଲା ଏବଂ ସୁରକ୍ଷା ଉଦ୍ଦେଶ୍ୟରେ ରଖାଯାଇଥିଲା। ଉକ୍ତ ଘଟଣା ସମ୍ପର୍କରେ, ପୋଲାମପାଲି ଥାନାରେ ଅପରାଧ ନମ୍ବର ୦୨/୨୦୨୫ ଧାରା ୬୧ ବିଏନ୍‌ଏସ୍ ୪, ୫ ବିସ୍ଫୋରକ ପଦାର୍ଥ ଆଇନ ଅନୁଯାୟୀ ଏକ ଅପରାଧ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ମାମଲାର ତଦନ୍ତ ସମୟରେ, ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ସଘନ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ତଲାସୀ ଅଭିଯାନ ସମୟରେ, ପୋଲାମପାଲି ପୋଲିସ ଷ୍ଟେସନର ଇନ୍ସପେକ୍ଟର ବୀରେନ୍ଦ୍ର ସିଂହଙ୍କ ସହିତ ୧୪ ଜଣଙ୍କ ଏକ ମିଳିତ ଦଳ ଯାଇଥିଲେ ନକ୍ସଲ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ମୋଟରସାଇକେଲରେ ଆରଲାମପାଲି ଏବଂ ଆଖପାଖ ଅଞ୍ଚଳକୁ ଯାଇଥିଲେ। ଅପରେସନ୍ ସମୟରେ, ଆରଲାମପାଲି ଯାଉଥିବା ରାସ୍ତାରେ ଜଙ୍ଗଲ ନାଳ ନିକଟରେ, ଜଣେ ସନ୍ଦିଗ୍ଧ ବ୍ୟକ୍ତି ପୋଲିସ ଦଳକୁ ଦେଖି ଜଙ୍ଗଲ ଆଡକୁ ଦୌଡ଼ୁଥିଲେ, ଯିଏ ପଚରାଉଚରା କରିବାରୁ ତାଙ୍କ ନାମ ମାଡକାମ ସୁକ୍କା ପିତା ପୋଜା (ଆରଲାମପାଲି ଆରପିସି ମିଲିସିଆ ସଦସ୍ୟ) ଆରଲାମପାଲି କୁମ୍ଭୋପାରାର ବାସିନ୍ଦା ବୋଲି କହିଥିଲେ। ପୋଲିସ ଷ୍ଟେସନ ପୋଲାମପାଲି ଜିଲ୍ଲା ସୁକମା ଏବଂ ପଶ୍ଚିମ ଏହା କୁହାଯାଉଛି ଯେ ଅଭିଯୁକ୍ତମାନେ ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ସେତୁରେ ଆଇଇଡି ଲଗାଇଥିଲେ। ଅଭିଯୁକ୍ତଙ୍କ ପାଖରେ ଆଇ.ଇ.ଡିରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖାଯାଇଥିଲା, ଯେଉଁଥିରେ ୨ଟି ଇଲେକ୍ଟ୍ରିକ୍ ଡେଟୋନେଟର ମଧ୍ୟ ସାମିଲ ଥିଲା, ୨ଟି ଜିଲାଟିନ୍ ରଡ୍, ପ୍ରାୟ ୫ ମିଟର କର୍ଡେକ୍ସ ତାର, ପ୍ରାୟ ୫ ମିଟର ବୈଦ୍ୟୁତିକ ତାର। ତାରଟି ଉଦ୍ଧାର କରାଯାଇଥିଲା। ସନ୍ଦିଗ୍ଧ ବ୍ୟକ୍ତି ବେଆଇନ କାର୍ଯ୍ୟକଳାପରେ ଜଡିତ ଥିବା ଜଣାପଡିବାରୁ, ପୋଲାମପାଲି ପୋଲିସ ଷ୍ଟେସନରେ ଅପରାଧ ନଂ ୨/୨୦୨୫, ଧାରା ୬୧ ବିଏନ୍‌ଏସ୍ ୪, ୫, ଭିପି ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ୧ ଫେବୃଆରୀ ୨୦୨୫ରେ ବିଧିବଦ୍ଧ ଭାବରେ ଗିରଫ କରାଯାଇଥିଲା। ମାନ୍ୟବର କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ରିମାଣ୍ଡରେ ଜେଲକୁ ପଠାଯାଇଥିଲା। ଉକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ, ମାନ୍ୟବର କୋର୍ଟ ପୋଲାମପାଲି ପୋଲିସ ଷ୍ଟେସନର ଅପରାଧ ନମ୍ବର ଅନୁଯାୟୀ ମାମଲା ରୁଜୁ କରିଛନ୍ତି। ୧/୨୦୧୯ ଧାରା ୧୪୭, ୧୪୮, ୧୪୯, ୩୦୭, ଆଇପିସି ୨୫, ୨୭ ଅସ୍ତ୍ରଶସ୍ତ୍ର ଆଇନ ଏବଂ ୧/୨୦୨୦ ଧାରା ୧୪୭, ୧୪୮, ୧୪୯, ୩୦୭, ଆଇପିସି। ୨୫, ୨୭ ଅସ୍ତ୍ରଶସ୍ତ୍ର ଆଇନ ୩, ୫ ଭି.ପି.ଆଇନ୍। ଏହି ମାମଲାରେ, ୨ଟି ସ୍ଥାୟୀ ୱାରେଣ୍ଟ ଜାରି କରାଯାଇଛି।

# ମଣ୍ଡିରୁ ଉଠୁନି ଧାନ

## ମୁଖ୍ୟ ରାସ୍ତାରେ ଧାନ ରଖି ଚାଷୀଙ୍କ ବିକ୍ଷୋଭ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଚାଷୀ ମଣ୍ଡିରେ ଧାନ ଦେଇ ୨୫ରୁ ଊର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ସୁଦ୍ଧା ଏଯାଏ ମଣ୍ଡିରୁ ଧାନ ଉଠୁନି । ଟୋକନ ଲ୍ୟାପ୍‌ସ ହେବା ଆଶଙ୍କାରେ ଆଜି ମୁଖ୍ୟରାସ୍ତା ଉପରେ ଧାନ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଶତାଧିକ ଚାଷୀ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ସଦର ମହକୁମାରେ। ସୂଚନା ପ୍ରକାରେ ଆଜକୁ ପ୍ରାୟ ୨୫ଦିନ ତଳେ କୋଷାଗୁମୁଡା ଅଂଚଳର ଚାଷୀମାନେ କୋଷାଗୁମୁଡା ମଣ୍ଡିରେ ଧାନ ଦେଇଥିଲେ। ହେଲେ ଅନେକ ଦିନ ବିତିଯିବା ପରେ ମଧ୍ୟ ମଣ୍ଡିରୁ ଧାନ ଉଠିନି। ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ବ୍ଲକର ଶତାଧିକ ଚାଷୀ କୋଷାଗୁମୁଡା ବ୍ଲକ ସଦର ମହକୁମାର ମୁଖ୍ୟରାସ୍ତା ଉପରେ ଧାନବସ୍ତା ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାସ୍ତା ଉପରେ ଧାନ ପଡି ରହିବା ଯୋଗୁଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି।

# ହିତାଧିକାରୀଙ୍କୁ ପରିଚୟପତ୍ର ଓ ସହାୟତା ବିତରଣ କାର୍ଯ୍ୟକ୍ରମ



ବରଗଡ଼(ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ବରଗଡର ମିଳିତ ଆନୁକୂଲ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ (ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା) ଅଧୀନରେ ହିତାଧିକାରୀଙ୍କୁ ପରିଚୟ ପତ୍ର ଏବଂ ବିଭିନ୍ନ ସହାୟତା ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସସ୍ମିତା ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ, (ପ୍ରବର୍ତ୍ତନ) ପରିଚାଳନା କରିଥିବା ବେଳେ ମାନଭଞ୍ଜନ ପଧାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ବରଗଡ଼, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକରଣ, ନବୀକରଣ ଓ ବିଭିନ୍ନ ସହାୟତା ପାଇଁ ଅନ୍‌ଲାଇନ୍ ଆବେଦନ ସମ୍ପର୍କରେ ବୁଝାଇ ଥିଲେ। ଶେଷରେ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଯଶୋବନ୍ତ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟକି, ଉକ୍ତ କାର୍ଯ୍ୟକ୍ରମରେ ୩୮୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ଟ.୪,୫୨,୩୮,୪୦୦/- ଙ୍କା ଏବଂ ନୂତନ ଭାବରେ ପଞ୍ଜିକୃତ ହୋଇଥିବା ୧୦୦ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା। ତତ୍‌ସହିତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଯୁଗ୍ମ ଶ୍ରମ କାର୍ଯ୍ୟାଳୟର ସମସ୍ତ ସହକାରୀ ଶ୍ରମ ଅଧିକାରୀ ମିସ୍ ତାନିଆ ଠାକୁର, ଗୋବିନ୍ଦ ମେହେର, କେଦାର ସିଂହ ବରିହା, ଘନଶ୍ୟାମ ମହନ୍ତ, ଅରବିନ୍ଦ ହାତୀ ବୃନ୍ଦ, ଚିନ୍ମୟ ରଞ୍ଜନ ବିଶ୍ୱାଳ (ମଙ୍ଗଳ ସଂଯୋଜକ), ଜଗନ୍ନାଥ ଷଡ଼ଙ୍ଗୀ, ନିତ୍ୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଲହୁଣୀପଡା (ଭାସ୍କର ନ୍ୟୁଜ୍): କେବଲାଙ୍ଗ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଆରଟିଓ, ଏମ୍‌ଭିଆଇ, ରକ୍ସି ସରପଞ୍ଚ ଆନନ୍ଦ ମାସୀ ହରୋ, ଜାମୁଡିହି ସରପଞ୍ଚ ନେଲସନ ମୁଣ୍ଡା ଯୋଗ ଦେଇଥିଲେ। ପ୍ରଥମେ ଜାମୁଡିହି ଟୋଲ ପ୍ଲାଜାରୁ ଏକ ବାଇକ ଶୋଭାଯାତ୍ରା ବାହାରି ରକ୍ସି ଷ୍ଟାଡିୟମରେ ପହଞ୍ଚି ଥିଲା ଏବଂ କେବଲାଙ୍ଗ ଥାନା ଅଧିକାରୀ ଅଶୋକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅତିଥିମାନେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଦୁବରାଜ ମାହାନ୍ତଙ୍କ ରଚିତ ନାଟିକା 'ଯମରାଇଜରୁ ଚିଠି ଆସିଛି' ବିମଳାଗଡ଼ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗୋପନା ଶିଶୁ ସଂସ୍କାର ମନ୍ଦିରର ଛାତ୍ରଛାତ୍ରୀ ଓ ପୋଲିସ କର୍ମଚାରୀ ମଞ୍ଚସ୍ଥ କରିଥିଲେ ଏବଂ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ କରାଯାଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏକ ମାଗଣା ସ୍ୱାସ୍ଥ୍ୟ ଶିବିରରେ ବହୁ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇଥିଲେ ବୋଲି ଜଣାପଡିଛି।

# ନିଖୋଜ ଶିକ୍ଷକଙ୍କ ମୃତଦେହ ଠାବ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳ ଥାନା ଅଧୀନସ୍ଥ ପୁସୁଗୁଡ଼ା ଚେକ୍‌ଡ୍ୟାମ୍‌ରୁ ନିଖୋଜ ଥିବା ଜଣେ ଶିକ୍ଷକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ କାଲିମେଳା ବିବେକାନନ୍ଦ କଲୋନି ବାସିନ୍ଦା ହାରାନ ମଣ୍ଡଳ। ତାଙ୍କ ପ୍ରକୃତ ଘର ମାନ୍ୟମକୋଣ୍ଡା ପଞ୍ଚାୟତ ଅଧୀନସ୍ତ ଏମ୍‌ପିଭି ୪୨ ଗ୍ରାମରେ। ଦୀର୍ଘବର୍ଷ ଧରି କାଲିମେଳାରେ ରହି ଏମ୍‌ଭି ୭୬ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ସୂଚନାନୁଯାୟୀ, ଶିକ୍ଷକ ଜଣକ ଡିସେମ୍ବର ୨୯ ରାତି ୧୧ଟା ବେଳକୁ କେଉଁଆଡ଼େ ଚାଲିଯାଇ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଏନେଇ ପରିବାର ଲୋକେ କାଲିମେଳା ଥାନାରେ ନିଖୋଜ ହୋଇଥିବା ନେଇ ଶୁକ୍ରବାର ଦିନ ଏକ ମାମଲା ଦର୍ଜ୍ କରିଥିଲେ। ଶନିବାର ଦିନ ଶିକ୍ଷକ ହାରାନଙ୍କ ମୃତଦେହ ପାଣିରେ ଭାସୁଥିବା କେତେଜଣ ଲୋକ ଦେଖି ପୋଲିସକୁ ଜଣାଇଥିଲେ। ଥାନାଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏବଂ ସାଇଣ୍ଟିଫିକ ଟିମ୍‌ର କର୍ମଚାରୀ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

# ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିରାଣୀ ବିଶ୍ୱାସ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ମୁଖ୍ୟବକ୍ତା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାଶ, ସମ୍ମାନୀତ ଅତିଥି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ସଏ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସ୍ୱାଧାର ଗୃହ ଅଧିକ୍ଷକ ଚକ୍ରପାଣି ସାହୁ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ଛାତ୍ରଛାତ୍ରୀ ପଢ଼ିବାରେ ଧ୍ୟାନ ଦେବା ସଙ୍ଗେ ସଙ୍ଗେ କ୍ରୀଡ଼ା, ନୃତ୍ୟ, ସଂଗୀତ, ନାଟକ ପ୍ରଭୁତିରେ ଧ୍ୟାନ ଦେବା ଉଚିତ୍ ଏବଂ ଅଭିବାବକମାନେ ନିଜର ପିଲା ବିଦ୍ୟାଳୟରେ ପ୍ରତିଦିନ କ'ଣ ପଢ଼ିଲେ ତଦାରଖ କରିପାରିଲେ ଶିକ୍ଷାରେ ଉନ୍ନତି ହୋଇପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ଗଳ୍ପ ଓ ନୀତିଶିକ୍ଷା ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ସିନିୟର ବାଳିକା ଚାମ୍ପିୟନ ଜମୁନା ପଡ଼ିଆମୀ, ସିନିୟର ବାଳକ ଚାମ୍ପିଅନ୍ ମୁକା ମାଡକାମୀ, ଜୁନିଅର ବାଳିକା ଚାମ୍ପିଅନ୍ ଅଳକା ଦେବନାଥ, ଜୁନିଅର ବାଳକ ଚାମ୍ପିଅନ୍ ପ୍ରହଲ୍ଲାଦ ବୁରୁଡ଼ି ଓ ଅନ୍ୟାନ୍ୟ ୬୦ଜଣ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରି ଥିଲେ। ଶେଷରେ ନାଟକ, ନୃତ୍ୟ, ଗୀତ ପ୍ରଭୃତି ପ୍ରଦର୍ଶନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବିଷ୍ଣୁ ପ୍ରସାଦ ସୁବୁଦ୍ଧି ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ସ୍ମୃତିକା ସୁକୁଲ, ସନ୍ତୁଷ୍ଟା ପୁଷ୍ଟି, ରୋଜାଲିନ୍ ମିଶ୍ର, କ୍ରୀଡ଼ା ଦାୟିତ୍ୱରେ ନୀହାରି ରଞ୍ଜନ ଚୌଧୁରୀ, ଶିବ ମୋହନ ପଣ୍ଡା, ରୀତାଞ୍ଜଳି ସାମଲ, ଇସାନୀ ଶତପଥୀ, ଅନୀତା ସାହୁ, ମଞ୍ଜସଜା ଶଙ୍କର ଚନ୍ଦ୍ର ମହାପାତ୍ର, ତନ୍ମୟ ମହାପାତ୍ର, ବିଶ୍ୱଜିତ ମହାନ୍ତି, ତ୍ରୈଲୋକ୍ୟ ହିରା, ନୃତ୍ୟ ନିର୍ଦ୍ଦେଶନା ସୋନାଲି ରାୟ, କିରଣବାଲା ରାଉତ, ସୁହାନୀ ସୁପ୍ରିୟା ବାଘ, ନିବେଦିତା ନାୟକ ଓ ଉଷାରାଣୀ ରାୟ ଥିଲେ। ଉପସ୍ଥିତ ଅତିଥି, ଅଭିଭାବକ, ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷୟିତ୍ରୀ ଏମ୍. ନନ୍ଦିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ରାୟଗଡ(ଭାସ୍କର ନ୍ୟୁଜ୍): ଆଜି ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଚେଷ୍ଟା ଅଭିଯାନ ମାଧ୍ୟମରେ ଶିଶୁମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ପାଇଁ ଥିବା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ଶିଶୁ ଶ୍ରମିକ ବିଲୋପ ଟାସ୍କ ଫୋର୍ସ, ବାଲ୍ୟ ବିବାହ ନିରାକରଣ ଓ କିଶୋର ସଶକ୍ତିକରଣ ଟାସ୍କ ଫୋର୍ସ କମିଟିର ତ୍ରୟ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂର୍ବରୁ ଚିହ୍ନଟ ହୋଇଥିବା ସ୍ୱତନ୍ତ୍ର ଯତ୍ନ ସୁବିଧା ଚାହୁଁଥିବା ଶିଶୁମାନଙ୍କୁ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଇ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଉପଯୁକ୍ତ ପରିବାରର ମୁଖ୍ୟମାନଙ୍କୁ କହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳ ପାରୁଲ ପଟାବରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ସହିତ ପ୍ରତ୍ୟେକ ଶିଶୁ କିପରି ସୁରକ୍ଷିତ ପରିବେଶ ଭିତରେ ରହିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ଯୋଗଦେଇ ପ୍ରତି ବ୍ଲକ ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମେଡିକାଲ ଅଧିକାରୀ, ଜାତି ସମାଜର ମୁଖ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଥାନା ଅଧିକାରୀ ଓ ହାଇସ୍କୁଲ ଛାତ୍ରଛାତ୍ରୀ, ଅଦ୍ୱିକା କ୍ଲବର ସଦସ୍ୟମାନଙ୍କୁ ନେଇ ମାନସିକ ସ୍ୱାସ୍ଥ୍ୟ ଶିଶୁ ଅଧିକାର ଓ ସେମାନଙ୍କ ସୁରକ୍ଷା ସହିତ ଶିଶୁ ଚାଲାଣ, ବାଲ୍ୟ ବିବାହ ସମସ୍ୟା ଗୁଡିକ ବିଷୟରେ ଆଲୋଚନା କରିବା ଆବଶ୍ୟକ ବୋଲି ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ମମତା ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁପ୍ରସାଦ ପାତ୍ର, ପ୍ରକଳ୍ପ ପ୍ରଶାସକ ରାୟଗଡ଼, ଚନ୍ଦ୍ରକାନ୍ତ ମାଝି ପ୍ରକଳ୍ପ ପ୍ରଶାସକ, ଗୁଣୁପୁର ଅଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କମ୍ ବୟସରେ ମାତୃତ୍ୱ ଓ ପୋକ୍ସ ଆଇନ, ଚାଲାଣ, ଆଇନ ଓ ବାଲ୍ୟ ବିବାହ ନିଷେଧ ଆଇନ ଗୁଡିକ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଶିଶୁ ଅଧିକାର, ଶିଶୁ ଚାଲାଣ, କମ୍ ବୟସରେ ବାହାଘର, ଶିଶୁ ଶ୍ରମିକ, ଅଧାରୁ ପାଠପଢା ଛାଡିବା, କନ୍ୟା ସନ୍ତାନର ସୁରକ୍ଷା ଭଳି ସମ୍ବେଦନଶୀଳ ବିଷୟଗୁଡିକ ଉପରେ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶିଶୁ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପଞ୍ଚାୟତ ବଜେଟରେ ବ୍ୟୟ ବରାଦ ଗ୍ରାମ ସଭାର ସଦସ୍ୟମାନଙ୍କୁ ବୁଝାଇବାକୁ ପଡିବ। ଯେଉଁ କିଶୋର କିଶୋରୀମାନେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଚାହୁଁଛନ୍ତି ସେମାନଙ୍କୁ ବ୍ଲକସ୍ତରରେ ଆୟୋଜିତ ହେଉଥିବା ପରାମର୍ଶ ଶିବିରରେ ଯୋଗ ଦେବା ଆବଶ୍ୟକ। ଏଥିପାଇଁ ବ୍ଲକ ସ୍ତରରେ ନିର୍ଦ୍ଦିଷ୍ଟ ତାରିଖ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥିର ହୋଇଥିବା କଥା ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଶ୍ରୀ ତତ୍ତ୍ୱମସି ମହାପାତ୍ର କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ବୈଠକକୁ ସ୍ୱାଗତ କରିଥିଲା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଓ ଆକ୍ସନଏଡର ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ଗତ ୩ ମାସର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶ୍ରମ ଅଧିକାରୀ ଅଭିନାଶ ସାହୁ, ବାବୁ ସାହୁ, ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରିୟଦର୍ଶିନୀ ମହାକୁଳ, ଜ୍ୟୋତ୍ସ୍ନାମୟୀ ପାଢ଼ୀ, ଜିଲ୍ଲା ସମଗ୍ର ଶିକ୍ଷାର ସଂଯୋଜକ ସୁରେନ୍ଦ୍ର ସାଠୁଆ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ନିରାକାର ପାଢ଼ୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଜିଲ୍ଲାର ସମସ୍ତ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ସମେତ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଲହୁଣୀପଡା(ଭାସ୍କର ନ୍ୟୁଜ୍): ଲହୁଣିପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୈତାରି ମାହାନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲହୁଣିପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବଙ୍କିରା ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ସରୋନିଆ ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରେବତୀ ମାହାନ୍ତ ଅଧକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପତି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅତିଥି ମାନଙ୍କୁ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ ସଙ୍ଗିତ ଗାଇ ସ୍ୱାଗତ କରିଥିବାବେଳେ ଅତିଥିମାନେ ବିଦ୍ୟାଦାତା ଗଣପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନଶିକ୍ଷକ ଦୈତାରି ମାହାନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଏକ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଉକ୍ତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଶିକ୍ଷକ ପ୍ରଶିକ୍ଷକର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନିଜେ ପ୍ରଧାନଶିକ୍ଷକ ଦୈତାରି ମାହାନ୍ତ ସମ୍ବର୍ଦ୍ଧିତ କରିବା ସହିତ ଗୁରୁପୂଜନ କରିଥିଲେ। ଶିକ୍ଷକତା ଆରମ୍ଭ କରିବା ଦିନ ଠାରୁ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ବହୁ ଘାତ ପ୍ରତିଘାତ ଓ ସାଉଁଟି ଥିବା ପ୍ରଶଂସାକୁ ଅଭିଜ୍ଞତା ମାଧ୍ୟମରେ ପ୍ରକାଶ କରିଥିବାବେଳେ ସେ ଜଣେ ଛାତ୍ରବତ୍ସଳ, ଦକ୍ଷ ଶିକ୍ଷକ ସଙ୍ଗଠକ, କଳା ପ୍ରିୟ, କର୍ତ୍ତବ୍ୟ ପରାୟଣ ଶିକ୍ଷକ ଭାବେ ସୁପରିଚିତ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିବା ସହିତ ଅବଶିଷ୍ଟ ଜୀବନ ସୁଖ ଶାନ୍ତି ସମୃଦ୍ଧିଶାଳୀ ହେଉ ବୋଲି ଭଗବାନ ନିକଟରେ ପ୍ରାର୍ଥନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଉପଢୌକନ ଉପହାର ମାନପତ୍ର ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାବେଳେ ପ୍ରଧାନଶିକ୍ଷକଙ୍କ ଶୁଭେଚ୍ଛୁ ଶୁଭକାଂକ୍ଷି ଅଭିଭାବକମାନେ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସିଆର୍‌ସିସି ହିମାଂଶୁ ଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାନନ ମାହାନ୍ତ, ସାଗର ସିଂ ମୁଣ୍ଡା, ମଧୁସ୍ମିତା ମହାନ୍ତି, ସାଧୁ କିଷାନ, ଅଜୟ ପରିଡା, ଗୁରୁଚରଣ ମହାକୁଡ଼, ପ୍ରଣତି ପ୍ରଧାନ, ଇତିଶ୍ରୀ ପ୍ରଧାନ, ସୁବାସିନି କିଷାନ ବସନ୍ତ ମାହାନ୍ତ ତପନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବାକ ଅଭିଭାବିକାମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମ ପରେ ପ୍ରଧାନଶିକ୍ଷକଙ୍କୁ ବାଦ୍ୟ ନୃତ୍ୟର ତାଳେ ତାଳେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଘର ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିବାର ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

# କ୍ଲଷ୍ଟର ସ୍ତରୀୟ 'ନିପୁଣ ଓଡ଼ିଶା ମେଳା'



କେନ୍ଦୁଝର(ଭାସ୍କର ନ୍ୟୁଜ୍): ସଦର ଗୋଷ୍ଠୀ ଶିକ୍ଷା ଅଧୀନ ପାଟୁଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡ଼ିଶା ମେଳା' ଜଗନ୍ନାଥପୁର ଆଶ୍ରମ (ଖ) ଠାରେ ଅନୁଷ୍ଠିତ ହୋଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ହାସଲ ନିମନ୍ତେ ନିପୁଣ ଭାରତର ମାର୍ଗଦର୍ଶନରେ ନିପୁଣ ଓଡ଼ିଶା ମେଳା ସିଆର୍‌ସିସି ଅନିଲ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ପର୍ଜନପୁର ପଞ୍ଚାୟତର ସରପଞ୍ଚ ଡମରୁଧର ମାଝୀ ଯୋଗଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ଏହି ମେଳାରେ କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୧୮୦ରୁ ଅଧିକ ଏଫ୍‌ଏଲ୍‌ଏନ୍ ଛାତ୍ରଛାତ୍ରୀ, ଶତାଧିକ ଅଭିଭାବକ, ପ୍ରତି ବିଦ୍ୟାଳୟରୁ ଜଣେ ଶିକ୍ଷକ ଓ ଏକାଧିକ ଗୋଷ୍ଠୀର ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ସାକ୍ଷରତା ଷ୍ଟଲ, ସଂଖ୍ୟା ଜ୍ଞାନ ଷ୍ଟଲ, ଶ୍ରୁଜନାତ୍ମକ ଷ୍ଟଲ୍ ଓ ମତାମତ ଷ୍ଟଲ୍ ଏହିପରି ୧୮୦ରୁ ଅଧିକ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପ୍ରତି ଷ୍ଟଲ୍ ବୁଲି ଦେଖିବା ସହ ଏହାର ବ୍ୟବହାର ଓ ଉଦ୍ଦେଶ୍ୟ ବିଷୟରେ ବୁଝିଥିଲେ। ଏହାପରେ ଜଗନ୍ନାଥପୁର ଆଶ୍ରମ (ଖ) ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲାଲମୋହନ ସର୍ଦ୍ଦାରଙ୍କର ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ବରିଷ୍ଠ ଶିକ୍ଷକ ସଭୋନ ପ୍ରଦୀପ ଦାସ୍, ବିଶ୍ୱନାଥ ମାଝୀ, ଶିବାଜି ହେମ୍ବ୍ରମ, ଭାଗ୍ୟଧର ବ୍ରହ୍ମ, ନିହାର ରଞ୍ଜନ ସାହୁ, ନିରୋଦ କୁମାର ଦେହୁରି, ଅମୂଲ୍ୟ କୁମାର ସାହୁ, ଫୁଲମଣି ମୁର୍ମୁ, ଚିନ୍ତାମଣି ଦେହୁରୀ, ରଶ୍ମି ସାହୁ, ସୁଲୋଚନା ପ୍ରଧାନ, ହେମନ୍ତି ମୁଣ୍ଡା, ଅମିତା ବୈଦ୍ୟ, ସସ୍ମିତା ସାମଲ, ରେବତୀ ପ୍ରଧାନ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ଓ ଡିଆକୁଦା ହାଇସ୍କୁଲରେ ମା' ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଛାତ୍ରଛାତ୍ରୀମାନେ ରୁଣ୍ଡ ହୋଇ ନାନାଦି ରଙ୍ଗ ବେରଙ୍ଗର ଫୁଲ ସଂଗ୍ରହ କରିବା ସହିତ ଅତି ସୁନ୍ଦର ତୋରଣ କରି ମା' ସରସ୍ୱତୀଙ୍କୁ ଆସ୍ଥାନ ଉପରେ ରଖିଥିଲେ। ସ୍କୁଲର ସଂସ୍କୃତ ଶିକ୍ଷକ ବିଶ୍ୱମ୍ଭର ଦାସ ପୂଜାର୍ଚ୍ଚନା ହୋମ ଯଜ୍ଞ କାର୍ଯ୍ୟ କରିଥିବାବେଳେ ପ୍ରଧାନଶିକ୍ଷକ ବିଦ୍ୟାଧର ସ୍ୱାଇଁ ପୁରଧା ସାଜିଥିଲେ। ପୂଜା ମଣ୍ଡପରେ ବିଦ୍ୟାଳୟର ଶିକ୍ଷକ ସଚ୍ଚିଦାନନ୍ଦ ଜେନା, ଦୈତାରି ବିଶ୍ୱାଳ, ସଞ୍ଜୟ କୁମାର ଜେନା, ପଞ୍ଚାନନ ସିଂହ, ଅର୍ଜୁନ ତରାଇ, ସରୋଜ କୁମାର ଦଳାଇ, ବିଦ୍ୟାଳୟର କର୍ମଚାରୀ ସୀମାଞ୍ଚଳ ମହାରଣା, ଯଟେଶ୍ୱର ଦାସଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଓ ଛାତ୍ରଛାତ୍ରୀମାନେ ପୂଜା କାର୍ଯ୍ୟରେ ସହଯୋଗ କରିବା ସହ ପୁଷ୍ପାଞ୍ଜଳି ଦେଇ ପ୍ରସାଦ ସେବନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ତିହିଡି ମହୋତ୍ସବ ଉଦ୍‌ଯାପିତ

## ହସାଇଲେ ଗୁଲୁଆ, ଝୁମେଇଲେ ମଣ୍ଟୁ ଛୁରିଆ



ତିହିଡି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ହାସ୍ୟଅଭିନେତା ଗୁଲୁଆଙ୍କ ହାସ୍ୟ ଅଭିନୟରେ ହସି ହସି ମଜା ନେଇଥିବା ବେଳେ ଲୋକପ୍ରିୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଏହି ଅବସରରେ ତିହିଡିର ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀ ଓ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ମହୋତ୍ସବ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟି ସଦସ୍ୟ ଡ. ଅମୂଲ୍ୟ ସେନାପତି, ଯଯାତି କେଶରୀ ଦାସ ଓ ବିସ୍ମୟ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ସଭାପତି ଶ୍ରୀ ପାଢ଼ୀ ଓ ସମ୍ପାଦକ ଶ୍ରୀ ମହାନ୍ତି ମଞ୍ଚ ପୂଜନ କରିଥିବାବେଳେ କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇ ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରାଯାଇଥିଲା। ଡ଼. ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଂଯୋଜନାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ମାଲକାନଗିରି ଜିଲ୍ଲାର ବଣ୍ଡାମାନଙ୍କ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। କମିଟି ସଭାପତି ଶ୍ରୀ ପାଢ଼ୀ, ସମ୍ପାଦକ ଶ୍ରୀ ମହାନ୍ତି, ଡ଼. ଲକ୍ଷ୍ମୀଧର ତ୍ରିପାଠୀ, ସଦସ୍ୟ ଧୀରେନ୍ଦ୍ର ସାହୁ, ଗିରିଜାରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାଶ, ସଞ୍ଜୟ ଦାଶ, ଜୟକୃଷ୍ଣ ସେଠୀ, ପ୍ରଦୀପ ଜେନାଙ୍କ ସମେତ ଶ୍ୟାମ କ୍ଲବର ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ଅଞ୍ଚଳ ବାସୀଙ୍କ ସହଯୋଗରେ ୫ଦିନ ଧରି ଚାଲିଥିବା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି।

## ସଉଦା ମାଗିବା ବାହାନାରେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ନବରଙ୍ଗପୁର (ଭାସ୍କର ନ୍ୟୁଜ୍) : ଦିନ ଦ୍ୱିପହରରେ ଦୋକାନରେ ସଉଦା ମାଗିବା ବାହାନାରେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଦୋକାନ ମାଲିକାଣିଙ୍କ ବେକରୁ ସୁନାଚେନ୍ ଲୁଟ୍ ଅଭିଯୋଗ। ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଡଙ୍ଗରଭେଜା ଗ୍ରାମରେ। ଅଭିଯୋଗ ଅନୁସାରେ ଡଙ୍ଗରଭେଜା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଥିବା ପ୍ରଶାନ୍ତ ପାତ୍ର ନାମକ ବ୍ୟବସାୟୀ ନିଜ ସାଉଦା ଦୋକାନ ପାଇଁ କିଛି ଜରୁରୀ ସାମାନ ଆଣିବା ପାଇଁ ନବରଙ୍ଗପୁର ସହରକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ ସରୋଜିନୀ ପାତ୍ର ଦୋକାନରେ ବସିଥିଲେ। ଏହି ସମୟରେ ଦୁଇଜଣ ବାଇକ ଆରୋହୀ ସଉଦା ନେବା ପାଇଁ ଦୋକାନ ସମ୍ମୁଖରେ ବାଇକ ରଖିଥିଲେ। ଜଣେ ବାଇକ ଆରୋହୀ ବାଇକରେ ହିଁ ଥିବାବେଳେ ଅନ୍ୟ ବ୍ୟକ୍ତି ଜଣକ ସରୋଜିନୀଙ୍କୁ କିଛି ସଉଦା ମାଗିଥିଲେ। ସରୋଜିନୀ ସଉଦା ଦେବାବେଳେ ଉକ୍ତ ବ୍ୟକ୍ତି ଜଣକ ତାଙ୍କ ବେକରେ ଥିବା ସୁନାଚେନ୍‌ଟି ଝାମ୍ପି ନେଇ ବାଇକରେ ବସି ଦ୍ରୁତବେଗରେ ଚାଲି ଯାଇଥିଲେ। ଚେନର ଅଧାଅଂଶ ଦୁର୍ବୃତ୍ତ ନେଇଯାଇଥିବାବେଳେ ଅଧା ସରୋଜିନୀଙ୍କ ହାତରେ ରହିଯାଇଥିଲା। ତେବେ ଡଙ୍ଗରଭେଜା ଗ୍ରାମରେ ନନ୍ଦାହାଣ୍ଡି ବ୍ଲକର କାର୍ଯ୍ୟାଳୟ ରହିଥିବାରୁ ସ୍ଥାନଟି ଜନଗହଳି ପୂର୍ଣ୍ଣ ରହିଥିଲା। ତେବେ ସ୍ପଷ୍ଟ ଦିବାଲୋକରେ ଜନଗହଳି ପୂର୍ଣ୍ଣ ସ୍ଥାନରୁ ସୁନା ଝାମ୍ପି ନେଇ ଚୋର ମାନେ ପୋଲିସକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ପ୍ରଶାନ୍ତ ପାତ୍ର ଏନେଇ ଡଙ୍ଗରଭେଜା ଫାଣ୍ଡିରେ ଏତଲା ଦାଏର କରିଛନ୍ତି। ତେବେ ପୂର୍ବରୁ ମଧ୍ୟ ଦହଣା ଗ୍ରାମର ଜଣେ ମହିଳା ଠାରୁ ସ୍ପଷ୍ଟ ଦିବାଲୋକରେ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ ଦୁର୍ବୃତ୍ତ। ଏଭଳି ଘଟଣା ବ୍ଲକରେ ପ୍ରଥମ ଘଟଣା ହୋଇଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ଖୁବଶୀଘ୍ର ଚୋରକୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି।

### ସରପଞ୍ଚଙ୍କ ଘରୁ ବଡ଼ଧରଣର ଚୋରି

## ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ





କଣ୍ଟାପଡା (ଭାସ୍କର ନ୍ୟୁଜ୍) : ଗୋବିନ୍ଦପୁର ଥାନା ଅଧିନସ୍ଥ ବ୍ରାହ୍ମଣ ସାଇଲୋ ପଞ୍ଚାୟତ ସରପଞ୍ଚ ତୃପ୍ତିମୟୀ ରାଉତରାୟଙ୍କ ଧାନମଣ୍ଡଳସ୍ଥିତ ବାସଭବନରୁ ଗତକାଲି ରାତିରେ ବଡ଼ ଧରଣର ଚୋରି ହୋଇଛି। ଏ ନେଇ ଗୋବିନ୍ଦପୁର ଥାନାରେ ତୃପ୍ତିମୟୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଗୋବିନ୍ଦପୁର ପୋଲିସ ୩୩/ ୨୦୨୫ରେ ମାମଲା ରୁଜୁ କରି ସଦର ଏସ୍‌ଡିପିଓ କିରଣ ହେମରମ ୬ ଜଣିଆ ସାଇଣ୍ଟିଫିକ୍ ଟିମ୍ ସହ ସରପଞ୍ଚଙ୍କ ଘରେ ପହଞ୍ଚି ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁଯାଇ ତୃପ୍ତିମୟୀ ସକାଳ ୫ ଘଟିକା ସମୟରେ ବାହାରପଟୁ ତାଲା ପଡିଥିବା ଦେଖିବାକୁ ପାଇଥିଲେ। ଅନ୍ୟ ଘରକୁ ଦେଖିଲା ବେଳକୁ ଆଲମିରା ଭଙ୍ଗା ହୋଇପଡିଛି। ଆଲମିରାରେ ଥିବା ଦୁଇ ଗୋଟି ସୁନା ହାର, ଦୁଇ ଗୋଟି ସୁନାଚେନ, ଦୁଇ ହଳ କାନ ପେଣ୍ଡି ଓ ଦୁଇ ଗୋଟି ସୁନା ମୁଦି ଚୋରି ହୋଇଛି। ଯାହାର ଅନୁମାନ ମୂଲ୍ୟ ୧୫୦ ଗ୍ରାମରୁ ଉର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହୋଇଛି। ଏଥିସହିତ ପୂଜା କମିଟିର ଯାତ୍ରା ପଇସା ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଲମାରୀରେ ଥିବାବେଳେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ତାଡି ପଶିଥିବା ଦେଖିବାକୁ ମିଳିଛି। ଏଭଳି ବଡ଼ ଧରଣର ଚୋରି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଏଠାରେ ସୂଚନା ଥାଉ କି ମଜୁରେଇ ଗ୍ରାମରେ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଥିବା ନେଇ ଗୋବିନ୍ଦପୁର ଥାନାରେ ଗତ କିଛିଦିନ ତଳେ ଅଭିଯୋଗ ହୋଇଥିଲା। ଚାରି ମାସ ହେବ ଗୋବିନ୍ଦପୁର ଥାନାର ଆଇଆଇସି ପଦ ଖାଲି ପଡ଼ିଥିବା ବେଳେ ଉକ୍ତ ଥାନା ଅଞ୍ଚଳରେ ଦିନକୁ ଦିନ ରାହାଜାନି, ଚୋରି ଓ ଧର୍ଷଣ ଉଦ୍ୟମ ଭଳି ଘଟଣା ବଢ଼ିବାରେ ଲାଗିଛି। ଗୋବିନ୍ଦପୁର ପୋଲିସ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ଏ ନେଇ ଗ୍ରାମାଞ୍ଚଳ ପୋଲିସ ଅଧିକ୍ଷକ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ଖବର ଲେଖା ହେଲା ବେଳକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁଯାଇ ପୋଲିସ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ନେଇ ଅଟକ ରଖି ପଚରା ଉଚରା କରିଛି।

## ରଘୁନାଥଜିଉ ମନ୍ଦିର ବାର୍ଷିକ ଉତ୍ସବରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ରେଢୁଆ ବଜାର ନିକଟରେ ଥିବା ଶ୍ରୀ ରଘୁନାଥଜିଉ ଓ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ଶନିବାର ସୁବାଧିବାସ, କଳସ ଯାତ୍ରା ଓ ଅଙ୍କୁରରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ମନ୍ଦିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଜଗତସିଂହପୁର ଡିଏସ୍‌ପି ପ୍ରେମାନନ୍ଦ ଲେଙ୍କା ଯୋଗ ଦେଇ ଜୀବନର ବାର୍ଦ୍ଧକ୍ୟରେ ନିଜ ନିଶ୍ୱାସ ପ୍ରଶ୍ୱାସରେ ରାମନାମକୁ ଯୋଡିଲେ ସେ ହିଁ ଉଦ୍ଧାର କରିବେ ବୋଲି ଉଦ୍‌ବୋଧନରେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଅନୁଷ୍ଠାର ପ୍ରତିଷ୍ଠାତା ତଥା ପରିଚାଳକ ସନ୍ଥ ମଙ୍ଗଳ ଦାଶ ମହାରାଜ ଯୋଗଦେଇ ପ୍ରଭୁ ଶ୍ରୀ ରାମଙ୍କ କର୍ତ୍ତବ୍ୟନିଷ୍ଠ ଜୀବନ ଓ ଭଗବତ ଚେତନା ସମ୍ପର୍କିତ ବହୁମହତ୍ୱପୂର୍ଣ୍ଣ ଉପାଦେୟମାନ ବକ୍ତବ୍ୟରେ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପିକା ସୁଶ୍ରୀ ଗୀତା ରଥ, ବାବା ସୀତାରମ, ରବିନାରାୟଣ ରଥ, ବିଶ୍ୱନାଥ ବାରିକ, ସୁବାଷ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ଈଶ୍ୱର ପ୍ରାପ୍ତିର ମାର୍ଗ ଦର୍ଶନ କରାଇଥିଲେ। ଏହି ସଭାରେ ମଞ୍ଚାସୀନ ଅତିଥି ଓ ୬୦ଜଣ ବରିଷ୍ଠ ନାଗରିକଙ୍କୁ ସନ୍ଥ ଶ୍ରୀ ମଙ୍ଗଳ ଦାଶ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସମାଜସେବୀ ବୀଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପି ଏହି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ସୋମବାର ଏହାର ପୂର୍ଣ୍ଣାହୁତି ଅନୁଷଷ୍ଠିତ ହେବ। ପ୍ରତିଦିନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ଏଥିରେ ପୂଜକ ନାରାୟଣ ଶତପଥି, ରମେଶ ଷଡଙ୍ଗୀ ଓ କର୍ତ୍ତା ସୁଜିତ ଦାସ, କର୍ତ୍ତ୍ରୀ ଭାବେ ସର୍ମିଷ୍ଠା ଦାସ କାର୍ଯ୍ୟ ନିର୍ବାହ କରୁଥିବାବେଳେ ସୁନୀଲ ମହାରଣା, ସୁକାନ୍ତ ଜେନା, ଶଶୀକାନ୍ତ ସାହୁ, ଜଗନ୍ନାଥ ନାୟକ, ବିଜୟା ନନ୍ଦ ସ୍ୱାଇଁ, ବିଜନୀ ସ୍ୱାଇଁ, ଦେବାଶୀଷ ଓଝା, ନିମାଇଁ ଚରଣ ସ୍ୱାଇଁ, ନୃସିଂହ ଜେନା, ଇନ୍ଦ୍ରମଣି ସାହୁ, ବସନ୍ତ ବାରିକ, ଦିଲୀପ କୁମାର ବାରିକଙ୍କ ସହ ଅଞ୍ଚଳର ଅନେକ ଯୁବକ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଛନ୍ତି। ପ୍ରତିବର୍ଷ ଏହି ମହାନ କାର୍ଯ୍ୟପାଇଁ ସନ୍ଥ ଶ୍ରୀ ଦାସଙ୍କୁ ଅଞ୍ଚଳ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି।

## ମାଥିଲିରେ ବିଶ୍ୱ ଆଦ୍ର ଭୂମିଜ ଦିବସ ପାଳିତ




ଖଇରପୁଟ (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ବନାଞ୍ଚଳ ତରଫରୁ ମାଥିଲି ବନପାଳ କାର୍ଯ୍ୟାଳୟ ଠାରେ ଆଜି ବିଶ୍ୱ ଆଦ୍ର ଭୂମିଜ ଦିବସ ପାଳିତ ହୋଇଯାଇଛି। ଆଜି ପ୍ରାତଃ ୯ ଘଣ୍ଟିକ ସମୟରେ ଏକ ଅଭିନବ ଢଙ୍ଗରେ ଆଦ୍ର ଭୂମିର ସୁରକ୍ଷା ଓ ରାମସେର କ୍ଷେତ୍ର ଗଢ଼ିବା ପାଇଁ ସ୍ଲୋଗାନ ଦେଇ ଏକ ବାଇକ୍ ରାଲି ଗୋବିନ୍ଦ ପାଲି ଠାରୁ ମାଥିଲି ଥାନା ପର୍ଯ୍ୟନ୍ତ କରାଯାଇଥିଲା। ଏହି ରାଲିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବାଇକ୍ ଆରୋହୀ ଯୋଗ ଦେଇଥିଲେ। ଆଜିର ସଚେତନତା ସଭାରେ ବାସୁଦେବ ନାୟକ ବନାଞ୍ଚଳ ଅଧିକାରୀ ସଭାପତିତ୍ୱ କରିଥିଲେ। ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପକାରିତା ସମ୍ପର୍କରେ ଅବଗତ କରିଥିଲେ। ଏହି ସଭାରେ ସନ୍ତୋସିନୀ ପାତ୍ର ପ୍ରେରଣା ଟ୍ରଷ୍ଟ ପରିଚାଳକ ଓ ସୃଷ୍ଟି ଅନୁଷ୍ଠାନର କର୍ମୀ କିଶୋର କୁମାର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆଦ୍ର ଭୂମି, ଜଙ୍ଗଲ ବନ୍ୟପ୍ରାଣୀ ସୁରକ୍ଷା, ପରିବେଶ ସନ୍ତୁଳନ ଉପରେ ବୁଝାଇ ଥିଲେ। ଏହି ସଚେତନତା ଶିବିରରେ ୨୫୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ୧୫ଟି ବନ ସୁରକ୍ଷା ସମିତି ସଭାପତି ଓ ସଭ୍ୟ/ସଭ୍ୟା ଓ ବିଭିନ୍ନ ଜଙ୍ଗଲ ନିକଟସ୍ଥ ଗ୍ରାମବାସୀ ଉପସ୍ଥିତ ଥିଲେ। ଗୋବିନ୍ଦପାଲି ବନପାଳ ପବିତ୍ର ଦାସ, ମାଥିଲି ବନପାଳ ମୁରଲୀ ମହାରଣା, ପାଙ୍ଗାମ ବନପାଳ ସମରା ଖରା, ଆମ ଜଙ୍ଗଲ ଯୋଜନା କର୍ମୀ ହୃଷୀକେଶ ପଣ୍ଡା, ବଂଶୀ ଅନୁଗୁଳିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମାଗଣା ମେଗା ସ୍ୱାସ୍ଥ୍ୟସେବା ଶିବିର ଲାଗି ଚଳଚଞ୍ଚଳ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାର ନିକଟସ୍ଥ ଥାନା ସମ୍ମୁଖରେ ଆସନ୍ତା ଫେବୃଆରୀ ୯ ତାରିଖ ଦିନ ରେଡ୍ ନାଇଟ କ୍ଲବ୍ ଆନୁକୂଲ୍ୟରେ ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସହଯୋଗରେ ହେବାକୁ ଯାଉଥିବା ମାଗଣା ମେଗା ସ୍ୱାସ୍ଥ୍ୟସେବା ଶିବର ଲାଗି ପରଜଙ୍ଗ ଚଳଚଞ୍ଚଳ ହୋଇଉଠିଛି। ମାଗଣା ସ୍ୱାସ୍ଥ୍ୟ ସେବାର ପରଜଙ୍ଗ ଅଞ୍ଚଳବାସୀ କିପରି ସୁଯୋଗ ପାଇବେ ସେନେଇ ଆୟୋଜକ କ୍ଲବ ପ୍ରୟାସ ଜାରି ରଖିଛି। ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ମେଡିସିନ, ସ୍ତ୍ରୀ ରୋଗ, ଅସ୍ଥିଶଲ୍ୟ ଓ ଶିଶୁ ରୋଗ ବିଭାଗର ବିଶେଷଜ୍ଞ ଅଭିଜ୍ଞ ଡାକ୍ତରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ରୋଗୀ ଶିବିରକୁ ପହଞ୍ଚିବା ପାଇଁ ପ୍ରଚାର ପ୍ରସାର କରିବା ଏବଂ କିପରି ସୂଚାରୁ ରୂପେ ପରିଚାଳିତ କରାଯିବ ସେଥି ଲାଗି କ୍ଲବର ସମସ୍ତ ସଦସ୍ୟମାନେ ତତ୍ପର ହୋଇ ତାଳଚେରସ୍ଥିତ ବିଧାୟକ ଶ୍ରୀ ପ୍ରଧାନଙ୍କ ବାସଭବନକୁ ଯାଇ ବିସ୍ତୃତ ଆଲୋଚନା କରିଛନ୍ତି। ଶିବିରରେ ବିଧାୟକ ଶ୍ରୀ ପ୍ରଧାନଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି କ୍ଲବର ସଦସ୍ୟ ମାନେ ଆଶା ବାନ୍ଧିଛନ୍ତି।



## ବଡ଼ପଡ଼ିଆ ମାର୍କେଟ ବସ୍ତିରେ ଅଗ୍ନିକାଣ୍ଡ : ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ସହରର ମୁଖ୍ୟ ବଡ଼ପଡ଼ିଆ ମାର୍କେଟ ନିକଟରେ ଥିବା ବସ୍ତିରେ ଶନିବାର ମଧ୍ୟରାତ୍ରରେ ହଠାତ ନିଆଁ ଲାଗିଯିବାରୁ ପାଞ୍ଚଟି ଘର ସମ୍ପୂର୍ଣ୍ଣ ଭସ୍ମ ହୋଇଯାଇଛି। ଯଦିଓ ଏଥିରେ କେହି ମୃତାହତ ହୋଇନାହାନ୍ତି କିନ୍ତୁ ଦୁଇଟି ଘରର ସମ୍ପୂର୍ଣ୍ଣ ଆସବାପତ୍ର ପୋଡି ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଖବର ପାଇ ପାରାଦୀପ ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ ରବିବାର ଦିନ ସକାଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପୀଡିତ ପରିବାରଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ୧୫ ନମ୍ବର ପାରିଷଦ ସୌଦାମିନୀ ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ବିଜେପି ଯୁବନେତା ବଜରଙ୍ଗ ସ୍ୱାଇଁ, ପୋର୍ଟ ବଣିକ ସଂଘ କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁଙ୍କ ସମେତ ବହୁ ଯୁବ ନେତୃତ୍ୱମାନେ ଉପସ୍ଥିତ ଥିଲେ। ସେହିପରି ଘଟଣାସ୍ଥଳରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଭେଟି ପୌର ପ୍ରଶାସନ ପକ୍ଷରୁ ଜରି ପାଲ, ରନ୍ଧା ଓ ଶୁଖିଲା ଖାଦ୍ୟ, ପୋଷାକ ଇତ୍ୟାଦି ଯୁଦ୍ଧକାଳୀନ ଭିତିରେ ଯୋଗାଇ ଦେଇଥିଲେ। ତେବେ ଏହି ଅଗ୍ନିକାଣ୍ଡ ମଶା ଧୂପ ଯୋଗୁଁ ଘଟିଥିବାର ଅନୁମାନ କରାଯାଏ।

## ପ୍ରେସ୍ ଫୋରମ୍‌ର ବନ୍ଧୁମିଳନ ଓ ଆଲୋଚନାଚକ୍ର




ବ୍ୟାସନଗର (ଭାସ୍କର ନ୍ୟୁଜ୍) : ସାମ୍ବାଦିକମାନେ ସାମଜ ପାଇଁ ଜାଗ୍ରତ ପ୍ରହରୀ ସଦୃଶ କାର୍ଯ୍ୟ କରିଥାନ୍ତି। ସେମାନେ ସଦା ସର୍ବଦା ଲୋକମାନଙ୍କ ପାଖରେ ଖବର ପହଞ୍ଚାଇବାରେ ଲାଗିଥାଆନ୍ତି। ସେଥିରୁ ଟିକିଏ ସମୟ ବାହାର କରି ବ୍ୟାସନଗର ପ୍ରେସ ଫୋରମର ସଦସ୍ୟମାନେ କେନ୍ଦୁଝର ଜିଲ୍ଲାର ଗୁଣ୍ଡିଚା ଘାଗିରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଇଁ ପହଞ୍ଚି ଥିଲେ। ଏହି ଅବସରରେ, ଖବର ପରିବେଷଣ ସମ୍ପର୍କିତ ଏକ ଆଲୋଚନାଚକ୍ର ଫୋରମ୍‌ର ସଭାପତି ଡ. ଅଭାୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଳିକ, ଉପସଭାପତି ଦୟାନିଧି ନାୟକ, ସମ୍ପାଦକ ମଳୟ କୁମାର ମଲ୍ଲିକ ସାମୂହିକ ହିତସାଧନ ପାଇଁ ସତ୍ୟନିଷ୍ଠ ଓ ନିର୍ଭୀକ ଖବର ଲେଖାଯିବାର ଶୈଳୀ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ଆଶୁତୋଷ ମହାନ୍ତି, ପ୍ରମୋଦ ପାତ୍ର, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ବରିଷ୍ଠ ସଭ୍ୟ ଆଶୁତୋଷ ମିଶ୍ର, ନାରାୟଣ ରାଉତରାୟ, ଚିତରଞ୍ଜନ ବୋଇତେଇ, ଜ୍ଞାନରଞ୍ଜନ ଓଝା, ଦୀପକ ଦାସ, ମାନସ ଆଇଚ, କୁଞ୍ଜବିହାରୀ ମହାନ୍ତି, ସୁଶାନ୍ତ ଭୂୟାଁ, ପ୍ରହଲ୍ଲାଦ ଦେଓ, ସଞ୍ଜୟ ସରକାର, ଆଶିଷ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ। ଶେଷରେ ସେଠାକାର ମନୋରମ ଦୃଶ୍ୟ ଜଳ ପ୍ରପାତ ପରିଦର୍ଶନ କରିଥିଲେ। ଫୋରମର ଉପସଭାପତି ଶ୍ରୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସନ୍ଥପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବୀରନିଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟ ପରିସରରେ ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୃହର ଶିଳାନ୍ୟାସ କରିଛନ୍ତି। ଆଜି ଅପରାହ୍ନରେ ପାଟକୁରା ବିଧାୟକ ଶ୍ରୀ ମହାପାତ୍ର ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସନ୍ଥପୁରାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସରକାରଙ୍କ ପକ୍ଷରୁ ଏକ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଏକ ନୂତନ ଗୃହର ଶିଳାନ୍ୟାସ କରିଥିଲେ। ଏହି ଗୃହଟି ନିର୍ମାଣ ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ସମସ୍ୟାର ସମାଧାନ ହୋଇପାରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ସ୍ୱାସ୍ଥ୍ୟସେବାରେ ବହୁ ଉନ୍ନତି ହୋଇପାରିବ। ପରେ ବିଧାୟକ ଶ୍ରୀ ମହାପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ବିଭନ୍ନ ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନଙ୍କ ଠାରୁ ପଚାରି ବୁଝିଥିଲେ। ସେଠାରୁ ବିଧାୟକ ଏକ ବାଇକ୍ ର୍‍ୟାଲିରେ ବୀରନୀଳକଣ୍ଠପୁର ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଯାଇ ସେଠାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ନିର୍ମିତ ହେବାକୁ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜକାନ୍ତ ନାୟକ, କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଛୋଟି ସରପଞ୍ଚ ରଜନୀ ମଲ୍ଲିକ୍, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରା, ମନୋରଞ୍ଜନ ଉପାଧ୍ୟାୟ, ଚିତରଞ୍ଜନ ସାହୁ, ପ୍ରଭାକର ସାମଲ, ଗୋଲଖ ଚନ୍ଦ୍ର ମହାଭୋଇ, ଭବାନୀ ପ୍ରସାଦ ଓଝା, ରଞ୍ଜନ କୁମାର ମଲ୍ଲ, ସତ୍ୟରଞ୍ଜନ ସାମଲ, ଦିଲ୍ଲୀପ ଦାସ, ବିଜୟ ସେଠୀ, ଆଲୋକ ସାହୁ, ହଳଧର ଦାଶ, ନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଧର୍ମେନ୍ଦ୍ର ସିଂ, କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାଶିଫଳ

**ସୋମବାର, ୩ ଫେବୃଆରୀ ୨୦୨୫**



**ମେଷ :** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମ ପୂରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। କାମ ଶୀଘ୍ର ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ। ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ।



**ବୃଷ :** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ। ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ। ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ। ପ୍ରତିଦ୍ୱନ୍ଦ୍ୱିତା ହେବ। ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ।



**ମିଥୁନ :** ବୈଦ୍ଧିକ କାର୍ଯ୍ୟ ସଫଳ ହେବ। ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ।



**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବ୍ୟସ୍ତ ହୁଅ ନାହିଁ। ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ। ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ। ତୃପ୍ତି ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ଚାକିରିରେ ସୁସଙ୍ଗତତା ରହିବ। ବିନିଯୋଗ ଭଲ ହେବ।



**କନ୍ୟା :** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ। ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ। ଲାଭ ସୁଯୋଗ ଆସିବ। ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ। ଜିନିଷଗୁଡିକ ସହଜ ରଖନ୍ତୁ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।



**ତୁଳା :** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବ୍ୟବସାୟ ଭଲ ହେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ।



**ବିଛା:** ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ। ବ୍ୟବସାୟ ହ୍ରାସ ପାଇବ। ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ। ତୁମେ କ୍ଲାନ୍ତ ଅନୁଭବ କରିବ। ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ। ଚିନ୍ତା ଏବଂ ଟେନସନ ହେବ।



**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ଅନୁକୂଳ ହେବ। ସେଠାରେ ଟଙ୍କା ରହିବ। ରିସ୍କ ନେବାକୁ ସାହସ କର। ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ। ଯାତ୍ରା ସଫଳ ହେବ। ଆଖି ଯନ୍ତ୍ରଣା ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।



**ମକର :** ପ୍ରତିଷ୍ଠା ବୃଦ୍ଧି ପାଇବ। ସୁଖର ମାଧ୍ୟମ ସଂଗ୍ରହ ହେବ। ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ। ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ। ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ। ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ। ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ।



**ମୀନ:** ବ୍ୟବସାୟ ଭଲ କରିବ। ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆୟ ଜାରି ରହିବ। ରିସ୍କ ନିଅ ନାହିଁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ପୁରୁଣା ରୋଗ ଅବରୋଧର କାରଣ ହେବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ। ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ।



ଗ୍ରହଚକ୍ର

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ)ଅଲେଖ ମହିମା ମହାବିଦ୍ୟାଳୟ,ଧୋଡ୍ରା ପକ୍ଷରୁ ମହାସମାରୋହରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବଧୂତ ବାବା ଡମ୍ବୁ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଧାୟକ ନରସିଂ ଭତ୍ରା, ବରେଣ୍ୟ ଅତିଥି ପେଣ୍ଡ୍ରାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅନୀଲ କୁମାର ମିଶ୍ର, ମୁଖ୍ୟବକ୍ତା ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡ଼େମୀ ବଲ୍ଲଭ କୁମାର ରାଉତ, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ନରସିଂ ହୋମ ଅଧକ୍ଷା ସିସ୍ଟା ମିନତୀ ଦାନୀ, ଝରିଗାଁ ମହାବିଦ୍ୟାଳୟ ଅଧ୍ୟାପକ ଗୋପାଳ ମହାରଣା, ଆଦିବାସୀ ଭାଷା ସଂସ୍କୃତି ସଂଗଠକ ସାଇମନ ବିଡିକା, ଅଲେଖ ମହିମା ମହାବିଦ୍ୟାଳୟର ଉପସଭାପତି ମଙ୍ଗଳା ମାଝୀ ଓ ପ୍ରଶିକ୍ଷାର୍ଥୀ (ଓଏଏସ୍) ସୁମିତ କୁମାର ମଣ୍ଡଳ ଯୋଗଦେଇଥିଲେ। ମହିମା ମହାବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ବାରିକ ବିବରଣୀ ପାଠ କରିଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା କୌଶଲ୍ୟା ଦାସଙ୍କ ଧନ୍ୟବାଦ ପ୍ରଦାନ ପରେ, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସଂପାଦକ କେଦାରେଶ୍ୱର ପଟ୍ଟନାୟକ ସଂଯୋଜନା କରିଥିବ ।ବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ।

# ହିମାଳୟର ଭ୍ୟାଲି ଅଫ୍ ଫ୍ଲାୱାରରେ ଉଡ଼ିବ ଜାତୀୟ ପତାକା




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗରର ପର୍ବତାରୋହୀ ଅଜିତ ପାଢ଼ୀ ଚଳିତ ଫେବୃୟାରୀ ମାସ ୧୦ ତାରିଖରେ ହିମାଳୟର ଭ୍ୟାଲି ଅଫ୍ ଫ୍ଲାୱାରର ୧୪ହଜାର ଫୁଟ୍ ଶିଖରରେ ଜାତୀୟ ପତାକା ଉଡାଇବା ପାଇଁ ବାହାରିଛନ୍ତି । ଗୁରୁବାର ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା ଙ୍କ ନିର୍ଦ୍ଦେଶନାରେ ଓଡିଶା ର ବିଭିନ୍ନ ରାଜ୍ୟରୁ ୧୭ ଜଣିଆ ଦଳ ଗଠନ କରି ଶ୍ରୀ ପାଢ଼ୀ ଏହାର ନେତୃତ୍ୱ ନେଇଛନ୍ତି। ଏହି ଅବସରରେ ଇବ୍ ଭ୍ୟାଲି ଏରିଆ ପକ୍ଷରୁ ଶ୍ରୀପାଢ଼ୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ଓମ ପ୍ରତାପ ସିଂହ, ବ୍ରିଜେଶ କୁମାର ଶର୍ମା, ରାଜୁ ପ୍ରଧାନ, କମ୍ପାଉଣ୍ଡର ବେହେରା, ବିଷ୍ଣୁପତି, ପି ଗିରି ନାଥ, କୈଳାଶ ନାଥ ନାୟକ, ଦୀପେଶ ନେୱର, ମୌସୁମୀ ପଣ୍ଡା, ରଞ୍ଜନ କୁମାର ନାୟକ, ଶୁଭ୍ରାଂଶୁ ପ୍ରଧାନ, ଦିନେଶ ସା, ମନୋଜ କୁମାର ପଣ୍ଡା, ବଳରାମ, ଦିନେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱେଚ୍ଛାସେବୀ ଦିବାକରଙ୍କୁ 'ଗୁଡ଼ ସାମାରିଟେନ' ପୁରସ୍କାର



ବରଗଡ଼(ଭାସ୍କର ନ୍ୟୁଜ): ଦୁର୍ଘଟଣାରେ ଆହତଙ୍କ ପାଇଁ ଦେବଦୂତ ସାଜୁଥିବା ସ୍ୱେଚ୍ଛାସେବୀ ଦିବାକର ମାଝୀ କୁ ମିଳିଲା 'ଗୁଡ଼ ସାମାରିଟେନ' ପୁରସ୍କାର । ଅନେକ ଥର ଦୁର୍ଘଟଣାରେ ଆହତ ମାନଙ୍କୁ ନିଜେ ଡାକ୍ତରଖାନାକୁ ନେଇ ବହୁମୂଲ୍ୟ ଜୀବନ ବଞ୍ଚାଇବା ପାଇଁ ତଥା ସଡ଼କ ସୁରକ୍ଷା ନିମନ୍ତେ ଦୀର୍ଘ ବର୍ଷ ଧରି ସଚେତନତା ସୃଷ୍ଟି କରିଆସୁଥିବା ପାଇଁ ବରଗଡ଼ ଜିଲ୍ଲା ଆଞ୍ଚଳିକ ପରିବହନ କେନ୍ଦ୍ର ତରଫରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରେ ଏହି ସମ୍ମାନ ପ୍ରଦାନ କରାଯାଇଛି ।ଏହି ଉତ୍ସବରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ମୁନ୍ସିପାଲଟି ଅଧ୍ୟକ୍ଷା କଳ୍ପନା ମାଝୀ ବରଗଡ ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, କୋଷାଧ୍ୟକ୍ଷ ମନୋରଞ୍ଜନ ପାଳ, ସୁଷମା ସାହୁ, ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ପ୍ରମୁଖ ଯୋଗଦେଇ ଥିଲେ।

# ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର କାର୍ଯ୍ୟ ନିର୍ବାହି ଅଧିକାରୀଙ୍କୁ ଗତ ଏକ ମାସ ତଳେ ଅନ୍ୟତ୍ର ବଦଳି କରାଯାଇଥିଲା । ଏହି ଏକମାସ ପୌର ପରିଷଦର କାର୍ଯ୍ୟ ନିର୍ବାହି ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର କାର୍ଯ୍ୟଭାର ସମ୍ଭାଳିଥିଲେ। ଆଜି ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ନୂତନ କାର୍ଯ୍ୟ ନିର୍ବାହି ଅଧିକାରୀ ଆଲୋକ ଅନୁଗୁଳିଆ। ଏଥିପୂର୍ବରୁ ଆଲୋକ ଅନୁଗୁଳିଆ ନୂଆପଡା ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଏହି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ କେତେ ଦିନ ପର୍ଯ୍ୟନ୍ତ କାର୍ଯ୍ୟ ଭାର ସମ୍ଭାଳିବେ, କାରଣ ଗତ ଏକ ବର୍ଷ ହେବ ପୌର ପରିଷଦ ରେ ପ୍ରାୟ ୬ ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ବଦଳି ହୋଇ ସାରିଛ। ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମରକୋଟ ପୌର ପରିଷଦ ରେ ଯୋଗ ଦେବାରୁ ସମସ୍ତ କର୍ମଚାରୀ ଆନନ୍ଦିତ ହୋଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଆରା ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରୁପାଲି ପଞ୍ଚାୟତର କୁକୁରକୁଣ୍ଡୁ ଗ୍ରାମ ଶିକ୍ଷା କମିଟି, ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ବାଜା ବଜାଇ, ଗୀତ ଗାଇ, ନାଚି ନାଚି ବିଦାୟ ଜଣାଇଥିଲେ । ଗ୍ରାମ ଶିକ୍ଷା କମିଟି ପକ୍ଷରୁ ଆୟୋଜିତ ସଭାରେ କମିଟି ସଭାପତି ମାରୁ ଦୂରୁଆ ସଭାପତିତ୍ୱ କରିଥିଲେ। ଶ୍ରୀ ମହାନ୍ତି ବିଦ୍ୟାଳୟର ବହୁ ଉନ୍ନତି ଓ ସବୁଜମୟ କରିବା ସହ କରୋନା ସମୟରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଅଭିମୁଖ କରିବାରେ ପ୍ରମୁଖ ଭୂମିକା ନେଇଥିଲେ । ଆୟୋଜିତ ସଭାକୁ ବରିଷ୍ଠ ଶିକ୍ଷକ ରତ୍ନାକର ପାଳ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ସହଯୋଗ କରିଥିଲେ । ଗ୍ରାମବାସୀ ମାନେ ବିଦାୟକାଳୀନ ପ୍ରଧାନ ଶିକ୍ଷକଙ୍କୁ ଉପଢୌକନ ସହ ଫୁଲମାଳ ଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ । ଘରେ ଘରେ ତାଙ୍କ ପାଦ ଧୋଇ ଫୁଲ ଦେଇଥିଲେ । କାର୍ଯ୍ୟକ୍ରମରେ ନୀଳାରାମ ଦୂରୂଆ, ବଳରାମ ଦୂରୂଆ, ମୁକୁନ୍ଦ ଦୂରୁଆ, ବଞ୍ଜା ସୋଡ଼ି, ମଙ୍ଗଳି ସୋଡି,ରାମ ସୋଡି, ସନା ସୋଡି, ବୁଦ୍ରି ସୋଡି,ବାଲମତି ଦୁରୁଆ ସହଯୋଗ ସହ ଗ୍ରାମ୍ୟ ଶିକ୍ଷା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସରସ୍ୱତୀ ପୂଜା ପାଳିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରେ ୭ ଗୋଟି ବ୍ଲକ୍ ରେ ବିଭିନ୍ନ ବିଦ୍ୟାଳୟ ଓ ସାହି ମାନଙ୍କ ଠାରେ ମା ସରସ୍ୱତୀ ପୂଜା ଆଜି ସଖାଳୁ ସମୟ ରୁ ଆରମ୍ଭ ହୋଇଯାଇଛି । ସେହି ପରୀ ପାରଳାଖେମୁଣ୍ଡି ସହର ରେ ମହକିଲା ମହାବିଦ୍ୟାଳୟ , ମହାରାଜା ଉଚ୍ଚ ବାଳକ ବିଦ୍ୟାଳୟ , ମହାରାଜା ଉଚ୍ଚ ବାଳିକା ବିଦ୍ୟାଳୟ ,ମହେନ୍ଦ୍ରଗିରୀ ଉଚ୍ଚ ବିଦ୍ୟାଳୟ , ସ୍ୱୟମ୍ ଚାଳିତ ଏସ୍ କେ ସିଜି ମହାବିଦ୍ୟାଳୟ ଠାରେ ଆଜି ସଖାଳ ୧୦ ଘଣ୍ଟା ସମୟ ରେ ପୂଜା ଅରମ୍ଭ ହୋଇଥିଲା । ୧୧ ଘଣ୍ଟା ସମୟ ରେ ପୁଷ୍ପାଞ୍ଜଳୀ ପ୍ରଦାନ ହୋଇଯାଇଛି । ସବୁ ଛାତ୍ର ଓ ଛାତ୍ରି ମାନେ ନୂଆ ପୋଷାକ ପରିଧାନ କରି ବିଦ୍ୟାଳୟ କୁ ପ୍ରବେଶ କରିଥିଲେ। ସେହିପରି ଛୋଟ ପିଲା ମାନେ ବିଦ୍ୟାଳୟ ଖଡ଼ିଚୁଆଁଣୀ କରାଯାଇଛି। ଆସନ୍ତା ୩ ତାରିଖି ଦିନ ପ୍ରତି ମୂର୍ତ୍ତି ବିସର୍ଜନ କରାଯିବ ।

# ବିଜେପି ପକ୍ଷରୁ ସୋନିଆ ଓ ରାହୁଲଙ୍କ କୁଶ ପୁତ୍ତଳିକା ଦାହ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତିଙ୍କ ଭାଷଣ ଉପରେ ମନ୍ତବ୍ୟକୁ ବିରୋଧ କରି ଖଡ଼ିଆଳ ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ଖଡ଼ିଆଳ ବ୍ଲକ ଛକ ଠାରେ ପୂର୍ବତନ ଜିଲ୍ଲା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ନେତୃତ୍ୱରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ସେମାନଙ୍କ ଦାବି ଅନୁଯାୟୀ ଦେଶର ରାଷ୍ଟ୍ରପତିଙ୍କ ପ୍ରତି ହୀନ ମନ୍ତବ୍ୟ କୁ ବିରୋଧ କରି ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ କ୍ଷମା ମାଗିବାକୁ ଦାବି କରାଯାଇଛି ।ଏହି କାର୍ଯ୍ୟକ୍ରମରେ ବିଜେପି ନେତା ସଞ୍ଜୟ ତିୱାରୀ, ଅଜିତ କିଶୋର ଚଳାନ, ବିକ୍ରମ ମାଝି, ସୁଶାନ୍ତ ବିଶି, ପ୍ରଶାନ୍ତ ଦାସ, ଆହ୍ୱାନ ଯୋଶୀ, ସୁରେଶ ହଟୱାର, ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# କୋଠାରୁ ପଡ଼ି ରାଜମିସ୍ତ୍ରୀ ଗୁରୁତର



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ସ୍ଥାନୀୟ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କ ପାଇଁ ପୋଲିସ ହାଉସିଂ ବୋର୍ଡ ତରଫରୁ ଚାରି ମହଲା କୋଠା ନିର୍ମାଣ ଚାଲିଛି। ହେଲେ ବିଭାଗୀୟ ଯନ୍ତ୍ରୀଙ୍କ ଉପଯୁକ୍ତ ତଦାରଖ ଅଭାବରୁ ଶ୍ରମିକମାନେ ବିପଦ ସଙ୍କୁଳ ଅବସ୍ଥାରେ ବିନା ସୁରକ୍ଷା ଉପକରଣ ରେ କାମ କରୁଥିବା ଦେଖାଯାଇଛି। ସରକାରୀ ନିୟମ ଅନୁସାରେ ହେଲମେଟ, ସୁରକ୍ଷା କିଟ୍, ଆଦି ପିନ୍ଧିବା ସହିତ ସୁରକ୍ଷିତ ଭାବରେ କାମ କରିବା କଥା। ହେଲେ ଏହି କୋଠା କାମରେ ସବୁ ନୀତିନିୟମ କୁ ଫୁଙ୍କରି କାମ ଚାଲିଛି। ଯାହାଫଳରେ ନିର୍ମାଣାଧୀନ କୋଠା ଉପରୁ କାମ କଲା ବେଳେ ଜଣେ ରାଜମିସ୍ତ୍ରୀ ପଡ଼ି ଶନିବାର ଗୁରୁତର ହୋଇଥିବା ଜଣାଯାଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଅର୍ଜୁନ ସିଂକୁ ପଚାରିବାରୁ ତାଙ୍କ ପାଖରେ ସଠିକ୍ ଖବର ନଥିବା ଓ ବୁଝିକି କହିବି ବୋଲି କହିଛନ୍ତି। ସେହି ପରି ଥାନା ଅଧିକାରୀ ନରେନ୍ଦ୍ର ଛତର ଙ୍କୁ ପଚାରିବାରୁ ତାଙ୍କ ପାଖରେ ଖବର ନ ଥିବା କହିଥିଲେ। ହେଲେ ରାଜ ମିସ୍ତ୍ରୀ ଜଣକ ଗୁରୁତର ଥିବାରୁ ଖପ୍ରାଖୋଲ ଡାକ୍ତରଖାନାରୁ ପ୍ରାଥମିକ ଚିକିତ୍ସା ପରେ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ଚାଲିଥିବା ବିଶ୍ୱସ୍ତ ସୂତ୍ର ରୁ ଜଣାଯାଇଛି।

# ଦୁର୍ଘଟଣାରେ ମହିଳା ମୃତ, ବାଇକ୍ ଚାଳକ ଗିରଫ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ଖପ୍ରାଖୋଲ ଲାଠୋର ରାସ୍ତା ଘୁନସର ଛକ ନିକଟରେ ମୋଟର ସାଇକେଲ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ କୁର୍ଲୁମାଲ ଗାଁର କୁମାରୀ ବରିହା (୪୫) ବୋଲି ଜଣାଯାଇଛି। ସୂଚନା ଅନୁସାରେ ମୃତା ମହିଳା ନିଜ ଚାଷ ଜମିରୁ ଜାଳେଣି କାଠ ସଂଗ୍ରହ କରି ଫେରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଆପାଚି ମୋଟର ସାଇକେଲ ଧକ୍କା ଦେବାରୁ ମହିଳା ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ଆଣିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମୃତା ମହିଳା ର ପୁଅ ଯୁବରାଜ ବରିହା ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିବା ବେଳେ ଖପ୍ରାଖୋଲ ଥାନା କେସ ନମ୍ବର ୩୧/୨୫ ରେ ଏକ ମାମଲା ରୁଜୁ କରି ମୋଟର ସାଇକେଲ ଆରୋହୀ ନୂଆପଡ଼ା ଜିଲ୍ଲାର କୋମନା ଥାନା ଲହଣ୍ଡୋ ପାଲି ଗାଁ ର ରାଜକୁମାର ଜଗତ (୩୧) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

# ଫୁଲିକିମୁଣ୍ଡା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସମାବେଶ




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ର ପୁରାତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପାଲ ଚନ୍ଦ୍ର ବେହେରା ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ମୁଖ୍ୟ ବକ୍ତା ରୂପେ ପରିବେଶ କର୍ମୀ ଡ଼. ଅଭୟ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ପୂର୍ବତନ ସରପଞ୍ଚ ମୋହନ ସୁନା, ଅଶୋକ ବାଗ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ର ବିକାଶ ପାଇଁ ସମସ୍ତ ଙ୍କ କର୍ତ୍ତବ୍ୟ ବୋଲି କହିବା ସହିତ ଏହା ହିଁ ବିଦ୍ୟାଳୟ ପ୍ରତି ଦକ୍ଷିଣା ବୋଲି କହିଛନ୍ତି। ଏହି ଅବସରରେ ବିଦ୍ୟାଳୟ ର ୨୨ ଜଣ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମ କିଶୋର ସାହୁ, ଡୋଳାମଣି ସାହୁ, ସଂଖଧର ମାଝୀ, ମୂରଲୀ ମେହେର ପ୍ରମୁଖ ପୁରାତନ ଛାତ୍ର ସମେତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ରାଣୀ ବିଶ୍ୱାସ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ମୁଖ୍ୟବକ୍ତା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାଶ, ସମ୍ମାନୀତ ଅତିଥି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସଏ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସ୍ୱାଧାର ଗୃହ ଅଧିକ୍ଷକ ଚକ୍ରପାଣି ସାହୁ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ଛାତ୍ରଛାତ୍ରୀ ପଢ଼ିବାରେ ଧ୍ୟାନ ଦେବା ସଙ୍ଗେ ସଙ୍ଗେ କ୍ରୀଡ଼ା, ନୃତ୍ୟ, ସଂଗୀତ, ନାଟକ ପ୍ରଭୃତିରେ ଧ୍ୟାନ ଦେବା ଉଚିତ୍ ଏବଂ ଅଭିଭାବକ ମାନେ ନିଜର ପିଲା ବିଦ୍ୟାଳୟରେ ପ୍ରତିଦିନ କଣ ପଢ଼ିଲେ ତଦାରଖ କରିପାରିଲେ ଶିକ୍ଷାରେ ଉନ୍ନତି ହୋଇପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ଅତିଥି ମାନେ ମଧ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ଗଳ୍ପ ଓ ନୀତିଶିକ୍ଷା ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ସିନିୟର ବାଳିକା ଚାମ୍ପିଅନ ଯମୁନା ପଡ଼ିଆମୀ, ସିନିୟର ବାଳକ ଚାମ୍ପିଅନ୍ ମୁକା ମାଡକାମୀ, ଜୁନିଅର ବାଳିକା ଚାମ୍ପିଅନ୍ ଅଳକା ଦେବନାଥ, ଜୁନିଅର ବାଳକ ଚାମ୍ପିଅନ୍ ପ୍ରହଲ୍ଲାଦ ବୁରୁଡ଼ି ଓ ଅନ୍ୟାନ୍ୟ ୬୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶେଷରେ ନାଟକ, ନୃତ୍ୟ, ଗୀତ ପ୍ରଭୃତି ପ୍ରଦର୍ଶନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବିଷ୍ଣୁ ପ୍ରସାଦ ସୁବୁଦ୍ଧି ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ସୁଚିକା ସୁକୁଲ, ସନ୍ତୁଷ୍ଟା ପୁଷ୍ଟି, ରୋଜାଲିନ୍ ମିଶ୍ର, କ୍ରୀଡ଼ା ଦାୟିତ୍ୱ ରେ ନୀହାରି ରଞ୍ଜନ ଚୌଧୁରୀ, ଶିବ ମୋହନ ପଣ୍ଡା, ରିତାଞ୍ଜଳୀ ସାମଲ, ଇସାନୀ ଶତପଥୀ, ଅନୀତା ସାହୁ, ମଞ୍ଜସଜ୍ଜା ଶଙ୍କର ଚନ୍ଦ୍ର ମହାପାତ୍ର, ତନ୍ମୟ ମହାପାତ୍ର, ବିଶ୍ୱ ଜିତ ମହାନ୍ତି, ତ୍ରୈଲୋକ୍ୟ ହିରା, ନୃତ୍ୟ ନିର୍ଦ୍ଦେଶନା ସୋନାଲି ରାୟ, କିରଣ ବାଳା ରାଉତ, ସୁହାନୀ ସୁପ୍ରିୟା ବାଘ, ନିବେଦିତା ନାୟକ ଓ ଉଷାରାଣୀ ରାୟ ଥିଲେ। ଉପସ୍ଥିତ ଅତିଥି, ଅଭିଭାବକ, ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷୟିତ୍ରୀ ଏମ୍. ନନ୍ଦିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଡ଼ିଆଳ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ




ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆ ଠାରେ ଆସନ୍ତା ଫେବୃଆରୀ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଖଡ଼ିଆଳ ମହୋତ୍ସବ-୨୦୨୫ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ । ଶନିବାର ମହୋତ୍ସବ ପାଳନ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପ୍ରସ୍ତୁତି ନେଇ ମହୋତ୍ସବ କମିଟି ସଭପତି ଜିତେନ୍ଦ୍ରନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ସୁନୀଲ କୁମାର ସାହୁ, ଉପସଭାପତି ଶୁଶାନ୍ତ ତାଣ୍ଡି, ପ୍ରଚାର ପ୍ରସାର ମୁଖ୍ୟ ପୃଥ୍ୱୀରାଜ ମହାନ୍ତି, ସତୀଶ ପଟ୍ଟନାୟକ,ପୂର୍ବତନ ସଭାପତି ନିମାଇଁ ଚରଣ ତାଣ୍ଡି, ଗିରିଧାରୀ ବିଭାର ସନ୍ତୋଷ ପଟ୍ଟନାୟକ, ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ବର୍ଷ ମହୋତ୍ସବ ମଣ୍ଡପଟି ଜାତୀୟ ସ୍ଥପତି ତାଜମହଲ ଆକାରରେ ନିର୍ମାଣ ହୋଇଛି । ୨ ରୁ ୭ ତାରିଖ ମଧ୍ୟରେ ପୋଲିସ ବାହିନୀ କଡା ସୁରକ୍ଷା ପ୍ରଦାନ କରିବେ । ସହର ବିଭିନ୍ନ ରାସ୍ତାରେ ବାଇକ ଷ୍ଟାଣ୍ଡ ବ୍ୟବସ୍ଥା କରାଯାଇଛି । ସମସ୍ତ ଅତିଥିଙ୍କ ଯୋଗଦାନ ଠିକ ହୋଇସାରିଛି । ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କଳାକାର ମାନଙ୍କୁ ସୁଯୋଗ ଦିଆଯାଇଥିବା ବେଳେ ରାଜ୍ୟ ତଥା ବିଭିନ୍ନ ରାଜ୍ୟରୁ ସାଂସ୍କୃତିକ ଦଳ ଯୋଗଦାନ କରିବେ । ଝୋଟି ପ୍ରତିଯୋଗିତା, ଦେଶୀ ଫେସନ ଶୋ, କବିତା ପାଠ, ଆଲୋଚନାଚକ୍ର ଥିବାବେଳେ ଷ୍ଟାର ନାଇଟ ସାତ ତାରିଖରେ ବଲିଉଡ ଗାୟକ ଜାଭେଦ ଅଲୀ ଯୋଗଦାନ କରିବେ । ପାଞ୍ଚ ତାରିଖ ସନ୍ଧ୍ୟାରେ ଓଡ଼ିଆ ଅର୍କେଷ୍ଟ୍ରାର ହ୍ୟୁମାନ ସାଗର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ମହୋତ୍ସବ ପଡ଼ିଆର ୨୦୦ ମିଟର ମଧ୍ୟରେ ଯାନବାହନ ନିଷେଧ ରହିବ। ପଡ଼ିଆ ମଧ୍ୟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ ବ୍ୟବସ୍ଥା, ପୋଲିସ ମଦ୍ୟପାନ କରିଥିବା ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ପରୀକ୍ଷା ଯନ୍ତ୍ର ବ୍ୟବହାର କରିବ । ମହୋତ୍ସବ ସମୟରେ କୌଣସି ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି ବୋଲି ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଶେଷରେ ମହୋତ୍ସବ କମିଟିର ପ୍ରଚାର ପ୍ରସାର ଆବାହକ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପରିଚାଳନା କମିଟି ଗଠନ



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ନୂତନ ଜଗନ୍ନାଥ ମନ୍ଦିର ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ଦିନ ପ୍ରତିଷ୍ଠା ହେବା ନେଇ ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ପାଞ୍ଚ ଦିନ ଧରି ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିଷ୍ପତି ନିଆ ଯାଇଛି । ଏଥିନିମନ୍ତେ ନୂତନ ଭାବେ ନିର୍ମାଣ ହୋଇଥିବା ମନ୍ଦିରରେ ପ୍ରସ୍ତୁତି ଜୋରଦାର ଚାଲିଛି । ଏହି ଅବସରରେ ମନ୍ଦିର ପ୍ରତିଷ୍ଠା କମିଟି ଗଠନ କରାଯାଇଅଛି । ସର୍ବସମ୍ମତି କ୍ରମେ ପ୍ରଫୁଲ୍ଲ କୁମାର ଭୂୟାଁ, ସଭାପତି , ଉପ ସଭାପତି ଭାବେ ଅଜୟ ଦାସ, କିରଣ ପଟ୍ଟନାୟକ, ରତନ ଗଣ୍ଡ, ନହରୁ ଗଣ୍ଡ, ସଂପାଦକ ଭାବେ କମଲ ସିଂ ରାଜପୁତ୍, ସହ ସଂପାଦକ ରୂପେ ଭବାନୀ ନାୟକ, ଦଶରୁ ଗଣ୍ଡ ଓ କୋଷାଧ୍ୟକ୍ଷ ମୋହନ ସାହୁ ମନୋନୀତ ହୋଇଛନ୍ତି । ଏଥିସହ ମୁଖ୍ୟ ପରିଚାଳକ ଭାବେ ତହସିଲଦାର ରିତୁ ସିଂ, ବିଡିଓ ଲକ୍ଷ୍ମୀ ସାଗର ମାଝୀ ଓ ଥାନା ଅଧିକାରୀ ରଘୁ ନାଥ ମାଝୀ ପ୍ରମୁଖ ଅଧିକାରୀ ରହିଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ଖେଦୁ ଝାଙ୍କର, ସହଦେବ ଗଣ୍ଡ, ସନ୍ତୋଷ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝାଙ୍କର, ଲମ୍ବୋଦର ମାଝୀ, ସୁଦର୍ଶନ ମାଝୀ,ଶିବନାଥ ବାନାର୍ଜୀ , ଯତୀନ୍ଦ୍ର ଗଣ୍ଡ, ମାଳିସିଂ ପାତ୍ର, ନବି ସାନ୍ତା, ଘନଶ୍ୟାମ ଶର୍ମା, ଜୀବନ ଶାହା, କୌଶିକ ସାହୁ, ଅନନ୍ତ ବାରିକ, ସଂଗ୍ରାମ ବାରିକ, ପ୍ରିତମ ଗଣ୍ଡ, ରାଜେନ୍ଦ୍ର ଯାଦବ ପ୍ରମୁଖ ରହିଛନ୍ତି । ସେହିଭଳି ଭାସ୍କର ଦଣ୍ଡସେନା, ଶ୍ରୀହର୍ଷ ମହାପାତ୍ର, ଅଭିମନ୍ୟୁ ଡାକୁଆ, ମୁନା ସମରଥ, ସୁକେଶ ମିଶ୍ରା, ଧନେଶ ପ୍ରଧାନ, ମନୋହର ଦଣ୍ଡସେନା, ବିଷ୍ଣୁ ଗୌଡ଼, ବିକି ଶ୍ରୀବାସ୍ତବ, ଶରତ ବାରିକ , ଦିବାକର ନାୟକ, ମହେନ୍ଦ୍ର ରାଜପୁତ୍, ମୀନା ମାଝୀ,ପୁରୁଷୋତ୍ତମ ଶର୍ମା , ଦିଲୀପ ପାତ୍ର। ମାର୍ଚ୍ଚ ୨ ତାରିଖ ପ୍ରଥମ ଦିବସ ଦିନ ଅପରାହ୍ନ ୩ଟାରୁ ରାତି ୮ ଟା ପର୍ଯ୍ୟନ୍ତ ଅଧିବାସ,୩ ତାରିଖ ଦିନ ଇନ୍ଦ୍ରଇନ୍ଦ୍ରାଣୀ ପୂଜା, ହବନ, ଧାନ୍ୟା ଦିବାସ, ପଞ୍ଚଶସ୍ୟ, ପ୍ରକ୍ଷେଣ, ଇନ୍ଦ୍ର ଇନ୍ଦ୍ରାଣୀ ସ୍ଥାପନ,ରହିଧିବାସ, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଅଙ୍କୁରରୋପଣ ୭ ଘଣ୍ଟା ଠାରୁ ୯ ଘଣ୍ଟିକା ପର୍ଯ୍ୟନ୍ତ ,୪ ତାରିଖ ଦିନ ଜଳ ଯାତ୍ରା, ପଞ୍ଚକର୍ମ, ବ୍ରାହ୍ମଣକରଣ, ସୂର୍ଯ୍ୟପୂଜା, ଗୋପୂଜା, ଶାଳା ସଂସ୍କାର, ମଣ୍ଡଳ ପୂଜା,ଅଗ୍ନି ସଂସ୍କାର, ଆଳତୀ, ପୁଷ୍ପାଞ୍ଜଳି, ଶାନ୍ତିପାଠ, ସନ୍ଧ୍ୟା ୭ ଟା ଠାରୁ ଅଖଣ୍ଡ ନାମ ସଂକୀର୍ତ୍ତନ ଅଷ୍ଟପ୍ରହର ଅନୁଷ୍ଠିତ ହେବ। ୫ ତାରିଖ ଦିନ ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପୂଜା, ଦେବତାଙ୍କ ଗାୟତ୍ରୀ ମନ୍ତ୍ରରେ ହବନ, ସଂପ୍ରାତ୍ୟ ଆର୍ଯ୍ୟ, ଭସ୍ମଗ୍ରହଣ, ଦେବତାଙ୍କ ମହାସ୍ନାନ, ଦେବତାଙ୍କ ଶୟନ, ନିଦ୍ର କଳସ ପୂଜା, ଆଳତୀ, ପୁଷ୍ପାଞ୍ଜଳି, ଶାନ୍ତିପାଠ ଓ ୬ ତାରିଖ ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ହବନ, ଦେବତାଙ୍କ ପ୍ରାଣ ପ୍ରତିଷ୍ଠା, ସିଂହାସନ ବିଜେ, ପୂର୍ଣ୍ଣାହୁତି, ଆଳତୀ ପୁଷ୍ପାଞ୍ଜଳି,ଶାନ୍ତିପାଠ, ମହାପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି । ମାର୍ଚ୍ଚ ୨ ତାରିଖରୁ ୬ ତାରିଖ ପଞ୍ଚଦିବସୀୟ କାର୍ଯ୍ୟକ୍ରମ ରହିଛି । ପୁରୀଧାମ ପଣ୍ଡିତ ଶ୍ରୀ ସୂର୍ଯ୍ୟ ନାରାୟଣ ରଥଶର୍ମା ପୁରୋହିତ ଦ୍ୱାରା ଆଧାତ୍ମିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଅଛି।

# ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଚେତନତା ଶିବିର




ରାୟଗଡା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ, ରାୟଗଡ଼ ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ-୨୦୧୬ ବିଷୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଅଛି । ଏହି ଶିବିରରେ ଓଡ଼ିଶା ଭିନ୍ନକ୍ଷମ ଆୟୁକ୍ତ ବ୍ରତାତି ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ। ରାୟଗଡ଼ାର ଅତିରିକ୍ତ ଜିଲ୍ଲାପାଳ ସଭା ପରିଚାଳନା କରିଥିଲେ। ଏହି ଶିବିରରେ ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା, ଭୁବନେଶ୍ୱରର ନିହାର ରଞ୍ଜନ କନହର, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡା, ଲାଲମୋହନ ରାଉତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଗସ୍ପାର ବୋରଲା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୁଷ୍ପଲତା ଦୀକ୍ଷିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ ଏବଂ ଏଲ୍ ସନ୍ତୋଷ କୁମାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଗୁଣପୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର ସମସ୍ତ କନିଷ୍ଠ ସହାୟକ ଏବଂ ରାୟଗଡ଼ା ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ସଂଗଠନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଏହି ଶିବିରରେ ଭିନ୍ନକ୍ଷମମାନଙ୍କର ଅଧିକାର ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସରକାରୀ ଅଧିକାରୀମାନେ ଭିନ୍ନକ୍ଷମମାନଙ୍କ ସମସ୍ୟାଗୁଡିକ କିଭଳି ତ୍ୱରିତ ଭାବରେ ସମାଧାନ କରିପାରିବେ ଏବଂ ସେମାନଙ୍କ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରିଥିଲେ। ଦିବ୍ୟାଙ୍ଗ ମାନଙ୍କ ପାଇଁ ସିଏସ୍ଆର୍ ପାଣ୍ଠିର ୫%ଖର୍ଚ୍ଚ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ସ୍କୁଲ ଓ ଡିଡିଆର୍ସି ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ କହିଥିଲେ। ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଆଧାର କାର୍ଡ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଦୁଇ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଥିଲା ଶେଷରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ପୁରୀ (ଭାସ୍କର ନ୍ୟୁଜ) : ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ ଭୁବନେଶ୍ୱର ତରଫରୁ ୧୭ ବର୍ଷ ରୁ କମ ବାଳିକା କ୍ରିକେଟ ଟିମ ର ୧୬ ଜଣ ଖେଳାଳି ହରିୟାଣା ର ପଞ୍ଚକୁଲାରେ ପହଞ୍ଚିଛନ୍ତି।୬୮ ତମ ଜାତୀୟ ସ୍ତର ବାଳିକା କ୍ରିକେଟ ଚଳିତ ବର୍ଷ ପଞ୍ଚକୁଲା (ହରିୟାଣା ) ଠାରେ ଫେବୃଆରୀ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ଏଥିରେ ଅଂଶଗ୍ରହଣ କରିବା ପାଇଁ ଏକ କୋଚିଂ କ୍ୟାମ୍ପ ପୁରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ଗତମାସ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।ଏଥିରେ ଦୀପଶିଖା ନାୟକ, ସୁପ୍ରଭା ବିଶ୍ୱାଳ,ନିବେଦିତା ହରିଜନ,ଅନେଶ ନାୟକ, ସ୍ମୃତି ରେଖା ରାୟ,ବିଷ୍ଣୁ ପ୍ରିୟା ଜେନା, ବୀଣା ଗଣ୍ଡ, ଜ୍ୟୋତ୍ସ୍ନା ସିଂ, ଦିପ୍ତୀମୟୀ ଜେନା,ପ୍ରତିଷ୍ଠା ପ୍ରିୟଦର୍ଶିନୀ, ପ୍ରତିଭା ମହାନ୍ତି, ଅଭିଲିପ୍ସା ସାହୁ, ପଦ୍ମିନୀ ସଏ, ରୋମି ପ୍ରଲିପ୍ତା ମଲ୍ଲିକ, ଦମୟନ୍ତୀ ଜେନା ଓ ହେନା ଓରାମ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ। ଏହି ଜାତୀୟ କ୍ରିଡା ରେ ଯୋଗ ଦାନ ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡିଶା,ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତି ପ୍ରସାଦ ପରିଡା, ପ୍ରଶିକ୍ଷକ ଜ୍ୟୋତି କମଲ, ମ୍ୟାନେଜର ଶାନ୍ତନୁ କୁମାର ରାଉତ ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା
# ୮ରେ ମିଳିବ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ଆସନ୍ତା ୮ ତାରିଖରେ ପ୍ରଦାନ କରାଯିବ। ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଯେଉଁମାନଙ୍କ ପାଖକୁ ବ୍ୟାଙ୍କରୁ ଫୋନ୍ ଯିବ, ସେମାନେ ୩ ଓ ୪ ତାରିଖରେ ବ୍ୟାଙ୍କକୁ ଯାଇ ନିଜର ଇ-କେଓ୍ୱାଇସି ଠିକ୍ କଲେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ। ଯଦି ୩ ଓ ୪ ତାରିଖରେ ଏନପିସିଆଇ କ୍ଲିୟର ହୋଇଯିବ, ତେବେ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୧ କୋଟିରୁ ଅଧିକ ହେବ। ଓଡ଼ିଶା ସରକାର ସହାୟତା ଦେବାରେ ଆଦୌ ଅବହେଳା କରିବେ ନାହିଁ । ବର୍ତ୍ତମାନ ସୁଦ୍ଧା ୮୦ଲକ୍ଷ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ଯାଇ ସାରିଛି। ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ବହୁ ଆବେଦନକାରୀ ଅପେକ୍ଷାରେ ରହିଛନ୍ତି। ଗତବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଏହି ଯୋଜନାରେ ବହୁ ମହିଳା ଉପକୃତ ହୋଇଛନ୍ତି। ଶ୍ରୀମତୀ ପରିଡ଼ା ଆହୁରି କହିଛନ୍ତି ଯେ ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ଯାଜପୁରରେ ପ୍ରଦାନ କରାଯିବ। ଏହାପୂର୍ବରୁ ଏନପିସିଆଇ ସମସ୍ୟା ଥିବା ହିତାଧିକାରୀ ବ୍ୟାଙ୍କ ଯାଇ ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏବେ ବି ଅଢେଇ ଲକ୍ଷ ହିତାଧିକାରୀଙ୍କ ଏନପିସିଆଇ ସମସ୍ୟା ରହିଥିବାବେଳେ ୧ଲକ୍ଷରୁ ଅଧିକ ମହିଳାଙ୍କର ଇ-କେଓ୍ୱାଇସି ସମସ୍ୟା ରହିଛି। ୮ ତାରିଖ ପୂର୍ବରୁ ଏହାର ସମାଧାନ ହୋଇପାରିଲେ ସେମାନେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରାରେ ସାମିଲ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ବାପୁ କ୍ରିକେଟ୍ କ୍ଲବର ୪୮ ତମ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନ (ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ଖେଳ ପଡିଆ ରେ ବାପୁ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୪୮ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯମୁନାକୋଟ ର ପୂର୍ବତନ ସରପଞ୍ଚ ଖୁଲଣା ରାଉତ ଯୋଗ ଦେଇଥିଲେ । ପ୍ରଥମ ଦିନରେ ଏ ଜି ସି ସି ( ଯାଜପୁର) ସହ ଆଇ ଆର ସି ଭିଲେଜ୍ ( ଭୁବନେଶ୍ୱର) ର ଖେଳ ଅନୁଷ୍ଠିତ ହୋଇଥିଲା । ଟସ୍ ରେ ଜିଣି ଏ ଜିସିସି ଯାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭର ରେ ୮ ଓ୍ୱିକେଟ ହରାଇ ୧୫୫ ରନ କରିଥିଲେ। ଏହାର ଜବାବରେ ଭୁବନେଶ୍ୱର ଟିମ୍ ୧୮ ଓଭର ରେ ୮ ଓ୍ୱିକେଟ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥଲା। ଯାଜପୁର ଦଳ ୧୮ ର ରେ ବିଜୟୀ ହୋଇଥିଲା । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଓ ରାଜେନ୍ଦ୍ର ନାୟକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ରଞ୍ଜନ ବେହେରା,ସତ୍ୟଜିତ ଦାସ ଓ ବିଶ୍ୱଜିତ୍ ବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।



## ପ୍ରୟାଗରାଜ ମହାକୁମ୍ଭ
# ୨୧ ଦିନରେ ପବିତ୍ର ବୁଡ଼ ଦେଲେ ୩୪ କୋଟି



ପ୍ରୟାଗରାଜ: ପ୍ରୟାଗରାଜରେ ଚାଲୁ ରହିଥିବା ଭବ୍ୟ ମହାକୁମ୍ଭର ରବିବାର ହେଉଛି ୨୧ତମ ଦିବସ। ରବିବାର ପୂର୍ବାହ୍ନ ସାଢେ ୧୦ଟା ସୁଦ୍ଧା ସଙ୍ଗମରେ ବୁଡ଼ ପକାଇଥିଲେ ୭୧.୩୬ଲକ୍ଷ ଶ୍ରଦ୍ଧାଳୁ। ବର୍ତ୍ତମାନ ସୁଦ୍ଧା ୨୧ ଦିନରେ ୩୪.୩୩ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଲେଣି। ବସନ୍ତ ପଞ୍ଚମୀର ଅମୃତ ସ୍ନାନକୁ ନଜରରେ ରଖି ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ବାହାର ଯାନବାହନ ପ୍ରବେଶକୁ ନିଷେଧ କରାଯାଇଛି। ଶ୍ରଦ୍ଧାଳୁଙ୍କୁ ନିଜର ଗାଡ଼ି ସହର ବାହାରେ ପାର୍କିଂ କରିବାକୁ କୁହାଯାଇଛି। ପାର୍କିଂଠାରୁ ଲୋକେ ବସ୍ ବା ଚାଲିଚାଲି ଘାଟଯାଏ ପହଞ୍ଚିପାରିବେ। ବଡ଼ ଓ ଛୋଟ ଗାଡ଼ି ପାଇଁ ଅଲଗା ଅଲଗା ପାର୍କିଂ କରାଯାଇଛି। ସବୁ ରେଲଓ୍ୱେ ଷ୍ଟେସନରେ ଓ୍ୱାନ୍ ଓ୍ୱେ ବ୍ୟବସ୍ଥା ଲାଗୁ ହୋଇଛି। ବସନ୍ତ ପଞ୍ଚମୀର ଅମୃତ ସ୍ନାନକୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ସେ କହିଥିଲେ, ୨ ଓ ୩ ତାରିଖ ଆମପାଇଁ ଚାଲେଞ୍ଜିଂ ରହିଛି। ବୈଠକରେ ଯୋଗୀ ସ୍ପଷ୍ଟ କରିଥିଲେ ଯେ ଭିଆଇପି ପ୍ରୋଟୋକଲ ଲାଗୁ କରାଯିବ ନାହିଁ । କୌଣସି ମୂଲ୍ୟରେ ଯାତ୍ରୀଙ୍କ ଯାତାୟତରେ ବାଧା ଦିଆଯିବ ନାହିଁ । ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ଗତମାସ ୧୩ ତାରିଖରୁ ଏହି ମହାକୁମ୍ଭ ଆରମ୍ଭ ହୋଇଥିଲା। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ତେବେ ଏହି ମହାକୁମ୍ଭରେ ତିନି ତିନୋଟି ଅଘଟଣ ଶ୍ରଦ୍ଧାଳୁଙ୍କ ମନରେ ଭୟ ସଞ୍ଚାର କରିଛି। ଦଳାଚକଟାରେ ବହୁ ଶ୍ରଦ୍ଧାଳୁଙ୍କ ଜୀବନ ଯିବା ସହ ବିଭିନ୍ନ ତମ୍ବୁରେ ନିଆଁ ଲାଗିଯିବା ଘଟଣା ଶ୍ରଦ୍ଧାଳୁଙ୍କ ମନରେ ଆଶଙ୍କା ଜାତ କରିଛି।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ନିଜର କାର୍ଯ୍ୟକାଳ ମଧ୍ୟରେ ଶିକ୍ଷା ବିଭାଗକୁ ଆଶାତୀତ ଭାବେ ଉର୍ଦ୍ଧଗାମୀ କରାଇ ପାରିଥିଲେ। ଶିକ୍ଷକଙ୍କ ସହମତି ଭିତରେ ବିଭିନ୍ନ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟ ଗୁଡିକର ସୁପରିଚାଳନ କରିବା ସହିତ ବିଦ୍ୟାଳୟ ରେ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ଏଥିସହ ଦୀର୍ଘ ବର୍ଷ ଧରି ଦୁର ଦୁରାନ୍ତ ରେ କାର୍ଯ୍ୟରତ ଶିକ୍ଷକଙ୍କ ସମସ୍ୟା ଗୁଡ଼ିକ ବିଷୟରେ ଅବଗତ ହେବା ସହିତ ଥଇଥାନର ବ୍ୟବସ୍ଥା କରିଥିଲେ। ଏହିଭଳି ଲୋକପ୍ରିୟ ଶିକ୍ଷା ଅଧିକାରୀ ଙ୍କୁ ପାଇଁ ଶିକ୍ଷକ ତଥା ଛାତ୍ର ଛାତ୍ରୀ ମହଲରେ ପ୍ରିୟର ପାତ୍ର ହୋଇପାରିଥିଲେ। ଏପରି ସମୟରେ ମାତ୍ର ୧୧ ମାସର କାର୍ଯ୍ୟକାଳ ପରେ ତାଙ୍କର ଜିଲ୍ଲା ବାହାରକୁ ବଦଳିକୁ ଗ୍ରହଣ କରିପାରୁ ନାହାନ୍ତି ଶିକ୍ଷକ ଶିକ୍ଷୟତ୍ରୀ ମାନେ। ତାଙ୍କର ବଦଳି ପରେ ତାଙ୍କୁ ବେସ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ସହ ଶିକ୍ଷକ ମାନଙ୍କ ପକ୍ଷରୁ ଏକ ବିରାଟ ପଟୁଆରରେ ଆସି ସହର ପରିକ୍ରମା କରାଯାଇ ତାଙ୍କୁ ଭାବପୁର୍ଣ୍ଣ ବିଦାୟ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଣ୍ଣବୋଧ...

ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି କୋମଳ ମନକୁ ଆକର୍ଷିତ କରିଥିଲେ। ଏହି ବହିଟି ଅତି କମ୍ ଦିନରେ ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟିଗଲା । ଘରେ ଘରେ ବର୍ଣ୍ଣବୋଧ ପହଞ୍ଚିଲା । ୧୮୯୫ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା । ଏହାର ଲୋକପ୍ରିୟତା ଏଭଳି ବଢିଗଲା ଯେ ୧୮୯୫ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ, ଆମେ ସବୁ ଏହି 'ବର୍ଣ୍ଣବୋଧ'କୁ ପଢି ବଡ ହୋଇଛୁ, ଓଡିଆ ଭାଷାକୁ ଶିଖିଛୁ। ବର୍ଣ୍ଣବୋଧ ଆମ ମାଟି,ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଞ୍ଚରିଯାଇଛି। ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ'। ଓଡ଼ିଆ ଭାଷା ଶିକ୍ଷାଦାନ କରିବା ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ। ଶୁଦ୍ଧ ଓଡ଼ିଆ ପଢିବା ପାଇଁ ବର୍ଣ୍ଣବୋଧ ଅତ୍ୟନ୍ତ ଆବଶ୍ୟକ। ଆଜି ଆମ ଆଧୁନିକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଛି 'ଆନନ୍ଦମୟ ଶିକ୍ଷା।' ଏହାର ଲକ୍ଷ୍ୟ ହେଉଛି, ଶିକ୍ଷାଦାନକୁ ଚିତ୍ର, ଖେଳଣା, ଉଦାହରଣ ମଧ୍ୟମରେ କରାଗଲେ ତାହା ପିଲାଙ୍କ ପାଇଁ ବୋଧଗମ୍ୟ ହେବ। ପ୍ରକୃତରେ, ଏହି ଶିକ୍ଷାର ଜନକ ଥିଲେ ମଧୁସୁଦନ ରାଓ। ସରଳ ଭାଷାରେ ଓ ଛୋଟ ଛୋଟ ପଦ୍ୟ ମାଧ୍ୟମରେ ଶିକ୍ଷାଦାନକୁ ସେ ବୋଧଗମ୍ୟ କରିଥିଲେ। ସେ ପୁଣି କହିଥିଲେ, ବର୍ଣ୍ଣବୋଧ, ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ। ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ। ୧୩୦ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ। ଭାଷା ସାହିତ୍ୟର ମହାନ୍ ସ୍ରଷ୍ଟାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ଆମେ ଗୁରୁତ୍ୱ ଦେଉଛୁ। ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ବହିଟିର ନୂଆ ଶୋଭନ ସଂସ୍କରଣ ପାଇଁ ବିଶିଷ୍ଟ ଭାଷାବିତ୍ ଓ ସାହିତ୍ୟିକ କୈଳାଶ ଚନ୍ଦ୍ର ଟିକାୟତ ରାୟ, ଦାଶ ବେନହୁର, ବୈଷ୍ଣବ ଚରଣ ମହାନ୍ତି, ହରପ୍ରସାଦ ମିଶ୍ର ଓ ସନ୍ତୋଷ କୁମାର ରଥଙ୍କ ଅବଦାନ ପ୍ରଶଂସନୀୟ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଏହି ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଏହି ନୂତନ ସଂସ୍କରଣ, କୁନି କୁନି ପିଲାମାନଙ୍କୁ ଖୁବ୍? ଭଲ ଲାଗିବ ଓ ଓଡ଼ିଆ ଭାଷାକୁ ସହଜରେ ଶିଖିବା ପାଇଁ ଏହା ସେମାନଙ୍କ ପକ୍ଷରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବର୍ଣ୍ଣବୋଧର ଡିଜିଟାଲ ସଂସ୍କରଣ, ଭାଷା ପ୍ରତିଷ୍ଠାନର ମୁଖପତ୍ର ' ଭାଷାପତ୍ର', ସତ୍ୟନାରାୟଣ ବହିଦାର ଏବଂ ବାସୁଦେବ ସାହୁଙ୍କ ଜୀବନୀ ପୁସ୍ତକ ମଧ ଉନ୍ମୋଚନ କରିଥିଲେ ଏବଂ ଭକ୍ତକବିଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ବର୍ତ୍ତମାନ ସମୟରେ ସ୍ମାର୍ଟ କ୍ଲାସରୁମରେ ପିଲାମାନଙ୍କୁ ଚିତ୍ର ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ୧୮୫୩ ମସିହାରେ ଜନ୍ମିତ ଭକ୍ତକବି, ପିଲାଙ୍କୁ ସ୍ମାର୍ଟ ବହି ସେତେବେଳେ ଧରାଇଥିଲେ। ସେତେବେଳେ ସ୍ରଷ୍ଟା ମାନେ ସାହିତ୍ୟ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିଥିଲେ। ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ଏବଂ ଆପଣ ମାନଙ୍କ ସହଯୋଗରେ ଏହା ନିଶ୍ଚୟ ସୁଦୃଢ ହେବ। ବିଧାୟକ ବାବୁ ସିଂ କହିଥିଲେ ଯେ, ଆମ ସଂସ୍କୃତିକୁ ନେଇ ଆମେ ଗର୍ବ ଅନୁଭବ କରିଥାଉ। ସଂସ୍କୃତିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଜିର ଏହି ଶୁଭଦିନ ଶ୍ରୀପଞ୍ଚମୀ, ଆମପାଇଁ ସଂସ୍କୃତି, ସ୍ୱାଭିମାନ ଓ ଅସ୍ମିତାକୁ ବଜାୟ ରଖିବା ପାଇଁ ଏକ ସଂକଳ୍ପର ଦିନ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜିଉଙ୍କ ରଥ ନିର୍ମାଣ ପାଇଁ ସରସ୍ୱତୀ ପୂଜାରେ ରଥକାଠ ଅନୁକୂଳ



ପୁରୀ (ଭାସ୍କର ନ୍ୟୁଜ) : ବିଧି ପରମ୍ପରା ମୁତାବକ ପବିତ୍ର ବସନ୍ତ ପଞ୍ଚମୀ ଅର୍ଥାତ ସରସ୍ୱତୀ ପୂଜାରେ ବିଧିବଦ୍ଧ ଭାବରେ ତିନିରଥର ତିନୋଟି ୧୨ ଫୁଟିଆ ଧଉରା କାଠକୁ ଅନୁକୂଳ କରାଯାଇଛି। ଆଜିର ପବିତ୍ର ତିଥିରେ ୨୦୨୫ ରଥଯାତ୍ରା ପାଇଁ ଏହା ହେଉଛି ଅୟମାରମ୍ଭ। ଶୁଭ ମୁହୂର୍ତ୍ତ ମୁତାବକ ରବିବାର ସଂଧ୍ୟା ୬.୩୦ ମିନିଟରେ ଏକ ଆଧ୍ୟାତ୍ମିକ ପରିବେଶରେ ରଥକାଠ ଅନୁକୂଳ ପର୍ବ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟ କରିଛନ୍ତି ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣ। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଜଙ୍ଗଲରୁ ଆସିଥିବା ଗୋଟିଏ ୧୨ ଫୁଟିଆ ୩ଟି ଧଉରା କାଠକୁ ଆଜି ପୂଜାର୍ଚ୍ଚନା କରାଯାଇଥିଲା। ତିନୋଟି ରଥକାଠ ଉପରେ ପଞ୍ଚାମୃତ ସିଞ୍ଚନ କରାଯାଇଥିଲା। ଆସନ୍ତା ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଶ୍ରୀପଞ୍ଚମୀ ପୂର୍ବରୁ ରଥଖଳାରେ ପ୍ରଥମ ପର୍ଯ୍ୟାୟ କାଠ ପହଁଚିବାର ନିୟମ ଥିବାବେଳେ ଅକ୍ଷୟ ତୃତୀୟା ତିଥି ପୂର୍ବରୁ ସମସ୍ତ କାଠ ପହଁଚିବାର ନିୟମ ରହିଛି। ୩ ରଥ ନିର୍ମାଣ ପାଇଁ ମୋଟ ୮ ଶହ ୬୫ ଖଣ୍ଡ କାଠ ଆବଶ୍ୟକତା ରହିଥାଏ। ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥକାଠ କାଟିବା ଅନୁକୂଳ ପୂଜା ଗତ ଜାନୁଆରି ୧୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ରଥଯାତ୍ରା ପାଇଁ ଆବଶ୍ୟକ ରଥକାଠ କାଟିବାକୁ ଅନୁମତି ଦେବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନର ୩ଜଣିଆ ଦଳ ମହାପ୍ରଭୁଙ୍କ ମାଳ, ମାହାର୍ଦ୍ଦ, ଲାଗି ଖଣ୍ଡୁଆ, ନଡ଼ିଆ ଆଦି ନେଇ ଆଜି ନୟାଗଡ଼ ଗସ୍ତ କରି କରିଥିଲେ। ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଭେଟି ରଥକାଠ ଅନୁକୂଳର ପୂର୍ବପ୍ରସ୍ତୁତି ଆରମ୍ଭ କରିଥିଲେ। ପ୍ରତିବର୍ଷ ଭଳି ନୟାଗଡ଼ ବନଖଣ୍ଡ ଅଧୀନ ଗଣିଆ ବନାଞ୍ଚଳ ବଡ଼ମୂଳସ୍ଥିତ ବନଦେବୀ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ଭବ୍ୟ ପୂଜାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବଡ଼ରାଉଳ ଠାକୁରାଣୀଙ୍କୁ ମହାପ୍ରଭୁଙ୍କ ମାଳ, ମାହାର୍ଦ୍ଦ ସହ ଲାଗି ଖଣ୍ଡୁଆ, ନଡ଼ିଆ ଆଦି ସମର୍ପଣ କରାଯାଇଥିଲା ଏବଂ ନୟାଗଡ଼ ବନଖଣ୍ଡରୁ ରଥଯାତ୍ରାରେ ତିନିରଥ ପାଇଁ ଆବଶ୍ୟକ କାଠ କାଟିବାର ଅନୁମତି ମଗାଯାଇଥିଲା। ରଥକାଠ ଅନୁକୂଳ ପର୍ବ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ,ଉପମୁଖ୍ୟ ପ୍ରଶାସକ ବା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,ଶ୍ରୀମନ୍ଦିର ନୀତି ପ୍ରଶାସକ,ଏସପି ବିନୀତ ଅଗ୍ରୱାଲ, ଟାଉନ ଥାନା ଅଧିକାରୀ ଗୌକୁଳ ରଞ୍ଜନ ଦାସ,ସିଂହଦ୍ୱାର ଅଧିକାରିଣୀ ଶ୍ୱେତପଦ୍ମା ଦାଶ,ତିନିରଥର ଭୋଇ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଆସନ୍ତା ରାମନବମୀ ତିଥିରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ କରାଯିବା ସହ ଆସନ୍ତା ଅକ୍ଷୟ ତୃତୀୟା ଦିନ ରଥନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ତେବେ ତିନିରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ଗତବର୍ଷର ୫୧ ଖଣ୍ଡ କାଠ ବଳକା ରହିଛି। ତେବେ ଚଳିତବର୍ଷ ରଥନିର୍ମାଣ ପାଇଁ ଆଉ ୮୧୪ ଖଣ୍ଡ କାଠ ଦରକାର ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ତିନୋଟି ଟ୍ରକ୍ ଯୋଗେ ୧୦୧ ଖଣ୍ଡ କାଠ ପୁରୀରେ ପହଞ୍ଚିଛି।

# ବର୍ଷେ ହେବ ଅଚଳ ହୋଇ ରହିଛି ସୋର୍ଲକୋଣ୍ଡା ବ୍ୟାରେଜର ୩ ନମ୍ବର ମୁଖ୍ୟ ଫାଟକ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରରେ ରହିଛି ପୋଟେରୁ ଜଳ ସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟାଳୟ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ଚାଷୀଙ୍କୁ ପୋଟେରୁ ଜଳ ସେଚନ ବିଭାଗ ପକ୍ଷରୁ ସୋର୍ଲକୋଣ୍ଡା ଠାରେ ଥିବା ବ୍ୟାରେଜରୁ ଗୋମ୍ପାକୋଣ୍ଡା ଓ ତାମସା ଦୁଇଟି ମୁଖ୍ୟ କେନାଲ ଦ୍ୱାରା ବିଭିନ୍ନ ଋତୁରେ ଚାଷ ପାଇଁ ଆବଶ୍ୟକ ହେଉଥିବା ଜଳଯୋଗାଇ ଦିଆଯାଉଛି। ପୋଟେରୁ ଜଳସେଚନ ବିଭାଗ ପକ୍ଷରୁ ସୋର୍ଲକୋଣ୍ଡା ଠାରେ ନିର୍ମାଣ କରାଯାଇଥିବା ବ୍ୟାରେଜରେ ମୋଟ ୫ ଟି ମୁଖ୍ୟ ଫାଟକ ରହିଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଆଜକୁ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ ଦିନ ହେବ ମୁଖ୍ୟ ଫାଟକ ଗୁଡିକ ମଧ୍ୟରୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ୩ ନମ୍ବର ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡି ରହିଛି।ଖାଲି ଏତିକିରେ ସରିନି ବ୍ୟାରେଜର ସରିନି ସମସ୍ୟା। ଆଜକୁ ପ୍ରାୟ ୨ବର୍ଷରୁ ଉର୍ଦ୍ଧଦିନ ହେବ ଉକ୍ତ ବ୍ୟାରେଜକୁ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ସେଠାରେଥିବା ଏକ ଜେନେରେଟରରୁ ବାହାରୁଥିବା ବିଦ୍ୟୁତ ଦ୍ୱାରା ଫାଟକ ଗୁଡିକ ଖୋଲିବା ଓ ବନ୍ଦ କରାଯାଉଛି। ଅଚଳ ହୋଇ ପଡି ରହିଥିବା ୩ ନମ୍ବର ଫାଟକକୁ ମରାମତି କରିବା ପାଇଁ ବିଭାଗ ପକ୍ଷରୁ ଜୟପୁରର ଆମ୍ବାଗୁଡା ଠାରେ ଥିବା ମେକାନିକାଲ ଡିଭିଜନକୁ ଦାଇତ୍ୱ ପ୍ରଦାନ କରାଯାଇଛି।କିଛିଦିନ ପୂର୍ବେ ଆମ୍ବାଗୁଡା ମେକାନିକାଲ ଡିଭିଜନ ପକ୍ଷରୁ କିଛି ଅଧିକାରୀ ଓ ମେକାନିକ ମାନେ ଆସି ଫାଟକର ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘଦିନ ହେବ ଫାଟକର ମରାମତି କାର୍ଯ୍ୟ ଅଧାରେ ଅଟକି ରହିଛି। ଉକ୍ତ ବ୍ୟାରେଜ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୀନବନ୍ଧୁ ପାତ୍ରଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୨ବର୍ଷ ପୂର୍ବେ ୩ନମ୍ବର ଫାଟକର ଗିଅରବକ୍ସ ଭାଙ୍ଗିଯିବା ଯୋଗୁ ଫାଟକଟି ତଳକୁ ଖସି ପଡିବା ଯୋଗୁ ଫାଟକର ତଳ ଅଂଶ ମାଡ ହୋଇ ବଙ୍କା ହୋଇଯାଇଛି। ଫାଟକ ମରାମତି କାମ ଅଧାରେ ରହଛି। ବ୍ୟାରେଜରେ ପାଣି କମିବା ପରେ ଉକ୍ତ ଫାଟକର ବାକି ଥିବା ସମସ୍ତ କାର୍ଯ୍ୟ ତୁରନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ବିଭାଗୀୟ କର୍ତୃପକ୍ଷଙ୍କ ଦାଇତ୍ୱ ଶୂନ୍ୟତା ଓ ଅବହେଳା ଯୋଗୁ ବ୍ୟାରେଜରେ ଆଦୌ ହୋଇପାରୁନି ବିଦ୍ୟୁତ ସଂଯୋଗ ବ୍ୟବସ୍ଥା। ଏନେଇ ଉକ୍ତବ୍ୟାରେଜରେ କାର୍ଯ୍ୟରତ ଥିବା କର୍ମଚାରୀ ଓ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଜଣାଇଥିଲେ ବି ବିଭାଗ ପକ୍ଷରୁ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ୟାରେଜକୁ ନୂତନ ଭାବେ ବିଦ୍ୟୁତ ସଂଯୋଗ କରିବା ପାଇଁ ବିଭାଗ ପକ୍ଷରୁ ଏ ଷ୍ଟିମେଟ କରି ତତକାଳୀନ ଅଧିକ୍ଷକ ଯନ୍ତ୍ରୀ ଅଭିରାମ ବେଉରିଆଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଏଷ୍ଟିମେଟକୁ ତତକାଳୀନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଚନ୍ଦ୍ରଶେଖର ମିଶ୍ର ଅନୁମୋଦନ ମଧ କରିଥିଲେ।ହେଲେ କେଉଁ କାରଣ ଯୋଗୁ ବ୍ୟାରେଜରେ ବିଦ୍ୟୁତ ସଂଯୋଗ ପାଇଁ ଟେଣ୍ଡର କରାଗଲା ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ବର୍ତ୍ତମାନ ପ୍ରାୟ କିଛିମାସ ପୂର୍ବେ ବିଭାଗ ପକ୍ଷରୁ ପୁନର୍ବାର ଏଷ୍ଟିମେଟ କରି ଟିପିଏସ ଓ ଡିଏଲରୁ ବିଦ୍ୟୁତ ଆଣିବା ପାଇଁଉଚ୍ଚକର୍ତୃପକ୍ଷଙ୍କୁଦିଆଯାଇଥିବା ବ୍ୟାରେଜ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।ଏସମ୍ପର୍କରେ ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଫାଟକ ମରାମତି କାର୍ଯ୍ୟ କରୁଥିବା ଏଜେନ୍ସି ପାଣି କରିବାକୁ କହିବା ସହ ମରାମତି ପାଇଁ ଅଧିକ ଦିନ ସମୟ ଆବଶ୍ୟକ ବୋଲି କହୁଛି। ଅନ୍ୟପଟେ ଅଧିକ ଦିନ ପାଣି ବନ୍ଦ କରିବାକୁ ଓଏଚପିସିର କର୍ତୃପକ୍ଷ ରାଜି ହେଉନାହାନ୍ତି। ପାଣି ବନ୍ଦ କରିବା ପାଇଁ ଖୁବ ଶୀଘ୍ର ଓଏଚପିସି କର୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ତାଳବସ୍ତରେ ଆରମ୍ଭ ହେଲା ଧାନ ମଣ୍ଡି



ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କୀରେ ଆରମ୍ଭ ହେଲା ନିୟମିତ ଧାନ ମଣ୍ଡି। ପ୍ରଥମ ଫେଜରେ ତାଳବସ୍ତ ଓ ପଦନପୁର ସେବା ସମବାୟ ସମିତିରେ ଚାଷୀମାନେ ମଣ୍ଡିରେ ଧାନ ଦେଇଛନ୍ତି। ତାଳବସ୍ତ ମଣ୍ଡିରେ ୩୫ ଜଣ ଚାଷୀ ୧୨୦୦ କୁଇ□ାଲ ଧାନ ଦେଇଥିବା ବେଳେ ପଦନପୁର୍‌ରେ ୧୫ ଜଣ ଚାଷୀ ୪୦୭ କୁଇ□ାଲ୍ ଧାନ ଦେଇଛନ୍ତି। ଧାନର ମାନ ପରୀକ୍ଷା ପାଇଁ ସରକାରୀ ଅଧିକାରୀ ଉପସ୍ଥିତ ରହିଥିଲେ। ମଣ୍ଡିରେ ଧାନ ଦେବା ନେଇ ପ୍ରଶାସନିକ ଅଧିକାରୀ କଡା ନଜର ରଖିଥିବାରୁ ଏଠାରେ କୌଣସି ବ୍ୟତିକ୍ରମ ଦେଖାଦେଇନଥିଲା। ଏପରିକି ଧାନର ମାନ ପରୀକ୍ଷା କରାଯାଇ କୌଣସି କଟନି ଛଟନି ହୋଇନଥିବା ଚାଷୀମାନେ କହିଛନ୍ତି। ମଣ୍ଡିରେ ବାଙ୍କୀ ଏଆର୍‌ସିଏସ୍ ସୁରେନ୍ଦ୍ର ଜେନା ଉପସ୍ଥିତ ରହିଥିଲେ। ସେବା ସମବାୟ ସମିତି ସଭାପତି ଅକ୍ଷୟ ବେହେରା ଓ ସମିତି ସମ୍ପାଦକ ପ୍ରଫୁଲ୍ଲ ଦାସଙ୍କ ସହ ଚାଷୀମାନେ ଉପସ୍ଥିତ ରହିଥିଲେ।

# ଭୁଜାଲିରେ ଆକ୍ରମଣ କରି ଲୁଟ୍

ବରଗଡ଼ (ଭାସ୍କର ନ୍ୟୁଜ): ରବିବାର ସନ୍ଧ୍ୟାରେ ବରଗଡ଼ ଜିଲ୍ଲା ପର୍ଥଲା ଛକ ନିକଟରେ ଏକ ବଡ଼ଧରଣର ଲୁଟ୍ ହୋଇଥିବା ସୂଚନା ମିଳିଛି। ଦୁଇଜଣ ଯୁବକ ଯାଉଥିବାବେଳେ ଏକ ସ୍କୁଟିରେ ୩ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ସମସ୍ତ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

MANAPPURAM HOME FINANCE LTD.

**ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ମନପୁରମ ହୋମ ଫାଇନାନ୍ସ ଲିମିଟେଡ୍ ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏ୍ୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

**ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ତେଣୁ ୯ ଆଇନର ୧୩(୪) ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ। ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ/ଶାଖା | ଯେଉଁ ଉଦ୍ଦେଶ୍ୟରେ ଏହି ସମ୍ପତ୍ତି ବନ୍ଧକ ରହିଥିବାର ବିବରଣୀ | ଡିମାଣ୍ଡ ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ | ପଜେସନର ତାରିଖ |
|---|---|---|---|---|
| ୧ | ଗୀତାଞ୍ଜଳି ବେହେରା, ଧନେଶ୍ୱର ବେହେରା/ ଏମ୍‌ଏଚଏଲ୦୦୭୬୦୦୦୩୯୪୩/ ଭଦ୍ରକ | ଆରଓଆର ନଂ ୩୩୨/୩୧୫ ଏବଂ ପ୍ଲଟ୍ ନଂ ୧୬୨୫/୩୪୪୨, ଏରିଆ ୦.୦୬୦ ଡିସିମିଲ, ସଙ୍ଗମ ଗ୍ରାମ, ତହସିଲ-ହାଟଡିହି, ଥାନା- ସୋସୋ, ଜିଲ୍ଲା-କେନ୍ଦୁଝର, କେନ୍ଦୁଝର ଓଡ଼ିଶା, ପିନ୍-୭୫୮୦୭୮, ପୂର୍ବ- ଗଙ୍ଗାଧର ବେହେରା, ପଶ୍ଚିମ- ବୁଦ୍ଧଦେବ ବେହେରା, ଦକ୍ଷିଣ- ନିଜେ, ଉତ୍ତର- ରାସ୍ତା । | ୧୮.୧୦.୨୦୨୪ ଏବଂ ଟ. ୨୭୧୩୩୫/- | ୨୮.୦୧.୨୦୨୫ |
| ୨ | ପ୍ରମିଳା ସାହୁ, ହେମନ୍ତ ସାହୁ/ ଏମଏଚଏଲ୦୦୮୮୦୦୧୨୬୫୫/ କଟକ | ଏ୦.୦୧୬୦ ଡିସିମିଲ, ଆରଓଆର ନଂ ୧୯୫/୯୧ ଏବଂ ପ୍ଲଟ ନଂ ୧୫୫୬, ମୌଜା- ବାମ୍ପ, ତହସିଲ- ହିନ୍ଦୋଳ, ତହସିଲ ନଂ ୧୪୩, ପିଏସ୍- ରାସୋଳ, ପିଏସ୍ ନଂ ୧୩, ଜିଲ୍ଲା- ଢେଙ୍କାନାଳ, ହିନ୍ଦୋଳ, ପୋଷ୍ଟ-ଗୁଣ୍ଡିଚାପଡ଼ା, ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୨୫, ପୂର୍ବ- ରାସ୍ତା, ପଶ୍ଚିମ- ସର୍ଗି ସସ୍ମିତା ଗଡ଼ନାୟକ ଏବଂ ଅନ୍ୟମାନେ, ଦକ୍ଷିଣ- ବାଞ୍ଛାନିଧି ନରେନ୍ଦ୍ର, ଉତ୍ତର- ରାମଚନ୍ଦ୍ର ଗଡ଼ନାୟକ । | ୧୮.୧୦.୨୦୨୪ ଏବଂ ଟ. ୫୨୩୮୨୮/- | ୨୮.୦୧.୨୦୨୫ |
| ୩ | ଲକ୍ଷ୍ମୀପ୍ରିୟା ସ୍ୱାଇଁ, କଞ୍ଜମଣି ସ୍ୱାଇଁ/ ଏମଏଚଏଲ୦୦୯୬୦୦୦୩୭୦୭/ ବାଲେଶ୍ୱର | ଆରଓଆର ନଂ ୬୩୬/୯୮୭ ଏବଂ ପ୍ଲଟ ନଂ ୨୮୧୬/୩୮୬୯, ଏରିଆ- ଏ.୦.୦୩୦୦ ଡିସିମିଲ, ମୌଜା- ଅରମାଳ, ତହସିଲ- ରେମୁଣା, ପିଏସ୍- ରେମୁଣା, ପିଏସ୍ ନଂ ୧୨୨, ଜିଲ୍ଲା- ବାଲେଶ୍ୱର ବାଲେଶ୍ୱର, ପୋଷ୍ଟ- ବାଲିଆଫାର୍ମ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୬, ପୂର୍ବ- ୩୦ ଲିଙ୍କ୍‌ରୋଡ, ପଶ୍ଚିମ- ପ୍ଲଟ ନଂ ୨୮୧୦, ଦକ୍ଷିଣ- ସୁଜାତା ବାରିକ, ଉତ୍ତର- ବିକ୍ରୟ ଜମିର ଅବଶିଷ୍ଟ ଅଂଶ। | ୧୮.୧୦.୨୦୨୪ ଏବଂ ଟ. ୫୮୧୪୩୩/- | ୨୮.୦୧.୨୦୨୫ |
| ୪ | ସାଜେଦା ବିବି, ମହମ୍ମଦ ମୁସ୍ତାକ ଅଲ୍ଲୀ/ ଏମଏଚଏସଏଲଓଏନଏସ୦୦୦୦୫୦୧୧୭୯୫/ କଟକ | ଖାତା ନଂ ୭୧୫/୧୬୮ ଏବଂ ପ୍ଲଟ ନଂ ୨୧୭୮ (ଏ୦.୦୩୫), ୨୧୭୬(ଏ୦.୦୧୦) ଏବଂ ୨୧୭୫(ଏ୦.୦୧୦), ମୌଜା- ଶାବଳକଣା, ପିଏସ୍ ନଂ ୧୯୧, ତହସିଲ ନଂ ୧୯୬, ତହସିଲ- ମାହାଙ୍ଗା, ମାହାଙ୍ଗ, ଜିଲ୍ଲା-କଟକ, ଓଡ଼ିଶା, ପିନ୍-୭୫୪୨୦୯, ପୂର୍ବ- ଫରିଉଦ୍ଦିନ, ପଶ୍ଚିମ- ଶ୍ମଶାନ, ଦକ୍ଷିଣ- ଫରିଉଦ୍ଦିନ, ଉତ୍ତର- ରାସ୍ତା। | ୨୬.୧୦.୨୦୨୪ ଏବଂ ଟ. ୫୬୩୯୮୬/- | ୨୮.୦୧.୨୦୨୫ |
| ୫ | ମନୋଜ ସାହୁ, ସୁମତୀ ସାହୁ, ସୁମନ ସାହୁ/ ଏନଏଲଏପି୦୦୯୬୦୦୯୧୦୩/ ବାଲେଶ୍ୱର | ଏରିଆ ଏ.୦.୦୫୦ ଡିସିମିଲ, ଆରଓଆର ନଂ ୧୪୮୦/୪୧୪ ଏବଂ ପ୍ଲଟ ନଂ ୪୪୩୪/୫୫୪୮/୫୮୮୨, ପ୍ଲଟ ନଂ ୪୪୩୪/୫୫୪୮, ଏରିଆ ଏ.୦.୦୭୦ ଡିସିମିଲ, ମୌଜା- କସବା କମର୍ଦ୍ଦା, ତହସିଲ- ଜଳେଶ୍ୱର, ପିଏସ୍-ଭୋଗରାଇ, ପିଏସ୍ ନଂ ୨୪, ଜିଲ୍ଲା-ବାଲେଶ୍ୱର, ଆକ୍ସିସ ବ୍ୟାଙ୍କ ପାଖ, ବାଲେଶ୍ୱର, ପୋଷ୍ଟ- ବାଉଁଶଡିହ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୩୫, ପୂର୍ବ- ରାସ୍ତା, ପଶ୍ଚିମ- ପ୍ରବୀର ଘଡେଇଙ୍କ ପ୍ଲଟ୍, ଦକ୍ଷିଣ- ହରେନ୍ଦ୍ର ଗାରୁଙ୍କ ପ୍ଲଟ, ଉତ୍ତର- ବ୍ରଜେନ୍ଦ୍ରନାଥ ସାହୁଙ୍କ ପ୍ଲଟ୍। | ୨୧.୧୦.୨୦୨୪ ଏବଂ ଟ. ୭୪୮୯୦୦/- | ୨୮.୦୧.୨୦୨୫ |
| ୬ | ମଞ୍ଜୁଲତା ସାହୁ, ବାସୁଦେବ ସାହୁ/ ଏମଏଚଏସଏଲଓଏନଏସ୦୦୦୦୫୦୦୯୧୧୫/ କଟକ | ଏମ୍‌ଏସ୍ ଆରଓଆର ନଂ ୩୬୧ ଏବଂ ପ୍ଲଟ ନଂ ୧୧୧/୧୮୬୧, ଏରିଆ- ଏ୦.୦୩୦ ଡିସିମିଲ, ରାଜପୁର, ଗ୍ରାମ- ତିହିଡି, ମାଧବନଗର, ପିଏସ୍- ଭଦ୍ରକ, ପିଏସ୍ ନଂ ୮୨, ପୋଷ୍ଟ- ଭଦ୍ରକ ବାଇପାସ୍, ତହସିଲ ଏବଂ ଜିଲ୍ଲା-ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୮୧, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ ୧୧୧, ଦକ୍ଷିଣ- ପ୍ଲଟ ନଂ ୧୧୧, ଉତ୍ତର- ପ୍ଲଟ ନଂ ୧୧୧। | ୨୩.୧୦.୨୦୨୪ ଏବଂ ଟ. ୩୮୦୬୯୦/- | ୨୮.୦୧.୨୦୨୫ |

ତାରିଖ: ୦୩.୦୨.୨୦୨୫, ସ୍ଥାନ: ଓଡ଼ିଶା
ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ ପାଇଁ



ନୂଆଦିଲ୍ଲୀ: ରେଳବାଇ ପକ୍ଷରୁ 'ସ୍ୱରେଲ' ଆପ୍ ଘୋଷଣା କରିଛି। ଏହା ଟେଷ୍ଟିଙ୍ଗ ପାଇଁ ଗୁଗୁଲ୍ ପ୍ଲେ ଷ୍ଟୋରରେ ଏହା ଉପଲବ୍ଧ କରାଯାଇଛି । ପ୍ରାରମ୍ଭରେ କେବଳ ୧୦୦୦ ଲୋକ ଏହାକୁ ଡାଉନଲୋଡ୍ କରିପାରିବେ। ଏହାପରେ ଫିଡବ୍ୟାକ୍ ଉପରେ ଆଧାର କରି ଏହା ୧୦,୦୦୦ ଲୋକଙ୍କ ପାଇଁ ଉପଲବ୍ଧ ହେବ । ଏହାପରେ ଆବଶ୍ୟକୀୟ ଉନ୍ନତି ପରେ ଏହି ଆପ୍ ଲଞ୍ଚ ହେବ, ଯାହା ପରେ ସମସ୍ତେ ଏହାକୁ ଡାଉନଲୋଡ୍ କରିପାରିବେ । ସେଣ୍ଟର ଫର ରେଲୱେ ଇନଫରମେସନ୍ ସିଷ୍ଟମ୍ ଦ୍ୱାରା ବିକଶିତ କରାଯାଇଛି ଏହି ଆପ୍ । ଏଥିରେ ସମସ୍ତ ପ୍ରକାର ଟିକେଟ୍ ବୁକିଂ, ପାର୍ସଲ, ଟ୍ରେନ୍ ଏବଂ ଟଗଜ ସ୍ଥିତି ଅନୁସନ୍ଧାନ, ଖାଦ୍ୟ ଅର୍ଡର ସହ ଅଭିଯୋଗ ପାଇଁ ରେଳ ସହାୟତା ଭଳି ସେବା ଯୋଗାଇବ । ଯାତ୍ରୀମାନଙ୍କ ସୁବିଧା ପାଇଁ ଏହା ଡିଜାଇନ୍ କରାଯାଇଛି । ଥରେ ସାଇନ୍ ଇନ୍ ହୋଇଗଲାପରେ ୟୁଜରମାନେ ବାୟୋମେଟ୍ରିକ ମାଧ୍ୟମରେ ମଧ୍ୟ ଏହାକୁ ଆକ୍ସେସ କରିପାରିବେ । ରେଳବାଇ ବୋର୍ଡ ସଦସ୍ୟ ଦିଲୀପ କୁମାର କହିଛନ୍ତି ଯେ, ଏହା ଜାନୁଆରୀ ୩୧ରୁ ଗୁଗୁଲ୍ ପ୍ଲେ ଏବଂ ଆପଲ୍ ଆପ୍ ଷ୍ଟୋରରେ ବିଟା ପରୀକ୍ଷା ପାଇଁ ଉପଲବ୍ଧ ହୋଇଛି ।

# ଶ୍ରୀ ସନାତନ ଧର୍ମ ଆଳୟମର ମହା କୁମ୍ଭାଭିଷେଗମରେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭିଡିଓ ବାର୍ତ୍ତା ମାଧ୍ୟମରେ ଇଣ୍ଡୋନେସିଆର ଜାକର୍ତ୍ତାରେ ଶ୍ରୀ ସନାତନ ଧର୍ମ ଆଳୟମର ମହା କୁମ୍ଭାଭିଷେଗମ ସମୟରେ ତାଙ୍କର ବକ୍ତବ୍ୟ ରଖିଛନ୍ତି। ସେ ଏହି ଅବସରରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ, ମୁରୁଗାନ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ପା ହାସିମ, ପରିଚାଳନା ଟ୍ରଷ୍ଟି ଡକ୍ଟର କୋବାଲାନ, ତାମିଲନାଡୁ ଏବଂ ଇଣ୍ଡୋନେସିଆର ଗଣମାନ୍ୟ ବ୍ୟକ୍ତି, ପୁରୋହିତ ଏବଂ ଆଚାର୍ଯ୍ୟ, ଭାରତୀୟ ପ୍ରବାସୀ ସଦସ୍ୟ, ଇଣ୍ଡୋନେସିଆ ଏବଂ ଅନ୍ୟାନ୍ୟ ରାଷ୍ଟ୍ରର ସମସ୍ତ ନାଗରିକ ଯେଉଁମାନେ ଏହି ପବିତ୍ର ଅବସରରେ ଅଂଶ ଗ୍ରହଣ କରିଥିଲେ, ଏବଂ ଏହି ଦିବ୍ୟ ଓ ଭବ୍ୟ ମନ୍ଦିରକୁ ବାସ୍ତବରେ ପରିଣତ କରିଥିବା ସମସ୍ତ ପ୍ରତିଭାବାନ କଳାକାରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମାରୋହରେ ସାମିଲ ହେବାର ସୌଭାଗ୍ୟ ପ୍ରକାଶ କରି ଶ୍ରୀ ମୋଦୀ କହିଛନ୍ତି ଯେ ରାଷ୍ଟ୍ରପତି ପ୍ରବୋଓଙ୍କ ଉପସ୍ଥିତି ତାଙ୍କ ପାଇଁ ଏହି କାର୍ଯ୍ୟକ୍ରମକୁ ଆହୁରି ସ୍ୱତନ୍ତ୍ର କରିଦେଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜାକର୍ତ୍ତାଠାରୁ ଶାରୀରିକ ଭାବରେ ଦୂରରେ ଥିଲେ ମଧ୍ୟ, ସେ ଏହି କାର୍ଯ୍ୟକ୍ରମ ସହିତ ମାନସିକ ଭାବେ ନିକଟତର ରହିଛନ୍ତି। ଏହା ଭାରତ-ଇଣ୍ଡୋନେସିଆର ଦୃଢ଼ ସମ୍ପର୍କକୁ ପ୍ରତିଫଳିତ କରୁଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ ରାଷ୍ଟ୍ରପତି ପ୍ରବୋଓ ସମ୍ପ୍ରତି ୧୪୦ କୋଟି ଭାରତୀୟଙ୍କ ଶ୍ରଦ୍ଧା ଇଣ୍ଡୋନେସିଆକୁ ଆଣିଛନ୍ତି ଏବଂ ତାଙ୍କ ମାଧ୍ୟମରେ ଇଣ୍ଡୋନେସିଆର ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ଭାରତୀୟଙ୍କ ଶୁଭକାମନା ଅନୁଭବ କରିପାରିବେ ବୋଲି ସେ କହିଥିଲେ। ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କ କେବଳ ଭୂ-ରାଜନୈତିକ ନୁହେଁ ବରଂ ହଜାର ହଜାର ବର୍ଷର ସହଭାଗୀ ସଂସ୍କୃତି ଏବଂ ଇତିହାସ ଉପରେ ଆଧାରିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ଐତିହ୍ୟ, ବିଜ୍ଞାନ, ବିଶ୍ୱାସ, ସମାନ ବିଶ୍ୱାସ ଏବଂ ଆଧ୍ୟାତ୍ମିକତା ଉପରେ ଆଧାରିତ। ଏହି ସମ୍ପର୍କ ମଧ୍ୟରେ ଭଗବାନ ମୁରୁଗନ, ଭଗବାନ ରାମ ଏବଂ ଭଗବାନ ବୁଦ୍ଧ ଅନ୍ତର୍ଭୁକ୍ତ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କ ଅନେକ ଦୃଢ଼ ସୂତ୍ରରେ ବୁଣାଯାଇଛି। ସେ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ରପତି ପ୍ରବୋଓଙ୍କ ସାମ୍ପ୍ରତିକ ଭାରତ ଗସ୍ତ ସମୟରେ, ସେମାନେ ଏହି ସହଭାଗୀ ଐତିହ୍ୟର ଅନେକ ଦିଗକୁ ଆଦର କରିଛନ୍ତି। ସାଂସ୍କୃତିକ ମୂଲ୍ୟବୋଧ, ଐତିହ୍ୟ ଏବଂ ପରମ୍ପରା ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଜନ-ମନଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ ରାଷ୍ଟ୍ରପତି ପ୍ରବୋଓଙ୍କ ପ୍ରତି କୃତଜ୍ଞତା ଜଣାଇ ଏବଂ ମନ୍ଦିରର ମହା କୁମ୍ଭାଭିଷେକରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ନିଜ ବକ୍ତବ୍ୟ ଶେଷ କରିଥିଲେ।

# ଦିଲ୍ଲୀରେ ଉଚ୍ଛେଦ ହେବନି ବସ୍ତି: ମୋଦୀ

ନୂଆଦିଲ୍ଲୀ: ଦିଲ୍ଲୀରେ ବିଧାନସଭା ନିର୍ବାଚନରେ ଥିବାରୁ ବସ୍ତିବାସିନ୍ଦାଙ୍କୁ ଖୁସି କରିବାକୁ ବଡ଼ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦିଲ୍ଲୀରେ ବସ୍ତି ଉଚ୍ଛେଦ ହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ରବିବାର ଦିଲ୍ଲୀରେ ନିର୍ବାଚନ ପ୍ରଚାର କରି ମୋଦୀ କହିଛନ୍ତି ଯେ ଯଦି ଦିଲ୍ଲୀରେ ବିଜେପି କ୍ଷମତାକୁ ଆସିବ ତେବେ ବସ୍ତି ଉଚ୍ଛେଦ କରାଯିବ ନାହିଁ। ନିକଟରେ ଆମ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲ୍ ବସ୍ତି କଥା କହି ବିଜେପିକୁ ଟାର୍ଗେଟ୍ କରିଥିଲେ। ବିଜେପି କ୍ଷମତାକୁ ଆସିଲେ ଦିଲ୍ଲୀରେ ବସ୍ତି ଭାଙ୍ଗି ଦେବ ବୋଲି କେଜରିୱାଲ୍ କହିଥିଲେ। ରବିବାର ଏହାର ଜବାବ ଦେଇ ମୋଦୀ କହିଛନ୍ତି 'ଦିଲ୍ଲୀରେ ଗୋଟିଏ ବି ବସ୍ତି ଭାଙ୍ଗି ଦିଆଯିବ ନାହିଁ। ଆମେ କେବଳ ଏମିତି ଦେଖାଇବା ପାଇଁ ଘୋଷଣା କରୁନାହୁଁ। ଆମେ ଆମର ପ୍ରତିଶ୍ରୁତିକୁ ରଖିବାକୁ ବଜେଟରେ ବ୍ୟବସ୍ଥା କରୁଛୁ।' ଏଥିସହିତ ଆପ୍ ମିଛ କଥା ପ୍ରଚାର କରୁଛି ବୋଲି କହି କେଜରିୱାଲ୍‌ଙ୍କୁ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ। ଫେବୃଆରୀ ୫ ରେ ଦିଲ୍ଲୀର ୭୦ ଟି ବିଧାନସଭା ଆସନରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ଫେବୃଆରୀ ୮ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ରାଲିରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ କ୍ଷମତାକୁ ଆସିଲେ ଆମେ କୌଣସି ପ୍ରକାର ଜନହିତକର ଯୋଜନାକୁ ବନ୍ଦ କରିବୁ ନାହିଁ। ଜନସ୍ୱାର୍ଥ ପାଇଁ ପ୍ରତିବଦ୍ଧ ବୋଲି ମୋଦୀ କହିଛନ୍ତି। ଦିଲ୍ଲୀରେ ବିହାରବାସିନ୍ଦା ଅଧିକ ମାତ୍ରାରେ ରହୁଥିବାରୁ ସେମାନଙ୍କୁ ମଧ୍ୟ ଖୁସି କରିବାକୁ ଚାହୁଁଛନ୍ତି ମୋଦୀ। ଏନେଇ ସେ କହିଛନ୍ତି କିଛି ଲୋକ ପୂର୍ବାଞ୍ଚଳ ଲୋକଙ୍କୁ ଦିଲ୍ଲୀରୁ ତଡ଼ି ଦେବାକୁ ଚାହୁଁଛନ୍ତି। ବିଜେପି ଆସିଲେ ସେମିତି ହେବ ନାହିଁ ବୋଲି ମୋଦୀ କହିଛନ୍ତି। ଏଥିସହିତ ବଜେଟ୍‌ରେ ବିହାର ପାଇଁ ହୋଇଥିବା ସ୍ୱତନ୍ତ୍ର ଘୋଷଣା ଓ ମଖାନା ବୋର୍ଡ ଗଠନ ହେବା ନେଇ କହିଛନ୍ତି ପ୍ରଧାନମନ୍ତ୍ରୀ।

# ମହାକୁମ୍ଭ ପ୍ରଦର୍ଶନୀର ସମୀକ୍ଷା କଲେ ସିବିସି ଡିଜି



ନୂଆଦିଲ୍ଲୀ : କେନ୍ଦ୍ରୀୟ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି)ର ମହାନିର୍ଦ୍ଦେଶକ ଯୋଗେଶ କୁମାର ବାୱେଜା, ପ୍ରୟାଗରାଜର ମହାକୁମ୍ଭରେ ସ୍ଥାପିତ 'ଜନଭାଗୀଦାରୀ ସେ ଜନକଲ୍ୟାଣ' ବିଷୟବସ୍ତୁ ଉପରେ ମଲ୍ଟିମିଡିଆ ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ପ୍ରଦର୍ଶନୀରେ ଗତ ୧୦ ବର୍ଷ ମଧ୍ୟରେ ଭାରତ ସରକାରଙ୍କ କାର୍ଯ୍ୟକ୍ରମ, ନୀତି, ଯୋଜନା ଏବଂ ସଫଳତା ପ୍ରଦର୍ଶିତ ହୋଇଛି। ପ୍ରଦର୍ଶନୀ ପରିଦର୍ଶନ କରିବା ପରେ, ମହାନିର୍ଦ୍ଦେଶକ କହିଛନ୍ତି ଯେ ପ୍ରଦର୍ଶନୀଟି ଭାରତ ସରକାରଙ୍କ ଯୋଜନା ଏବଂ ସଫଳତାକୁ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରେ। ଆନାମୋର୍ଫିକ୍ କାନ୍ଥ, ଏଲଇଡି ଟିଭି ସ୍କ୍ରିନ୍ ଏବଂ ହୋଲୋଗ୍ରାଫିକ୍ ସିଲିଣ୍ଡର ଭଳି ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବିକଶିତ, ଏହି ମଲ୍ଟିମିଡିଆ ପ୍ରଦର୍ଶନୀ ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ବିଷୟରେ ଉତ୍ତମ ସୂଚନା ପ୍ରଦାନ କରେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଦର୍ଶନୀର ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସରକାରଙ୍କ ପ୍ରୟାସ ଏବଂ ପଦକ୍ଷେପ ବିଷୟରେ ଅବଗତ କରାଇବା, ଯାହା ଦ୍ୱାରା ସେମାନେ ଏହି ନୀତି, କାର୍ଯ୍ୟକ୍ରମ ଏବଂ ଯୋଜନାରୁ ଲାଭ ପାଇପାରିବେ। ପରିଦର୍ଶନ ସମୟରେ, ମହାନିର୍ଦ୍ଦେଶକ ମହାକୁମ୍ଭ ୨୦୨୫ ରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା କରାଯାଉଥିବା କାର୍ଯ୍ୟର ମୂଲ୍ୟାଙ୍କନ କରିଥିଲେ ଏବଂ ସିବିଜ ଏବଂ ପିଆଇବି ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକ କରିଥିଲେ। ସେ ସେମାନଙ୍କୁ ପ୍ରଭାବଶାଳୀ ଭାବରେ ସମନ୍ୱୟ ଏବଂ ଯୋଗାଯୋଗ ଏବଂ ପ୍ରଚାରମୂଳକ କାର୍ଯ୍ୟକଳାପକୁ ଦକ୍ଷତାର ସହିତ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଡିଜିଟାଲ ପ୍ରଦର୍ଶନୀ ଭକ୍ତ ଏବଂ ପରିଦର୍ଶକଙ୍କୁ ସରକାରଙ୍କ ପ୍ରମୁଖ ଯୋଜନା, ନୀତି ଏବଂ ଜାତୀୟ ଏକତା ପାଇଁ ପ୍ରୟାସ ବିଷୟରେ ସୂଚନା ଦେବା ପାଇଁ ଏକ ଅଭିନବ ପ୍ଲାଟଫର୍ମ ହୋଇଛି। ଜାନୁଆରୀ ୧୩ ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବା, ପ୍ରଦର୍ଶନୀ 'ଏକତା ହେଉଛି ସମାଜର ଶକ୍ତି' ବିଷୟବସ୍ତୁ ଉପରେ ଆଧାରିତ, ଯାହା ଦେଶକୁ ଏକତ୍ର କରିବା ପାଇଁ 'ଏକ ରାଷ୍ଟ୍ର, ଏକ ଟିକସ', 'ଏକ ଦେଶ, ଏକ ପାୱାର ଗ୍ରୀଡ୍' ଏବଂ 'ଏକ ରାଷ୍ଟ୍ର, ଏକ ରାସନ୍ କାର୍ଡ' ଭଳି ସରକାରୀ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରେ। ଏହା ସହିତ, ପ୍ରଦର୍ଶନୀ ଉଦ୍ୟୋଗ, ସ୍ୱ-ନିଯୁକ୍ତି ଏବଂ ଆର୍ଥିକ ସଶକ୍ତିକରଣ ସହିତ ଜଡିତ ଯୋଜନାଗୁଡ଼ିକୁ ଆଲୋକପାତ କରେ, ଯାହା ଜନ କଲ୍ୟାଣ ପାଇଁ ଜନ ଅଂଶଗ୍ରହଣର ଭାବନାକୁ ମୂର୍ତ୍ତିମନ୍ତ କରିଥାଏ। ଖରଜ ସ୍କ୍ରିନ୍, ଡିଜିଟାଲ୍ ଡିସ୍ପ୍ଲେ ଏବଂ ଅଡିଓ-ଭିଜୁଆଲ୍ ମିଡିଆ ମାଧ୍ୟମରେ, ଏହି ପ୍ରଦର୍ଶନୀ କେବଳ ଆର୍ଥିକ ଏବଂ ସାମାଜିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଜନସାଧାରଣଙ୍କୁ ସଂଯୋଗ କରିବାର ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ। ଭକ୍ତମାନେ କେବଳ ସରକାରୀ ଯୋଜନା ବିଷୟରେ ବିସ୍ତୃତ ସୂଚନା ପାଉନାହାଁନ୍ତି ବରଂ ଦେଶ ନିର୍ମାଣରେ ସେମାନଙ୍କର ଭୂମିକା ବିଷୟରେ ମଧ୍ୟ ଅଧିକ ସଚେତନ ହେଉଛନ୍ତି।

# ବସନ୍ତପଞ୍ଚମୀ ଅବସରରେ ସାରଦାଧାମରେ ବିଷ୍ଣୁଦେବ



ରାୟପୁର : ବିଦ୍ୟାଦାୟିନୀ ମାତା ସରସ୍ୱତୀଙ୍କ ଉପାସନା ଏବଂ ପୂଜାର୍ଚ୍ଚନା ପର୍ବ ବସନ୍ତ ପଞ୍ଚମୀରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଯଶପୁର ଜିଲ୍ଲାର ଦୁଲ୍‌ଦୁଲା ତହସିଲ ଅନ୍ତର୍ଗତ ଜାମୋତୋଳି ଗ୍ରାମରେ ଥିବା ସାରଦାଧାମରେ ପହଞ୍ଚିଥିଲେ। ଏହି ଧାମ ପରିସରରେ ଥିବା ମା' ସରସ୍ୱତୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଉପସ୍ଥିତ ଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଶ୍ରୀ ସାଏ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭ ମନାସି ଥିଲେ। ଶ୍ରୀ ସାଏ କହିଥିଲେ ମା' ସରସ୍ୱତୀଙ୍କ କୃପାରୁ ଆମେ ସମସ୍ତେ ଖୁସିରେ ରହିବା। ଆପଣମାନଙ୍କ କଣ୍ଠରେ ମା' ସରସ୍ୱତୀ ସର୍ବଦା ବିରାଜମାନ କରିଥାନ୍ତୁ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ମାନବ ଯୋନିରେ ଜନ୍ମ ନେବା ଏକ ସୌଭାଗ୍ୟର କଥା। ୮୪ଲକ୍ଷ ଯୋନିର ଜନ୍ମ ପରେ ଆମେ ସମସ୍ତେ ମାନବ ଜନ୍ମ ପାଇଛନ୍ତି। ଆମର କର୍ମ ଏପରି ହେବା ଉଚିତ୍ ଯେତେବେଳେ ଆମେ ଦୁନିଆ ଛାଡି ଚାଲିଯିବା, ସେତେବେଳେ ଲୋକେ ଆମକୁ ମନେ ପକାଇବେ। ଏହି ଧାମରେ ଶିକ୍ଷା, କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସାରଦାଧାମରେ ଆୟୋଜିତ ଅଖଣ୍ଡ ଶ୍ରୀହରି କୀର୍ତ୍ତନ ଏବଂ ରାମନାମ ଆୟୋଜନରେ ସାମିଲ ହୋଇଥିଲେ। ଯେଉଁଥିରେ ଆଖପାଖ ୪୮ଟି ଗାଁର ଶ୍ରଦ୍ଧାଳୁ ଏବଂ ୧୨ଟି କୀର୍ତ୍ତନମଣ୍ଡଳୀ ସାମିଲ ରହିଥିଲେ। ସେ କହିଥିଲେ ଏହି ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନସ୍ଥଳ ନିକଟରେ ଗରୀମା ନଦୀ ବହିଯାଇଛି। ଯାହାକି ଏହି ନଦୀ ଏପାଖରେ ଛତିଶଗଡ ରହିଥିବା ବେଳେ ଆରପଟରେ ଝାଡଖଣ୍ଡ ରହିଛି। ଏହି ଧାମର ପବିତ୍ର ଗରିମା ମଧ୍ୟ ରହିଛି। ଏହାର ସଂସ୍କୃତି ଅତ୍ୟନ୍ତ ମହନୀୟ ବୋଲି ଶ୍ରୀ ସାଏ କହିଥିଲେ।

# କର୍ଣ୍ଣାଟକରେ ଲାଗୁ ହେଲା ଇଚ୍ଛାମୃତ୍ୟୁ ଅଧିକାର

ବେଙ୍ଗାଲୁରୁ: ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି କର୍ଣ୍ଣାଟକ ସରକାର । ରାଜ୍ୟରେ ସମ୍ମାନର ସହିତ ଇଚ୍ଛାମୃତ୍ୟୁ ଅଧିକାରକୁ କାର୍ଯ୍ୟକାରୀ କରିଛନ୍ତି। ଏପରି କରିବାରେ ଦେଶର ପ୍ରଥମ ରାଜ୍ୟ ହୋଇଛି କର୍ଣ୍ଣାଟକ। ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୩ରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ, ଯେଉଁ ରୋଗୀମାନଙ୍କର ସୁସ୍ଥ ହେବାର କୌଣସି ଆଶା ନାହିଁ ଏବଂ ଜୀବନ ରକ୍ଷାକାରୀ ଚିକିତ୍ସା ଜାରି ରଖିବାକୁ ଚାହୁଁନାହାଁନ୍ତି, ସେମାନଙ୍କୁ ଏହି ଅଧିକାର ମିଳିଛି। ସୂଚନା ଅନୁଯାୟୀ ଯଦି କୌଣସି ଗୁରୁତର ଏବଂ ଦୁରାରୋଗ୍ୟ ରୋଗରେ ପୀଡିତ ରୋଗୀ ଆଉ ବଞ୍ଚିବାକୁ ଚାହାଁନ୍ତି ନାହିଁ, ତେବେ ହସ୍ପିଟାଲ ଏବଂ ଡାକ୍ତର ସେହି ରୋଗୀଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବାକୁ ବାଧ୍ୟ ହେବେ । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଡିଏଚଓ) ଏପରି ମାମଲାଗୁଡ଼ିକୁ ପ୍ରମାଣିତ କରିବା ପାଇଁ ସେକେଣ୍ଡାରୀ ବୋର୍ଡରେ ଜଣେ ନ୍ୟୁରୋଲୋଜିଷ୍ଟ, ନ୍ୟୁରୋସର୍ଜନ, ସର୍ଜନ, ଆନାସ୍ଥେଟିଷ୍ଟ କିମ୍ବା ଇଣ୍ଟେନ୍ସିଭିଷ୍ଟଙ୍କୁ ନିଯୁକ୍ତ କରିବେ । ଏହି ବୋର୍ଡର ନିଷ୍ପତ୍ତି ପରେ ହିଁ ରୋଗୀ ସମ୍ମାନର ସହିତ ମୃତ୍ୟୁବରଣ କରିବାର ଅଧିକାର ପାଇପାରିବେ କର୍ଣ୍ଣାଟକର ଏହି ନିଷ୍ପତ୍ତି ପରେ ଆହୁରି ଅନେକ ରାଜ୍ୟ ମଧ୍ୟ ଆଗକୁ ଆସିପାରିବେ। ମହାରାଷ୍ଟ୍ର, ଗୋଆ ଏବଂ କେରଳରେ ମଧ୍ୟ ସମାନ ଆଇନ ଆଣିବାକୁ ଯୋଜନା କରାଯାଉଛି । ଏହି ସମୟରେ, ଯଦି କେନ୍ଦ୍ର ସରକାର ଏହି ଦିଗରେ କୌଣସି କେନ୍ଦ୍ରୀୟ ନିର୍ଦ୍ଦେଶାବଳୀ, ଜାତୀୟ ନୀତି କିମ୍ବା ଆଇନ ଆଣେ, ତେବେ ସମସ୍ତ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ସହଜ ହୋଇଯିବ ।

# ବାଣିଜ୍ୟ



ନୂଆଦିଲ୍ଲୀ: ଟ୍ରମ୍ପଙ୍କ ନୂଆ ନିଷ୍ପତ୍ତିକୁ ନେଇ ଚିନ୍ତାରେ କାର କମ୍ପାନି । କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ଦେଶରୁ ହେଉଥିବା ଆମଦାନୀ ଉପରେ ଟାରିଫ୍ ବୃଦ୍ଧି କରିଛନ୍ତି। ଏହି ଦେଶଗୁଡ଼ିକ ହେଉଛନ୍ତି ମେକ୍ସିକୋ, କାନାଡା ଏବଂ ଚୀନ। ମେକ୍ସକୋ ଏବଂ କାନାଡା ଉପରେ ୨୫% ଅଧିକ ଟାରିଫ୍ ଲଗାଯାଇଥିବାବେଳେ, ଚୀନ୍ ଉପରେ ନୂଆ କରି ଅଧିକ ୧୦% ଟ୍ୟାକ୍ସ ଲଗାଯାଇଛି। ନୂଆ ଟାରିଫ୍ ଫେବ୍ରୁଆରୀ ୪ରୁ ଲାଗୁହେବ। ରିପୋର୍ଟ ଅନୁଯାୟୀ, ଏହି ଦେଶରୁ ଆସୁଥିବା ଫେଣ୍ଟାନିଲ (ଆନାସ୍ଥେସିଆରେ ବ୍ୟବହାର ହେଉଥିବା ଏକ ଔଷଧ) ତଥା କାନାଡା ଏବଂ ମେକ୍ସିକୋରୁ ଆସୁଥିବା ପ୍ରବାସୀଙ୍କ ଉପରେ ରୋକ୍ ଲଗାଇବାକୁ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି। ମେକ୍ସିକନ ଅଟୋମୋଟିଭ ମ୍ୟାନୁଫାକ୍ଚରିଂ ଆସୋସିଏସନ (ଏଏମଆଇଏ) ଏବଂ କାନାଡିଆନ ଭେଇକିଲ ମ୍ୟାନୁଫ୍ୟାକଚର୍ସ ଆସୋସିଏନ ଅନୁଯାୟୀ, ମେକ୍ସିକୋ ଏବଂ କାନାଡାରୁ ପ୍ରାୟ ୯୦ ପ୍ରତିଶତ ଗାଡ଼ି ଆମେରିକାକୁ ରପ୍ତାନୀ ହୋଇଥାଏ। ହେଲେ ଏହି ନିଷ୍ପତ୍ତି ଫଳରେ ଅନେକ କମ୍ପାନି ପ୍ରଭାବିତ ହେବେ।ଜର୍ମାନ କାର ନିର୍ମାତା ଭୋକ୍ସୱାଗନ ଅଧିକ ପ୍ରଭାବିତ ହେବ। ଏଥିପାଇଁ କମ୍ପାନି ଟାରିଫ ବିରୋଧରେ ଚେତାବନୀ ଦେଇଛି।

# ଷଷ୍ଠ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚରକାୟତନ ଉଦ୍‌ଯାପିତ



ହରିଦ୍ୱାର: ଆୟୁଷ ମନ୍ତ୍ରାଳୟ ଅଧିନ ସ୍ୱୟଂ ଶାସିତ ସଂସ୍ଥା ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ପକ୍ଷରୁ ଆୟୁର୍ବେଦ ଶିକ୍ଷକ ତଥା ଆୟୁର୍ବେଦ ପିଜି ଓ ଡ୍ରିଗ୍ରୀ ବିଦ୍ୱାନଙ୍କ ପାଇଁ ଏକ ଷଷ୍ଠ ଦିବସୀୟ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚରକାୟତନ ପତଞ୍ଜଳି ଆୟୁର୍ବେଦ କଲେଜ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ ଯୋଗଦେଇ କହିଥିଲେ ଯେ, ଚରକାୟତନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚରକ ସଂଗୀତରେ ଥିବା ପ୍ରାମାଣିକ ତଥ୍ୟ ଓ ଜ୍ଞାନକୁ ଅଭ୍ୟାସ କରାଯାଇ ଏହାର କିପରି ପ୍ରୟୋଗ କରାଯାଇ ପାରିବ। ସେ ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧିତ କରି ଆହୁରି କହିଥିଲେ ଯେ, ମୋର ସୌଭାଗ୍ୟ ହେଉଛି ଆମେ ସବୁ ଆୟୁର୍ବେଦ ସହ ଯୋଡି ହୋଇପାରିଛନ୍ତି। ଆୟୁର୍ବେଦ କେବଳ ଜୀବନ ପାଇଁ ଏକ ସାଧନ ନୁହେଁ ବରଂ ଋଷିମାନେ ଦେଇଥିବା ତତ୍ତ୍ୱର ଏକ ଉତ୍କୃଷ୍ଟ ପ୍ରମାଣ। ସେ ଆହୁରି କହିଥିଲେ ଯେ, ଆପଣଙ୍କ ବ୍ୟବହାର, ଆଚାର, ସ୍ୱଭାବ ଏବଂ ଜୀବନ ଆୟୁର୍ବେଦ ଦେଖିବାକୁ ଚାହେଁ। ଏଲୋପାଥି ସିନ୍ଥେଟିକ୍‌ପୂର୍ଣ୍ଣ ଔଷଧ ଯାହାକି କେମିକାଲରେ ପରିପୂର୍ଣ୍ଣ। ତାକୁ ପରିତ୍ୟାଗ କରି ଆୟୁର୍ବେଦକୁ ଆପଣାଇବା ଜରୁରୀ। ଏହାଫଳରେ ଶରୀର ସୁସ୍ଥ ରହିବା ସହ ଜୀବନ ଶୈଳୀରେ ପରିବର୍ତ୍ତନ ଆସିପାରିବ। ଆୟୁର୍ବେଦ ବିଭିନ୍ନ ଜଡିବୁଟି ସହ ମିଳିତ ହୋଇ ଔଷଧ ବନାଇବାରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଖ୍ୟାତ ଆୟୁର୍ବେଦ ଚିକିତ୍ସକ ଏସ୍‌କେ ଖଣ୍ଡେଲ ଯୋଗଦେଇ କହିଥିଲେ ଯେ, ପତଞ୍ଜଳି ସାରା ବିଶ୍ୱରେ ଆୟୁର୍ବେଦର ଯୋଗ ପାଇଁ ପ୍ରସିଦ୍ଧି ଲାଭ କରିଛି। ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ସ୍ତରରେ ମଧ୍ୟ ପତଞ୍ଜଳି ଆୟୁର୍ବେଦର ଔଷଧର ପ୍ରମାଣ ଦେଇସାରିଛି। ତେଣୁ ସମସ୍ତେ ସୁସ୍ଥ ଜୀବନଯାପନ ପାଇଁ ପତଞ୍ଜଳି ଔଷଧ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ।

# ଆଲ୍‌ମଣ୍ଡ ପକ୍ଷରୁ ଆଲୋଚନା ଚକ୍ର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆଲମଣ୍ଡ ବୋର୍ଡ ଅଫ କାଲିଫର୍ଣ୍ଣିଆ ପକ୍ଷରୁ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ 'ଏ ହ୍ୟାଣ୍ଡଫୁଲ ଅଫ୍ ଆଲ୍‌ମଣ୍ଡସ ଏ ଡେ: ନ୍ୟାଚୁରାଲ ଆପ୍ରୋଚ ଟୁ ସପୋର୍ଟିଂ ହେଲ୍‌ଥ ଇନ ଟୁଡେସ୍ ଫାଷ୍ଟ-ପେସ୍‌ଡ ଲାଇଫଷ୍ଟାଇଲ' ଶୀର୍ଷକ ଏକ ତଥ୍ୟପୂର୍ଣ୍ଣ ଅଧିବେଶନର ଆୟୋଜନ କରାଯାଇଛି। ଏହି ଅଧିବେଶନରେ ଏମବିବିଏସ୍ ଓ ନ୍ୟୁଟ୍ରିସନିଷ୍ଟ ଡା. ରୋହିଣୀ ପାଟିଲ, ଓଡିଆ ଅଭିନେତ୍ରୀ ନୈନା ଦାସ ତିୱାରୀଙ୍କ ସମେତ ବିଶିଷ୍ଟ ପ୍ୟାନେଲିଷ୍ଟ ମାନେ ଯୋଗ ଦେଇଥିଲେ ଯିଏ ଉପଯୁକ୍ତ ଆହାର ବିକଳ୍ପର ମହତ୍ୱ ଓ ଏକ ସନ୍ତୁଳିତ ଆହାର ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଆଲୋଚନା ସମୟରେ ପ୍ୟାନେଲିଷ୍ଟମାନେ ବିଶ୍ୱର ସବୁଠାରୁ ଲୋକପ୍ରିୟ କାଲିଫର୍ଣ୍ଣିଆ ଆଲ୍‌ମଣ୍ଡଗୁଡିକୁ ଆମର ଦୈନିକ ଆହାରରେ ସାମିଲ କରିବା ଦ୍ୱାରା ତାହା କିଭଳି ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀରେ ଆମର ସାମଗ୍ରିକ ସ୍ୱାସ୍ଥ୍ୟରେ ସହଯୋଗ କରିପାରିଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଭିଜେ ପୁଣ୍ୟଶ୍ଲୋକ ଏହି ଅଧିବେଶନକୁ ପରିଚାଳନା କରିଥିଲେ। ଏସମ୍ପର୍କରେ ଏମ୍‌ବିବିଏସ୍ ଓ ନ୍ୟୁଟ୍ରିସ୍‌ନିଷ୍ଟ ରୋହିଣୀ ପାଟିଲ କହିଛନ୍ତି, 'ଆମର ବ୍ୟସ୍ତ ଜୀବନଶୈଳୀ ଖରାପ ସ୍ୱାସ୍ଥ୍ୟ ପସନ୍ଦର କାରଣ ହୋଇଥାଏ। ଏହି କାରଣରୁ ମୁଁ ସବୁବେଳେ ମୋର ଗ୍ରାହକମାନଙ୍କୁ ପରାମର୍ଶ ଦେଇଥାଏ ଯେ, ଛୋଟ ଛୋଟ ପରିବର୍ତ୍ତନ ଏକ ବଡ ପାର୍ଥକ୍ୟ ସୃଷ୍ଟି କରିପାରିବ-ଯେପରିକି ପ୍ରୋସେସ୍‌ଡ ସ୍ନାକଗୁଡିକୁ ଆଲମଣ୍ଡ ଭଳି ପ୍ରାକୃତିକ ବିକଳ୍ପ ସହ ବଦଳାଇବା । ଲୋକପ୍ରିୟ ଓଡିଆ ଅଭିନେତ୍ରୀ ନୈନା ଦାସ ତିୱାରୀ କହିଛନ୍ତି,




'ମନୋରଞ୍ଜନ ଶିଳ୍ପରେ ଥିବାରୁ ମୁଁ ସୁଟିଂ ସହିତ ପ୍ରାୟତଃ ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ପାଇଁ ଚେଷ୍ଟା କରିଥାଏ। ଆଲମଣ୍ଡ ପିଲାଦିନରୁ ମୋର ପସନ୍ଦର ସ୍ନାକ ଅଟେ ଯାହା ମୋତେ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ନଲାଗିବା, ଓଜନ ନିୟନ୍ତ୍ରିତ ରଖିବା ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟରୁ ଦୂରେଇ ରହିବାରେ ସାହାଯ୍ୟ କରିଥାଏ।

# ରିଲାଏନ୍ସ ପକ୍ଷରୁ ମହାକୁମ୍ଭରେ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସେବା ପ୍ରଦାନ



ପ୍ରୟାଗରାଜ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ମହାକୁମ୍ଭରେ ପ୍ରତିଦିନ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସେବା କାର୍ଯ୍ୟ ହାତକୁ ନିଆଯାଇଛି। ପୁଷ୍ଟିକର ଭୋଜନ, ଆବଶ୍ୟକ ସ୍ୱାସ୍ଥ୍ୟସେବା, ସୁରକ୍ଷିତ ପରିବହନ ଏବଂ ଯୋଗାଯୋଗ ସଂଯୋଗ ପରି ଅନେକ ସେବା ତୀର୍ଥଯାତ୍ରୀଙ୍କୁ ରିଲାଏନ୍ସ ପକ୍ଷରୁ ପ୍ରଦାନ କରାଯାଉଛି। 'ତୀର୍ଥଯାତ୍ରୀ ସେବା' ମାଧ୍ୟମରେ ରିଲାଏନ୍ସ ଯାତ୍ରାକୁ ସୁରକ୍ଷିତ, ଆରାମଦାୟକ ଏବଂ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ କରିବାକୁ ପ୍ରୟାସ କରୁଛି। ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ସ୍ୱାସ୍ଥ୍ୟସେବାରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ, ଓପିଡି ଏବଂ ଦନ୍ତ ଚିକିତ୍ସା ସେବା ଭଳି ସୁବିଧା ଦିନ ରାତି ଦିନ ରାତି ୨୪ ଘଣ୍ଟା ଉପଲବ୍ଧ କରାଯାଇଛି। ମହିଳାମାନଙ୍କୁ ମାଗଣା ସାନିଟାରୀ ନାପକିନ୍ ବଣ୍ଟନ କରାଯାଉଛି। ଏହା ବ୍ୟତୀତ ଯାତ୍ରାକୁ ସହଜ, ସୁଗମ ଏବଂ ନିରାପଦ କରିବା ପାଇଁ ଆହୁରି ଅନେକ ଉଦ୍ୟମ ମଧ୍ୟ କରାଯାଉଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଛନ୍ତି, 'କୁହାଯାଏ ଯେ ଯେତେବେଳେ ଆମେ ତୀର୍ଥଯାତ୍ରୀମାନଙ୍କ ସେବା କରୁ, ସେତେବେଳେ ଆମେ ମଧ୍ୟ ଆଶୀର୍ବାଦ ପ୍ରାପ୍ତ ହୋଇଥାଉ। ସହସ୍ରାବ୍ଦୀରେ ଗୋଟିଏ ଥର ହେଉଥିବା ଏହି ଆୟୋଜନରେ ତୀର୍ଥଯାତ୍ରୀମାନଙ୍କୁ ଆମର ସେବା ଯୋଗାଇଦେବା ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ଦିଷ୍ଟ। ଆମେ ଆମର 'ଯନ୍ ନେବା' ଦର୍ଶନରେ ବିଶ୍ୱାସ କରୁ। ବିଶ୍ୱର ସର୍ବବୃହତ ଧାର୍ମିକ ଓ ସାଂସ୍କୃତିକ ସମାବେଶ ମହାକୁମ୍ଭରେ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ନିରାପତ୍ତାକୁ ଉନ୍ନତ କରିବା ସହିତ ସେମାନଙ୍କର ଯାତ୍ରାକୁ ସୁରକ୍ଷିତ ଏବଂ ସହଜ କରିବା ତଥା ସେମାନଙ୍କ ସେବା କରିବା ପାଇଁ ଆମେ ସୁଯୋଗ ପାଇଛୁ।' ଅଧିକରୁ ଅଧିକ ତୀର୍ଥଯାତ୍ରୀଙ୍କ ନିକଟରେ ପହଞ୍ଚିବା ପାଇଁ ରିଲାଏନ୍ସ ଶାରଦା ପୀଠ ମଠ ଟ୍ରଷ୍ଟ ଦ୍ୱାରକା, ଶଙ୍କରାଚାର୍ଯ୍ୟ ଉତ୍ସବ ସେବାଳୟ ଫାଉଣ୍ଡେସନ, ନିରନୀ ଆଖଡ଼ା, ପ୍ରଭୁ ପ୍ରେମୀ ସଂଘ ଚାରିଟେବୁଲ ଟ୍ରଷ୍ଟ ଏବଂ ପରମାର୍ଥ ନିକେତନ ଆଶ୍ରମ ସମେତ ପ୍ରସିଦ୍ଧ ଆଧ୍ୟାତ୍ମିକ ସଂଗଠନଗୁଡିକ ସହିତ ମିଳିତ ଭାବରେ ସେବା କାର୍ଯ୍ୟ ଜାରି ରଖିଛି।

# ବ୍ଲୁ ଡାର୍ଟର ତ୍ରୈମାସିକରେ ରେକର୍ଡ ସଂଖ୍ୟକ ବିକ୍ରି

ମୁମ୍ବାଇ: ଦକ୍ଷିଣ ଏସିଆର ଅଗ୍ରଣୀ ଏକ୍ସପ୍ରେସ୍ ଏୟାର, ସମନ୍ୱିତ ପରିବହନ ଏବଂ ବଂଟନ ଲଜିଷ୍ଟିକ୍ସ କମ୍ପାନୀ, ବ୍ଲୁ ଡାର୍ଟ ଏକ୍ସପ୍ରେସ୍ ଲିମିଟେଡ୍, ଆଜି ମୁମ୍ବାଇରେ ଅନୁଷ୍ଠିତ ବୋର୍ଡ ବୈଠକରେ ଡିସେମ୍ବର ୩୧, ୨୦୨୪ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି। କମ୍ପାନୀ ଡିସେମ୍ବର ୩୧, ୨୦୨୪ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଟ.୭୯ କୋଟିର କର ପରେ ଲାଭ ପୋଷ୍ଟ କରିଛି। ଏହି ତ୍ରୈମାସିକ ପାଇଁ ଅପରେସନ୍‌ସରୁ ରାଜସ୍ୱ ଟ. ୧,୫୧୨ କୋଟି ଥିଲା। କମ୍ପାନିର କାର୍ଯ୍ୟଦକ୍ଷତା ଉପରେ ପ୍ରତିଫଳିତ କରି, ବ୍ଲୁ ଡାର୍ଟ ଏକ୍ସପ୍ରେସ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ବାଲଫୋର ମାନୁଏଲ୍ କହିଛନ୍ତି, 'ଆମର ତ୍ରୈମାସିକ ପ୍ରଦର୍ଶନ ଆମର ବିବିଧ ବି୨ବି ଏବଂ ବି୨ସି ସମାଧାନର ସ୍ଥିରତା ଏବଂ ଅନୁକୂଳନକୁ ପ୍ରତିଫଳିତ କରେ। ଏହି ତ୍ରୈମାସିକର ସଫଳତାଗୁଡ଼ିକ ଶୃଙ୍ଖଳିତ କାର୍ଯ୍ୟାନ୍ୱୟନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଉପଯୋଗ କରି ବଜାର ଗତିଶୀଳତାକୁ ପ୍ରଭାବଶାଳୀ ଭାବରେ ନେଭିଗେଟ୍ କରିବାର ଆମର କ୍ଷମତାକୁ ଦର୍ଶାଇଥାଏ। ଆମେ ସ୍ଥିର ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିଚାଲିଛୁ, ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ଆମର ଭୂମିକାକୁ ସୁଦୃଢ଼ କରୁଛୁ।' ବ୍ଲୁ ଡାର୍ଟର ଅସାଧାରଣ ସେବା ଗୁଣବତା, ସ୍ୱୟଂଚାଳିତତା ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମର୍ଥିତ, ଗ୍ରାହକମାନଙ୍କୁ ସୁଗମ, ୱାନ-ଷ୍ଟପ୍ ଲଜିଷ୍ଟିକ୍ସ ସମାଧାନ ପ୍ରଦାନ କରିଚାଲିଛି। ନେତୃତ୍ୱ, ନବସୃଜନ ଏବଂ ଗ୍ରାହକ-କେନ୍ଦ୍ରିକତାର ଏହାର ଐତିହ୍ୟ ଉପରେ ନିର୍ମାଣ କରି, ବ୍ଲୁ ଡାର୍ଟ ପ୍ରମୁଖ ବଜାର ଏବଂ ଶିଳ୍ପଗୁଡ଼ିକରେ ଢାଂଚାଗତ ଟେଲୱିଣ୍ଡଗୁଡ଼ିକୁ ପୁଞ୍ଜିକୃତ କରୁଥିବା ରଣନୈତିକ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି। କମ୍ପାନୀର ସକାରାତ୍ମକ ଦୃଷ୍ଟିକୋଣ ଏହାର ପୋର୍ଟଫୋଲିଓରେ ବଜାର ଉପସ୍ଥିତି ବୃଦ୍ଧି କରିବା ଏବଂ ଗ୍ରାହକଙ୍କ ସହଭାଗୀମାନଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ପାଇଁ ଏହାର ଚାହିଦାକୁ ଉଜ୍ଜ୍ୱଳ କରିଥାଏ। ପରିବହନ ଏବଂ ଲଜିଷ୍ଟିକ୍ସ ବର୍ଗରେ ଭାରତର ଶୀର୍ଷ ମୂଲ୍ୟ ସୃଷ୍ଟିକାରୀ ୨୦୨୪ ଭାବରେ ସମ୍ପ୍ରତି ସ୍ୱୀକୃତିପ୍ରାପ୍ତ, ବ୍ଲୁ ଡାର୍ଟ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ଏବଂ ଦେଶର ଅଗ୍ରଣୀ ବାଣିଜ୍ୟ ସକ୍ଷମକାରୀ ଭାବରେ ଏହାର ସ୍ଥିତିକୁ ପୁନଃସୁନିଶ୍ଚିତ କରିଥାଏ।

# ସିଗ୍ନିଫାଏର ଫିଲିପ୍ସ ସ୍ମାର୍ଟ ଲାଇଟ୍ ହବ୍ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିଶ୍ୱର ଅଗ୍ରଣୀ ଲାଇଟିଂ କମ୍ପାନୀ ସିଗ୍ନିଫାଏ (ୟୁରୋନେକ୍ସଟ : ଲାଇଟ୍) ପକ୍ଷରୁ ଭୁବନେଶ୍ୱରରେ ଓଡିଶାର ସବୁଠାରୁ ବଡ ଫିଲିପ୍ସ ସ୍ମାର୍ଟ ଲାଇଟ ହବର ଉଦଘାଟିତ ହୋଇଯାଇଛି। ୧୬୦୦ ବର୍ଗଫୁଟ ଅଂଚଳରେ ପରିବ୍ୟାପ୍ତ ଏହି ଷ୍ଟୋରରେ ୪୫୦ ଏସ୍‌କେୟୁରୁ ଅଧିକର ଏକ ବିସ୍ତୃତ ସିଲେକ୍ସନ ରହିଛି ଯାହା ଏହାକୁ ସମସ୍ତ ଲାଇଟିଂ ଆବଶ୍ୟକତା ପାଇଁ ଏକ ୱାନ-ଷ୍ଟପ୍ ଗନ୍ତବ୍ୟସ୍ଥଳୀରେ ପରିଣତ କରୁଛି। ଏହି ଶୁଭାରମ୍ଭ ସହିତ ସିଗ୍ନିଫାଏ ଓଡିଶାରେ ଏହାର ଫିଲିପ୍ସ ସ୍ମାର୍ଟ ଲାଇଟ ହବର ବିଶାଳ ଶୁଭାରମ୍ଭକୁ ଗର୍ବର ସହ ପାଳନ କରିଛି, ଯାହା ଭାରତରେ ଏହାର ମୋଟ ସଂଖ୍ୟାକୁ ୩୦୪ତମ ଫିଲିପ୍ସ ସ୍ମାର୍ଟ ଲାଇଟ ହବ୍‌ରେ ପହଂଚାଇଛି ଏବଂ ଏହାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି ଉଦ୍‌ଘାଟନ ସମ୍ପର୍କରେ ସିଗ୍ନିଫାଏ ଗ୍ରେଟର ଇଣ୍ଡିଆର ସିଇଓ ଓ ଏମ୍‌ଡି ସୁମିତ ଯୋଶୀ କହିଛନ୍ତି, 'ଓଡିଶାରେ ଆମର ସବୁଠାରୁ ବଡ ଏସ୍‌ଏଲ୍‌ଏଚ୍ ଷ୍ଟୋର୍‌ର ଉଦ୍‌ଘାଟନ ଆମ ପାଇଁ ଏକ ବଡ ସଫଳତାକୁ ଚିହ୍ନିତ କରୁଛି କାରଣ ହୋମ୍ ଡେକୋର କ୍ଷେତ୍ରରେ ବିକଶିତ ପସନ୍ଦ ଥିବା ଏକ ବର୍ଦ୍ଧିତ ଗ୍ରାହକ ଆଧାର ସହ ଭୁବନେଶ୍ୱର ଆମ ପାଇଁ ଏକ ପ୍ରମୁଖ ବଜାର ମଧ୍ୟରୁ ଅନ୍ୟତମ ଅଟେ। ଏହି ଲଂଚ୍ ଉଦ୍ଭାବନ ଓ ଗ୍ରାହକ ସନ୍ତୁଷ୍ଟିକରଣ ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି ଏବଂ ଆମେ ଆମର ଗ୍ରାହକଙ୍କୁ ଦେଶର ସବୁଠାରୁ ବିସ୍ତୃତ ଶୃଙ୍ଖଳାର ଲାଇଟିଙ୍ଗ ଉତ୍ପାଦ ପାଇଁ ପହଂଚ ପ୍ରଦାନ କରି ଖୁସି ଅନୁଭବ କରୁଛୁ। ଆମେ ଭୁବନେଶ୍ୱରକୁ ଏହି ଅତୁଳନୀୟ ସପିଂ ଅନୁଭୂତି ଆଣି ଉତ୍ସାହିତ ଅଛୁ ଯାହା ଏହି ଅଂଚଳରେ ଆମର ଗ୍ରାହକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ଫିଲିପ୍ସ ଡେକୋରେଟିଭ ହୋମ ଲାଇଟିଙ୍ଗ ପ୍ରଡକ୍ଟସ ପାଇଁ ପହଂଚ ପ୍ରଦାନ କରୁଛି। ଏହି ଷ୍ଟୋରକୁ ଚାଣ୍ଡେଲିୟର, ୱାଲ ଲାଇଟ୍ସ, ଟ୍ରାକ୍ ଲାଇଟ୍ ଏବଂ ମଡ୍ୟୁଲାର ସିଓବି, ଡାଉନଲାଇଟର୍ସ, ପ୍ୟାନେଲ ଓ ସ୍ପଟସ ଭଳି ଫଂକସନାଲ ଲାଇଟ ଭଳି ଗ୍ରାହକଙ୍କ ବିଭିନ୍ନ ହୋମ୍ ଲାଇଟିଂ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଷ୍ଟୋର ଏକ ସିଗ୍ନିଫାଏର ୱିଜ ସ୍ମାର୍ଟ ଟେକ୍ନୋଲୋଜି ପ୍ଲାଟଫର୍ମର ବ୍ୟବହାର କରୁଥିବା ବିସ୍ତୃତ ଶୃଙ୍ଖଳାର ଇନୋଭେଟିକ କନେକ୍ଟେଡ ଲାଇଟ୍ ରହିଛି। ଦ ଫିଲିପ୍ସ ସ୍ମାର୍ଟ ଲାଇଟ ହବ ଜାରା ଲାଉ, ୫୫୪ ସହିଦ ନଗର, ଭୁବନେଶ୍ୱରରେ ଅବସ୍ଥିତ ରହିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର



ନୂଆଦିଲ୍ଲୀ: ସୁରକ୍ଷା ଏବଂ ସଂଚାଳନରେ ମଜଭୁତ୍ ପୃଷ୍ଠଭୂମି ଥିବା ଜଣେ ପୋଲିସ ଅଧିକାରୀ ହିନା ମୁନାଓ୍ୱରଙ୍କୁ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ପାକିସ୍ତାନ ପୁରୁଷ କ୍ରିକେଟ ଦଳର ପ୍ରଥମ ମହିଳା ଟିମ୍ ମ୍ୟାନେଜର ଭାବରେ ମନୋନୀତ କରାଯାଇଛି । ମୁନଓ୍ୱର, ଉଚ୍ଚ ବିପଦପୂର୍ଣ୍ଣ ବା ଦୁର୍ଗମ ଅଞ୍ଚଳରେ ଫ୍ରଣ୍ଟିୟର୍ କନଷ୍ଟାବୁଲରୀରେ ଭାବେ କାମ କରିଛନ୍ତି । ମୁନାଓ୍ୱରଙ୍କୁ ଫେବୃଆରୀ ୧୯ରେ କରାଚିରେ ଆରମ୍ଭ ହେବାକୁ ଥିବା ତ୍ରି ରାଷ୍ଟ୍ରୀୟ ଏବଂ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନର ମ୍ୟାନେଜର ଭାବରେ ନିଯୁକ୍ତ କରାଯାଇଛି । ବରିଷ୍ଠ ଅବସରପ୍ରାପ୍ତ ବ୍ୟୁରୋକ୍ରାଟ ନାଭିଦ ଆକ୍ରମ ଚିମା ଦଳର ପରିଚାଳକ ଭାବରେ କାର୍ଯ୍ୟ ଜାରି ରଖିବେ । କିନ୍ତୁ ମୁନାଓ୍ୱରଙ୍କ ନିଯୁକ୍ତି କ୍ରିକେଟ ପ୍ରେମୀ, ବିଶେଷଜ୍ଞ ଏବଂ ଗଣମାଧ୍ୟମ ମଧ୍ୟରେ କୌତୁହଳ ସୃଷ୍ଟି କରିଛି । ସିଭିଲ୍ ସୁପିରିଅର ସର୍ଭିସେସ୍ ପରୀକ୍ଷାରେ ପାସ୍ କରିବା ପରେ, ମୁନାଓ୍ୱର ବିଭିନ୍ନ ଆଇନ ପ୍ରବର୍ତ୍ତନ ଏବଂ ସୁରକ୍ଷା ଭୂମିକାରେ କାର୍ଯ୍ୟ କରିଥିଲେ ।ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ସହିତ ଜଡିତ ଏକ ସୂତ୍ର କହିଛି ଯେ, 'ତାଙ୍କର ନିଯୁକ୍ତି ସମ୍ଭବତଃ ଦଳ ଭିତରେ ଏବଂ ଖେଳାଳି ଏବଂ ବୋର୍ଡ ମଧ୍ୟରେ କାର୍ଯ୍ୟକୁ ସୁଗମ କରିବା ପାଇଁ ଉଦ୍ଦିଷ୍ଟ, କାରଣ ସେ ରଣନୈତିକ ଏବଂ ନେତୃତ୍ୱ ଭୂମିକାରେ କାର୍ଯ୍ୟ କରିଛନ୍ତି ଏବଂ ବିଭିନ୍ନ କାର୍ଯ୍ୟକୁ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।' ଗତବର୍ଷ ପିସିବିରେ ଯୋଗ ଦେଇଥିବା ମୁନାଓ୍ୱରଙ୍କୁ ଏସିଆ କପ୍ ପାଇଁ ପାକିସ୍ତାନ ମହିଳା ଅଣ୍ଡର-୧୯ ଦଳର ପରିଚାଳିକା ମଧ୍ୟ ନିଯୁକ୍ତ କରାଯାଇଥିଲା । ସୂତ୍ର ଅନୁସାରେ 'ସେ SWATରେ ଫ୍ରଣ୍ଟିୟର୍ କନଷ୍ଟେବୁଲରୀରେ ପ୍ରଥମ ମହିଳା ଜିଲ୍ଲା ଅଧିକାରୀ ଭାବରେ ଇତିହାସ ରଚିଛନ୍ତି । ଏଥିସହ ପାରମ୍ପାରିକ ଭାବରେ ପୁରୁଷ-ପ୍ରଧାନ କ୍ଷେତ୍ରରେ ଲିଙ୍ଗଗତ ପ୍ରତିବନ୍ଧକକୁ ଭାଙ୍ଗିଛନ୍ତି । 'ପିସିବି ଅଧ୍ୟକ୍ଷ ମୋହସିନ ନକଭି ମୁନାଓ୍ୱରଙ୍କୁ ପାକିସ୍ତାନ ପୋଲିସ ସେବାର ଅଂଶ ହୋଇଥିବାରୁ ତାଙ୍କୁ ଡେପୁଟେସନରେ ବୋର୍ଡରେ ସାମିଲ କରିଛନ୍ତି ।



### ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ କ୍ରିକେଟ୍

## ସାଉଥ୍ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ୍




କୁଆଲାଲୁମ୍ପୁର: ରବିବାର ଅନୁଷ୍ଠିତ ୧୯ ବର୍ଷରୁ କମ ମହିଳା ବିଶ୍ୱକପ କ୍ରିକେଟରେ ଭାରତ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚରେ ଭାରତ ୯ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଗୋଙ୍ଗାଦୀ ତ୍ରିଷା ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥିସହ ଭାରତ ଦ୍ୱିତୀୟ ଥର ପାଇଁ ଏହି ଟାଇଟଲ ହାସଲ କରିଛି । ପୂର୍ବରୁ ୨୦୨୩ରେ ଟିମ ଇଣ୍ଡିଆ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା । ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮୨ ରନ କରି ଅଲଆଉଟ ହୋଇ ଯାଇଥିଲା । ଜେମା ବୋଥା ସର୍ବାଧିକ ୧୬ ରନ କରିଥିଲେ । ଗୋଙ୍ଗାଦୀ ତ୍ରିଷା ଦଳ ପକ୍ଷରୁ ସର୍ବାଧିକ ୩ଟି ୱିକେଟ ନେଇଥିଲେ । ଭାରତୀୟ ବୋଲରଙ୍କ ଉଚିତ ମୁକାବିଲା ଦକ୍ଷିଣ ଆଫ୍ରିକାର ଖେଳାଳିମାନେ କରିପାରି ନ ଥିଲେ । ୮ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ଜବାବରେ ଭାରତ ୮୩ ରନର ବିଜୟ ଲକ୍ଷ୍ୟକୁ ୧୧.୨ ଓଭରରେ ଗୋଟିଏ ୱିକେଟ ହରାଇ ହାସଲ କରି ନେଇଥିଲା । ଜି ତ୍ରିଷା ୩୩ ବଲରେ ୪୪ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ତ୍ରିଷା ପ୍ଲେୟାର ଅଫ ଦି ଫାଇନାଲ ଓ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଂଟ ବିବେଚିତ ହୋଇଥିଲେ । ସେ ତାଙ୍କ ପୁରସ୍କାର ବାପାଙ୍କୁ ସମର୍ପିତ କରିଥିଲେ । ଏହି ବିଜୟ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡ଼ିଆ ଏକ୍ସରେ ଭାରତୀୟ ଦଳଙ୍କୁ ଅଭିନନ୍ଦନ ଜଣାଇ ଲେଖିଛନ୍ତି, ଆମର ଭାରତୀୟ ମହିଳା ଅଣ୍ଡର-୧୯ ଦଳ ଆଇସିସି ଅଣ୍ଡର-୧୯ ଟି-୨୦ ବିଶ୍ୱକପ ୨୦୨୫ ଜିତିଛି । ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ନିଷ୍ଠାପର ମନୋଭାବ ଦେଶକୁ ଗର୍ବିତ କରିଛି । ଏହି ବିଜୟ ଆମ ଝିଅମାନଙ୍କର କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରମାଣ । ଏହା ପ୍ରମାଣ କରେ ଯେ, ଭାରତୀୟ ମହିଳା କ୍ରିକେଟ୍ର ଭବିଷ୍ୟତ ପୂର୍ବ ଅପେକ୍ଷା ଅଧିକ ଉଜ୍ଜ୍ୱଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଅବସର ନେଲେ ରିଦ୍ଧିମାନ ଶାହ



ମୁମ୍ବାଇ; ଟିମ୍ ଇଣ୍ଡିଆର ଷ୍ଟାର୍ ୱିକେଟ କିପର ରିଦ୍ଧିମାନ ଶାହ କ୍ରିକେଟର ସମସ୍ତ ଫର୍ମାଟକୁ ଅଲବିଦା କରିଛନ୍ତି । ରଣଜୀ ଟ୍ରଫିର ଅନ୍ତିମ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଓ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ତାଙ୍କ କ୍ରିକେଟ୍ କ୍ୟାରିୟର ଶେଷ ମ୍ୟାଚ୍ ଥିଲା । ୪୦ ବର୍ଷୀୟ ରିଦ୍ଧିମାନ ଶାହା ଭାରତୀୟ ଦଳ ପାଇଁ ଟେଷ୍ଟ ଏବଂ ଦିନିକିଆ ଫର୍ମାଟରେ କ୍ରିକେଟ୍ ଖେଳିଥିଲେ । ଘରୋଇ କ୍ରିକେଟରେ ତାଙ୍କର ଦମଦାର ରେକର୍ଡ ରହିଛି । ସେ କ୍ରିକେଟର ଫର୍ମାଟରୁ ଅବସର ନେଇ ଏକ୍ସରେ ସୂଚନା ଦେଇଛନ୍ତି । ରିଦ୍ଧିମାନ ଶାହା ଟିମ୍ ଇଣ୍ଡିଆ ପାଇଁ ମୋଟ୍ ୪୦ଟି ମ୍ୟାଚ୍ ଖେଳି ୧୩୫୩ ରନ ସଂଗ୍ରହ କରିଛନ୍ତି । ଏଥିରେ ୩ ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି । ସେହିପରି ଦିନିକିଆରେ ଭାରତ ପାଇଁ ୯ଟି ମ୍ୟାଚ୍ ଖେଳିଛନ୍ତି ରିଦ୍ଧିମାନ ଶାହା । ଏଥିରୁ ସେ ମାତ୍ର ୪୧ ରନ ସଂଗ୍ରହ କରିଛନ୍ତି । ସେହିପରି ଆଇପିଏଲରେ ୧୭୦ ମ୍ୟାଚ୍ ଖେଳିଛନ୍ତି ।

### ଭାରତ-ଇଂଲଣ୍ଡ ଟି-୨୦ ସିରିଜ୍

## ଭାରତର ଦମ୍ଦାର ବିଜୟ




ମୁମ୍ବାଇ: ଇଂଲଣ୍ଡ ବିପକ୍ଷ ୫ମ ଟି୨୦ ମ୍ୟାଚକୁ ଜିତି ନେଇଛି ଭାରତ । ୱାଙ୍ଖେଡ ଷ୍ଟାଡିୟମ୍ରେ ଖେଳାଯାଇଥିବା ମ୍ୟାଚରେ ହିରୋ ସାଜିଥିଲେ ଅଭିଷେକ ଶର୍ମା । ସେ ଇଂଲଣ୍ଡ ବୋଲରଙ୍କୁ ନିର୍ଦ୍ଧୁମ ଛେଚି ଥିଲେ । ଅଭିଷେକଙ୍କ ବ୍ୟାଟିଂ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ବିନିମୟରେ ୨୪୭ ରନ ସଂଗ୍ରହ କରିଛି । ଅଭିଷେକ ମାତ୍ର ୩୭ ବଲରେ ଶତକ ହାସଲ କରିଥିଲେ । ସେ ଆନ୍ତର୍ଜାତୀୟ ଟି୨୦ରେ ଓଭରାଲ ତୃତୀୟ ଓ ଭାରତ ପକ୍ଷରୁ ୨ୟ ଖେଳାଳି ଭାବେ ଦ୍ରୁତ ଶତକ ହାସଲ କରିଛନ୍ତି । ଡେଭିଡ ମିଲର ୩୫ ଓ ରୋହିତ ଶର୍ମା ୩୫ ବଲରେ ଶତକ ଅର୍ଜନ କରି ତାଙ୍କଠାରୁ ଆଗରେ ରହିଛନ୍ତି । ଅଭିଷେକ ୧୭ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ପୂର୍ଣ୍ଣ ସଦସ୍ୟ ଦେଶର ଖେଳାଳିଙ୍କ ମଧ୍ୟରେ ତୃତୀୟ ଖେଳାଳି ଭାବେ ଦ୍ରୁତ ଶତକ ହାସଲ କରିଛନ୍ତି । ଅଭିଷେକ ୫୪ ବଲରୁ ୭ ଚୌକା ଓ ୧୩ ଛକା ସହାୟତାରେ ୧୩୫ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ୩୦ ରନ କରିଥିଲେ । ଟିମ ଇଣ୍ଡିଆ ୬.୩ ଓଭରରେ ୧୦୦ ରନ ସଂଗ୍ରହ କରି ନେଇଥିଲା । ଗତ ବର୍ଷ ବାଂଲାଦେଶ ବିପକ୍ଷରେ ଭାରତ ୭.୧ ଓଭରରେ ୧୦୦ ରନ ପୂରଣ କରିଥିଲା । ଟି୨୦ର ପ୍ରଥମ ୧୦ ଓଭରରେ ଭାରତ ପକ୍ଷରୁ ସର୍ବାଧିକ ୧୩ ଛକା ମାରିଛି । ୨୪୮ ରନ୍ର ଟାର୍ଗେଟ ନେଇ ମୈଦାନକୁ ଇଂଲଣ୍ଡ ଓହ୍ଲାଇଥିଲା । ହେଲେ ଇଂଲଣ୍ଡ ୧୦.୩ ଓଭରରେ ମାତ୍ର ୯୭ ରନ୍ କରି ଅଲ୍ଆଉଟ ହୋଇଯାଇଥିଲା । ଦଳପକ୍ଷରୁ ୱିକେଟକିପର ଫିଲିପ୍ ସଲ୍ଟ ୫୫ରନ୍ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ରନ୍ କରିବାକୁ ସକ୍ଷମ ହୋଇନଥିଲେ । ଏକପ୍ରକାର ଭାରତୀୟ ବୋଲରଙ୍କ ନିକଟରେ ନତମସ୍ତକ ହୋଇଯାଇଥିଲେ ।

## ଅନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାରେ ଥିବା ମୋଟୁ ଠାରେ ଜାମାଲ ଖାନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାବେରୀ ସିଲେରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ଚେୟାରମ୍ୟାନ ଏମଡି ଜାମାଲ ଖାନ ଏବଂ ଟ୍ରଷ୍ଟ ସମ୍ପାଦକ ଇମ୍ରାନ ଖାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୋଟୁ ସରପଞ୍ଚ ରୁଚି କାଡାମ, ନାଏବ ସରପଞ୍ଚ ସୁବା କାଡାମ, ଏସ୍ଆଇ ଲକ୍ଷ୍ମୀଧର ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଏମଡି ଆର୍ଶାଦ ଖାନ୍, ସମାଜସେବୀ ଇ. ମୁଚାଲ ରାଓଙ୍କ ସମେତ ଏମ୍. ରାଜୁ, ଏଡି ଦେବା ଦାନମ, ଏମଡି ହାଷାମ ଖାନ, ସାୟାଦ ରଫି ଏବଂ କାଡାମ ଜଗା ଉପସ୍ଥିତ ରହିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଓଡିଶା ସହ ପଡୋଶୀ ରାଜ୍ୟର ଆନ୍ଧ୍ର ଏବଂ ଛତିଶଗଡ଼ର ୨୦ ଟି ଦଳକୁ ନେଇ କରାଯାଉଥିବା ବେଳେ ୱିନର ଦଳକୁ ଟଫି ସମେତ ୫୦ ହଜାର ଟଙ୍କା ରନର୍ସ ଦଳକୁ ଟ୍ରଫି ଶହ ୩୦ ହଜାର ଟଙ୍କାର ପୁରସ୍କାର ରଖାଯାଇଥିବା କହିଛନ୍ତି ଟ୍ରଷ୍ଟର ଚେୟାରମେନ ଜାମାଲ ଖାନ ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: ସନ୍ଥପଡ଼ା ବିଜୟୀ




ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦରସିଂହା ଗୋପୀନାଥ ଜିୟୁ ହାଇସ୍କୁଲ ପରିସରରେ ଶନିବାର ଦିନ କନ୍ଦରସିଂହା ଭଲିବଲ କ୍ଲବ୍ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ କାଶିଆଡ଼ିହି, ସନ୍ଥପଡ଼ା, ସମଲ, ଗୋବରା, ଖାଲପାଳ,ରେଭେନ୍ସା ଇନଭର୍ସିଟି , ଟାଟା ଷ୍ଟିଲ ଓ ଆୟୋଜକ କନ୍ଦରସିଂହା ଟିମ୍ ଅନ୍ତର୍ଭୁକ୍ତ ଥିଲେ । ୩ ସେଟ୍ ବିଶିଷ୍ଟ ରହିଥିବା ବେଳେ ପ୍ରତ୍ୟେକ ମ୍ୟାଚ୍ ୨୫ ପଏଣ୍ଟ ଧାର୍ଯ୍ୟ ରହିଥିଲା । ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ସନ୍ଥପଡ଼ା ଓ କାଶିଆଡିହି ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଥପଡ଼ା ଟିମ୍ କାଶିଆଡିହି ଟିମକୁ ହରାଇ ପ୍ରଥମେ ଫାଇନାଲରେ ପ୍ରବେଶ କରିଥିଲେ । ସେହିପରି ଦ୍ୱିତୀୟ ସେମିଫାଇନାଲ ଟାଟା ଷ୍ଟିଲ ଓ ଖାଲପାଳ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟାଟା ଷ୍ଟିଲ ଟିମକୁ ଖାଲପାଳ ଟିମ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଯାହା ଫଳରେ ଅନ୍ତିମ ତଥା ଫାଇନାଲ ମ୍ୟାଚ ଖାଲପାଳ ଓ ସନ୍ଥପଡ଼ା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସନ୍ଥପଡ଼ା ଟିମ୍ ଖାଲପାଳ ଟିମକୁ ୨ -- ୦ ସେଟରେ ପରାସ୍ତ କରି ସନ୍ଥପଡ଼ା ଟିମ୍ ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ନିରୋଦ କୁମାର ଦାସ ଓରଫ ବାବୁଲି, କ୍ଷୀରୋଦ ସାହୁ ଓ ରାଜେଶ ପଣ୍ଡା ସମସ୍ତ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆକାଶ ବିଶ୍ୱାଳ ସ୍କୋରର ଓ ପ୍ରଭାତ କୁମାର ସାହୁ ଧାରାବିବରଣି ପାଠ କରିଥିଲେ । ଉଦଯାପନୀ ଉତ୍ସବରେ ପରଜଙ୍ଗ ତହସିଲଦାର ଦିଲ୍ଲୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ପରଜଙ୍ଗ ଥାନା ଆଇଆଇସି ପ୍ରିୟବ୍ରତ ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସେହିପରି ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ରମେଶ ଚନ୍ଦ୍ର ସାହୁ, ଭୁବନାନନ୍ଦ ବିଶ୍ୱାଳ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, କୃତିବାସ ମୁଦୁଲି, ପ୍ରମୋଦ କୁମାର ବିଶ୍ୱାଳ, ମନ୍ମଥ ବିଶ୍ୱାଳ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରନର୍ସ ଦଳକୁ ଆଇଆଇସି ପ୍ରିୟବ୍ରତ ଦାସ ଟ୍ରଫି ପ୍ରଦାନ କରିଥିବା ବେଳେ ତହସିଲଦାର ଦିଲ୍ଲୀପ କୁମାର ନାୟକ ବିଜେତା ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ । ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଓ ଉଦ୍ୟୋକ୍ତା ଯୁବ ବର୍ଗ ମାନଙ୍କ ସହଯୋଗରେ ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟ ଶାନ୍ତି ଶୃଙ୍ଖଳା ରେ ପରିଚାଳିତ ହୋଇଥିଲା ।

### ଯଶୋଟିକିରି ମହାବୀର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍ଯାପିତ

## ବାଲେଶ୍ୱର ଆଦର୍ଶ ଏକାଦଶ ଚାମ୍ପିଅନ୍



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ନେରଡା ପ□ାୟତ ଯଶୋଟିକିରି କ୍ରିକେଟ ପଡିଆରେ ଅନୁଷ୍ଠିତ ଚଳିତ ୨୮ତମ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ□ରବିବାର ଉଦ୍ଯାପିତ ହୋଇଯାଇଛି । ବାଲେଶ୍ୱର ଆଦର୍ଶ ଏକାଦଶ ଚଳିତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚରେ ବାଲେଶ୍ୱର ଆଦର୍ଶ ଏକାଦଶ ସହ କଟକ ନିମପୁର ଦଳର ମୁକାବିଲା ହୋଇଥିଲା । ଆଦର୍ଶ ଏକାଦଶ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା । ଏହି ଦଳ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୩୫ ରନ ହାସଲ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ରାଜୀବ ସାହୁ ୬୪, ଶେଖ ମିନହାଜ ୪୮ ରନ ଓ ହର୍ଷିତ ରଠୋର ୪୪ ରନ ସ୍କୋର କରିଥିଲେ । ବିପକ୍ଷ ବୋଲର ମହମ୍ମଦ ଡ୍ୟାନିସ ୫ ଓଭର ବୋଲିଂ କରି ୬୯ ରନ ଦେଇ ୩ ଉଇକେଟ ହାସଲ କରିଥିଲେ । ନିମପୁର କଟକ ଦଳ ୧୬.୫ ଓଭରରେ ଅଲଆଉଟ ହୋଇ ୧୨୩ ରନ କରି ଶୋଚନୀୟ ଭାବେ ପରାଜିତ ହୋଇ ରନରସପ ଦଳ ଭାବେ ଅନ୍ତୁଷ୍ଟ ହୋଇଥିଲା । ବ୍ୟାଟ୍ସମ୍ୟାନ ମହମ୍ମଦ ଡ୍ୟାନିସ ୪୬ ରନ ସ୍କୋର କରିଥିଲେ । ବୋଲର ସାର୍ଥକ ଚୌଧୁରୀ ୩ ଓଭରରେ ୧୦ ରନ ଦେଇ ୩ ଉଇକେଟ ହାସଲ କରିଥିଲେ । ରାଜୀବ ଲୋଚନ ସାହୁ ମ୍ୟାନ ଅଫ ଦି ମ୍ୟାଚ, ମହମ୍ମଦ ଡ୍ୟାନିସ ମ୍ୟାନ ଅଫ ଦି ସିରିଜ, ଗିରିଜା ରାଉତ ବେଷ୍ଟ ବ୍ୟାଟର, ନାଜରୁଲ ଖାଁ ବେଷ୍ଟ ବୋଲର ଭାବେ ବିବେଚିତ ହୋଇଥିଲେ । ଦୁର୍ଗା ପଟ୍ଟନାୟକ ଓ ସତ୍ୟବ୍ରତ ଜେନା ଅମ୍ପାୟାର ଏବଂ କୈଳାସ ଦ୍ୱିବେଦୀ ମ୍ୟାଚ ରେଫରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ । ସଚିନ ରଥ ଓ କରନ ଖାଁ ସ୍କୋରର ଏବଂ ପ୍ରତ୍ୟୁଷ ସାହୁ, ପ୍ରଶାନ୍ତ ପଟ୍ଟନାୟକ ଓ ଜ୍ଞାନରଞ୍ଜନ ଘଡେଇ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜେପି ନେତା ବଦ୍ରୀନାରାୟଣ ଧଳ, ଜିଲ୍ଲା ପରିଷଦ ସଦସ୍ୟ ବଦ୍ରୀନାରାୟଣ ରାଉତ, ସମାଜସେବୀ ଶରତ ଚନ୍ଦ୍ର ଜେନା, ଉତ୍କଳ କେଶରୀ ବିଶ୍ୱାଳ, ବନମାଳୀ ପୃଷ୍ଟି, ସମିତି ସଭ୍ୟ ରାଜେଶ ଜେନା, ଅନନ୍ତ ଜେନା ଓ କୃପାସିନ୍ଧୁ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଭାବେ ଯୋଗଦେଇ ଚାମ୍ପିଅନ ଓ ରନରସପ ଦଳ ସହ କୃତୀ ଖେଳାଳୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । କୈଳାସ ଦ୍ୱିବେଦୀ, ତପନ ପ୍ରଧାନ, ସୁଧାଂଶୁ ରାଉତ, ପ୍ରତାପ ପଣ୍ଡା, ଦିଲ୍ଲିପ ପୃଷ୍ଟି, ହରିହର ପୃଷ୍ଟି, ପି.କେ. ସାମଲ, ଚନ୍ଦନ ରଥ, ଅଭିଜିତ ରାଉତରାୟ, ଉମେଶ ସ୍ୱାଇଁ ପ୍ରମୁଖ କ୍ଲବ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ସେମିଫାଇନାଲରେ ନାକଟାସ୍



ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ୟୁଥଓ ସ୍ପର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୧ ତମ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଦ୍ୱିତୀୟ ଦିବସ ମ୍ୟାଚ ମୁରିବାହାଲ ପଂଚାୟତ ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମ୍ୟାଚରେ ଖଡ଼ିଆଳ ଦଳ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲ ପ୍ରବେଶ କରିଛି । ଦ୍ୱିତୀୟ ଦିବସରେ ମ୍ୟାଚ ନୂଆପଡା ଜିଲ୍ଲାର ଖଡ଼ିଆଳ ଓ ବଲାଙ୍ଗୀର ନକଟାସର ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ଖଡ଼ିଆଳ ଦଳ ନକଟାସର ୧/୧ ଗୋଲ ଦେଇ ବରାବର ହେବା ଯୋଗୁଁ ଟାଇବେକର ମଧ୍ୟମରେ ନକଟାସର ଦଳ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲ ପ୍ରବେଶ କରିଛି । ଏହି ଅବସରରେ ବଲାଙ୍ଗୀର ଜିଲ୍ଲା ହସ୍ତଶିଳ୍ପ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଜିତ ପ୍ରସାଦ ଭୋଇ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ବରିଷ୍ଠ ପୋଲିସ ଅଧିକାରୀ ବଲାଙ୍ଗୀର ରବିନ୍ଦ୍ର କୁମାର ସୁନା, ଉପ ବିଭାଗ ଅଧିକାରୀ ନକୁଳ ମାଝୀ, ମୋନୋବିଭାଗ ବିଭାଗ ଅଧିକାରୀ ବଲାଙ୍ଗୀର ଲିଲନ କୁମାର ପଟ୍ଟନାୟକ, ବରିଷ୍ଠ କ୍ରୀଡ଼ାବିତ ନେତ୍ର ମଣି ଭୋଇ, ସଞ୍ଜୟ ବାଗ, ଗିରିଧାରୀ ସାହୁ, ଅଭିମନ୍ୟୁ ଛୁରା ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ଉକ୍ତ ମ୍ୟାଚକୁ ଦୁଷ୍ମନ୍ତ ସାହୁ, ଯୁବରାଜ ଭୋଇ, ଭୁଜରାଜ ଭୋଇ, ଶରତ ପଧାନ ପରିଚାଳନା କାରିଥିଲେ । ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ସଭାପତି ଭୋଳା ଭୋଇ, ସମ୍ପାଦକ ପ୍ରଦୀପ କୁମାର ବଘାର ଦିବ୍ୟସୁନ୍ଦର ସାହୁ, ବିକି ମହାରଣା, ସୁଧାସୁ ଶେଖର ପୋଡ଼ ୟାଦବ, ପିଣ୍ଟୁ ଭୋଇ, ହେମନ୍ତ ବାଗ, ଗୋପୀନାଥ ମାଝୀ, ପ୍ରଫୁଲ୍ଲ କୁମାର ବଘାର, ଅଜିତ କୁମାର ତରିଆ ପ୍ରମୁଖ ସହ ଯୋଗ କାରିଥିଲେ । ସୁଧମ ଚରଣ ବଘର ଓ ଲିଲୁ ମୋହନ ପଧାନ ଧାରବିବରଣି ପ୍ରଧାନ କରିଥିଲେ ।

## ରାଜ୍ୟସ୍ତରୀୟ ଶାରଳା କପ୍: କୁମାରବସ୍ତ ଚାମ୍ପିଅନ୍

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଛପଡିଆ ନରେନ୍ଦ୍ର ଷ୍ଟାଡିୟମ ରେ ୩୨ତମ ଶାରଳା କପ୍ ମେଘା ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ଢେଙ୍କାନାଳ କ୍ରିକେଟ କ୍ଲବ ଢେଙ୍କାନାଳ ବନାମ କୁମାରବସ୍ତ ଖୋର୍ଦ୍ଧା । ପ୍ରଥମେ ଟସ ଜିତି ଢେଙ୍କାନାଳ କ୍ରିକେଟ କ୍ଲବ ବୋଲିଂ ପାଇଁ ନିଷ୍ପତି ନେଇଥିଲା ଏହାର ଜବାବ ରେ କୁମାରବସ୍ତ ଖୋର୍ଦ୍ଧା ପ୍ରଥମେ ବ୍ୟାଟିଂ କରିଥିଲା ।କୁମାରବସ୍ତ ଖୋର୍ଦ୍ଧା ନିର୍ଦ୍ଧାରିତ ୨୦ଓଭର ରେ ୯ଉଇକେଟ ହରାଇ ୧୮୧ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୦ବଲ ରୁ ୫୦ ରନ କରିଥିଲେ । ଢେଙ୍କାନାଳ ତରଫରୁ ମଳୟ ପ୍ରଧାନ ୩ଟି ଉଇକେଟ ନେଇଥିଲେ । ଏହାର ଜବାବ ରେ ଢେଙ୍କାନାଳ କ୍ରିକେଟ କ୍ଲବ ୧୮୨ରନ ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ୨୦ଓଭର ରେ ୧୭୧ରନ କରି ପରାଜୟ ହୋଇଥିଲା ଢେଙ୍କାନାଳ । ଢେଙ୍କାନାଳ କ୍ରିକେଟ କ୍ଲବ ତରଫରୁ ବିକାଶ ରାଉତ ୪୮ରନ ସଂଗ୍ରହ କରିଥିଲେ । କୁମାରବସ୍ତ ତରଫରୁ ଚାମିଣ୍ଡା ସିଭା ୩ଉଇକେଟ ନେଇଥିଲେ । ଯାହାକି ଚଳିତ ବର୍ଷ ୩୨ତମ ଶାରଳା କପ୍ ବିଜେତା କୁମାରବସ୍ତ ଖୋର୍ଦ୍ଧା କୁ ଟ୍ରଫି ସହ ୩୩ହଜାର ୩ଶହ ୩୩ଟଙ୍କା ଓ ରନର୍ସ ଦଳ



ଢେଙ୍କାନାଳ କ୍ରିକେଟ କ୍ଲବ ଢେଙ୍କାନାଳକୁ ୨୨ହଜାର ୨ଶହ ୨୨ଟଙ୍କା ଶହ ଟ୍ରଫି ପ୍ରଦାନ କରାଯାଇଥିଲା । ଅତୀଥିଙ୍କ ସହ ଶାରଳା କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତିଙ୍କ ଠାରୁ ମ୍ୟାନ ଅଫ ଦି ମ୍ୟାଚ ଅଭିଷେକ ପଟ୍ଟନାୟକ ଓ ମ୍ୟାନ ଅଫ ଦି ସିରିଜ କୁମାରବସ୍ତ ଖୋର୍ଦ୍ଧାର ଅସୀମା ନନ୍ଦ ଧଳବେହେରାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସନ୍ତୋଷ ଓ ମାଷ୍ଟର ଡୋକମ୍ ଖେଳ ପରିଚାଳନା କରିଥିଲେ । କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ନଟକିଶୋର ମହାନ୍ତି, ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୈରବୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଉଦ୍ଯାପିତ: ଧଣ୍ଡାମୁଣ୍ଡା ଚାମ୍ପିଅନ୍




ଖପ୍ରାଖୋଲ(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଠାରେ ଚାଲିଥିବା ୧୭ ତମ ଭୈରବୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳ ଧଣ୍ଡାମୁଣ୍ଡା ଓ ବନ୍ଦେପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବନ୍ଦେପଦର ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୬ ଓଭର ରେ ୮ ୱିକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବ ରେ ଧଣ୍ଡାମୁଣ୍ଡା ଦଳ ୧୨.୪ ଓଭର ରେ ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିନେଇଥିଲା । ଯାହା ଫଳରେ ଧଣ୍ଡାମୁଣ୍ଡା ଦଳ ଚାମ୍ପିୟନ ହୋଇଥିଲା । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୈରବୀ କ୍ରିକେଟ୍ କ୍ଲବ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ପୂର୍ବତନ ବିଧାୟକ ସରୋଜ ମେହେର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପାଟଣାଗଡ ଏନ୍ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ ମେହେର, ଭାନପୁର ସରପଞ୍ଚ ରୀନା ଜାଲ, ଅମିତ୍ ସୁନା, ଡିଲେଶ୍ୱର ଜାଲ, ଶୋଭନମୟ ମିଶ୍ର, ତୁର୍ଲା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲା, ବୃନ୍ଦାବନ ସେଠ୍, ଗୋପାଳ ପାତ୍ର, ବ୍ରହ୍ମାନନ୍ଦ ସାହୁ, ଟିକେଲାଲ ପାତ୍ର ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧୦୧୧ ଟଙ୍କା ଏବଂ ରନର୍ସ ଅପ ଦଳ କୁ ଟ୍ରଫି ସହ ୭୦୭୦ ଟଙ୍କା ଅତିଥି ମାନେ ପ୍ରଦାନ କରିଥିଲେ । ଅମ୍ପାୟାର ରୁପେ ନିକୁ ଶବର ଓ ଆଶିଷ ପାଣିଗ୍ରାହୀ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ରୁପେ ପ୍ରଶାନ୍ତ ମେହେର ଦାୟିତ୍ୱ ତୁଲାଇଥିଲେ । ସୁଦାମ ସାହୁ ଓ ରଞ୍ଜିତ ମେହେର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ଭୋଇ, ସଞ୍ଜୀବ ପାଣିଗ୍ରାହୀ, ମନିଲାଲ ଛତର, ଗୋପାଲ ବାରିକ, ନିରଞ୍ଜନ ଭୋଇ, ରାମଚନ୍ଦ୍ର ବରିହା, କୁଶ ରଞ୍ଜନ ଭୋଇ, ସୁବନ୍ ଶବର, ବାବାଜୀ ଭୁଏ, ଜଗତ ଦୀପ, ଆକାଶ ପାଣଗ୍ରାହୀ, ଧନଞ୍ଜୟ ବାରିକ, କେଦାର ବାରିକ, ଓଁକାର ଭୋଇ, ସୁବିତ ଭୋଇ, ସ୍ୱାଧୀନ ପଣ୍ଡା, ଦେବାଶିଷ ପାଣିଗ୍ରାହୀ, ନବୀନ ଭୁଏ, ଛବିଲ ପଧାନ ପ୍ରମୁଖ କ୍ଲବ୍ ସଦସ୍ୟ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟ ଟି ଆଠ ଦିନ ଧରି ଚାଲିଥିବା ବେଳେ ୧୬ ଟି ଦଳ ଭାଗ ନେଇଥିଲେ ।

## ବାପୁ କ୍ରିକେଟ୍ କ୍ଲବର ଟୁର୍ଣାମେଣ୍ଟ ଉଦ୍ଘାଟିତ



ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ଖେଳ ପଡିଆରେ ବାପୁ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୪୮ ତମ କ୍ରିକେଟ ଟୁର୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯମୁନାକୋଟର ପୂର୍ବତନ ସରପଞ୍ଚ ଖୁଲଣା ରାଉତ ଯୋଗଦେଇଥିଲେ । ପ୍ରଥମ ଦିନରେ ଏ ଜି ସି ସି ( ଯାଜପୁର) ସହ ଆଇ ଆର ସି ଭିଲେଜ୍ (ଭୁବନେଶ୍ୱର) ର ଖେଳ ଅନୁଷ୍ଠିତ ହୋଇଥିଲା । ଟସ୍ରେ ଜିଣି ଏଜିସିସି ଯାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୮ ୱିକେଟ ହରାଇ ୧୫୫ ରନ କରିଥିଲେ । ଏହାର ଜବାବରେ ଭୁବନେଶ୍ୱର ଟିମ୍ ୧୮ ଓଭରରେ ୮ ୱିକେଟ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥଲା । ଯାଜପୁର ଦଳ ୧୮ ରନ ରେ ବିଜୟୀ ହୋଇଥିଲା । ରୁଦ୍ର ନାରାୟଣ ମିଶ୍ର ଓ ସଂଗ୍ରାମ ବାରିକ ଖେଳ ପରିଚାଳନା କରିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଓ ରାଜେନ୍ଦ୍ର ନାୟକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ରଞ୍ଜନ ବେହେରା, ସତ୍ୟଜିତ ଦାସ ଓ ବିଶ୍ୱଜିତ୍ ବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ ।

## ମହାବୀର ଯୁଥକ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଫାଇନାଲ୍ରେ ଜେଏସି



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ମଞ୍ଜୁରୀରୋଡ ମହାବୀର ଯୁଥକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଜେ.ଏ.ସି. ଯାଜପୁର ସହ ବାସୁଦେବପୁର ଉତ୍କଳିକା ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା । ଜେ.ଏ.ସି. ଯାଜପୁର ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ ସ୍କୋର କରିଥିଲା । ଦଳର ବ୍ୟାଟ୍ସମ୍ୟାନ ଅଙ୍କିତ ସୋଲାଙ୍କି ୩୧ ରନ ଓ ଆଦର୍ଶ ମହାନ୍ତି ୨୬ ରନ ହାସଲ କରିଥିଲେ । ପ୍ରତିପକ୍ଷ ବୋଲର ଅବିନାଶ ସିଂ ୪ ଓଭର ବୋଲିଂ କରି ୨୩ ରନ ବିନିମୟରେ ୨ଉଇକେଟ ଓ ରୋନାଲ୍ଡ ଦାସ ୩ ଓଭର ବୋଲିଂ କରି ୧୪ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବାସୁଦେବପୁର ଉତ୍କଳିକା ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୪ ରନ କରି ପରାଜିତ ହୋଇଥିଲା । ବ୍ୟାଟ୍ସମ୍ୟାନ ଅବିନାଶ ସିଂ ୨୪ ରନ ଓ ଚନ୍ଦ୍ରଶେଖର ବେହେରା ୧୫ ରନ ସ୍କୋର କରିଥିଲେ । ବୋଲର ମାଧବ ଦୀକ୍ଷିତ ୪ ଓଭର ବୋଲିଂ କରି ୧୮ ରନ ଦେଇ ୩ ଉଇକେଟ ଓ ଶେଖ ଅବଦୁଲ ୪ ଓଭର ବୋଲିଂ କରି ୨୦ ରନ ଦେଇ ୨ ଉଇକେଟ ହାସଲ କରିଥିଲେ । ମାଧବ ଦୀକ୍ଷିତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଚିନ୍ମୟ କୁମାର ସେନାପତି ଓ କାଳନ୍ଦୀ ଚରଣ ପଣ୍ଡଶ ଅମ୍ପାୟାର ଏବଂ ବିଜୟ ଶତପଥି ମ୍ୟାଚ ରେଫରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ । ସନ୍ତୋଷ କୁମାର ଖଣ୍ଡାଇ ଓ ଦେବୀପ୍ରସାଦ ବିଶ୍ୱାଳ ସ୍କୋରର ଏବଂ ଶ୍ରୀକାନ୍ତ ଖଣ୍ଡାଇ ଓ ସଞ୍ଜୟ ଶତପଥି ଧାରାବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ୧୧ଷ୍ଟାର ଯାଜପୁର ସହ କେନ୍ଦ୍ରାପଡା ଗୋପବନ୍ଧୁ କ୍ଲବ ସହ ଅନୁଷ୍ଠିତ ହେବ ।



କଦଳୀ ଏକ ସ୍ୱାସ୍ଥ୍ୟଉପଯୋଗୀ ଫଳ। ଏଥିରେ ୨୫ ପ୍ରତିଶତ ସୁଗାର ରହିଥାଏ, ଯାହା ଶରୀରର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ। ଦିନ ତମାମ ପରିଶ୍ରମ ପରେ ଶରୀରକୁ ଆବଶ୍ୟକ ଶକ୍ତି କଦଳୀରୁ ମିଳିଥାଏ। ଏଥିରେ ଆଇରନ ମାତ୍ରା ଭରପୂର ରହିଥାଏ। ଏହା ଶରୀରରେ ହିମୋଗ୍ଲୋବିନ୍ ମାତ୍ରାକୁ ବଢ଼ାଇଥାଏ। କଦଳୀରେ ଭିଟାମିନ୍-ବି ମଧ୍ୟ ପ୍ରଚୁର ପରିମାଣରେ ରହିଥାଏ। ଏହା ଦେହ ପାଇଁ ଲାଭଦାୟକ । ତେବେ ରାତିରେ କଦଳୀ ଖାଇବାକୁ ଅନେକେ ମନା କରିଥାନ୍ତି। ଅବଶ୍ୟ ଏହା ପଛରେ ରହିଛି ବିଶେଷ କାରଣ....। ରାତିରେ କଦଳୀ ଖାଇବା ଦ୍ୱାରା କାଶ, ଥଣ୍ଡା ଓ କଫ ସମସ୍ୟା ବଢ଼ିଥାଏ। ଏଥିସହ ଖାଦ୍ୟ ହଜମରେ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିଥାଏ। ଏହାକୁ ଖାଇବା ପରେ ଆଳସ୍ୟ ମଧ୍ୟ ଅନୁଭୂତ ହୋଇଥାଏ। ଥଣ୍ଡାଜନିତ ସମସ୍ୟାରେ ଆକ୍ରାନ୍ତ ବ୍ୟକ୍ତି କଦଳୀ ଖାଇବା ଅନୁଚିତ ବୋଲି ଆୟୁର୍ବେଦରେ କୁହାଯାଇଛି।

## ଭାରତର ଏହି ଅଞ୍ଚଳରେ ଦେଖିବାକୁ ମିଳେନି କୁକୁର ଓ ସାପ

ଲାକ୍ଷାଦ୍ୱୀପ ଭାରତର ଏକ ବହୁତ ସୁନ୍ଦର ଦ୍ୱୀପ। ଏଠାରେ ଆପଣ ପ୍ରକୃତି ଉପଭୋଗ କରିବା ସହିତ ଅନେକ କ୍ରୀଡା କାର୍ଯ୍ୟକଳାପ ମଧ୍ୟ ଉପଭୋଗ କରିପାରିବେ। ଏହି ସ୍ଥାନରେ, ଆପଣ ଆପଣଙ୍କ ପରିବାର ସହିତ କିଛି ବିଶେଷ ସମୟ ବିତାଇବା ସହିତ ଅନେକ ସ୍ମରଣୀୟ ଅଭିଜ୍ଞତା ମଧ୍ୟ ପାଇପାରିବେ। ଲାକ୍ଷାଦ୍ୱୀପ ଠିକ୍ ମାଳଦ୍ୱୀପ ପରି। କିନ୍ତୁ ଆପଣ କ'ଣ କି ଏଠାରେ ଗୋଟିଏ ପ୍ରାଣୀ ଯାହାକୁ ସମସ୍ତେ ପାଳିତ ପଶୁ ଭାବରେ ରଖିବାକୁ ପସନ୍ଦ କରନ୍ତି, ତାହା ନିଷେଧ କରାଯାଇଛି। ଲାକ୍ଷାଦ୍ୱୀପରେ ଆପଣ ଏହି ପ୍ରାଣୀକୁ କୌଣସି ସ୍ଥାନରେ ଦେଖିବେ ନାହିଁ। ଏହି ପ୍ରାଣୀଟି ହେଉଛି କୁକୁର। ପ୍ରାୟ ସମସ୍ତେ କୁକୁର ପାଳିବାକୁ ପସନ୍ଦ କରନ୍ତି। କୁକୁରକୁ ମଣିଷର ସବୁଠାରୁ ବିଶ୍ୱସ୍ତ ବନ୍ଧୁ ବୋଲି କୁହାଯାଏ। କିନ୍ତୁ ଲାକ୍ଷାଦ୍ୱୀପରେ ଆପଣ କୌଣସି ସ୍ଥାନରେ ଗୋଟିଏ ହେଲେ କୁକୁର ଦେଖିବାକୁ ପାଇବେ ନାହିଁ। ଡବ୍ଲ୍ୟୁଏଚଓ ଅନୁଯାୟୀ, ଲାକ୍ଷାଦ୍ୱୀପ ଏକ ରାବିଜ୍ ମୁକ୍ତ କେନ୍ଦ୍ରଶାସିତ ଅଞ୍ଚଳ। ଏହା ବ୍ୟତୀତ, ଏହି ସ୍ଥାନକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ମଧ୍ୟ ନିଜ ସାଙ୍ଗରେ କୁକୁରଙ୍କୁ ନେଇ ଯିବାକୁ ଅନୁମତି ନାହିଁ। ସରକାର ଲାକ୍ଷାଦ୍ୱୀପକୁ ସମସ୍ତ ପ୍ରକାରର କୁକୁରକୁ ନେଇଯିବାକୁ ନିଷିଦ୍ଧ କରିଛନ୍ତି। ତଥାପି, ଲାକ୍ଷାଦ୍ୱୀପରେ ବିଲେଇ ଏବଂ ମୂଷା ପ୍ରଚୁର ପରିମାଣରେ ଦେଖାଯାଆନ୍ତି। ଏଠାରେ ଆପଣ ସମସ୍ତ ରାସ୍ତାରେ ଏବଂ ରିସର୍ଟ ଚାରିପାଖରେ ବିଲେଇ ଏବଂ ମୂଷା ଦେଖିବାକୁ ପାଇବେ।



କେବଳ କୁକୁର ନୁହେଁ, ଏଠାରେ ଆପଣ ଗୋଟିଏ ବି ସାପ ଦେଖିବାକି ପାଇବେ ନାହିଁ। ଏହା ଏକ ସାପମୁକ୍ତ ଅଞ୍ଚଳ ମଧ୍ୟ। ଲାକ୍ଷାଦ୍ୱୀପର ଉଦ୍ଭିଦ ଏବଂ ପ୍ରାଣୀ ସମ୍ବନ୍ଧୀୟ ତଥ୍ୟ ଅନୁସାରେ, ଲାକ୍ଷାଦ୍ୱୀପ ଏକମାତ୍ର ଅଞ୍ଚଳ ଯେଉଁଠାରେ ସାପ ଦେଖାଯାଏ ନାହିଁ।



## ରାମ୍ପରେ କାନ୍ଦିଲେ ସୋନମ



ସୋନମ କପୁର ଗତ କିଛି ଦିନ ଧରି କୌଣସି ଫିଲ୍ମରେ ନଜର ଆସୁନାହାନ୍ତି ସତ ହେଲେ ସେ କୌଣସି ନା କୌଣସି କାରଣରୁ ଖବରର ଶିରୋନାମାରେ ରହିଛନ୍ତି । ସୋନମ କପୁରଙ୍କ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ରାମ୍ପରେ ଚାଲିବା ସମୟରେ ବହୁତ ଭାବପ୍ରବଣ ହୋଇ ପଡିଥିବା ଦେଖିବାକୁ ମିଳିଛି । ସୋନମ ରାମ୍ପରେ ଚାଲିବା ସମୟରେ ହଠାତ୍ କାନ୍ଦିବାକୁ ଲାଗିଲେ ଏବଂ ତା'ପରେ ହାତ ଯୋଡି ପୁଣି ଚାଲିଥିଲେ । ଅଭିନେତ୍ରୀଙ୍କ ଏହି ଭିଡିଓ ଉପରେ ୟୁଜର୍ସ ବିଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି । ଶନିବାର ରାତିରେ ଗୁରୁଗ୍ରାମରେ ଦିବଂଗତ ଡିଜାଇନର ରୋହିତ ବଲଙ୍କ ଉଦ୍ଦେଶ୍ୟରେ ଏକ ଫ୍ୟାଶନ୍ ଇଭେଣ୍ଟର ଆୟୋଜନ ହୋଇଥିଲା। ଯେଉଁଥିରେ ରାମ୍ପରେ ଚାଲିଥିଲେ ସୋନମ୍ କପୁର। ଏହି ସମୟରେ, ଦିବଂଗତ ଡିଜାଇନରଙ୍କୁ ମନେ ପକାଇବା ସମୟରେ, ଅଭିନେତ୍ରୀ ବହୁତ ଭାବପ୍ରବଣ ହୋଇଗଲେ ଏବଂ ରାମ୍ପରେ ନିଜ ଲୁହକୁ ରୋକି ପାରିପାରିନଥିଲେ । ସୂଚନାଯୋଗ୍ୟ, ରୋହିତ ବଲ ୧ ନଭେମ୍ବର ୨୦୨୪ ରେ ୬୩ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ, ଯାହା ଫ୍ୟାଶନ୍ ଶିଳ୍ପରେ ଶୋକର ଛାୟା ଖେଳାଇ ଦେଇଥିଲା । ଏପରି ପରିସ୍ଥିତିରେ ସୋନମ ମଧ୍ୟ ଦିବଂଗତ ଡିଜାଇନରଙ୍କୁ ମନେ ପକାଇ କାନ୍ଦିବାକୁ ଲାଗିଲେ । ଭିଡିଓରେ, ସୋନମ କପୁର ଏକ ଧଳା ଫ୍ଲୋର-ଲେନ୍ଥ ଡ୍ରେସ୍ ପିନ୍ଧିଥିଲେ ଏବଂ ଫୁଲ୍ ସ୍ଲିଭ୍ ସହିତ ଏକ ବେଜ୍ ପ୍ରିଣ୍ଟେଡ୍ ଜ୍ୟାକେଟ୍ ପିନ୍ଧିଥିଲେ । ସେ ତାଙ୍କ ମୁଣ୍ଡର ଖୋସାରେ ଲାଲ ଗୋଲାପ ଫୁଲରେ ସଜାଇଲେ। ରୋହିତ ବଲଙ୍କୁ ମନେ ପକାଇବା ମାତ୍ରେ ତାଙ୍କ ଆଖିରୁ ଲୁହ ଝରି ଆସିଲା । ଏହା ଉପରେ ମନ୍ତବ୍ୟ ଦେଇ, ଅଧିକାଂଶ ୟୁଜର୍ସ ଅଭିନେତ୍ରୀଙ୍କୁ ଟ୍ରୋଲ୍ କରିଛନ୍ତି । ସୋନମ କପୁରଙ୍କ ଭିଡିଓ ଉପରେ କମେଣ୍ଟ କରି ଜଣେ ୟୁଜର ଲେଖିଛନ୍ତି – 'କାସ୍ ଆପଣ ପ୍ରକୃତରେ କାନ୍ଦିଥାନ୍ତେ, ଏହା ଅଧିକ ନ୍ୟାଚୁରାଲ ଲାଗିଥାନ୍ତା।' ଆଉ ଜଣେ ଲେଖିଛନ୍ତି: 'ଓଭର ଆକ୍ଟିଂ ପାଇଁ ୧୦ ଟଙ୍କା ଦିଆଯାଉ।' ଆଉ ଜଣେ ଲେଖିଛନ୍ତି – 'ମୁଁ ଜାଣିପାରୁନି କାହିଁକି, ମୋ ହସ ରୋକି ପାରୁନାହିଁ।' ଆଉ ଜଣେ ଲେଖିଛନ୍ତି 'ଯଦି ଆପଣ ଫିଲ୍ମରେ ଏପରି ଅଭିନୟ କରିଥାନ୍ତ, ତେବେ ଆପଣଙ୍କୁ କିଛି କାମ ମିଳିଥାନ୍ତା।'

## ତୃତୀୟ ଥର ପାଇଁ ପ୍ରେମରେ ପଡ଼ିଛନ୍ତି ଅମୀର!

ବଲିଉଡର ଲୋକପ୍ରିୟ କଳାକାର ଅମୀର ଖାଁ ତୃତୀୟ ଥର ପାଇଁ ପ୍ରେମରେ ପଡିଥିବା ନେଇ ଚର୍ଚ୍ଚା ଜୋର ଧରିଛି । ୯୦ ଦଶକର ଏହି ଚକୋଲେଟ ବୟଙ୍କ ଚାହିଦା ଏବେ ବି କମି ନାହିଁ । ଫିଲ୍ମଫେୟାରରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଅମୀରଙ୍କୁ ନୂଆ ପ୍ରେମ ମିଳି ସାରିଛି । ସେ ତାଙ୍କ ବାନ୍ଧବୀଙ୍କ ସମ୍ପର୍କରେ କିଛି ଖୁଲାସା କରି ନାହାନ୍ତି । ଅମୀର ୨ ଥର ବିବାହ କରିଥିଲେ ମଧ୍ୟ ଏହା ଛାଡପତ୍ରରେ ଶେଷ ହୋଇଛି । ଅମୀର ତାଙ୍କ ନୂଆ ବାନ୍ଧବୀଙ୍କୁ ପରିବାର ସହ ଭେଟ ମଧ୍ୟ କରାଇ ସାରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବେଙ୍ଗାଲୁରରେ ତାଙ୍କ ରହସ୍ୟମୟୀ ପ୍ରେମିକା ରହୁଛନ୍ତି। ୫୯ ବର୍ଷ ବୟସରେ ବିବାହ ମୋ ପକ୍ଷେ ସମ୍ଭବପର ନ ଥିଲେ ମଧ୍ୟ ଏକୁଟିଆ ରହିବାକୁ ମୋତେ ଭଲ ଲାଗେନି ବୋଲି ସେ କହିଛନ୍ତି । ୧୯୮୬ରେ ରୀନା ଦତ୍ତଙ୍କୁ ଅମୀର ବିବାହ କରିଥିଲେ । ୨୦୦୨ରେ ସେମାନେ ଅଲଗା ହୋଇ ଯାଇଥିଲେ । ଏହା ପରେ ସେ କିରଣ ରାଓଙ୍କୁ ଭଲ ପାଇଥିଲେ। ୨୦୦୫ରେ ସେମାନଙ୍କ ବିବାହ ହୋଇଥିଲା। ୧୧ ବର୍ଷର ସମ୍ପର୍କ ପରେ ଅମୀରଙ୍କ ଦ୍ୱିତୀୟ ବିବାହ ମଧ୍ୟ ଭାଙ୍ଗି ଯାଇଥିଲା । ସେମାନଙ୍କ ଏକ ପୁଅ ମଧ୍ୟ ଅଛି ।





## ହଠାତ୍ ନିଦ ଭାଙ୍ଗିବା ପରେ ଶରୀର ହଲ୍‌ଚଲ୍ ହୋଇପାରୁନାହିଁ କି ?

### ଜାଣନ୍ତୁ ସମସ୍ୟା

*ଆପଣ କେବେ ନା କେବେ ଅନୁଭବ କରିଥିବେ ହଠାତ୍ ନିଦ ଭାଙ୍ଗିବା ପରେ ଶରୀର ହଲ୍‌ଚଲ୍ ହୋଇନଥାଏ । କଥା କହିବାକୁ ଚେଷ୍ଟା କଲେ ବି ମୁହଁ ଖୋଲେ ନାହିଁ । ଏହାପରେ ମନରେ ଡର ଆସେ । ତେବେ ଭୂତ ପ୍ରଭାବରୁ ଏମିତି ହୁଏ ବୋଲି କୁହନ୍ତି । କିନ୍ତୁ ଏହି ଅବସ୍ଥାକୁ 'ନିଦ୍ରା ପକ୍ଷାଘାତ' ବା 'ସ୍ଲିପ୍ ପାରାଲିସିସ୍' ଡାକ୍ତର କହିଥାନ୍ତି ।*

♦ ଡାକ୍ତରଙ୍କ ଅନୁସାରେ ସ୍ଲିପ୍ ପାରାଲିସିସ୍ ଏପରି ଏକ ଅବସ୍ଥା ଯେଉଁଥିରେ ମସ୍ତିଷ୍କ ସକ୍ରିୟ ଥାଏ କିନ୍ତୁ ଶରୀର ନିଷ୍କ୍ରିୟ ହୋଇଯାଏ । ଏହି କାରଣରୁ ନିଦରୁ ଉଠିବା ପରେ ଜଣେ ବ୍ୟକ୍ତି କିଛି ସମୟ ଚଳପ୍ରଚଳ କିମ୍ବା କଥାବାର୍ତ୍ତା କରିବାକୁ ସମର୍ଥ ହୁଏ ନାହିଁ । ଦୁଇ ମିନିଟ୍‌ରେ ଏହା ଆପେ ଆପେ ଠିକ୍ ହୋଇଯାଏ ।

♦ ସାଧାରଣତଃ ନିଦ୍ରା ଅଭାବ, ଅନିଦ୍ରା, ଶୋଇବାରେ ଅନିୟମିତତା, ଚିନ୍ତା ଏବଂ ଭୁଲ ପୋଜ୍‌ରେ ଶୋଇବା କାରଣରୁ ସ୍ଲିପ୍ ପାରାଲିସିସ୍ ହୁଏ । ନିଦ୍ରା ପକ୍ଷାଘାତ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଏହା ଯେକୌଣସି ବ୍ୟକ୍ତିଙ୍କ ସହ ହୋଇପାରେ । ଆମ ଶରୀର ଗଭୀର ଆରାମ ଅବସ୍ଥାକୁ ଚାଲିଯାଏ ,ଯାହାକୁ ରାପିଡ୍ ଆଇ ମୁଭମେଣ୍ଟ ସ୍ଲିପ କୁହନ୍ତି । ଏହି ଅବସ୍ଥାରେ ଶରୀର ଆରାମ କରୁଥାଏ ଏବଂ ମାଂସପେଶୀଗୁଡିକ ଅସ୍ଥାୟୀ ଭାବେ ନିଷ୍କ୍ରିୟ ରହିଥାଏ । ଯଦି ଏହି ସମୟରେ ହଠାତ୍ ନିଦ ଭାଙ୍ଗିଯାଏ ତାହେଲେ ମସ୍ତିଷ୍କ ଶରୀରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିପାରେ ନାହିଁ । ଫଳରେ ନିଦ୍ରା ପକ୍ଷାଘାତ ହୁଏ ।

♦ ଯଥାସମ୍ଭବ ମାନସିକ ଚାପ କମାଇବାକୁ ଚେଷ୍ଟା କରନ୍ତୁ । ଗଭୀର ନିଶ୍ୱାସ ନେବା, ଧ୍ୟାନ, ଯୋଗ ଦ୍ୱାରା ଚାପ କମ୍ କରାଯାଇପାରିବ । ଏହା ସ୍ଲିପ୍ ପାରାଲିସିସ୍ ରୋକିବାରେ ସହାୟକ ହେବ । ସେହିପରି ପିଠି ପଟେ ଶୋଇବା ଦ୍ୱାରା ଏହି ପକ୍ଷାଘାତ ଆଶଙ୍କା ବଢିଥାଏ । ତେଣୁ କଡ଼ ଲେଉଟାଇ ଶୋଇବାକୁ ଚେଷ୍ଟା କରନ୍ତୁ ।

## ଡ୍ରଗ୍ ମାଫିଆ ଅବତାରରେ ଶବାନା ଆଜମୀ



ଓଟିଟି ପ୍ଲାଟଫର୍ମରେ ଖୁବଶୀଘ୍ର ଏକ ନୂଆ ୱେବ ସିରିଜ୍ ଆସିବାକୁ ଯାଉଛି, ଯେଉଁଥିରେ ପୁରୁଷ ନୁହେଁ ବରଂ ମହିଳାମାନେ ଡ୍ରଗ୍ସ ମାଫିଆ ସାଜି ରାଜୁତି କରୁଥିବା ଦେଖିବାକୁ ମିଳିବ। 'ଡବା କାର୍ଟେଲ' ନାମକ ଏହି ସିରିଜ୍‌ର ଟିଜର ରିଲିଜ ହୋଇଛି। 'ଡବା କାର୍ଟେଲ' ଏକ କ୍ରାଇମ ଥ୍ରୀଲର ସିରିଜ୍, ଯାହାର ନିର୍ଦ୍ଦେଶନା ଦେଇଛନ୍ତି ହିତେଶ ଭାଟିଆ। ଏକ୍ସେଲ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ୱେବ ସିରିଜ୍‌ରେ ଶବାନା ଆଜମୀ ଡ୍ରଗ୍ ଡେଲିଭରୀ କରୁଥିବା ମହିଳାମାନଙ୍କ ନେତୃତ୍ୱ ନେଇଥିବା ଦେଖିବାକୁ ମିଳିଛି। ସିରିଜ୍‌ର କାହାଣୀ କିଛି ମହିଳାଙ୍କଠାରୁ ଆରମ୍ଭ ହେଉଛି, ଯେଉଁମାନେ ନିଜ ଘର ଚଳାଇବା ପାଇଁ ଏକ ଛୋଟ ଖାଦ୍ୟ ବାକ୍ସ ବିକ୍ରି କରୁଛନ୍ତି।

କିନ୍ତୁ ତାଙ୍କ ଭାଗ୍ୟ ସେତେବେଳେ ବଦଳି ଯାଉଛି ଯେତେବେଳେ ସେ ଡ୍ରଗ୍ ମାଫିଆଙ୍କୁ ଭେଟୁଛନ୍ତି। ଆଜି 'ଡବା କାର୍ଟେଲ'ର ଦମ୍‌ଦାର ଟିଜର ସହ ଷ୍ଟ୍ରିମିଙ୍ଗ୍ ତାରିଖ ଉପରୁ ମଧ୍ୟ ପରଦା ଉଠିଛି। ଟିଜର ଦର୍ଶକଙ୍କୁ ବେଶ୍‌ପସନ୍ଦ ଆସିଥିବା ଭ୍ୟୁଜ୍ ଓ କମେଣ୍ଟରୁ ଅନୁମାନ କରିହେଉଛି। ଫେବୃଆରୀ ୨୮ରେ ନେଟଫ୍ଲିକ୍ସ ଇଣ୍ଡିଆରେ ରିଲିଜ୍‌ହେବ ଏହି ସିରିଜ୍। ଏଥିରେ ଶବାନା ଆଜମୀଙ୍କ ବ୍ୟତୀତ ଶାଳିନୀ ପାଣ୍ଡେ, ଅଞ୍ଜଳି ଆନନ୍ଦ, ଜ୍ୟୋତିକା, ଶ୍ରୀ ପ୍ରକାଶ ମିଶ୍ରା, ସଲିମ ହୁସୈନ ମୁଲ୍ଲା, ଜିଶୁ ସେନଗୁପ୍ତା, ସାଇ ତାହ୍ମଣକର ଓ ଗଜରାଜ ରାଓ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ଚୌଦ୍ୱାର ବାଳିକା ଉଚ୍ଚ ବିଦ୍ୟାଳୟର ୩୮ତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ମମତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷୟିତ୍ରୀ ରେବତୀ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଡ଼ିଟର କାହ୍ନୁଚରଣ ଦାସ, ସମାଜସେବୀ ବିମଳ କୁମାର ବେଉରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ସାମନ୍ତରାୟ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମୃଣାଳିନୀ ତ୍ରିପାଠୀ, ନିଶାର ସୁଲତାନା, କବିତା ସ୍ୱାଇଁ, ବିଜ୍ଞାନ ଶିକ୍ଷକ ପ୍ରବୀର କୁମାର ପାଣି, କ୍ରୀଡ଼ା ଶିକ୍ଷକ ବିଜୟ କୁମାର ବାରିକ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଆଲୁମିନି ସଭାପତି ଭକ୍ତିମୟୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ ।



# ବିପଦସଙ୍କୁଳ ବିଦ୍ୟାଳୟ ଗୃହ, ଭୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଶିକ୍ଷାକୁ ସାର୍ବଜନୀନ ଓ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ, ମଧ୍ୟାହ୍ନଭୋଜନ, ପୋଷାକ ଯୋଗାଇ ଦେବା ସହ ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳିବା ନିମନ୍ତେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦେଉଛନ୍ତି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋ ଗ୍ରାମପଞ୍ଚାୟତ ଜମରାସ୍ଥିତ ଶ୍ରୀ ବାସୁଦେବ ଜୀୟୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ବିପଦସଙ୍କୁଳ ଜରାଜୀର୍ଣ୍ଣ ଗୃହରେ ଚାଲିଥିବାର ଅଭିଯୋଗ ହୋଇଛି । ଏହି ବିପଦସଙ୍କୁଳ ଗୃହ କୋମଳମତୀ ଛାତ୍ରଛାତ୍ରୀ ସର୍ବୋପରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନ ଦୀପକୁ ଲିଭାଇ ଦେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋ ଗ୍ରାମପଞ୍ଚାୟତ ଜମରାସ୍ଥିତ ଶ୍ରୀ ବାସୁଦେବ ଜୀୟୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୫୩ ମସିହାରେ ସ୍ଥାପନ କରାଯାଇଥିଲା । ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ରହିଛି ଓ ୪୯ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଏହି ୪୯ଜଣ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ ନିମନ୍ତେ ୬ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏପରିସ୍ଥଳେ ୮ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ଗୋଟିଏ କକ୍ଷରେ ୨-୩ଟି ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ କରୁଥିବାର ଦେଖିବାକୁ ମିଳିଛି । ସେହିପରି ଭାବେ ଏହି ବିଦ୍ୟାଳୟରେ ଦିବ୍ୟାଙ୍ଗ ସର୍ବୋପରି ଛାତ୍ରଛାତ୍ରୀଙ୍କ ମଳମୂତ୍ର ତ୍ୟାଗ ନିମନ୍ତେ କୌଣସି ପରିସ୍ରାଗାର ନଥିବାର ଅଭିଯୋଗ ହୋଇଛି । ଦୀର୍ଘ ବର୍ଷ ତଳେ ନିର୍ମାଣ କରାଯାଇଥିବା ପରିସ୍ରାଗାର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଏହି ବିଦ୍ୟାଳୟ ଅଫିସ କାର୍ଯ୍ୟ ନିମନ୍ତେ କୌଣସି ଗୃହ ନାହିଁ । ଏକ ବିପଦସଙ୍କୁଳ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଗୃହରେ ଅଫିସ କାର୍ଯ୍ୟ ଚାଲିଥିବାର ଅଭିଯୋଗ ହୋଇଛି । ଏପରିକି ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଗତ ୧୯୯୯ ମହାବାତ୍ୟା ପରେ ନିର୍ମାଣ କରାଯାଇଥିବା ଏମସିଏଲ ଗୃହ ତଳେ ମଧ୍ୟାହ୍ନ ଭୋଜନ ଦିଆଯାଉଥିବାର ଅଭିଯୋଗ ହୋଇଛି । ଏହି ଗୃହଟି ଦୀର୍ଘ ଦିନ ହେଲା ବିପଦ ସଙ୍କୁଳ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାର ଅଭିଯୋଗ ହୋଇଛି । ଏହି ଗୃହର ଛାତ ଏବଂ ବିମ ଗୁଡିକ ଭାଙ୍ଗିରୁଜି ଯାଇଥିଲା ବେଳେ ବର୍ଷା ଦିନେ ଛାତରୁ ପାଣିଝରୁଛି । ଯାହା ଦ୍ୱାରାକି ଅଫିସର ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ର ରଖାଯାଇ ପାରୁନାହିଁ । ଏପରିକି ବହୁ ସମୟରେ ଛାତ ଓ ବିମରୁ ସିମେଣ୍ଟ ପ୍ଲାଷ୍ଟର ଖସିବା ଯୋଗୁ ଛାତ୍ର ଛାତ୍ରୀ ସର୍ବୋପରି ଶିକ୍ଷକଶିକ୍ଷୟିତ୍ରୀମାନେ ଆହତ ହୋଇଥିବା ନଜିର ରହିଛି । ସେହିପରି ଭାବେ ଏହି ଗୃହର ପିଲାର ଗୁଡିକ ମଧ୍ୟ ଭାଙ୍ଗିରୁଜି ଯାଇଛି । ପିଲାର ରଡ ପଦାକୁ ବାହାରି ଯାଇଥିବାର ଦେଖିବାକୁ ମିଳିଛି । ତେବେ ଏହି ବିପଦ ସଙ୍କୁଳ ଗୃହ କେତେବେଳେ କୋମଳମତୀ ଛାତ୍ର ଛାତ୍ରୀ ସର୍ବୋପରି ଛାତ୍ର ଛାତ୍ରୀଙ୍କ ଜୀବନ ଦୀପକୁ ଲିଭାଇଦେବ ତାହାନେଇ ଅଭିଭାବକ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଏହି ଗୃହକୁ ତୁରନ୍ତ ଭଙ୍ଗାଯିବା ନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଏକାଧିକବାର ନିଶ୍ଚିନ୍ତକୋଇଲି ବିଡିଓଙ୍କ ସମେତ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି । ତେବେ ଏହି ବିପଦ ସଙ୍କୁଳ ଗୃହରେ ଭବିଷ୍ୟତରେ କିଛି ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ହେବ ବୋଲି ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ବିପଦ ସଙ୍କୁଳ ଗୃହକୁ ଭଙ୍ଗାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି ।

# ଅନଲାଇନ ବେଟିଂର ପର୍ଦ୍ଦାଫାସ, ୫ ଗିରଫ




କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶନିବାର ଦିନ ବର୍ଲାଗିର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହିମାଂଶୁ ଭୋଇ (ଓପିଏସ) ନେତୃତ୍ୱରେ ଲାୟନ୍ସ ପବ୍ଲିକ ସ୍କୁଲ ନିକଟସ୍ଥ ଏକ ଭଡା ଘରୁ ୫ଜଣଙ୍କୁ ଗିରଫ କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଏହି ଭଡା ଘରେ ଦୀର୍ଘ ଦିନରୁ ଅନଲାଇ ବେଟିଙ୍ଗ ଗେମ୍ ଚାଲୁଥିଲା । ଜିଲ୍ଲା ପୋଲିସ ଓ କଣ୍ଟାବାଞ୍ଜି ପୋଲିସ ମିଳିତ ଭାବେ ଗେମ ଚାଲୁଥିବା ଭଡା ଘରୁ ୨୦ଟି ବିଭିନ୍ନ କମ୍ପାନିର ସ୍ମାର୍ଟ ମୋବାଇଲ, ୩ଟି ଲାପଟପ୍ ଜବତ କରି ବଲାଙ୍ଗିର ସାଇବର ସେଲକୁ ଅଧିକ ତଦନ୍ତ ପାଇଁ ପଠାଇ ଦେଇଥିବା କାର୍ଯ୍ୟବାହୀ ଉପଖଣ୍ଡ ଆରକ୍ଷି ଅଧିକ୍ଷକ ସଦାନନ୍ଦ ପୁଝାରୀ ଖବରଦାତା ସମ୍ମିଳନିରେ ରବିବାର ଦିନ କଂଟାବାଂଜି ଥାନାରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ସନ୍ତୋଷ କୁମାର ଯାଦବ (୨୯),ସନ୍ତୋଷ କୁମାର (୨୫) ସୋନୁ କୁମାର ଯାଦବ(୨୧) ଖିରସାଗର ନାୟକ(୨୯) ଓ ଜିତେନ୍ଦ୍ର ପୁଂଜି (୩୬) । ଏହି ଚଢଉରେ ଅନ୍ୟମାନଙ୍କ ମଧ୍ୟରେ କଂଟାବାଂଜି ଡି.ଏସ.ପି. ଗୌରାଙ୍ଗ ଚରଣ ସାହୁ, ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିତା ବେହେରା, ସବ୍ ଇନ୍ସପେକ୍ଟର ଅଭିନାଶ ନାୟକ, ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ,ଏ.ଏସ.ଆଇ. ଅଶୋକ କୁମାର ପଧାନ, ଡିଭିଏଫ ଟିମ ମେମ୍ବର ତୁରେକେଲା ସାମିଲ ଥିଲେ ।

# ୱାର୍ଡ଼ ଡେଭଲପ୍‌ମେଣ୍ଟ କମିଟି ପକ୍ଷରୁ ଶିଳାନ୍ୟାସ କାର୍ଯ୍ୟକ୍ରମ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୯ନଂ. ୱାର୍ଡ଼ରେ ୱାର୍ଡ଼ ଡେଭଲପ୍‌ମେଣ୍ଟ କମିଟି ପକ୍ଷରୁ ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର-କଟକ ପ୍ରାକ୍ତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଶୁଭଶିଳାନ୍ୟାସ କାର୍ଯ୍ୟକ୍ରମ ୱାର୍ଡ଼ ପାରିଷଦ ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ କରାଯାଇଥିଲା । ଏଥିରେ ବରିଷ୍ଠ ନାଗରିକ ପରିଷଦ, ୱେଲଫେୟାର ସୋସାଇଟିର ସମସ୍ତ କର୍ମକର୍ତ୍ତା ଓ ମା'ବିରାଟେଶ୍ୱରୀ ମହିଳା ସଂଘର ସଦସ୍ୟାମାନେ ଯୋଗ ଦେବା ସହ ସେମାନଙ୍କ କରକମଳରେ ଏହି ଶୁଭ ଶିଳାନ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ପାରିଷଦ ସୁବ୍ରତ କୁମାର ସାମଲ, ଆଶୁତୋଷ ଦାସ ଓ ନଗର ବିଜେଡ଼ି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମର କାର୍ଯ୍ୟାଦେଶ ଠିକାଦାରମାନଙ୍କୁ ଉପାଧ୍ୟକ୍ଷ ଶ୍ରୀ ସାମଲ ବଣ୍ଟନ କରିବା ସହ ଖୁବ୍ ଶୀଘ୍ର କାମ ଆରମ୍ଭ କରିବା ପାଇଁ କହିଥିଲେ ।

# ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼ (ଭାସ୍କର ନ୍ୟୁଜ): ଶିକ୍ଷବିତ ତଥା ବହୁ ଶିକ୍ଷାନୁଷ୍ଠାନର ନିର୍ମାତା କାଳି କୁମାର ଜୟସିଂହଙ୍କ ନେତୃତ୍ୱରେ ଶିକ୍ଷକ ମହାସଂଘ ପକ୍ଷରୁ ବୋଲଗଡ଼ର ନୂତନ ତହସିଲଦାର ଭାବେ ଯୋଗ ଦେଇଥିବା ବିଜୟ କୁମାର ସେଠୀଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ବୋଲଗଡ଼ ବ୍ଲକର ଶିକ୍ଷା, ସାମାଜିକ, ଅର୍ଥନୈତିକ,କୃଷିଭିତ୍ତିକ ଆଦି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସବୁ ପ୍ରକାର ସହଯୋଗ କରିବା ପାଇଁ ତହସିଲଦାର ଶ୍ରୀ ସେଠୀ ପ୍ରତିଶ୍ରୁତି ଦେଇଥିଲେ । ସଙ୍ଗରେ ଶିକ୍ଷକ ମହାସଂଘର ସମ୍ପାଦକ ବୈକୁଣ୍ଠ ମହାରଣା, ଉପ ସଭାପତି ଦିବାକର ପରମଗୁରୁ, ଲଛମନ ପରିଡ଼ା, ଦୁର୍ଯ୍ୟୋଧନ ଉପସ୍ଥିତ ଥିଲେ ।

# ପାଞ୍ଚପିଢ଼ ରେଳପଥ ବିକାଶ ମଞ୍ଚର କାର୍ଯ୍ୟାଳୟ ଉଦ୍‌ଘାଟିତ



କରଞ୍ଜିଆ (ଭାସ୍କର ନ୍ୟୁଜ): ବାଦାମ ପାହାଡ଼ ରେଳପଥକୁ ସମ୍ପ୍ରସାରଣ କରି କରଞ୍ଜିଆ ଦେଇ କେନ୍ଦୁଝର ଠାରେ ସଂଜଗ କରିବା ଦାବି ବହୁ ଅନୁଷ୍ଠାନ ଦ୍ୱାରା ବହୁବାର ଦାବି ହୋଇଆସୁଛି । ଦାବିକୁ କେନ୍ଦ୍ର ସରକାର ବିଚାର କରି ବାଦାମପାହାଡ ରେଳପଥକୁ କେନ୍ଦୁଝରରେ ସଂଜଗ କରିବା କୁ ମଞ୍ଜୁର କରିଥିଲେ ଓ ଆଠ ଟି ଷ୍ଟେସନ କରିବା ପ୍ରସ୍ତାବ ରଖିଛନ୍ତି ଏହି ପ୍ରସ୍ତାବିତ ଷ୍ଟେସନ ମଧ୍ୟରୁ କରଞ୍ଜିଆ ବାଦ ପଡିବାରୁ କରଞ୍ଜିଆ ବାସିଙ୍କୁ ଆଘାତ ଲାଗିଛି । ଏଣୁ କରଞ୍ଜିଆରେ ରେଳ ରହଣି ପାଇଁ ଏକ ଷ୍ଟେସନ ମଞ୍ଜୁର କରିବାକୁ ଦାବି ହୋଇଆସୁଛି । ଏହିଦାବିକୁ ପାଞ୍ଚପିଢ ରେଳପଥ ବିକାଶ ମଞ୍ଚ ନେତୃତ୍ୱ ନେଇଛି । ରେଳପଥ ବିକାଶ ମଞ୍ଚ ସହିତ ଯୋଗାଯୋଗ ନିମନ୍ତେ ଏକ କାର୍ଯ୍ୟଳୟର ଆବଶ୍ୟକତା ଥିବାରୁ ସହରର ୪ ନମ୍ବର ୱାର୍ଡସ୍ଥିତ ମିଳନ ପଡିଆ ନିକଟରେ ଏକ କାର୍ଯ୍ୟଳୟ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ମଞ୍ଚର ସଭାପତି ଚିତ୍ତ ରଂଜନ ନାଏକ, ସଂପାଦକ ଦିବ୍ୟ ପ୍ରସାଦ ସାହୁଙ୍କ ସହିତ ଦୀପକ ରାମ, କର୍ଣ୍ଣାର୍ଜୁନ ସାହା, ପ୍ରିୟବ୍ରତ ସିନା, ବନ ବିହାରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭିନ୍ନ ଢ଼ଙ୍ଗରେ ପାଳିତ ହେଲା ସରସ୍ୱତୀ ପୂଜା

ପୁରୀ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦି ବେଲ୍‌ର ସ୍ୱେଚ୍ଛାସେବୀ ମାନେ ସରସ୍ୱତୀ ପୂଜା ଅବସରରେ ବସ୍ତି ଅଞ୍ଚଳ ପିଲାମାନଙ୍କୁ ପାଠ୍ୟ ଉପକରଣ ବାଣ୍ଟି ଭିନ୍ନ ଢ଼ଙ୍ଗରେ ପାଳନ କରିଛନ୍ତି ପୂଜା ଉତ୍ସବକୁ । ପୁରୀ ବଳିଆ ପଣ୍ଡା ଅଞ୍ଚଳରେ ଥିବା ଏକ ଲବ୍ୟ ପାଠଶାଳାରେ ଅଧ୍ୟୟନ କରୁଥିବା ପ୍ରାୟ ୫୦ ଜଣ କୁନି କୁନି ପିଲାଙ୍କୁ ଅନୁଷ୍ଠାନ ତରଫରୁ ବିଭିନ୍ନ ପାଠ୍ୟ ଉପକରଣ ସହିତ ମିଷ୍ଟାନ୍ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏକ ଲବ୍ୟପାଠ ଶାଳାର ପ୍ରଧାନ ପରିଚାଳକ ଉମେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ ।ଏହି ଅବସରରେ ବେଲର ପ୍ରତିଷ୍ଠାତା ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଯୋଗ ଦେଇ ଆଗକୁ ଦି ବେଲ୍ ତରଫରୁ ବସ୍ତି ଅଞ୍ଚଳରେ ପାଠ ପଢ଼ିବାର ସୁଯୋଗ ନ ପାଉଥିବା କିମ୍ବା ଅଧରୁ ପାଠ ଛାଡି ଥିବା ପିଲାମାନଙ୍କ ପାଇଁ ଏକ ଲବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରଚେଷ୍ଟା କରିବା ସହିତ ସ୍କୁଲ ରେ କିପରି ଯାଇ ପଢ଼ିବେ ସେଥିପାଇଁ ପ୍ରୟାସ କରାଯିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଭାରତ ଯୋଗ କେନ୍ଦ୍ରର ରମା ବଲ୍ଲଭ ମହାପାତ୍ର, ବେଲ ସାଧରଣ ସମ୍ପାଦକ ରାଜ କିଶୋର ପାତ୍ର, ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ମିଶ୍ର ପ୍ରଭୃତିଯୋଗ ଦେଇଥିଲେ ।

# ଟ୍ରାକ୍ଟରର ଚକା ତଳେ ଚାପିହୋଇ ଚାଳକଙ୍କ ମୃତ୍ୟୁ

ଗୋପ(ଭାସ୍କର ନ୍ୟୁଜ): ଟ୍ରାକ୍ଟର ଚକା ତଳେ ଚାଲିଗଲା ଚାଳକଙ୍କ ଜୀବନ । ଏପରି ଅଭାନୀୟ ଘଟଣା ଘଟିଛି ଗୋପ ଥାନା ଅଧିନ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତରେ । ସୁଚନାମୁତାବକ ଗୋପ ଥାନା ଅଧିନ ଗୋପ ପଞ୍ଚାୟତ ଉଦୟଗିରି ସାହିର ଲିଟନ ଭୋଇ ଏକ ଟ୍ରାକ୍ଟର ପଛରେ ଧାନ ବାଡିଆ ପ୍ରାଚୀ ମେସିନ ବାନ୍ଧି ଅଣ୍ଡରା ଇଚ୍ଛାପୁର ପଂଚାୟତ ଅଣ୍ଡରା ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଲକୁ ଧାନ ଅମଳ ନିମନ୍ତେ ଯାଉଥିଲେ । ମାତ୍ର କୌଣସି କାରଣ ବଶତଃ ବିଲରେ ଯାଉଥିବା ସମୟରେ ହଠାତ୍ ପ୍ରାଚୀ ମେସିନ୍‌ଟି ଓଲଟି ପଡିବାରୁ ଭାରସ୍ୟାମ ହରାଇ ଲିଟନ୍ ଟ୍ରାକ୍ଟରରୁ ଛିଟିକି ପଡିଥିଲେ । ଫଳରେ ତାଙ୍କ ଉପରେ ଟ୍ରାକ୍ଟର ଚକା ଚଢିଯାଇଥିଲା । ଗୁରୁତର ଅବସ୍ଥାରେ ସଙ୍ଗେ ସଙ୍ଗେ ତାଙ୍କୁ ଗୋପ ଡାକ୍ତରଖାନାକୁ ଆଣାଯାଇଥିବା ବେଳେ ଅବସ୍ଥା ସଂଙ୍କଟାପର୍ଣ୍ଣ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାକୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାର ମୃତ୍ୟୁ ଘଟିଥିବା ଜଣାପଡିଛି । ଖବର ପାଇ ପୋଲିସ ଶବ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି । ଏହି ଖବର ଜଣାପଡିବା ପରେ ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ସେ ପରିବାରରେ ଏକମାତ୍ର ରୋଜଗାରିଆ ପୁଅ ହୋଇଥିବା ବେଳେ ତାଙ୍କୁ ସରକାରୀ ସାହାର୍ଯ୍ୟ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଋଣ ଅର୍ଥ ଫେରସ୍ତ ମାଗିବାରୁ ବୋହୂ ନିଖୋଜ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଗୋଷ୍ଠୀ ଋଣ ଅର୍ଥ ଫେରସ୍ତ ମାଗିବାରୁ ଅଭିନବ ଉପାୟରେ ଶାଶୁ ଘରୁ ବୋହୂ ନିଖୋଜ ହୋଇଥିବା ନେଇ ନିକିରାଇ ଥାନାରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ନିକିରାଇ ଥାନା ଅନ୍ତର୍ଗତ ତନାର ଗ୍ରାମର ଅଭିମନ୍ୟୁ ଦାସଙ୍କ ପତ୍ନୀ ମେନକା ଦାସ (୩୭) ଏକ ସ୍ୱୟଂ ସହାୟିକା ଗୋଷ୍ଠିରୁ ୫୦ହଜାର ଟଙ୍କା ଋଣ ଆଣିଥିଲେ । ସଂପୃକ୍ତ ଗୋଷ୍ଠୀ ଋଣ ଅର୍ଥ ଫେରସ୍ତ ମାଗିବାରୁ ମେନକା ଟଙ୍କା ଫେରସ୍ତ କରିନଥିଲେ । ଋଣ ଅର୍ଥ ପାଇଁ ଗୋଷ୍ଠୀ ବାରମ୍ବାର ଚାପ ପକାଇବାରୁ ମେନକା ଘରେ ଦେଖାଯାଇନଥିଲେ । ଅପରପକ୍ଷରେ ଗତ ଜାନୁଆରୀ ୧୧ତାରିଖରୁ ମେନକା ଘରୁ କେଉଁଆଡେ ପଳାଇଯାଇଥିବା ନେଇ ତାଙ୍କ ଶ୍ୱଶୁର ବାଉରୀବନ୍ଧୁ ଦାସ ନିକିରାଇ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ମେନକା ୧୦ବର୍ଷ ତଳେ ବାଉରୀବନ୍ଧୁଙ୍କ ପୁଅ ଅଭିମନ୍ୟୁଙ୍କୁ ବିବାହ କରିଥିଲେ । ଅଭିମନ୍ୟୁ ରାଜ୍ୟ ବାହାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ମେନକା ସ୍ୱୟଂସହାୟିକା ଗୋଷ୍ଠୀରୁ ଋଣ ଆଣିଥିଲେ । ସଂପୃକ୍ତ ଗୋଷ୍ଠୀ ଋଣ ଅର୍ଥକୁ ଫେରସ୍ତ ଚାହିଁବାରୁ ମେନକା ଘରେ କେହି ନଥିବା ବେଳେ ଘରେ ତାଲା ପକାଇ କେଉଁଆଡେ ପଳାଇଯାଇଥିବା ତାଙ୍କ ଶ୍ୱଶୁର ବାଉରୀବନ୍ଧୁ ଅଭିଯୋଗ କରିଥିବା ଥାନା ସୂତ୍ରରୁ ଜଣାପଡିଛି ।

# ନାବାର୍ଡ ପକ୍ଷରୁ ଗୋ-ଖାଦ୍ୟ ପ୍ରକଳ୍ପ ଉଦ୍‌ଘାଟିତ

କୁଜଙ୍ଗ (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ଚୁନବେଲାରୀ ଠାରେ ନାବାର୍ଡ ଦ୍ୱାରା ଆୟୋଜିତ 'ଜୀବନ ଧାରା ପ୍ରକଳ୍ପ'ର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ପ୍ରକଳ୍ପର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତର ସରପଞ୍ଚ ସସ୍ମିତା ବେହେରା, ନାବାର୍ଡର ଡି.ଡି.ଏମ. ଜଗତସିଂହପୁର ବିଶ୍ୱଭୂଷଣ ମହାନ୍ତି, ନବଜ୍ୟୋତି ଏନ.ଜି.ଓ.ର କ୍ଷୀରୋଦ କୁମାର ଦାସ, କୁଜଙ୍ଗ ବ୍ଲକ୍ ଡିପିସି ତ୍ରୈଲୋକ୍ୟ ମଲ୍ଲ, କୁଜଙ୍ଗ ପଞ୍ଚାୟତ ଏମ.ବି.କେ. ଜ୍ୟୋତ୍ସ୍ନା ରାଣୀ ଦାସ, 'ଜୀବନ ଧାରା ପ୍ରକଳ୍ପର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟଜିତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗୋ- ପାଳନ ଓ ଦୁଗ୍ଧ ଜାତୀୟ ଖାଦ୍ୟ ସାମଗ୍ରୀ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ନାବାର୍ଡ ପକ୍ଷରୁ ଆନୁଷଙ୍ଗିକ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଡି.ଡି.ଏମ. ଶ୍ରୀଯୁକ୍ତ ଦାସ ଓ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ପ୍ରକାଶ କରିଥିଲେ । ସର୍ବଶେଷରେ ଏମବିକେ କଳ୍ପନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସଚ୍ଚିଦାନନ୍ଦ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦାଠାରେ ଯୋରନ୍ଦା ଅଞ୍ଚଳର ବରପୁତ୍ର ତଥା ବିକାଶର ଅଗ୍ରଦୂତ ନିଷ୍ଠାବାନ ପୁରୁଷ ସଚ୍ଚିଦାନନ୍ଦ ତ୍ରିପାଠୀଙ୍କର ୩୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସଚ୍ଚିଦାନନ୍ଦ ତ୍ରିପାଠୀ ସ୍ମୃତି ପରିଷଦ ସଭାପତି ରବିନାରାୟଣ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋରନ୍ଦା ଅଞ୍ଚଳର ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ନେତ୍ରାନନ୍ଦ ରାଉତ, ଯୁଧିଷ୍ଠିର ମହାନ୍ତି , ରବିନାରାୟଣ ରାଉଳ, ସୁଧାଂଶୁ ଶେଖର ରାଉତ ପ୍ରମୁଖ ସ୍ୱର୍ଗତ ତ୍ରିପାଠୀଙ୍କ ବହୁ ମୂଲ୍ୟ ଜୀବନର ସ୍ମୃତିଚାରଣ କରିଥିଲେ । ସ୍ମୃତିଚାରଣ କମିଟିର ଆବାହକ ଜ୍ଞାନରନ ତ୍ରିପାଠୀ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରି ଫୁଲ ଚନ୍ଦନ ଦେଇ ପୂଜା କରି ଧୂପ ଦୀପ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଂଚର ସୁଧାକର ସାହୁ, ସୁଧାଂଶୁ ଶେଖର ରାଉତ, ନେତ୍ରାନନ୍ଦ ରାଉତ, ତ୍ରିଲୋଚନ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ପାତ୍ର, ରଣଜିତ୍ ସିଙ୍ଗ, ପ୍ରଦୀପ୍ତ ଭ, ଲମ୍ବୋଦର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

# ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା

ବାଲୁଗାଁ (ଭାସ୍କର ନ୍ୟୁଜ): ବଜରଙ୍ଗୀ ଦଳ ପକ୍ଷରୁ ନୂତନ ହନୁମାନ ମନ୍ଦିର ନିର୍ମାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନ ଦିନ ଧରି ମାନସିଂହପୁର ଗ୍ରାମରେ ହନୁମାନ ମନ୍ଦିର ନିର୍ମାଣ କରିବା ପାଇଁ ବହୁତ ଚେଷ୍ଟା ପରେ ଆଜି ସଫଳ ହୋଇଛି । ମାନସିଂହପୁର ଗ୍ରାମର ବାସିନ୍ଦା ମାନେ ହନୁମାନ ମନ୍ଦିର ଜିବାପାଇଁ ଦୂର ଦୁରାନ୍ତର ଯାଉଥିଲେ ପୂଜାର୍ଚ୍ଚନା କରିବା ପାଇଁ । ଏଣିକି ନିଜ ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ପରେ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଛି ।ଆଜିଠାରୁ ତିନିଦିନ ଧରି ହନୁମାନ ମନ୍ଦିର ଜଜ୍ଞ ପାଳନ କରାଯାଉଛି ଗ୍ରାମବାସୀଙ୍କ ପକ୍ଷରୁ ।ପ୍ରଥମ ଦିନ ଅଂକୁର ରୋପଣ କଳସ ଯାତ୍ରା ଆରମ୍ଭ ହୋଇଥିଲା ଜଗେଶ୍ୱର ମନ୍ଦିର ପରିସରରୁ ଗ୍ରାମ ପରିକ୍ରମା କରି ଘୋଡାଗୌଡ଼ ପେଣ୍ଠସ୍ଥଳୀ ପର୍ଯ୍ୟନ୍ତ ସମାଗମ ହୋଇଥିଲା ।

## ପୌର ପରିଷଦର ସାଧାରଣ ବୈଠକ

# ସହରର ଉନ୍ନତି ପାଇଁ ଅର୍ଥର ଅଭାବ ରହିବ ନାହିଁ: ମନ୍ତ୍ରୀ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ପୌରପରିଷଦର ସାଧାରଣ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ରପାତ୍ର ଯୋଗଦେଇ ସହରର ଉନ୍ନତି ନିମନ୍ତେ ରାଜନୈତିକ ଚିନ୍ତାଧାରା ଠାରୁ ଦୁରେଇ ରହିବା ସହ କୌଣସି ବିବାଦରୁ ଉର୍ଦ୍ଧ୍ୱରେ ରହି ସହରକୁ ବିକଶିତ ଓ ଉନ୍ନତି କରିବାର ଲକ୍ଷ୍ୟ ରଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସହରର ଉନ୍ନତି ନିମନ୍ତେ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ରହିବ ନାହିଁ ବୋଲି କହିବା ସହିତ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏବଂ ସରକାରଙ୍କ ସହ ଆଲୋଚନା କରି ଅର୍ଥ ଅଣାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଏପରିକି ଢେଙ୍କାନାଳ ସହରର ଚତୁଃପାର୍ଶ୍ୱରେ ରିଙ୍ଗ୍ ରୋଡ୍ ପାଇଁ ନକ୍ସା ପ୍ରସ୍ତୁତି ହୋଇଥିବା ବେଳେ ଭାଗିରଥୀ ସାଗରକୁ ଆକର୍ଷଣୀୟ କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ । ଏତଦ୍ ବ୍ୟତିତ ୭ କୋଟି ଟଙ୍କା ବ୍ୟୟରେ ସହର ମଧ୍ୟରେ ଥିବା ପୁରାତନ ଗୋପବନ୍ଧୁ ଟାଉନ ହଲ୍‌କୁ ନବୀକରଣ ଦ୍ୱାରା ତିନି ମହଲା ବିଶିଷ୍ଟ କରିବାକୁ ଯୋଜନା ରଖାଯାଇଛି ବୋଲି କହିବା ସହିତ ତଳ ମହଲା ପାର୍କିଂ ପାଇଁ ବ୍ୟବସ୍ଥା କରାଯିବ ଏବଂ ଉପର ମହଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭାସମିତି ପାଇଁ ୭୦୦ ଦର୍ଶକ ବସିବା ଭଳି ତିଆରି କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଏହି ଅବସରରେ ବିଭିନ୍ନ କାଉନସିଲର ମାନେ ଢେଙ୍କାନାଳ ସହରର ଉନ୍ନତି ପାଇଁ ୯ ଗୋଟି ପ୍ରସ୍ତାବ ଥିବା ଏକ ପ୍ରସ୍ତାବପତ୍ର ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ପ୍ରଦାନ କରିଥିଲେ । ଏହି ପ୍ରସ୍ତାବ ଗୁଡିକ ମଧ୍ୟରେ ଢେଙ୍କାନାଳ ସହର ଏକ ପୁରାତନ ସହର ହୋଇଥିବାରୁ ଏହାକୁ ସ୍ୱତନ୍ତ୍ର ସହର ପାହ୍ୟା ପ୍ରଦାନ ପାଇଁ ସରକାରଙ୍କୁ ନିବେଦନ କରିବା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବା, ମହାନଦୀରୁ ଶଙ୍କରପୁର ଦେଇ ଢେଙ୍କାନାଳ ସହରକୁ ଆସୁଥିବା ମେଗା ପାନୀୟ ଜଳ ପ୍ରକଳ୍ପର କାମକୁ ତ୍ୱରାନ୍ୱିତ କରିବା, ଷ୍ମାର୍ଟ ଅର୍ବାନ ରୋଡ୍ ଡେଭଲ୍ପମେଂଟ୍ ଯୋଜନାରେ ବାକି ଥିବା ୧୨ କୋଟି ଟଙ୍କା ସରକାରଙ୍କ ଠାରୁ ତୁରନ୍ତ ଆଣିବାର ବ୍ୟବସ୍ଥା କରାଇବା, ଅଡିଟୋରିୟମ, ମନୋରମା ମାର୍କେଟକମ୍ପ୍ଲେକ୍ସ ଓ ଗୋପବନ୍ଧୁ ଟାଉନ ହଲ୍‌ଠାରେ ସିସି ଟିଭି କ୍ୟାମେରା ଲଗାଇବା, କଲେଜ ପାଖରେ ଥିବା ପ୍ରେକ୍ଷାଳୟର ନାମକରଣ କରିବା ଏବଂ ଟିପିକୋଡିଏଲ ର ଅଜବ ନିୟମ ଯଥା ପୌରପାଳିକାରେ ଥିବା ନୂତନ ଲାଇନ୍ ସଂଯୋଗ ପାଇଁ ଟ୍ରାନ୍ସଫର୍ମର ଠାରୁ ୪୫୦ ମିଟର ଦୁରରେ ଥିବା ଅନୁନ୍ନତ ବସ୍ତି ଲୋକମାନଙ୍କୁ ନିଜେ ନୂତନ ଟ୍ରାନ୍ସଫର୍ମର ଲଗାଇ ଲାଇନ ନେବାକୁ ବାଧ କରାଇବା ପ୍ରଭୃତି ନିୟମକୁ ଉଚ୍ଛେଦ କରିବା ସହ ବ୍ୟକ୍ତିଗତ ଭାବେ ବ୍ୟବହୃତ ହେଉଥିବା ଟ୍ରାନ୍ସଫର୍ମର ଗୁଡିକ ସରକାରୀ ଜାଗାରେ ମନୋମୁଖି ଟିପିକୋଡିଏଲ ବସାଇବା ପ୍ରଭୃତି ବେନିୟମ କାର୍ଯ୍ୟକୁ ବନ୍ଦ କରିବା ପାଇଁ ତାଗିଦ୍ କରାଯିବା ନିମନ୍ତେ ସଭ୍ୟମାନେ ପ୍ରସ୍ତବ ପତ୍ରରେ ଉଲ୍ଲେଖ କରିଥିଲେ । ପୌରପାଳିକାର ନଗରପାଳ ଜୟନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା, ସାଂସଦଙ୍କ ପୌରପ୍ରତିନିଧୀ ରୁଦ୍ରନାରାୟଣ ତ୍ରିପାଠୀ, ପୌରପାଳିକା ଯନ୍ତ୍ରୀ ରଶ୍ମିତା ମିଶ୍ର ଉପସ୍ଥିତ ରହି ସହରର ବିକାଶ ମୁଳକ କାର୍ଯ୍ୟ ସଂପର୍କରେ ଅବଗତ କରାଇଥିଲେ । ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଁଅର ଦିର୍ଘ ବର୍ଷ ପରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ କ୍ୟାବିନେଟ୍ ମନ୍ତ୍ରୀପଦ ପାଇ ଥିବାରୁ ଏହି ସମୟ ମଧ୍ୟରେ ସମସ୍ତେ ଆମେ ଏକ ମନ ହୋଇ ସହରର ଉନ୍ନତି କରିବା ଆବଶ୍ୟକ ଏବଂ ଏଥିନିମନ୍ତେ ମନ୍ତ୍ରୀ ସହଯୋଗର ହାତବଢାଇବାକୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଫିସ ସୁପରିଟେଣ୍ଡ ସରୋଜ ରାଉତ, ପୌରପରିଷଦର ସଚିବ ପ୍ରମୋଦ ଓଝା ପ୍ରମୁଖ ମଞ୍ଚାସୀନ ଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘର ପ୍ରସ୍ତୁତି ବୈଠକ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଏକ ପ୍ରସ୍ତୁତି ବୈଠକ ସଭାପତି ନିରାକାର ବେହେରାଙ୍କ ଅଧ୍ୟକ୍ଷତାରେ ବଳରାମ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୮ଟି ବ୍ଲକ୍‌ର କର୍ମକର୍ତ୍ତା ଯୋଗଦେଇଥିଲେ । ପ୍ରାଥମିକ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ କର୍ମକର୍ତାମାନେ ବିଶଦ ଭାବେ ଆଲୋଚନା କରିଥିଲେ । ଭାରତର ୨୨ଟି ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ୪୨୦୦ ଗ୍ରେଡ୍ ପେ'ରେ ବେତନ ପାଇ ଆସୁଥିଲେ ସୁଦ୍ଧା ଓଡିଶାର ପ୍ରାଥମିକ ଶିକ୍ଷକମାନଙ୍କୁ ସରକାର ମାତ୍ର ୨୨୦୦ ଗ୍ରେଡ୍ ପେ'ରେ ବେତନ ପ୍ରଦାନ କରିଆସୁଅଛି । ଦୀର୍ଘଦିନରୁ ଦାବୀ ହୋଇ ଆସୁଥିଲେ ସୁଦ୍ଧା ସରକାର ପ୍ରାଥମିକ ଶିକ୍ଷାରୁ ଶିକ୍ଷା ବ୍ୟବସ୍ଥା ଉଚ୍ଛେଦ ଆଜି ସୁଦ୍ଧା କରୁନାହାଁନ୍ତି । ତେଣୁ ସରକାର ତୁରନ୍ତ ଓଡିଶାର ନୂତନ ପେନ୍‌ସନ୍‌ଭୁକ୍ତ ପ୍ରଥମିକ ଶିକ୍ଷକଙ୍କୁ ୪୨୦୦ ଗ୍ରେଡ୍‌ପେ'ରେ ବେତନ ପ୍ରଦାନ କରିବା, ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରିବା ଏବଂ ପ୍ରାଥମିକ ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବାକୁ ସଂଘ ତରଫରୁ ଦୃଢ ଦାବି କରାଯାଇଛି । ସରକାରଙ୍କର ପ୍ରାଥମିକ ଶିକ୍ଷକଙ୍କ ଦାବୀ ପ୍ରତି ଉଦାସୀନତା ପ୍ରତିବାଦରେ ଆସନ୍ତା ଫେବୃଆରୀ ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓ ଫେବୃଆରୀ ୧୪ ତାରିଖରେ ଓ ବିଧାନସଭା ସମ୍ମୁଖରେ ଗଣ ଧାରଣା ଦିଆଯିବ ବୋଲି ସଂଘ ତରଫରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି । ବୈଠକରେ ଛାୟାପ୍ରକାଶ ବେହେରା, ବିଷ୍ଣୁ ପ୍ରସାଦ ମିଶ୍ର, ଜନ୍ମେଜୟ ମୁଦୁଲି, ଶତ୍ରୁଘ୍ନ ପାତ୍ର, ମନୋଜ କୁମାର ମହାନ୍ତି, ମହେଶ୍ୱର ପ୍ରଧାନ, ସନ୍ଦୀପ୍ତ ନାୟକ, ହିନ୍ଦୋଳରୁ ଶ୍ରଦ୍ଧାସ୍ମ ପଣ୍ଡା, ପ୍ରକାଶ ପାତ୍ର, ପରଜଙ୍ଗରୁ ଗୋପବନ୍ଧୁ ସାହୁ, ସୁଶାନ୍ତ କୁମାର ସେଠୀ, ଶତ୍ରୁଘ୍ନ ମଲ୍ଲିକ ଓ ବୈରାଗୀ ସେଠୀ ଯୋଗଦେଇ ନିଜ ନିଜ ବ୍ଲକ୍‌ର ସମସ୍ୟା ଓ ସାଙ୍ଗଠନିକ ସ୍ଥିତି ସଂପର୍କରେ ଆଲୋକପାତ କରିଥିଲେ । ଶେଷରେ ସଂଘର ମିଡିଆ ସଂଯୋଜକ ବିଷ୍ଣୁ ଚରଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



ତିହିଡ଼ି (ଭାସ୍କର ନ୍ୟୁଜ): ପବିତ୍ର ବସନ୍ତ ପଞ୍ଚମୀ ଉପଲକ୍ଷେ ଅରୁଣ ଭାରତୀ ବିଦ୍ୟାବାଣୀ ଭବନ ପରିସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ସଂଯୁକ୍ତା ଭାରତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ମୁଖ୍ୟବକ୍ତା ଭାବେ ସାରା ଆକାଶ କ୍ଲବର ସଭାପତି ପ୍ରବଚକ ସୁଧାକର ଧନୀ, ସମ୍ମାନିତ ଅତିଥିଭାବେ କ୍ରୀଡା ଅଧ୍ୟାପକ ରାଜକିଶୋର ଦାଶ ରୂପେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ଦାଶଙ୍କ ନିର୍ଦ୍ଦେଶନାରେ ପିଲାମାନେ ମାଙ୍କ ଉପରେ ନୃତ୍ୟ, ଗୀତ ଓ ନାଟକ ପରିବେଷଣ କରି ଉପସ୍ଥିତ ଥିବା ମା 'ମାନଙ୍କୁ ଭାବପ୍ରବଣ କରିଦେଇଥିଲେ। ମା ମାନଙ୍କ ଭିତରେ ଶଙ୍ଖ, ହୁଳହୁଳି, ସାଧାରଣଜ୍ଞାନ ଓ ଭାଗବତ ପଠନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୀଣାପାଣି ମିଶ୍ର, ପ୍ରମିଳା ସାହୁ, କନକ ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ପ୍ରକାଶ ସାମଲ, ସୁଭଦ୍ରା ବିଶ୍ୱାଳ, ରତିକାନ୍ତ ଭାରତୀ, ବିଭୀଷଣ ସାହୁ, ଖଗେଶ୍ୱର ମହାନ୍ତି, ସନ୍ଧ୍ୟାରାଣୀ, ପ୍ରଦ୍ୟୁମ୍ନ ଭଞ୍ଜ, ଶଙ୍କର୍ଷଣ ବେହେରା, ଶଶିକାନ୍ତ ମହାଳିକ, ପୁପୁଲୁ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# 'ଗଣମାଧ୍ୟମ ଯୁଗ ଆରମ୍ଭରେ ଗଞ୍ଜାମ ମାଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଛତ୍ରପୁର (ଭାସ୍କର ନ୍ୟୁଜ): ଓଡ଼ିଆ ଗଣମାଧ୍ୟମ ଯୁଗ ଆରମ୍ଭ ହେବାରେ ଗଞ୍ଜାମ ମାଟିର ଭୂମିକା ରହିଥିଲା ଗୁରୁତ୍ୱପୂର୍ଣ୍ଣ। ବ୍ରହ୍ମପୁରରୁ ପ୍ରଥମେ ପ୍ରକାଶ ପାଉଥିବା ଦୈନିକ ଆଶା ଖବରକାଗଜରେ ଅନେକ ଲେଖା ସମାଜରେ ଅନେକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥିଲା । ଯାହାକି ଓଡ଼ିଆ ଗଣମାଧ୍ୟମ ଯୁଗ ଆରମ୍ଭ ହେବାରେ ଗଞ୍ଜାମ ମାଟିର ଭୂମିକା ରହିଥିଲା ଗୁରୁତ୍ୱପୂର୍ଣ୍ଣ । ଛତ୍ରପୁର ପ୍ରେସ କ୍ଲବ୍‌ର ବାର୍ଷିକ ଉତ୍ସବରେ ଉଦଘାଟକ ଭାବରେ ଯୋଗ ଦେଇ ନିଜର ବକ୍ତବ୍ୟରେ କହିଛନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ । ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସ୍ଥିତ ଅନସ୍ଲୋ ଶିକ୍ଷାନୁଷ୍ଠାନ ଖେଳପଡିଆ ପରିସରରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଖଣି ଇସ୍ପାତ ତଥା ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ସାମ୍ବାଦିକତା କରୁଥିବା ବ୍ୟକ୍ତିବିଶେଷ ମାନେ




ସର୍ବଦା ସମାଜରେ ସେମାନଙ୍କ ସ୍ୱତନ୍ତ୍ର ଭାବରେ ନିଜର ବ୍ୟକ୍ତିତ୍ୱ ରହୁଥିବା ବେଳେ ସ୍ପଷ୍ଟଭାଷୀ ଓ ନିର୍ଭିକ ଭାବରେ ସମସ୍ତ କାର୍ଯ୍ୟରେ ଯୋଗଦାନ କରି ଖବରକାଗଜ ପରିବେଷଣ ସର୍ବଦା ସମାଜର ହିତ ଉଦ୍ଦେଶ୍ୟରେ ରହିଥାଏ । ଏପରିକି ଆଗାମୀ ଦିନର ବାର୍ଷିକ ବିବରଣୀ ପାଠ ସମୟରେ ପ୍ରେସ କ୍ଲବ୍ ପକ୍ଷରୁ ଖବର ପରିବେଷଣ ମାଧ୍ୟମରେ ନିଜ ଅଞ୍ଚଳର ତଥା ଜିଲ୍ଲାର ଉନ୍ନତି ସାଧନ ହେବା ସହିତ କିଭଳି ପରିବର୍ତ୍ତନ କରିବାରେ ସହାୟକ ହୋଇପାରିଛି ତାହାକୁ ସ୍ଥାନୀତ କରିବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍‌ର ସଭାପତି ରବିନ୍ଦ୍ରନାଥ ପଣ୍ଡା ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହିତ ପ୍ରେସ କ୍ଲବ୍ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମରେ ସମ୍ମାନୀତଅତିଥି ଭାବରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ସୋସିଆଲ ମିଡ଼ିଆର ମୁଖପାତ୍ର ତଥା ବରିଷ୍ଠ ସାମ୍ବାଦିକ ଶ୍ରୀମତି ସୁଜତା ସାବତ, ଛତ୍ରପୁର ଏନ୍.ଏ.ସି ର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ସମାଜସେବୀ ସମାପ୍ତି ପଟ୍ଟନାୟକ ଶିକ୍ଷାବିତ ସୁଧିର ପଟ୍ଟନାୟକଙ୍କ ସମେତ ମାଁ ରାମଚଣ୍ଡୀ ମନ୍ଦିର କମିଟିର ଉପଦେଷ୍ଟା କମଳ କୁମାର ପଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍‌ର ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିବା ସହିତ ସରକାରଙ୍କ ପକ୍ଷରୁ ରାଜ୍ୟରେ ପ୍ରଦାନ କରାଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମ୍ବାଦିକ ପରିବାରର ପିତା ଓ ମାତାଙ୍କୁ ସାମିଲ କରିବାକୁ ଦାବି କରିଥିବା ବେଳେ ପ୍ରେସ କ୍ଲବ୍‌ର ଉପସଭାପତି ସନ୍ତୋଷ କୁମାର ମିଶ୍ର ଶେଷରେ ଆନୁଷ୍ଠାନିକ ଭାବରେ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଇଣ୍ଡିଆନ୍ ପୋଟାସ୍ ଏମ୍ପ୍ଲଇଜ୍ ୟୁନିଅନ୍‌ର କର୍ମକର୍ତ୍ତା ନିର୍ବାଚନ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଇଣ୍ଡିଆନ୍ ପୋଟାସ ଏମ୍ପ୍ଲଇଜ୍ ୟୁନିଅନ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ସମ୍ପାଦକ ପ୍ରକାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଆସନ୍ତା ୨୦୨୫-୨୦୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଉକ୍ତ ସଭାରେ ସଭାପତି ଭାବେ ବସନ୍ତ କୁମାର ବେହେରା, ଉପସଭାପତି ଭାବେ କୃଷ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ପ୍ରକାଶ ସାହୁ, ସହ-ସମ୍ପାଦକ ଅକ୍ଷୟ ବାରିକ ଓ ସୁଶାନ୍ତ ପରିଡା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦାସ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୋବିନ୍ଦ ବେହେରା, ଯଦୁନାଥ ବରାଳ, ପ୍ରହଲ୍ଲାଦ ସାହୁ, ପ୍ରକାଶ ଖିଲାର, ରିତ୍ ସାହୁ ଓ ମହମ୍ମଦ ରସିଦ୍ ନୂତନ ଭାବେ ନିର୍ବାଚିତ ହୋଇଥିଲେ। ବରିଷ୍ଠ ଶ୍ରମିକ ନେତା ମହେଶ ପ୍ରସାଦ ପାଣିଙ୍କୁ ଆସନ୍ତା ବର୍ଷ ପାଇଁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା।

# ମାଘ ସପ୍ତମୀ ବୁଡ଼ ପାଇଁ ମୁତୟନ ହେବେ ୩୩ ପ୍ଲାଟୁନ ଫୋର୍ସ

ପୁରୀ (ଭାସ୍କର ନ୍ୟୁଜ): ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ସେଥିପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସୁରକ୍ଷା ଦାୟିତ୍ୱରେ ମୁତୟନ ହେବେ ୩୩ ପ୍ଲାଟୁନ ପୋଲିସ ଫୋର୍ସ । ୬ ଜଣ ଅତିରିକ୍ତ ଏସପିଙ୍କ ସହ ୧୩ ଡିଏସପି, ୩୯ ଇନ୍ସପେକ୍ଟର ନିୟୋଜିତ ହେବେ । ବୁଡ଼ ସ୍ଥାନ ଓ ସମୁଦ୍ର କୂଳରେ ଲାଇଫ ଗାର୍ଡ ମୁତୟନ ରହିବେ ।ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୋଲିସର ସମସ୍ତ ନିୟମ ମାନି ଚନ୍ଦ୍ରଭାଗା ବୁଡରେ ସାମିଲ ହେବାକୁ ଅପିଲ୍ କରିଛନ୍ତି ପୁରୀ ଏସପି ବିନୀତ ଅଗ୍ରୱାଲ। ପୁରୀ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ,ପୁରୀ ପଟୁ ଆସୁଥିବା ବସ୍ ଗୁଡିକ ରାମଚଣ୍ଡୀ ପୁଲିସ ଷ୍ଟେସନ ନିକଟରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରାଯିବ ଏବଂ ସେହି ବାଟ ଦେଇ ଫେରିବାକୁ ହେବ। କାକଟପୁର ଓ ନିମାପଡ଼ା ପଟୁ ଆସୁଥିବା ବସ୍ ଗୁଡ଼ିକୁ କୋଣାର୍କ ହେଲିପ୍ୟାଡ୍ ପଡ଼ିଆରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରାଯିବ ଏବଂ ଫେରିବା ସମାନ ମାର୍ଗରେ ରହିବ। ପୁରୀ ପାର୍ଶ୍ୱରୁ ଆସୁଥିବା ଚାରି ଚକିଆ ଯାନକୁ ରାମଚଣ୍ଡୀ ପୁଲିସ ଷ୍ଟେସନ ନିକଟରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରାଯିବ ଏବଂ ସେମାନଙ୍କୁ ସମାନ ମାର୍ଗରେ ଫେରିବାକୁ ହେବ। କାକଟପୁର ଓ ନିମାପଡ଼ା ପାର୍ଶ୍ୱରୁ ଆସୁଥିବା ଚାରି ଚକିଆ ଯାନକୁ କୋଣାର୍କ ହେଲିପ୍ୟାଡ୍ ପଡ଼ିଆରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରାଯାଇ ସେମାନଙ୍କ ଫେରିବା ସମାନ ରାସ୍ତାରେ ହେବ। କୋଣାର୍କ ହେଲିପ୍ୟାଡ୍ ପଡିଆରେ ପାର୍କିଂ ସ୍ଥାନ ଶେଷ ହେବା ପରେ ସମସ୍ତ ଚାରି ଚକିଆ ଯାନକୁ ଆଇଓସିଏଲ୍ ପାର୍କିଂ ଏବଂ କୋଣାର୍କସ୍ଥିତ ଏଏସ୍ ଆଇ ମ୍ୟୁଜିୟମ୍ ପାର୍ଶ୍ୱରେ ପାର୍କିଂ କରାଯିବ। ପୁରୀ ପାର୍ଶ୍ୱରୁ ଆସୁଥିବା ଦୁଇ ଚକିଆ ଯାନକୁ ଲାଇଟ୍ ହାଉସ୍ ପାର୍ଶ୍ୱରେ ରାସ୍ତାର ବାମ ପାର୍ଶ୍ୱରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରାଯିବ ଏବଂ ସେମାନଙ୍କ ଫେରିବା ସମାନ ମାର୍ଗରେ ହେବ।

# ନିଆଳିରେ ସରସ୍ୱତୀ ପୂଜା ପାଳିତ



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ରେ ବିଭିନ୍ନ ପଞ୍ଚାୟତରେ ସରସ୍ୱତୀ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟୀ ମାନେ ନିଜ ନିଜର ବ୍ୟବସାୟ କରୁଥିବା ସ୍ଥାନରେ ସରସ୍ୱତୀ ପୂଜା କରୁଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ଲକ ଅଧିନସ୍ଥ ତାଂପଡା ଗ୍ରାମରେ ଯୁବକ ମାନେ ସରସ୍ୱତୀଙ୍କ ବିରାଟ ପ୍ରତିମୂର୍ତ୍ତି ଆଣି ଗ୍ରାମରେ ପୂଜାର୍ଚ୍ଚନା କରିବା ସହ ଭୋଜି ଭାତର ଆୟୋଜନ କରିଥିଲେ। ସଂଧ୍ୟା ରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ଦେଖିବାକୁ ମିଳିଛି। ସକାଳୁ ସକାଳୁ ଛାତ୍ର ଛାତ୍ରୀ ମାନେ ସ୍ନାନ ସାରି ନୂଆ ବସ୍ତ୍ର ପରିଧାନ କରି ଖଡି କଲମ ସିଲଟ ଖାତା ଧୁପ ଦୀପ ଧରି ବିଦ୍ୟାଳୟ ମାନଙ୍କରେ ମା' ସରସ୍ୱତୀଙ୍କ ପୂଜା କରିଛନ୍ତି।

# ବିଶ୍ୱ ଆଦ୍ରଭୂମି ଦିବସ ପାଳିତ

ବାଲୁଗାଁ (ଭାସ୍କର ନ୍ୟୁଜ): ବିଶ୍ୱ ଆଦ୍ରଭୂମି ଦିବସରେ ଚିଲିକା ବ୍ଲକ ମାନସିଂହପୁର ଗ୍ରାମ ଘୋଡାଦୌଡ଼ ନିକଟରେ ଚିଲିକା ଆଦ୍ରଭୂମି ସଂରକ୍ଷଣ ସମିତି ପକ୍ଷରୁ ବିଭିନ୍ନ ଆଲୋଚନା ହାଇଛି । ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ହେଉଛି ଜଙ୍ଗଲ ପରିବେଶକୁ ସଫା ସୁତରା ରଖିବା ସହିତ ଅନେକ ଜାଗାରେ ଗଛ ଲଗାଇବା, ଚିଲିକାରେ ଅନେକ ମସ୍ୟଜୀବୀ ମାନେ ଅନେକ ସମସ୍ୟା ରେ ଜଡ଼ିତ ଥିବାରୁ ଚିଲିକା କୂଳ ଠାରୁ କିଛି ଦୂର ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କେଉଁଭଳି ଭାବେ ଚିଲିକା ଖୋଲା ହୋଇ ପାରିବ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଆଦ୍ରଭୂମି ସଂରକ୍ଷଣ ସଭାପତି ତତ୍ୱଅବଦାନରେ ବିଜିବେଶ ଓଡ଼ିଶା ୟଉଥ ଫର ଓଡ଼ିଶା ପକ୍ଷରୁ ଆସିଥିବା ମଞ୍ଚ ଉପରେ ବସିଥିବା ବିପିନ ବିହାରୀ ବାରିକ, ପ୍ରଭାତ କୁମାର ଦାସ, ବ୍ଲୋରିନ ମହାନ୍ତି, ମଧୁସ୍ମିତା ଖୁଣ୍ଟିଆ, ମାନସିଂହପୁର ଜିଲାପରିସଦ ପ୍ରତିନିଧି କୈଳାସ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା ଯୋଗଦେଇ ବର୍ତ୍ତମାନ ଯେଉଁଭଳି ଖରାର ତାପମାତ୍ରା ହେଉଛି ଗଛ ଲଗାଇବା ନିହାତି ଜରୁରୀ ମାନସିଂହପୁର ଗ୍ରାମ ଅଞ୍ଚଳରେ ବିକାଶ କରିବା ପାଇଁ ଆଲୋଚନା କରିଥିଲେ ।

# ଅବଦୁଲ କରିମଖାନ୍ ମେମୋରିଆଲ ଫୁଟବଲ, ମଙ୍ଗଳା କ୍ଲବ ଚାମ୍ପିଅନ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜାତୀୟ ସ୍ତରୀୟ ପଞ୍ଚମ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଟକର ମଙ୍ଗଳା କ୍ଲବ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ୩-୦ ଗୋଲରେ ହରାଇ ଚାମ୍ପିଅନ ହୋଇଛି। ଫକିରାବାଦ ଲକି ସ୍ପୋଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି, କଟକସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟବକ୍ତା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡା, ସମାଜସେବୀ ରଞ୍ଜିତ କୁମାର ସାହୁ, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, କେନ୍ଦ୍ରାପଡା ସାଂସଦଙ୍କ ରାଜନୈତିକ ସଚିବ ଜ୍ୟୋତି ପ୍ରକାଶ ଘୋଷ, ବିଜେପି ନେତା ଅଭିମନ୍ୟୁ ଗୋଛାୟତ, ମାସୁମ ଖାନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳ ମଙ୍ଗଳା କ୍ଲବକୁ ଟ୍ରଫି ସହ ୩୧ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହିତ ଶ୍ରେଷ୍ଠ ଗୋଲକିପର ଭାବେ ମଙ୍ଗଳା କ୍ଲବର ତୁଷାର ସାହୁ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ସୁନିଲ ସୋରେନ, ମ୍ୟାନ ଅଫ୍ ଦି ମ୍ୟାଚ୍ ସତ୍ୟପ୍ରକାଶ ପ୍ରଧାନ, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ କେନ୍ଦ୍ରାପଡାର ସୁରଜ ସ୍ପୋର୍ଟିଂ କ୍ଲବକୁ ଅତିଥିମାନେ କପ ପ୍ରଦାନ କରିଥିଲେ। ଏହାବ୍ୟତିତ ମ୍ୟାଚ ପରିଚାଳନା କରିଥିବା ରେଫରୀମାନଙ୍କୁ, ଶ୍ରେଷ୍ଠ ମଞ୍ଚ ପରିଚାଳନା, ଶ୍ରେଷ୍ଠ ଫିଲଡ ପରିଚାଳନା, ଶ୍ରେଷ୍ଠ ଶୃଙ୍ଖଳିତ ସଂଗଠକ, ଶ୍ରେଷ୍ଠ ସଂଗଠକ, ଶ୍ରେଷ୍ଠ କୁନି ଧାବକ ସେକ ସାହଦତ ଖାନ, ଫୁଟବଲ ଖେଳରେ ଜୀବନ ବ୍ୟାପି ସାଧନା ପାଇଁ ସେକ ସାହାବୁଲ୍ଲା ଓ ଶ୍ରେଷ୍ଠ ବଡିବିଲଡର ଭାବେ ମୀର ଜୟିନୁଲ ପ୍ରମୁଖଙ୍କୁ ପ୍ରମାଣପତ୍ର, ଟ୍ରଫି ଓ ଉ□ରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଫୁଟବଲ ଖେଳ ପାଇଁ ଇଚ୍ଛୁକ ଥିବା ୧୨ରୁ ୧୭ବର୍ଷ ବୟସର ପିଲାମାନଙ୍କୁ ଲକି ସ୍ପୋର୍ଟି କ୍ଲବ ପକ୍ଷରୁ ନିଶୁଳ୍କ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥି ପାଇଁ ଆସନ୍ତା ଅପ୍ରେଲମାସ ୧ତାରିଖରୁ ୨୦ତାରିଖ ମଧ୍ୟରେ ଲକି ସ୍ପୋର୍ଟିଂ କ୍ଲବକୁ ଆବେଦନ କରିବାକୁ ପଡିବ ବୋଲି ସଭାପତି ମହମ୍ମଦ ସଲିମ ଖାନ ସୂଚନା ଦେଇଛନ୍ତି। ଏହି ମ୍ୟାଚ୍‌କୁ ରେଫରୀ ଭାବେ ସୁକାନ୍ତ ସିଂ, ପ୍ରଦୀପ୍ତ କୁମାର ମହାନ୍ତି, ମହମ୍ମଦ ସାକଲିନ ଓ ମହମ୍ମଦ ମୋକିମ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ୍, ସମିଉଲ୍ଲା ଖାନ୍, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରଲୋକ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ନିକଟସ୍ଥ ରାଜସୁନାଖଳା ଅଞ୍ଚଳରେ ମଧୁସୁଦନ ମହାପାତ୍ର ( ମଧୁ ଅଜା )ଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି । ୧୯୬୮ ମସିହା ଫେବୃଆରୀ ୨ ତାରିଖରେ ରାଜସୁନାଖଳା କଲେଜର ପ୍ରତିଷ୍ଠାତା ରୂପେ ପରିଚିତ ମଧୁସୁଦନ ମହାପାତ୍ରଙ୍କ ଆଜି ସକାଳ ୬.୪୫ ମିନିଟିରେ ରାଜସୁନାଖଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପରଲୋକ ଘଟିଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ତାଙ୍କୁ ମୃତ୍ୟୁ ବେଳକୁ ୮୪ ବର୍ଷ ହୋଇଥିଲା । ଆଜି ରାଜସୁନାଖଳା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ, ପ୍ରତିଷ୍ଠାତା ମଧୁସୂଦନଙ୍କ ମୃତ୍ୟୁ ଖବର ଶୁଣି କଲେଜର ଅଧକ୍ଷ ସମେତ ଛାତ୍ର ଛାତ୍ରୀ ଗଭୀର ଦୁଃଖ ପ୍ରକାଶ କରିଥିଲେ । ଖବର ପାଇ ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ବିଜେଡି ସଭାପତି, ରାଜ ସୁନାଖଳା କଲେଜର ଅଧକ୍ଷ ଓ ସମସ୍ତ ଶିକ୍ଷା କର୍ମଚାରୀସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଅଂଚଳର ଶତାଧିକ ସୁଭେଚ୍ଛୁ ତାଙ୍କ ରାଜସୁନାଖଳାସ୍ଥିତ ବାସ ଭବନରେ ପହଂଚି ମଧୁ ଅଜାଙ୍କ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଆଶ୍ୱାସନା ପ୍ରଦାନ କରିଥିଲେ ।

# ରାଷ୍ଟ୍ରପତିଙ୍କୁ ଅପମାନ ପ୍ରତିବାଦରେ ରାଲି

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ମହକୁମା ଜିଲ୍ଲା ବିଜେପି ଦଳ ତରଫରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୋନିଆ ଗାନ୍ଧୀଙ୍କ ଅପମାନକୁ ପ୍ରତିବାଦ କରି ରାଲି କରିଛି ଜିଲ୍ଲା ବିଜେପି ଦଳ। ତଥ୍ୟ ଅନୁଯାୟୀ ରଷ୍ଟ୍ରପତିଙ୍କୁ ଗରିବ ମହିଳା ଭାବେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି କହିଥିବା ବେଳେ ସାଂସଦ ରାହୁଲ ଗାନ୍ଧି ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବୋରିଂ ବୋଲି ସାଂସଦରେ କହିଛନ୍ତି। ଯାହାକି ସାଂସଦ ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧିଙ୍କ ଠାରୁ ଆଶା କରାଯାଇ ନଥିଲା ଓ ଗରିବ ଶବ୍ଦ ଅନ୍ତତଃ କଂଗ୍ରେସ ମୁଖୀଆଙ୍କ ପାଟିରେ ଜମାରୁ ଶୋଭା ପାଉନି ତେଣୁ ଏହି ଘଟଣାରେ କ୍ଷମା ପ୍ରାର୍ଥନା କରିବାକୁ ଦାବି କରି ଜିଲ୍ଲା ବିଜେପି ତରଫରୁ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ।

# ମାଟି ଓ ମୋରମ୍ ମାଫିଆ ସକ୍ରିୟ ଚୋରା ବାଲି ଟ୍ରାକ୍ଟର ଜବତ



ବାରିପଦା (ଭାସ୍କର ନ୍ୟୁଜ): ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ନିୟନ୍ତ୍ରଣ ବାହାରକୁ ଯାଇ ବେଧଡକ ଦିନ ରାତିରେ ଚାଲିଛି ଲଘୁଖଣିଜ ଦ୍ରବ୍ୟର ଚୋରି । ମାଟି ଓ ମୋରମ ଚୋରା ଚାଲାଣ ରୋକିବାରେ ବିଫଳ ହୋଇଛି ପୋଲିସ ଏବଂ ମାଇନିଙ୍ଗ ବିଭାଗ ବୋଲି ଅଭିଯୋଗ ହେଇଆସୁଛି । ଓଭର ଲୋଡ଼ିଂ ଟ୍ରାକ୍ଟର, ଡମ୍ଫର, ହାଇୱାରେ ରାତିରେ ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ମୋରମ ଓ ମାଟି ବେଧଡକ ଭାବେ ଚାଲାଣ ଚାଲିଛି । ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାସଗୋବିନ୍ଦପୁର ପୋଲିସ ରାତି ୨ଟା ରୁ ପାଟ୍ରଲିଙ୍ଗକୁ କଡାକଡି କରୁଥିବା ଜଣାପଡିଛି । ଫଳରେ ଗତକାଲି ବିଳମ୍ବିତ ରାତିରେ ମାଣିଦା ମୁଖ୍ୟ ରାସ୍ତାରେ ଏକ ଚୋରା ବାଲି ଟ୍ରାକ୍ଟରକୁ ଜବତ କରିପାରିଛି । ଯାହାକୁ ନେଇ ୩୪/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡ଼ିଛି । ରାସଗୋବିନ୍ଦପୁର ପୋଲିସକୁ ସଫଳତା ମିଳୁଥିବା ବେଳେ ଅମରଦା ଫାଣ୍ଡି ପୋଲିସ ଆଖି ବୁଜି କ୍ଷୀର ପିଉଛି ବୋଲି ଖୋଲା ଖୋଲି ଆଲୋଚନା ହେଉଛି ।

# ଶୈବପୀଠ ପରିଚାଳନା କମିଟିର ସାଧାରଣ ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ଏନ୍‌ଏସି ସ୍ଥିତ ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱର୍ ଶୈବପୀଠ ସହରର ସର୍ବପୁରାତନ ଶୈବପୀଠ ଭାବେ ପରିଚିତ । ଏହି ମନ୍ଦିରର ମହାଶିବରାତ୍ରି ପାଳନ ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକ ସହିତ ସାଧାରଣ ପରିଷଦ ବୈଠକ କମିଟିର ସଭାପତି ବାଞ୍ଛାନିଧି ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୬ ତାରିଖ ବୁଧବାର ଦିନ ମହାଶିବରାତ୍ରି



ଅନୁଷ୍ଠିତ ହେବ । ଏଣୁ ଏହା କିପରି ସରସ ଓ ସୁନ୍ଦର ହୋଇ ପାରିବ ସେଥି ନିମନ୍ତେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ। ପ୍ରଥମେ କମିଟିର ସଂପାଦକ ତପନ କୁମାର ସାହୁ ପୂର୍ବ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ଉପ ସଭାପତି ଭାଗବତ ଚନ୍ଦ୍ର ଦାସ, ସଂପାଦକ ତପନ କୁମାର ସାହୁ, ସୁନୀଲ କୁମାର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରଯାଇଛି। ବୈଠକରେ ବରିଷ୍ଠ ସଦସ୍ୟ ଗୋପାଲ ଅଗ୍ରୱାଲା, ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରିପାଠୀ, ମୋହିତ ନାରାୟଣ ଦାସ, ପ୍ରମୋଦ ଦାସଅଧିକାରୀ, ଅରୁଣ କୁମାର ବେହେରା, ଦୟାନିଧି ମହାନ୍ତ, ଭରତ ରାମ, ଭାଗବତ ଚନ୍ଦ୍ର ଦାସ, ସୁନୀଲ ସାହୁ, ପିଣ୍ଟୁ ଗିରି ପ୍ରମୁଖ ଉପସ୍ଥିତ ରହି ଆଲେଚନାରେ ଭାଗ ନେଇଥିଲେ।

# ଷ୍ଟଡି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ସରସ୍ୱତୀ ପୂଜା

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ସହର କୁକାନ୍ତଠାରେ ଥିବା ଷ୍ଟଡି ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ମା' ସରସ୍ୱତୀ ଦେବୀଙ୍କର ପୂଜା ଅନୁଷ୍ଠିତ ହୋଇଯାଇଅଛି । ପ୍ରାତଃରୁ କଳସ ପୂଜା, ମଣ୍ଡଳ ପୂଜା ଓ ମା'ସରସ୍ୱତୀଙ୍କୁ ଚକ୍ଷୁଦାନ କରାଯାଇ ଷୋଡଶ ଉପଚାର ପୂଜା, ହୋମଯଜ୍ଞ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ଏହିବର୍ଷ ୩ବର୍ଷ ପୂଜାକୁ ଛାତ୍ରଛାତ୍ରୀମାନେ ବହୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି । ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଆଶିଷ କୁମାର ପଣ୍ଡା ମା'ଙ୍କର ପୂଜାରେ ଛାତ୍ରଛାତ୍ରୀମାନେ କୃପା ଲାଭ କରିବା ସହିତ ତାଙ୍କର ଉତରୋତର କାମନା କରିଥିଲେ। ସମସ୍ତ କର୍ମକର୍ତା ଓ ଛାତ୍ରଛାତ୍ରୀମାନେ ଏହି ପୂଜାକୁ ପାଳନ କରୁଥିବାରୁ ବହୁତ ଖୁସି ଓ ଆନନ୍ଦ ପ୍ରକଟ କରିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଓ ଡିଜିଏମ୍‌ଏସଙ୍କ ମଧ୍ୟରେ ଆଲୋଚନା

ତାଳଚେର (ଭାସ୍କର ନ୍ୟୁଜ): ତାଳଚେର ବ୍ଲକ ରଘୁନାଥପୁର ଗାଁର ବାସିନ୍ଦାଙ୍କ ମଧ୍ୟରେ ଥିବା ଖଣି କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହେଉଥିବା ଗୃହଗୁଡିକର କ୍ଷୟକ୍ଷତି, କମ୍ପନ ଏବଂ ଭୟ, ଉଦ୍‌ବେଗକୁ ଦୃଷ୍ଟିରେ ରଖି ଖଣି ସୁରକ୍ଷା ନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍) ଗ୍ରାମବାସୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହୋଇଯାଇଛି । ଏମସିଏଲ ଭୁବନେଶ୍ୱରୀ ଖଣିର କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ତଥା ସେମାନଙ୍କର ନିରାପତା ତଥା ସୁସ୍ଥତା ପାଇଁ ନିରନ୍ତର ସମାଧାନ ଖୋଜିବା ପାଇଁ ଏହି ବୈଠକ ଲକ୍ଷ୍ୟ ରହିଥିଲା । ରଘୁନାଥପୁର ବାସିନ୍ଦା ସମ୍ପୃକ୍ତ ଅଞ୍ଚଳରେ ଖଣି କାରବାରର ପ୍ରଭାବ ଯୋଗୁଁ ସେମାନଙ୍କ ଘରେ ଫାଟ, କ୍ରମାଗତ କମ୍ପନ ଏବଂ ଭୟର ବାତାବରଣ ଥିବା ବୈଠକରେ ଅବଗତ କରାଇଥିଲେ । ବିସ୍ଫୋରଣ କାର୍ଯ୍ୟକଳାପରୁ କମ୍ପନ ଏବଂ ଶବ୍ଦ କେବଳ ସେମାନଙ୍କର ସମ୍ପତି ନଷ୍ଟ କରିନାହିଁ ବରଂ ସେମାନଙ୍କର ଦୈନନ୍ଦିନ




ଜୀବନକୁ ମଧ୍ୟ ବ୍ୟାହତ କରି ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତାରେ ପକାଇଛି ବୋଲି ଅନେକ ଗ୍ରାମବାସୀ ଦାବି କରିଥିଲେ । କୃଷ୍ଣେନ୍ଦୁ ମଣ୍ଡଳଙ୍କ ନେତୃତ୍ୱରେ (ଡିଜେଏମଏସ) ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ ଏବଂ ସେମାନଙ୍କ ସମସ୍ୟାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯିବ ବୋଲି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ । ପରିସ୍ଥିତିର ଗୁରୁତ୍ୱ ବୁଝିବାସହ ଗ୍ରାମବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସେମାନେ ପ୍ରତିଶ୍ରୁତିବଦ୍ଧ ଏବଂ ଗଠନମୂଳକ କ୍ଷତି ଏବଂ କମ୍ପନର ଉତ୍ସ ଆକଳନ କରିବା ପାଇଁ ବିସ୍ତୃତ ଯାଂଚ କରାଯିବ ବୋଲି ଶ୍ରୀ ମଣ୍ଡଳ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ । ବୈଠକ ସମୟରେ ଗ୍ରାମବାସୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଯେ, ଏଥିରେ କ୍ଷତିଗ୍ରସ୍ତ ସମ୍ପତିର କ୍ଷତିପୂରଣ, ଖଣି କାର୍ଯ୍ୟକଳାପ ଉପରେ କଠୋର ନିୟମାବଳୀ ଏବଂ କମ୍ପନ ଉପରେ ନିୟମିତ ନଜର ରଖାଯାଉ । ଅନୁସନ୍ଧାନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ସେମାନେ ଆହ୍ୱାନ ଦେବାସହ ଶିଳ୍ପ ସ୍ୱାର୍ଥ ଅପେକ୍ଷା ସେମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ଡିଜିଏମଏସ ଅଧିକାରୀମାନେ ଗ୍ରାମବାସୀଙ୍କ ଦାବିକୁ ସ୍ୱୀକାର କରିଥିଲେ ଏବଂ କଠୋର ସୁରକ୍ଷା ବ୍ୟବସ୍ଥା ଲାଗୁ କରିବା ପାଇଁ ଖଣି କଂପାନୀଗୁଡିକ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେମାନେ ସଂପ୍ରଦାୟକୁ ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ ଏହି ଅଂଚଳର ବିସ୍ତୃତ ଅଧ୍ୟୟନ କରିବା ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏକ ରିପୋର୍ଟ ଦାଖଲ କରିବା ପାଇଁ ଏକ ବୈଷୟିକ ଦଳ ନିୟୋଜିତ ହେବ । ସୁରକ୍ଷା ନିୟମ ମାନିବା ଏବଂ ଆଖପାଖ ସଂପ୍ରଦାୟ ଉପରେ ଖଣି କାର୍ଯ୍ୟକଳାପର ପ୍ରଭାବକୁ କମ୍ କରିବାକୁ ସେମାନେ ସେମାନଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ଡିଜିଏମ୍‌ଏସ୍, ଖଣି କମ୍ପାନୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ନିୟମିତ ଅନୁସରଣ ଏବଂ ଖୋଲା ଯୋଗାଯୋଗର ପ୍ରତିଶୃତି ସହିତ ଏହି ବୈଠକ ଶେଷ ହୋଇଥିଲା । ଡିଜିଏମ୍‌ଏସ୍ ଗ୍ରାମ ବାସିନ୍ଦାଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସେମାନଙ୍କର ସମସ୍ୟାକୁ ତୁରନ୍ତ ସମାଧାନ କରାଯିବ ଏବଂ ସେମାନଙ୍କର ଆତ୍ମବିଶ୍ୱାସ ପୁନଃସ୍ଥାପିତ କରିବା ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା ଅନୁଷ୍ଠିତ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ସଦର ମହକୁମାସ୍ଥିତ ଶ୍ରୀରାମନଗର ଠାରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀଙ୍କର ଆରାଧନା ମହାସମାରୋହରେ ପାଳିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ନୂତନ ଭାବେ ବିଦ୍ୟାରମ୍ଭ କରିବାକୁ ଥିବା ୩୫ଜଣ ଭାଇ ଓ ଭଉଣୀମାନଙ୍କୁ ବିଦ୍ୟା ସଂସ୍କାର ନିମନ୍ତେସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ନିଆଯାଇ ନୂତନ ବିଦ୍ୟାର୍ଥୀମାନଙ୍କ ମଙ୍ଗଳ କାମନାକରାଯାଇ ପୂଜାର୍ଚ୍ଚନା କରାଯିବା ପରେ ବିଦ୍ୟାଳୟ ଫାଟକ ନିକଟରେ ବିଦ୍ୟାଳୟର ସଭାପତି ରବୀନ୍ଦ୍ର କୁମାର ମହାରଣା ଓ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ସାମଲଙ୍କ ଦ୍ୱାରା ନୂତନ ଭାଇ ଭଉଣୀମାନଙ୍କ ପାଦଧୌତ କରାଯାଇ କପାଳରେ ଚନ୍ଦନ ତିଳକ ପ୍ରଦାନ ପୂର୍ବକ ନୂତନ ବିଦ୍ୟାର୍ଥୀମାନଙ୍କୁ ଗୀତା ପୁସ୍ତକ ପ୍ରଦାନକରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ରମେଶ ଚନ୍ଦ୍ର ରାଉତ ଓ ପ୍ରଧାନ ଆଚାର୍ଯ୍ୟ ସରୋଜ ସାମଲ, ସଭାପତି ରବୀନ୍ଦ୍ର କୁମାର ମହାରଣା, ରାଜକିଶୋର ଗୁରୁଜୀ, ସୁଜିତ୍ ଗୁରୁଜୀ, ଭବାନୀ ଗୁରୁଜୀ,ଅମିତା ଗୁରୁମା,ମଞ୍ଜୁଳା ଗୁରୁମା, ସୁନୀତା ଗୁରୁମା, ସସ୍ମିତା ଗୁରୁମା, ଶିଶୁ ବାଟିକା ପ୍ରମୁଖ କମଳା ଗୁରୁମା ପ୍ରଭୃତି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମା' ବୀଣାପାଣିଙ୍କ ପୂଜା ମହାଆଡମ୍ବର ସହିତ ପୂଜା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଶୃଙ୍ଖଳାର ସହିତ ପୂଜା କରିଥିଲେ। ମା'ଙ୍କୁ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଫୁଲ ହାରରେ ସୁସଜିତ କରାଯାଇଥିଲା। ପୁରୋହିତ ରବି ନାରାୟଣ କବିଶତପଥୀ ସମସ୍ତ ପୂଜା ଓ ଶ୍ଳୋକ ଗାନ କରି ମା'ଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ଏହି ପୂଜାରେ ବହୁତ ଖୁସି ଓ ଆନନ୍ଦିତ ଅଛନ୍ତି ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ସ୍କୁଲ ପରିଚାଳନା ସମିତିର ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ଓ ସଦସ୍ୟମାନେ ଏହି ପୂଜାରେ ଉପସ୍ଥିତ ରହି ମା'ଙ୍କ କୃପାଲାଭ କରିଥିଲେ।



## ଶ୍ରୀରାମନବମୀ ଯାତ୍ରାରେ କଳାକାରଙ୍କ ହୃଦ୍‌ଘାତରେ ମୃତ୍ୟୁ



ଦେଓରିଶ, (ଭାସ୍କର ନ୍ୟୁଜ୍): ଦେଓରିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ା ଗ୍ରାମର ପିତାମ୍ବର ଦାସ(୬୫)ଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ଦାସ ଦୀର୍ଘଦିନ ଧରି ଶ୍ରୀରାମନବମୀ ଯାତ୍ରାରେ ମୁଖ୍ୟ ଭୂମିକା ଶ୍ରୀରାମଙ୍କ ଅଭିନୟରେ ନୃତ୍ୟାଭିନୟ କରି ଶ୍ରଦ୍ଧାଳୁଙ୍କ ମନଜିଣି ନେଇଥିଲେ। ତାଙ୍କ ଅଭିନୟର ପରାକାଷ୍ଠା ପାଇଁ ସେ ବହୁବାର ପୁରସ୍କୃତ ହୋଇଥିଲେ। ଶ୍ରୀରାମନବମୀ ମହୋତ୍ସବ କମିଟି ତାଙ୍କୁ 'ପୁରୁଷୋତ୍ତମ' ଉପାଧିରେ ଭୂଷିତ କରିଥିଲା। ଦୀର୍ଘଦିନ ଧରି ଉକ୍ତ ପଞ୍ଚାୟତର ନନ୍ଦିପୁରସ୍ଥ ତାଙ୍କ ଶ୍ୱଶୁରଘରେ ଅବସ୍ଥାନ କରୁଥିଲେ। ଏହି ଗ୍ରାମର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଉଭୟ ଗ୍ରାମର ଗ୍ରାମବାସୀ ତଥା ଶ୍ରୀରାମନବମୀ ମହୋତ୍ସବ କମିଟିର ସଦସ୍ୟ ଉପସ୍ଥିତ ରହିଥିଲେ। ତାଙ୍କର ସାନପୁଅ ରାଜକିଶୋର ମୁଖାଗ୍ନି ଦେଇଥିଲେ। ଦାସଙ୍କର ଅନ୍ତିମ ସଂସ୍କାରରେ ତାଙ୍କ ପରିବାରର ସମସ୍ତେ ଉପସ୍ଥିତ ଥିଲେ।

# ସାଂସ୍କୃତିକ ପ୍ରଗତି ଟ୍ରଷ୍ଟର ବାର୍ଷିକ ଉତ୍ସବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସଂସ୍କୃତି, ପରମ୍ପରା ଓ ଲୋକଗୀତକୁ ବଞ୍ଚାଇ ରଖିବା ସହିତ ଏହାର ବିସ୍ତାର ଲାଭ ଲକ୍ଷରେ କାର୍ଯ୍ୟ କରୁଥିବା ତଥା ପାଲା ଦାଶକାଠିଆ ପରି କାର୍ଯ୍ୟକ୍ରମକୁ ଜନାଦୃତ କରିବାରେ କାର୍ଯ୍ୟ କରୁଥିବା ନରଣପୁର ପଞ୍ଚାୟତର ଟାଙ୍ଗରପଳସା ସ୍ଥିତ ଅଗ୍ରଣୀ ଅନୁଷ୍ଠାନ ସାଂସ୍କୃତିକ ପ୍ରଗତି ଟ୍ରଷ୍ଟର ବାର୍ଷିକ ଉତ୍ସବ ପିପିଲିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପଦେଷ୍ଟା ଡକ୍ଟର ଧୀରେନ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଟ୍ରଷ୍ଟର ସଭାପତି ଧନେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସଭା ଅବସରରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ କଲେଜର ପୂର୍ବତନ ଅଧ୍ୟକ୍ଷ ହିମାଂଶୁ ଶେଖର ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ତଥା ଓଡିଶା ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ସାଂସ୍କୃତିକ ସମ୍ପାଦକ ବନବିହାରି ଗ୍ରହାଚାର୍ଯ୍ୟ, ସ୍ୱତନ୍ତ୍ର ବକ୍ତା ଭାବେ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁର ପୂର୍ବତନ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ପଣ୍ଡା ଓ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଯୁକ୍ତ ଦୁଇ ଅଧ୍ୟକ୍ଷ ନିରାକାର ସ୍ୱାଇଁ, ଯୁକ୍ତ ତିନି ଅଧ୍ୟକ୍ଷ ଦୈତାରୀ ମହାନ୍ତ, କ୍ଷୀତିଜ୍ୟୋତି ଆଶ୍ରମର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ସୁଧା ଦାଶ, ଅଧ୍ୟାପକ ଡ. ସୁମନ୍ତ କୁମାର ନାଏକ, ଡ. ଜ୍ୟୋତି କିଶୋର ମହାନ୍ତ ଓ ବରେଣ୍ୟ ଅତିଥି ଭାବେ ସାଂସ୍କୃତିକ ପ୍ରଗତି ଟ୍ରଷ୍ଟର ପ୍ରତିଷ୍ଠାତା ବରିଷ୍ଠ ଅଧିବକ୍ତା ପତିତପାବନ ନାଥ ଯୋଗ ଦେଇଥିଲେ। ମଞ୍ଚାସିନ ଅତିଥି ମାନେ ଓଡ଼ିଆ ଲୋକ ସଂସ୍କୃତି ଓ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ପାଲା ଓ ଓଡ଼ିଆ ଭାଷା ସାହିତ୍ୟର ବିକାଶ କରିବା ଜରୁରୀ ବୋଲି ମତ ବ୍ୟକ୍ତ କରିଥିଲେ। କଳାକାରର ମୃତ୍ୟୁ ନାହିଁ ଓ ଜଣେ କଳାକାର ହିଁ ନିଜେ କଷ୍ଟ ସ୍ୱୀକାର କରି କଠିନ ସାଧନା ମାଧ୍ୟମରେ ସମାଜରେ ଦିଗଦର୍ଶନ ପ୍ରଦାନ କରିବା ସହ ଲୋକଙ୍କ ଭିତରେ ସାମାଜିକ ସଂସ୍କାର ଆଣିଥାଏ ବୋଲି ବକ୍ତା ମାନେ କହିଥିଲେ। ଏହି ବାର୍ଷିକ ଉତ୍ସବ ଅବସରରେ ପିପିଲିଆ କଲେଜର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ଶିକ୍ଷାମୂଳକ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ କଲେଜ ପରିସରରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଟ୍ରଷ୍ଟର ସଦସ୍ୟ ମାନେ ବୃକ୍ଷରୋପଣ କରି ପରିବେଶ ସଂରକ୍ଷଣ କରିବାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ମାନ୍ୟଗଣ୍ୟ ଶିକ୍ଷାବିତ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମାର୍ଗଦର୍ଶକ ଡକ୍ଟର ଧୀରେନ ମହାନ୍ତିଙ୍କ ଜନ୍ମ ଉତ୍ସବ ପାଳନ କରାଯାଇ ତାଙ୍କ ଦିଗଦର୍ଶନକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଟ୍ରଷ୍ଟର ସହ ସମ୍ପାଦକ ଅଲେଖ ଚନ୍ଦ୍ର ସେଠୀଙ୍କ ମହାପୁରୁଷଙ୍କ ଉପରେ ପର୍ଯ୍ୟବେସିତ ଅକୁହା କାହାଣୀର ପୁସ୍ତକ 'ହଜିଲା କଥା ଖୋଜି ଆଣିଛି'ର ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସଙ୍ଗୀତଜ୍ଞ, ପାଲାମଞ୍ଚ , ପାଲା କଳାକାର, ସାମ୍ବାଦିକ, ସମାଜସେବୀ ପ୍ରମୁଖଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକକୁ ବରିଷ୍ଠ ସାମ୍ବାଦିକ ତଥା ଟ୍ରଷ୍ଟର ମିଡିଆ ସେଲ ଅଧ୍ୟକ୍ଷ ସତ୍ୟଜିତ ସାମନ୍ତରାୟ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ଏହି ବୈଠକରେ ସାଧାରଣ ସମ୍ପାଦକ ଦୁଷ୍ମନ୍ତ ମହାନ୍ତି, ସହ ସମ୍ପାଦକ ଅଲେଖ ଚନ୍ଦ୍ର ସେଠୀ, ସାଂସ୍କୃତିକ ସମ୍ପାଦକ ଶ୍ରୀବତ୍ସ ନାହାକ, ଅର୍ଥ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, ସଂଗଠନ ସମ୍ପାଦକ ଗୟାଧର ନାଥ, ଲିଙ୍ଗରାଜ ମହାନ୍ତ, ସଂଯୋଜକ ପ୍ରତାପ କୁମାର ସାହୁ, ସହ ସଂଯୋଜକ ଯୋଗେନ୍ଦ୍ର ମହାନ୍ତ, ଉପଦେଷ୍ଟା ଜଗବନ୍ଧୁ ମହାନ୍ତ, ବୈଲୋଚନ ନାଏକ, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ ସହିତ ବୈଠକ ଶେଷ କରାଯାଇଥିଲା।

## ସମାଜସେବୀ ଅମର ଜେନାଙ୍କ ପରଲୋକ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧିନ ପଟଣାସାହି ଗ୍ରାମର ସମାଜସେବୀ ଅମର ଜେନାଙ୍କର ସରସ୍ୱତୀ ପୂଜା ରବିବାର ଦିନ ପରଲୋକ ହୋଇଯାଇଛି। ମୃତ୍ୟବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ ଘରେ ଖାଉଥିବା ବେଳେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତିହିଡି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ଜେନା ତିହିଡି କାଳୀପୂଜା କମିଟି, ମହୋତ୍ସବ କମିଟି, ପାଟଣାସାହି ମଙ୍ଗଳା କମିଟି, ହାଇସ୍କୁଲ ପ୍ଲାଟିନମ ଜୁବଲି କମିଟି ସଦସ୍ୟ ସହିତ ତିହିଡିର ବିଭିନ୍ନ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ରହି କାର୍ଯ୍ୟ କରୁଥିଲେ। ସେ ଜଣେ ସମାଜ ସେବୀ ଭାବେ ଲୋକମାନଙ୍କର ସେବାକରି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ସ୍ୱର୍ଗତ ଜେନା ଜଣେ ଶାନ୍ତ, ସରଳ, ଅମାୟିକ, ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତଥିଲେ। ତାଙ୍କ ମରଶରୀରକୁ ତିହିଡି ଡାକ୍ତର ଖାନାରୁ ତିହିଡି ବଜାର, ହରିପୁର ଗ୍ରାମଦେଇ ନିଜ ବାସଭବନକୁ ନିଆଯାଇଥିଲା। ବଡ଼ପୁଅ ସୌମ୍ୟରଞ୍ଜନ ଜେନା ମୁଖାଗ୍ନି ଦେଇଥିଲେ। ଶ୍ୟାମା କ୍ଲବ୍ ପକ୍ଷରୁ ସ୍ୱର୍ଗତ ଜେନାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଧାୟକ ଅଶୋକ ଦାସ,ବିଧାୟକ ପ୍ରତିନିଧି ସରୋଜ ଦାସ, ତ୍ରିଲୋଚନ ଗୌତମ, ପାର୍ଥସରଥୀ ନାୟକ, ସରପଞ୍ଚ ଶୁଭ୍ର ନାରାୟଣ ସେଠୀ ଓ ପ୍ରଦୀପ ବଳ, ଶିକ୍ଷାବିତ ସୋମନାଥ ପାଢ଼ୀ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଚନ୍ଦ୍ରକାନ୍ତ ମହାନ୍ତି, ଭଗବାନ ପାଣିଗ୍ରାହୀ, ଡ. ଅମୂଲ୍ୟ ସେନାପତି, ମନୋଜ, ବସନ୍ତ କୁମାର ମହାପାତ୍ର, ମୃତ୍ୟୁଞ୍ଜୟ ଦାସ, ପି .ହୃଷିକେଶ, କୃତ୍ତିବାସ ଜେନା, ରମାକାନ୍ତ ନାୟକ, ହରେକୃଷ୍ଣ ଜେନା, ସୁଧାଂଶୁ ଶେଖର ନାୟକ, ଅଶୋକ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଜେନାଙ୍କୁ ଶେଷଦର୍ଶନ କରିବା ସହିତ ଶବାଧାରରେ ଯୋଗ ଦେଇଥିଲେ।

## ନିଆଳି ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ପକ୍ଷରୁ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାବା ଅଭିରାମ ସରସ୍ୱତୀ ଯୋଗ ଦେଇଥିବାବେଳେ କଲେଜ ଅଧ୍ୟକ୍ଷ ଡା. ବିନୋଦ ବିହାରୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ମୁଖ୍ୟ କୈଳାସ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ପୂର୍ବତନ କୁଳପତି ଡା. ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡା. ସତ୍ୟ ନାରାୟଣ ଆଚାର୍ଯ୍ୟ ଡିନ ତିରୁପତି ବିଶ୍ୱବିଦ୍ୟାଳୟ ସଂସ୍କୃତ ଭାଷା ବିଭାଗ, ଡା. ଶୁଦ୍ଧ ସତ୍ତା ମିଶ୍ର, ପୂର୍ବତନ ବିଚାରପତି ଓ ଅନ୍ତର୍ଜାତୀୟ ଚିତ୍ର ଶିଳ୍ପୀ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଡା. ବିଜୟନ୍ତି ପଣ୍ଡା, ଦ୍ୱିତୀୟ ଅଧିବେଶନ ରେ ଡା. ଅମିତ କୁମାର ବିହାର ବିଶ୍ୱ ବିଦ୍ୟାଳୟ ଓ ଡା. ସୁଶୀଲ କୁମାର ବିହାର ବିଶ୍ୱ ବିଦ୍ୟାଳୟ, ଡା. ବସନ୍ତ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ପୁରୀ, ପ୍ରଫେସର ସୁଶାନ୍ତ କୁମାର ରାଜ, ସଦାଶିବ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପୁରୀ, ଡା. ବିଶ୍ୱରଞ୍ଜନ ପତି ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପୁରୀ, ହରିହର ବେହେରା ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ପୁରୀଙ୍କ ସମେତ ଶତାଧିକ ଅତିଥି ଦେଶ ଓ ଦେଶ ବାହାରୁ ଯୋଗଦେଇଥିଲେ। ବିଷୟ ଉପରେ ସୂଚନା ଦେଇଥିଲେ ପ୍ରଦୀପ କୁମାର ମିଶ୍ର।

## ବନ୍ଧୁଗାଁ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ପବିତ୍ର ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ଦିନ ବନ୍ଧୁଗାଁ ବ୍ଲକରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ପାଇଁ ଅତି ସୁନ୍ଦର ଭାବରେ ସାଜସଜ୍ଜା କରିଥିଲେ। ଅନେକ ଅନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀ ମାନେ ମା' ସରସ୍ୱତୀଙ୍କ ମୂର୍ତ୍ତି ତିଆରି କରି ରଖିଥିବା ବେଳେ କିଛି ଅନୁଷ୍ଠାନରେ ବାହାରୁ କିଣି ଆଣି ଥିଲେ। ଆଜି ସକାଳେ ଛାତ୍ରଛାତ୍ରୀମାନେ ରଙ୍ଗବୀରଙ୍ଗର ପୋଷାକ ପରିଧାନ କରି ଭକ୍ତି ଭାବର ସହିତ ନିଜ ନିଜ ଶିକ୍ଷାନୁଷ୍ଠାନ ଗୁଡିକକୁ ଯାଇଥିଲେ। ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଉପସ୍ଥିତିରେ ପୂଜାରୀଙ୍କ ମନ୍ତ୍ରଧ୍ୱାନି ରେ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା।ଛାତ୍ରଛାତ୍ରୀ ମାନେ ଆନନ୍ଦ ଉଲ୍ଲାସର ସହ ମା ଙ୍କ ପୂଜା ଅର୍ଚ୍ଚନା କରି ଘରକୁ ଫେରି ଆସିଥିଲେ। ସ୍ଥାନୀୟ ନୂତନ ସରକାରୀ ଡିଗ୍ରୀ କଲେଜ କୁମ୍ଭାରିପୁଟ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବନ୍ଧୁଗାଁ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ତୁରୁକୁପେଟା, ସରକାରୀ ଏସଏସଡି ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁମ୍ଭାରିପୁଟ, ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ନିଲାବାଡି, ଆଲମଣ୍ଡା ହାଇ ସ୍କୁଲ, ଏକ୍ସ ବୋର୍ଡ ଏନୟୁପି ସ୍କୁଲ ବନ୍ଧୁଗାଁ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ପାଳନ ହୋଇଯାଇଛି। ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା ଅବସରରେ ପିତାମାତାମାନେ ନୂତନ ଶିଶୁଙ୍କୁ ନେଇ ବିଦ୍ୟାରମ୍ଭ କରିଥିଲେ।

# ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଉତ୍କଟ ଜଳ ସମସ୍ୟା





ବାଲିମେଳା, (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମଦିନ ନ ହେଉଣୁ ମାଲକାନଗିରି ଜିଲ୍ଲାରେ ଏବେ ଉତ୍କଟ ଜଳସମସ୍ୟା। ଦୁର୍ଗମ ଅଞ୍ଚଳରେ ନଳକୂପ ଗୁଡ଼ିକ ଖରାପ ହୋଇ ପଡ଼ିଥିବା ବେଳେ କୂଅ ଗୁଡ଼ିକରେ ପାଣି ଶୁଖିଗଲାଣି। ଲୋକଙ୍କୁ ଚୁଆ ଉପରେ ନିଭର କରିବାକୁ ପଡୁଛି। ଜିଲ୍ଲାର ଅର୍ଦ୍ଧାଧିକ ନଳକୂପ ଏବେ ଅକାମୀ ହୋଇଛି। ଖଇରପୁଟ ବ୍ଲକ୍‌ର ବଣ୍ଡାଘାଟିର ଦୁଇଟି ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତରେ ମଧ୍ୟ ଉତ୍କଟ ଜଳ ସମସ୍ୟା ଦେଖାଦେଲାଣି। ଏନେଇ ବ୍ଲକ୍ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରି କରି ନୟାନ୍ତ ହେଲେଣି ଲୋକେ। ଅନ୍ୟ ବ୍ଲକ୍‌ର ଅବସ୍ଥା କହିଲେ ନସରେ। କେବଳ କାଗଜ କଲମରେ ସବୁ ଠିକ ଚାଲୁଥିବା ଦର୍ଶାଯାଉଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଅଲଗା ରହିଛି। ଜିଲ୍ଲା ଜଳ ଓ ପରିମଳ ବିଭାଗ କେବଳ ଜିଲ୍ଲାରେ କେତେ ପାଣିର ଉତ୍ସ ରହିଛି ତାହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରୁଛନ୍ତି। କିନ୍ତୁ ଜିଲ୍ଲାରେ କେଉଁ କେଉଁ ଗାଁ'ରେ ପାଣିର ସମସ୍ୟା ରହିଛି ଏବଂ କେତେ ନଳକୂପ, କୂପ ଓ ଅନ୍ୟ ପାଣିର ଉତ୍ସ ଖରାପ ହୋଇ ପଡ଼ିଛି ତାହା ରିପୋର୍ଟ ପ୍ରଦାନ କରାଯାଇ ନାହିଁ। ଏନେଇ ବିଭାଗକୁ ପଚାରିଲେ ବ୍ଲକ୍‌ଗୁଡ଼ିକରେ ଖରାପ ନଳକୂପ କିମ୍ବା ଅନ୍ୟ ପାଣିର ଉତ୍ସ ସମ୍ପର୍କରେ ମିଳିବ ବୋଲି କୁହାଯାଉଛି। ସରକାରୀ ରିପୋର୍ଟ ଅନୁଯାୟୀ ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ୫୯, ୮୫୭ ଲୋକଙ୍କ ପାଇଁ ୧୪୭୦ ନଳକୂପ, ୪୯୮ କୂପ, ୧୦ଟି ବସୁଧା ଯୋଜନା, ୪୨ଟି ଝରଣା ପାଣି ପାଇପ ଯୋଗେ ଜଳ ପ୍ରଦାନ, ୧୪୫ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ ପମ୍ପ ଏବଂ ୭୯ଟି ସୋଲାର ପାଇପ ଜଳ ଯୋଗାଣର ବ୍ୟବସ୍ଥା ଥିବା କୁହାଯାଇଛି। ୧,୩୦,୯୪୬ ଜଣ ଲୋକଙ୍କ ପାଇଁ ୨୫୫୯ଟି ନଳକୂପ ଏବଂ ୭ଟି କୂପ,୭୫ଟି ବସୁଧା ଯୋଜନା, ଗୋଟିଏ ଝରଣା ପାଣି ପାଇପ ଯୋଗାଣ, ୭୧ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ ପାଣି ଯୋଗାଣର ବ୍ୟବସ୍ଥା ରହିଛି। ଖଇରପୁଟ ବ୍ଲକର ୧୧ଟି ପଞ୍ଚାୟତର ୫୭୩୭୦ ଲୋକଙ୍କ ପାଇଁ ୧୩୪୫ଟି ନଳକୂପ, ୨୦୫ଟି କୂପ, ୪୩ଟି ବସୁଧା ଯୋଜନା, ୩୫ଟି ଝରଣା ପାଣିରେ ଜଳ ଯୋଗାଣ, ୯୧ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ, ୫ଟି ସୋଲାର ପାଇପ ଜଳ ଯୋଗାଣର ବ୍ୟବସ୍ଥା ରହିଥିବା କୁହାଯାଇଛି। ସେହିପରି କୋରକୋଣ୍ଡା ବ୍ଲକର ୧୨ଟି ପଞ୍ଚାୟତର ୭୩୯୨୦ ଲୋକଙ୍କ ପାଇଁ ୧୪୭୩ଟି ନଳକୂପ, ୬୨ଟି କୂପ, ୩୫ଟି ବସୁଧା ଯୋଜନା, ୭ଟି ଝରଣା ପାଣି ପାଇପ ଜଳ ଯୋଗାଣ, ୧୩୦ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ, ୫୦ଟି ସୋଲାର ପାଇପ ଜଳ ଯୋଗାଣ ରହିଛି। ମାଲାକନଗିରି ବ୍ଲକର ୧,୦୨,୧୨୧ ଲୋକଙ୍କ ପାଇଁ ୨୩୧୭ଟି ନଳକୂପ, ୧୫ଟି କୂପ, ୫୩ଟି ବସୁଧା କାଲିମେଳା ବ୍ଲକରେ ୨୩ଟି ପଞ୍ଚାୟତର ଯୋଜନା, ୯୩ଟି ସୋଲାର ଷ୍ଟାଣ୍ଡ ପୋଷ୍ଟରେ ଜଳ ଯୋଗାଣର ବ୍ୟବସ୍ଥା ରହିଛି। ଜିଲ୍ଲାରେ ରହିଥିବା ୧୧୧ଟି ପଞ୍ଚାୟତର ୫,୬୩, ୮୯୨ ଲୋକଙ୍କ ପାଇଁ ୧୨,୭୨୦ଟି ନଳକୂପ ରହିଥ?ବା କୁହାଯାଉଥିବା ବେଳେ ୯୬୭ଟି କୂପ ରହିଛି। ୨୭୫ଟି ବସୁଧା ଯୋଜନା ଏବଂ ୮୯ଟି ଝରଣା ପାଣିରେ ଜଳ ଯୋଗାଣ ଓ ୬୬୧ଟି ସୋଲାର ଷ୍ଟାଣ୍ଡ ପୋଷ୍ଟ ଏବଂ ୧୫୪ଟି ସୋଲାର ପାଇପ ଲାଇନ ଦ୍ୱାରା ଜଳ ଯୋଗାଶ କରାଯାଇଥିବା କୁହାଯାଇଛି। କିନ୍ତୁ ବାସ୍ତବରେ ବହୁ ସ୍ଥାନରେ ବସୁଧା ଯୋଜନା ଫେଲ ମାରିଥିବା ବେଳେ ସୋଲାର ଜଳ ଯୋଗାଣ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ସୂଚନା ନେବାରେ ଜଣାପଡ଼ିଛି ଯେ, ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବ ବୋଲି ବ୍ଲକ ପ୍ରଶାସନ କହିଛନ୍ତି।

# ଏକାଧିକ ପଦବୀରେ ରହି ଲୁଟୁଛନ୍ତି ସରକାରୀ ଅର୍ଥ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ପ୍ରଶାସନର ଏକ ବିଚିତ୍ର ନୀତି ପଦାରେ ପଡ଼ିଛି। ଏକାଧିକ ନିର୍ବାଚିତ ଲୋକପ୍ରତିନିଧି ଦୁଇ ଦୁଇଟି ପଦବୀରେ ରହି ସରକାରୀ ଅର୍ଥ ଲୁଟି ଚାଲିଥିବାର ଅଭିଯୋଗ ହୋଇଛି। ଏହି ଲୋକପ୍ରତିନିଧିମାନଙ୍କ ବିରୁଦ୍ଧରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ୍ ବୁହାଲୋ ଗ୍ରାମପଞ୍ଚାୟତର ଜଣେ ୱାର୍ଡ଼ ସଭ୍ୟା ନିଜ ସ୍ୱାମୀକୁ ଛାଡ଼ି ଅନ୍ୟତ୍ର ବିବାହ କରିଥିବାର ଜଣାଯାଇଛି। ଏହି ୱାର୍ଡ଼ ସଭ୍ୟା ପଞ୍ଚାୟତ ବୈଠକରେ ଦୀର୍ଘଦିନ ହେଲା ଅନୁପସ୍ଥିତ ରହୁଥିବାର ଅଭିଯୋଗ ହୋଇଛି। ଫଳରେ ତାଙ୍କ ୱାର୍ଡ଼ରେ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ କଟିକଟା ଗ୍ରାମପଞ୍ଚାୟତର ଜଣେ ୱାର୍ଡ଼ ସଭ୍ୟ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ସେବା ସମବାୟ ସମିତିର ସଭାପତି ପଦବୀରେ ଦୀର୍ଘ ଦିନ ହେଲା ରହିଥିବାର ଅଭିଯୋଗ ହୋଇଛି। ଏହି ବ୍ୟକ୍ତି ଜଣକ ବେନିୟମ ଭାବେ ଦୁଇ ଦୁଇଟି ପଦବୀରେ ରହି ସରକାରୀ ଅର୍ଥ ଲୁଟୁଥିବାର ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଭାବେ ଫଗୋଲ ଗ୍ରାମପଞ୍ଚାୟତରେ ମଧ୍ୟ ଜଣେ ୱାର୍ଡ ସଭ୍ୟା ଅନୁରୂପ ଭାବେ ସିଆରପି ପଦବୀରେ ରହିଥିବାର ଜଣାଯାଇଛି। ସମ୍ପୃକ୍ତ ୱାର୍ଡ଼ ସଭ୍ୟା ଜଣକ ଦୁଇଟି ପଦବୀରେ ସରକାରୀ ଅର୍ଥ ଲୁଟୁଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଜିଗ୍ନିପୁର ଗ୍ରାମପଞ୍ଚାୟତରେ ମଧ୍ୟ ଅନୁରୂପ ଭାବେ ଜଣେ ୱାର୍ଡ ସଭ୍ୟା ମଧ୍ୟ ସିଆରପି ପଦବୀରେ ରହିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଜଣକ ଗ୍ରାମପଞ୍ଚାୟତରୁ ୱାର୍ଡ଼ ସଭ୍ୟା ପ୍ରୋତ୍ସାହନ ରାଶି ପାଉଥିଲା ବେଳେ ସିଆରପି ପଦବୀରେ ରହି ମଧ୍ୟ ସରକାରୀ ଅର୍ଥ ଲୁଟୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରେ ବହୁ ପଞ୍ଚାୟତରେ ଏହି ପରି ଭାବେ ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରି ବହୁ ନିର୍ବାଚିତ ଲୋକ ପ୍ରତିନିଧି ଦୁଇ ଦୁଇଟି ପଦବୀରେ ରହି ସରକାରୀ ରାଜକୋଷରୁ କିପରି ଅର୍ଥ ଲୁଟୁଛନ୍ତି ତାହାନେଇ ସାଧାରଣରେ ବିସ୍ମୟ ସୃଷ୍ଟି ହୋଇଛି। ଏଦିଗରେ ପ୍ରଶାସନ ଜାଣି ମଧ୍ୟ ନଜାଣିଲା ଭଳି ଅଭିନୟ କରୁଥିବାର ଚର୍ଚ୍ଚା ହେଉଛି। ଏସମ୍ପର୍କରେ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ତ ଦୂରର କଥା ବରଂ ଲୋକଙ୍କ ଅଭିଯୋଗକୁ ପ୍ରଶାସନର ନାଲି ଫାଇଲ ତଳେ ଚାପି ଦିଆଯାଉଥିବାର ଅଭିଯୋଗ ହୋଇଛି। ଏକପକ୍ଷରେ ରାଜ୍ୟ ଆର୍ଥୀକ ସଙ୍କଟ ଦେଇ ଗତି କରୁଥିଲା ବେଳେ ଏହି ବ୍ଲକ୍ ଅଞ୍ଚଳରେ ବହୁ ନିର୍ବାଚିତ ଲୋକ ପ୍ରତିନିଧି କିପରି ଭାବେ ଦୁଇ ଦୁଇଟି ପଦବୀ ରହି ସରକାରୀ ରାଜକୋଷରୁ ଅର୍ଥ ଲୁଟିବାରେ ଲାଗିଛନ୍ତି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ମୃତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ମୁଖ୍ୟାଳୟ ଆଖପାଖ ବିଭିନ୍ନ ଅଞ୍ଚଳରେ ୬-୭ଟି ମାଙ୍କଡ଼ ବିଗତ ୨ବର୍ଷ ହେଲା ବାସସ୍ଥାନ ବନେଇ ରହିଥିବା ଦେଖାଯାଇଛି। ତେବେ ଆଜି ସକାଳ ପ୍ରାୟ ୯ଟା ସମୟରେ ମାଙ୍କଡ଼ ଦଳଗଛରୁ ଗଛକୁ ଡେଇଁଥିବା ବେଳେ ଗୋଟିଏ ମାଙ୍କଡ଼ ଶୁଳିଆପଦା ବଜାର ସ୍ଥିତ ସବ୍‌ଷ୍ଟେସନ ନିକଟରେ ଥିବା ଗୋଟିଏ ୧୧ କେଭି ବିଦ୍ୟୁତ୍ ସଂଯୋଗ ଥିବା ଖୁଣ୍ଟ ଉପରକୁ କୁଦାମାରି ଚଢୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଖସିପଡ଼ି ମୃତ୍ୟୁ ବରଣ କରିଥିଲା। ଖବର ପାଇ ଶୁଳିଆପଦା ବନରକ୍ଷୀ ଜଗବନ୍ଧୁ ନାଏକ ଦେଉଳି ରେଞ୍ଜର ବୁଦ୍ଧେଶ୍ୱର ନାଏକଙ୍କୁ ଯୋଗାଯୋଗ କରିଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶ କ୍ରମେ ଦେଉଳି ପାରା ଫରେଷ୍ଟ ଷ୍ଟାଫ୍ ତଥା ଅଭିଜ୍ଞ ସାପ ଧରାଳି ଦୀପକ ସରକାର ବନରକ୍ଷୀ ନାଏକ୍‌ଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ମାଙ୍କଡ଼ଟିକୁ ଉଦ୍ଧାରକରି ଶୁଳିଆପଦା ବନପାଳଙ୍କ କାର୍ଯ୍ୟାଳୟକୁ ନେଇ ମାଟିରେ ପୋତି ଦେଇଥିବା ସୂଚନା ମିଳିଛି।

# ତ୍ରିନାଥ ଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ




ଢେଙ୍କାନାଳ,(ଭାସ୍କର ନ୍ୟୁଜ୍): ଗଣେଶବଜାର ରଥଗଡ଼ାସ୍ଥିତ ଦୈନିକ ପରିବା ଓ ଫଳ ବଜାରର ବ୍ୟବସାୟୀମାନଙ୍କ ଉଦ୍ୟମରେ ତ୍ରିନାଥ ଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଶ୍ରୀପଞ୍ଚମୀ ତିଥିରେ ପାଳନ ହୋଇଯାଇଛି। ପ୍ରଥମେ ତ୍ରିନାଥ ଦେବଙ୍କ ମଙ୍ଗଳ ଆଳତି, ଷୋଡ଼ଶ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ପୂଜା ଉତ୍ସବରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦାନ କରି ତ୍ରିନାଥ ଦେବଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହିତ ବିଭୁକୃପା ଲାଭ କରିଥିଲେ। ପଣ୍ଡିତ ଦୀପ ନନାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ କର୍ତ୍ତା ଭାବେ ରାଧାକାନ୍ତ ବେହେରା ଓ ତାଙ୍କ ସହଧର୍ମିଣୀ ଯୋଦାନ କରିଥିଲେ। ସଭାପତି ବିମଳ କୁମାର ସାହୁ, ସମ୍ପାଦକ ସୁରେଶ କୁମାର ସାହୁ ଓ ଜଟନ ବିଶ୍ୱାଳ, ଅଭୟ କୁମାର ସାହୁ, ବ୍ରଜବନ୍ଧୁ ସାହୁ, କେଦାରଶନ ନାୟକ, ବିଷ୍ଣୁ ଚରଣ ସାହୁ, ରଞ୍ଜନ କୁମାର ବେହେରା, ଅଲେଖ ନାୟକ, ପ୍ରମୋଦ ସାହୁ, ରମେଶ ଭୋଳ, ଦୁଃଶାସନ ଚାନ୍ଦ, ବଣ୍ଟି, ଜଗା, ମିଟନ, ହାଡିବନ୍ଧୁଙ୍କ ସମେତ ପରିବା ଓ ଫଳ ବ୍ୟବସାୟୀ ସଂଘର ସଦସ୍ୟମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହିତ ପରିଚାଳନା କରିଥିଲେ। ଏହି ଅବସରରେ ଜୟଗୋପାଳ ସାହି ମହିଳା ସଂକୀର୍ତ୍ତନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ବାଦିପାଲା ପରିବେଷଣରେ ବାଙ୍କିର ଗାୟକ ନରେନ୍ଦ୍ର ସାମଲ ଓ ବଡମ୍ବାର ଗାୟକ ମାୟାଧର ଶତପଥୀ ପାଲା ପରିବେଷଣ କରିଥିଲେ। ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

## ଭଣ୍ଡାରୀପୋଖରୀ ଅଞ୍ଚଳରେ ସରସ୍ୱତୀ ପୂଜା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଅଞ୍ଚଳରେ ମା' ସରସ୍ୱତୀ ପୂଜା ରବିବାର ପାଳନ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟରେ ମା' ବିଦ୍ୟାଦାତ୍ରୀଙ୍କ ପୂଜା କରାଯାଇଥିଲା। ଏପରିକି ବହୁ ବାସଗୃହରେ ମଧ୍ୟ ବାଗ୍‌ଦେବୀଙ୍କ ପୂଜା ପାଳନ କରାଯାଇଥିଲା। ଏହି ଅବସରରେ କେତେକ ବ୍ୟବସାୟ ପ୍ରତିଷ୍ଠାନରେ ନୂତନ ବାର୍ଷିକ ଖାତାପୂଜା କରାଯାଇଥିଲା। ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର, ନାଆମୀ ପଞ୍ଚାୟତ ଛଞ୍ଚଣା ଉପ୍ରା ବିଦ୍ୟାଳୟ ଓ ଶଙ୍ଖୁଳା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର,ତୁଳସୀପୁର ଉପ୍ରା ବିଦ୍ୟାଳୟ, ରହଣିଆ ହାଇସ୍କୁଲ, ଭଣ୍ଡାରିପୋଖରୀ ହାଇସ୍କୁଲ, ମଣିନାଥ ପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିପୋଖରୀ ଶୁକଦେବ ଜେନା ଉଚ୍ଚବିଦ୍ୟାଳୟ, ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର, ରହଣିଆ ସରସ୍ୱତୀ ଶିଶୁମନ୍ଦିର, ଷୋଳମପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବାଘମରା ସରସ୍ୱତୀ ଶିଶୁମନ୍ଦିର, ତୁଳସୀପୁର ଉପ୍ରା ବିଦ୍ୟାଳୟ, ଉତ୍କଳ କମ୍ପ୍ୟୁଟର ଏକାଡେମୀ ଛାତ୍ରଛାତ୍ରୀମାନେ ବିଦ୍ୟାଦାୟିନୀଙ୍କ ଆବାହନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

## ର୍‍ୟାଗିଙ୍ଗ ଭୟରେ ଛାତ୍ରାବାସ ଛାଡ଼ିଲେ ଛାତ୍ର

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ଓଲଟପୁର ଥାନା ଅଞ୍ଚଳରେ ଥିବା ଓଲଟପୁର ଥାନା ଅନ୍ତର୍ଗତ ଏକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ ରତ ଅନ୍ତେବାସି ତଳ ଶ୍ରେଣୀ ଛାତ୍ରଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଛି। ଏମିତିକି ମଶା ବ୍ୟାଟରେ ବାଡ଼େଇବା, ମଶା ଧୂପ ଲଗାଇ ଚେଙ୍କ ଦେବା ଭଳି କାର୍ଯ୍ୟ କରାଯାଇଛି। ଛାତ୍ର ଜଣକ ଭୟରେ ନିର୍ଯ୍ୟାତନା ସହି ନପାରି ମହାବିଦ୍ୟାଳୟରୁ ପାଠ ଛାଡ଼ି ଜିନିଷପତ୍ର ଧରି ପଳାଇଛନ୍ତି। କନିଷ୍ଠ ଶ୍ରେଣୀ ପିଲାଙ୍କୁ ଖାଇବାକୁ ଆଣି ଦେବା, ଖାଇସାରି ଅଇଁଠା ବାସନ ଧୋଇବା ପାଇଁ ବାଧ କରିବା, ସେମାନଙ୍କ ଜିନିଷ ପତ୍ର ଜୋରଜବରଦସ୍ତ ଛଡାଇ ନେବା, ପ୍ରତିବାଦ କଲେ ମାଡ଼ ମାରିବା ଓ ଶାରୀରିକ ନିର୍ଯ୍ୟାତନା ଦେବା ଭଳି ସାଂଘାତିକ ଅଭିଯୋଗ ଆସିଛି। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇ ତଦନ୍ତ କଲେ ଅନେକ ଛାତ୍ର ନିର୍ଯ୍ୟାତନା ହେଉଥିବା ଘଟଣା ପଦାକୁ ଆସିବ। ଏ ସମ୍ବନ୍ଧରେ କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରୁ ଏଭଳି ଘଟଣା କଲେଜରେ ଘଟି ନାହିଁ ବୋଲି ସେ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି।



# ଆମ କଳାହାଣ୍ଡି





# ମା' ହାଟ ଗସିଆଣିଙ୍କ ମଣ୍ଡି ଯାତ୍ରା ଆରମ୍ଭ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍): ଲୋକଙ୍କ ଆସ୍ଥା ଓ ବିଶ୍ୱାସର ମଣ୍ଡି ଯାତ୍ରା ମହାଆଡମ୍ବରରେ ପର୍ଲା ଠାରେ ଆରମ୍ଭ ହୋଇଯାଇଛି। ଦୀର୍ଘ ବର୍ଷ ବ୍ୟବଧାନ ପରେ ଏ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଲୋକଙ୍କ ମଧ୍ୟରେ ଉଲ୍ଲାସ ଦେଖା ଦେଇଛି। ଲୋକଙ୍କ ବିଶ୍ୱାସ ଓ ଭରସା ଏହି ମଣ୍ଡି ଯାତ୍ରା ଅନୁଷ୍ଠିତ ହେଲେ ଗାଁ ରେ କୌଣସି ଦୁର୍ବିପାକ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସ୍ଥିତି ଦେଖାଯାଏ ନାହିଁ। ବରଂ ଗାଁ ସୁଖ ସମୃଦ୍ଧିରେ ଗଡି ଉଠେ ବୋଲି ଗ୍ରାମର ଗହଣିଆ ପ୍ରବୀଣ କୁମାର ଦାସ ପ୍ରକାଶ କରନ୍ତି। ବହୁବର୍ଷରୁ ମାଆ ହାଟ ଗୋସିଆଣି ପୀଠ ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟ ପରିସର ରହିଥିବା ବେଳେ ସୁସଜ୍ଜିତ ବାତାବରଣ ଭିତରେ



ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ପ୍ରଥମ ସପ୍ତାହ ମଣ୍ଡି ଯାତ୍ରାରେ ଗାଁର ବିଭିନ୍ନ ଦେବାବେଦୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଦେବାଦେବୀ ମଣିଷ ଦେହରେ ସବାରି ହୋଇ ଲାଠି କୁର୍ଚି ସହ ପାଠକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା ହେବା ପରେ ମଣିଷ ସବାରି ଦେବାଦବୀ ଲୁହା ଖୁଣ୍ଟି ରେ ଝୁଲୁନା ଝୁଲିବା ସମସ୍ତଙ୍କ ପାଇଁ ଆକର୍ଷଣ ପାଲଟିଥିଲା। ପରେ ସମସ୍ତ ଦେବାଦେବୀ ଲାଠି କୁର୍ଚି ସହ ଗ୍ରାମ ପରିଭ୍ରମଣ ଓ ସାପ୍ତାହିକ ବଜାରକୁ ପରିକ୍ରମା କରିଥିଲେ। ୧୫ତାରିଖ ଦିନ ଉଦ୍‌ଯାପିତ ହେବାକୁ ଥିବା ବେଳେ ଦଣ୍ଡପାଟ ଅଞ୍ଚଳ ସମସ୍ତ ଦେବାଦେବୀଙ୍କୁ ଆମନ୍ତ୍ରଣ କରାଯାଇଛି। ଅଞ୍ଚଳର ସମସ୍ତ ଦେବାଦେବୀଙ୍କ ମିଳନ ପର୍ବକୁ ବହୁ ଆଡମ୍ବରରେ କରାଯିବାକୁ ଗ୍ରାମ କମିଟି ନିଷ୍ପତ୍ତି ନେଇଥିବା ଗାଁ ର ସୁଶାନ୍ତ ଦାସ, ମନୋଜ ଦାସ, ସରପଞ୍ଚ ବ୍ରିଜଲାଲ ନାଏକ, ସୁଧୀର ବାଗ, ଲକ୍ଷଜ୍ୟୋତି ଜାଲ, ବାବୁଲି ଦାସ, ନବୀନ ପୁରୋହିତ, ନବୀନ ଦାସ, ଅରକ୍ଷିତ ବାରିକ, ପରାସର ସାହୁ, କାମାକ୍ଷ ଦାସ, ହୃଷିକେଶ ସାହୁ, ହେତୁରାମ ମେହେର, ସରୋଜ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

# କର୍ଲାମୁଣ୍ଡା ମଣ୍ଡଳ ବିଜେପି ପକ୍ଷରୁ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଜାତୀୟ କଂଗ୍ରେସ ଦଳର ନେତ୍ରୀ ସୋନିଆ ଗାନ୍ଧୀଙ୍କ ମହାମହିମ ରାଷ୍ଟ୍ରପତିଙ୍କ ପ୍ରତି କଟୁ ମନ୍ତବ୍ୟକୁ ନେଇ ସାରା ଦେଶରେ ବିଭିନ୍ନ ମହଲରେ ଆଲୋଚନା ସମାଲୋଚନା ଚାଲିଥିବା ବେଳେ ଶାସକ ବିଜେପି ଏହାକୁ ଦୃଢ଼ ବିରୋଧ କରିଛି। ଏବଂ ବିଭିନ୍ନ ସ୍ଥାନରେ ପ୍ରତିବାଦ କରୁଥିବା ମଧ ଦେଖିବାକୁ ମିଳୁଛି। କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବିଜେପି ତରଫରୁ ମଧ ଏହାକୁ ଦୃଢ଼ ବିରୋଧ କରାଯାଇ ସୋନିଆ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। କର୍ଲାମୁଣ୍ଡା ମଣ୍ଡଳ ସଭାପତି ଡୋଲାମଣୀ ଭୋଇଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପ୍ରତିନିଧି ସଞ୍ଜୟ ଜୈନ, ଗୋବିନ୍ଦ ଶଙ୍କର ସାହୁ, ଯୁବ ମୋର୍ଚ୍ଚା ସଭାପତି



ଗୁଣନିଧି ସାହୁ,ନବୀନ କିଶୋର ସାହୁ, କଲେଜ ସାଂସଦ ପ୍ରତିନିଧି ବନମାଳୀ ସାହୁ,ରାଜେନ୍ଦ୍ର ସାହୁ, ଲିଙ୍ଗରାଜ ସାହୁ,ଚୁଲମଣି ସାହୁ,ଶରତ ସାହୁ,ଖିଲାଧର ସାହୁ, ପ୍ରମୁଖ କର୍ଲାମୁଣ୍ଡା ଶିବ ମନ୍ଦିର ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରି ସୋନିଆ ଗାନ୍ଧୀଙ୍କ କୁଶ ପୁତ୍ତଳିକା ନେଇ ଏକ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି କରି ବ୍ଲକ ଅଫିସ୍ ମେନ୍ ରୋଡକୁ ଆସି ସେଠାରେ ସୋନିଆ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

# ଦମ୍ପତିଙ୍କୁ ଦଳିଦେଲା ଦନ୍ତା

ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ): ଶନିବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ତଥା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ କାଦୋମାଲିରେ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଚାଷଜମିରେ ଘର ତିଆରି କରି ରହିଥିବା ଦୋରାସାର୍ଲି ଗାଁର ସ୍ୱାମୀ ସ୍ତ୍ରୀ ମୁଗାନା ମାଝୀ (୬୩) ଓ ଗାଦ ମାଝୀ (୬୦)ଙ୍କୁ ପାଦରେ ଦଳି ସେମାନଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଫୋପାଡି ଦେଇଛି ଏକ ଦନ୍ତାହାତୀ। ସୂଚନାନୁସାରେ, ଦୋରାସାର୍ଲି ଗାଁର ମୁଗାନା ଓ ଗାଦ ନିଜର ଚାଷ କରିଥିବା ଫସଲର ସୁରକ୍ଷା ପାଇଁ କାଦୋମାଲିରେ ଏକ ଘର ତିଆରି କରିରହିଥିଲେ। ତାଙ୍କ ସହିତ ତାଙ୍କର ପୁଅ ଓ ଅନ୍ୟ ଦୁଇ ସମ୍ପର୍କୀୟ ବି ଥିଲେ। ଶନିବାର ବିଳମ୍ବିତ ରାତିରେ ସେମାନେ ଶୋଇଥିବାବେଳେ ଏକ ଦନ୍ତାହାତୀ ସେମାନଙ୍କ ଘର ଭଙ୍ଗାରୁଜା କରିବା ସହିତ ଶୋଇଥିବା ମୁଗାନା ଓ ଗାଦଙ୍କୁ ନିଜ ପାଦରେ ଦଳିଦେଇଥିଲା। କେବଳ ସେତିକି ନୁହେଁ ହିଂସ୍ର ହୋଇପଡ଼ିଥିବା ହାତୀଟି ଉଭୟଙ୍କ ସହିତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଏଣେତେଣେ ଫିଙ୍ଗି ଫୋପାଡ଼ି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା। ତେବେ ସେଠାରେ ଥିବା ମୃତ ମୁଗାନାଙ୍କ ପୁଅ ସମେତ ଅନ୍ୟ ଦୁଇଜଣ ଜୀବନ ବିକଳରେ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ସେମାନଙ୍କଠାରୁ ଖବର ପାଇ ରବିବାର ସକାଳେ ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବର ଓ ବିଜେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। ତେବେ ବନବିଭାଗର ଅବହେଳା ଯୋଗୁଁ ହାତୀ ମଣିଷ ମୁହାଁମୁହିଁ ହେଉଥିବାବେଳେ ହାତୀ ଆକ୍ରମଣର ଏହି ବୀଭତ୍ସ ଦୃଶ୍ୟକୁ ଦେଖି ଲୋକେ ଉତ୍ୟକ୍ତ ହୋଇପଡ଼ିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିବାବେଳେ ପରିବାରବର୍ଗଙ୍କୁ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବାପରେ ସ୍ଥିତି ଶାନ୍ତ ପଡିଥିଲା।

# ପର୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ପର୍ଲା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ସହ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ପର୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ବିଦ୍ୟାଳୟ ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସର୍ବ ପ୍ରଥମେ ମାଆ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାର୍ଚ୍ଚନାରେ ସାମିଲ ହୋଇ ଆଶୀର୍ବାଦ ଭିକ୍ଷା କରିଥିଲେ ଓ ନୂତନ ବିଦ୍ୟାଳୟ ଶ୍ରେଣୀ ଗୃହକୁ ଉଦଘାଟନ କରିଥିଲେ। କୋମଳ



ଶିଶୁମାନଙ୍କୁ କୌଣସି ଚାପ ନ ଦେଇ ମାନସିକ ସ୍ତରରେ ସରଳ ଶିକ୍ଷା ପ୍ରଦାନ କରିବା ସମେତ ଚରିତ୍ର ଗଠନ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ-ପଙ୍କଜିନୀ ମାଝୀ, ଅବସରପ୍ରାପ୍ତ କିରାଣୀ ସୁଶାନ୍ତ ଦାସ, ଅନନ୍ତ ପ୍ରାସାଦ ଦାସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ, ଅବସର ଶିକ୍ଷକ ହେତୁ ରାମ ମେହେର ପ୍ରମୁଖ ଯୋଗ ଦେଇଥିବାବେଳେ ବିଦ୍ୟାଳୟର ସଭାପତି ହୃଷିକେଶ ସାହୁ ସଭାର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧୀର ଗୋପାଳ ପରିଚାଳନା କରିଥିବାବେଳେ ଗୁରୁ ମାଆ - ଦୀପାଞ୍ଜଳିବାରିକ, ସସ୍ମିତା ଦାସ, ସୁଶ୍ରୀ ବର୍ଷା ବାରିକ,ଭାଗ୍ୟଶ୍ରୀ ଖମାରି, ଗୁରୁଜୀ-ଜ୍ୟୋତି ରଞ୍ଜନ ଗୋପାଳ, ମୁରଲୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ନାନା ପ୍ରକାର ପ୍ରତିଯୋଗିତାରେ ଉନ୍ନୀତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ବିଜେପି ପକ୍ଷରୁ ସୋନିଆଙ୍କ କୁଶ ପୁତ୍ତଳିକା ଦାହ

ନର୍ଲା (ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀଙ୍କ କଟୁ ମନ୍ତବ୍ୟକୁ ନେଇ ବିଜେପି ପକ୍ଷରୁ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ ସହ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଉ ଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ବିଜେପି ପକ୍ଷରୁ ମଧ ନର୍ଲା ଚାରିଛକ ଠାରେ ବିକ୍ଷୋଭ ପ୍ରଦର୍ଶନ ସହ ସୋନିଆ ଗାନ୍ଧିଙ୍କ କୁଶ ପୁତ୍ତଳିକା ଦାହ କରାଯାଇ ଥିଲା। ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅନିରୁଦ୍ଧ ପଧାନ୍‌ଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଜେପିର ନର୍ଲା ମଣ୍ଡଳର ବୁଥ ସଂଯୋଜକ ମାନ୍ନୟ ଚାନ୍ଦ୍, ମଣ୍ଡଳ ସଭାପତି ଗୁଣନିଧି ସାହୁ, ଶେଷ ନାଏକ୍, ନବୀନ ପଧାନ୍, ବିଷ୍ଣୁ ଚରଣ ବଡ଼ପଣ୍ଡା ଓ ବିଜେପିର କର୍ମକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ।



# ଜିଲ୍ଲାସ୍ତରୀୟ କରଣ ସମାଜର ବୈଠକ

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ରେଙ୍ଗଲପାଲି ଠାରେ ଶନିବାର କଳାହାଣ୍ଡି ଜିଲ୍ଲାସ୍ତରୀୟ କରଣ ସମାଜର ବୈଠକ ଅନୁଷ୍ଠିତ ହୋଇଛି। କୋକସରା ବ୍ଲକ କରଣ ସମାଜର ସଭାପତି ସହଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କରଣ ସମାଜ ସଭାପତି ରାମ ଶଙ୍କର ଦାସ, ସମ୍ପାଦକ ପ୍ରଦୀପ୍ତ ପଟ୍ଟନାୟକ, କୋକସରା କରଣ ସମାଜ ସମ୍ପାଦକ ନାରାୟଣ ପଟ୍ଟନାୟକ, ଫକୀର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହି କ୍ରମରେ ଅତିଥିମାନେ ସମାଜର ଅର୍ଥନୈତିକ ବିକାଶ, ସାଂଗଠନିକ ବିକାଶ ଓ



ଭବାନୀପାଣାରେ ଚିତ୍ର ଗୁପ୍ତ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଆଦି ବିଷୟରେ ଆଲୋଚନା କରି ଥିବାବେଳେ ନାରୀ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତୁଲ୍ୟ ଭୂଷଣ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଲୋକନାଥ ପଟ୍ଟନାୟକ, ପ୍ରୀତି ପଟ୍ଟନାୟକ, ରୀନା ପଟ୍ଟନାୟକ, ଚିତ୍ତରଞ୍ଜନ ମହାନ୍ତି, ମୁକ୍ତେଶ୍ୱର ପଟ୍ଟନାୟକ, ଯତୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ବିଭିନ୍ନ ବିଷୟରେ ନିଜ ନିଜ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ଗାୟତ୍ରୀ ପଟ୍ଟନାୟକ ସ୍ୱାଗତ ସଂଗୀତ ପରିଶେଷଣ କରିଥିଲେ, ରାମକୃଷ୍ଣ ପଟ୍ଟନାୟକ ସ୍ୱଗତ ଭାଷଣ ପ୍ରଦାନ କରିଥିବାବେଳେ ଅକ୍ଷୟ ପଟ୍ଟନାୟକ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ କଳ୍ପବଟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ନକ୍ ଆଉଟ ଫୁଟବଲ ମହାକୁମ୍ଭ

# ଫୁଲବାଣୀ ସ୍ପୋର୍ଟସ ହଷ୍ଟେଲକୁ ହରାଇ ସେମିରେ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ

କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ବହୁ ପ୍ରତିକ୍ଷିତ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ମ୍ୟାଚରେ ଫୁଲବାଣୀ ସ୍ପୋର୍ଟସ ହଷ୍ଟେଲକୁ ପେନାଲ୍ଟୀ ସୁଟ ରେ ୪ - ୧ ଗୋଲରେ ହରାଇ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ସେମି ଫାଇନାଲରେ ପ୍ରବେଶ କରିଛି। କେସିଙ୍ଗା ଏଥେଲେଟିକ ଏଣ୍ଡ କଲଚରାଲ



ଆସୋସିଏସନର ଆନୁକୂଲ୍ୟରେ କେସିଙ୍ଗା ମିନି ଷ୍ଟାଡିୟମରେ ରେ ଅନୁଷ୍ଠିତ ଉକ୍ତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍‌ର ଜେନେରାଲ ସେକ୍ରେଟାରୀ ଜଗମୋହନ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ମୁଖ୍ୟମନ୍ତ୍ରୀଙ୍କ ଏଡିସନାଲ ସେକ୍ରେଟାରୀ ଅନୁପମ ସାହା , କେସିଙ୍ଗା ନଗରପାଳ ନୃପ ରାଜ ଯାଦବ ପ୍ରମୁଖ ଯୋଗଦେଇ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଅନୁଷ୍ଠାନର ସଭାପତି ରମକୁମାର ଜୈନ, ସମ୍ପାଦକ ପୁରନ୍ଦର ଭୋଇ, ଉପସଭାପତି ସରିତା ସିନ୍ଦୂର, କୋଷାଧ୍ୟକ୍ଷ ଧୀରଜ ଅଗ୍ରୱାଲ, ବଳରାମ ସୁନା, ଅଭିମନ୍ୟୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।ଖେଳ ପରିଚାଳନା କରିଥିଲେ ନବୀନ ନାଏକ ଓ ତାଙ୍କୁ ସହଯୋଗ କରିଥିଲେ ବେଙ୍କେଶ୍ୱର୍ ପଧାନ, ବୁଲୁ ମାଝୀ ଓ ଲକ୍ଷ୍ମୀ ମାଝୀ।ହଜାର ହଜାର ସଂଖ୍ୟାରେ ଖେଳପ୍ରେମୀ ଖେଳ ଉପଭୋଗ କରିଥିଲେ।

## ଦିବାରାତ୍ରି ବ୍ୟାଡମିଣ୍ଟନ ପ୍ରତିଯୋଗିତା

# ପ୍ରୀତମ ଆଣ୍ଡ ସମ୍ଭବ ପାର୍ଟନର ଚାମ୍ପିଅନ୍

କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ୍ ଆମପାଣି ବୁଢ଼ାରଜା ବ୍ୟାଡମିଣ୍ଟନ ଆସୋସିଏସନ୍ ଆନୁକୂଲ୍ୟରେ ଗତ ୨ ଦିନ ଧରି ଚାଲିଥିବା ଦିବାରାତ୍ରି ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳଟି ପ୍ରୀତମ ଅଗ୍ରୱାଲ ଆଣ୍ଡ ସମ୍ଭବ ଶର୍ମା ପାର୍ଟନର ଓ ତ୍ରିନାଥ ପ୍ରସନ୍ନ ରାୟ ଆଣ୍ଡ ଲଳିତ ପୁଟେଲ ପାର୍ଟନର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରୀତମ ଅଗ୍ରୱାଲ ଆଣ୍ଡ ସମ୍ଭବ ଶର୍ମା ପାର୍ଟନର ବିଜେତା ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛନ୍ତି। ଅମ୍ପେୟାର ଭାବରେ ପ୍ରଫୁଲ୍ଲ ଜାନୀ ଖେଳ ପରିଚାଳନା କରିଥିବାବେଳେ ସୁନୀଲ କୁମାର ଯୋଷୀ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଆମପାଣି ସରପଞ୍ଚ ରକ୍ମିଣୀ ବାଣୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଯୁବ ନେତା ରତୁରାଜ ମାଝୀ, ନକୁଳ ବାଣୁଆ, ବିଘ୍ନେଶ୍ୱର ନାଏକ,



ନାରୀନେତ୍ରୀ ତିଳୋତ୍ତମା ନାଏକ, ଶିକ୍ଷକ ଜୟ ଶଙ୍କର ପାଠୀ, ସାମ୍ବାଦିକ ବିଜୟ କୁମାର ପଣ୍ଡା, ମନୋରଞ୍ଜନ ବାଣୁଆ, ନରେଶ କୁମାର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବରେ ପ୍ରିତମ ଅଗ୍ରୱାଲ ବିବେଚିତ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ବିନୋଦ କୁମାର ସିଂ, ପରେଶ ସାମନ୍ତରାୟ, ଦିନେଶ ମାଝୀ, ଦୁଷ୍ମନ୍ତ ପଣ୍ଡିତ, ଚୈତନ୍ୟ ମାଝୀ, ଗଣେଶ ଅଗ୍ରୱାଲ, ଅଙ୍କିତ ଅଗ୍ରୱାଲ, ତରୁଣ ମହିପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମଗଡ଼ ମହିଳା ମହାବିଦ୍ୟାଳର ବାର୍ଷିକୋତ୍ସବ

# 'ପରିଶ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ସାକାର ହେବ'

ଧର୍ମଗଡ଼,(ଭାସ୍କର ନ୍ୟୁଜ): ଧର୍ମଗଡ଼ ମହିଳା ମହାବିଦ୍ୟାଳୟ ଉଭୟ +୨ ଏବଂ +୩ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉପଲକ୍ଷେ ଏକ ସଭାରେ ଅଧକ୍ଷା ପ୍ରିୟମ୍ବଦା ଚାନ୍ଦଙ୍କ ସଭାପତିତ୍ୱରେ ତଥା ମୁଖ୍ୟ ଅତିଥି ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ହୃଷିକେଶ ମିଶ୍ର, ଶିଶୁ ଦେବ ମୁଣ୍ଡ, ଜଗବନ୍ଧୁ ମିଶ୍ର, +୩ ଅଧକ୍ଷା, ମୂର୍ତ୍ତି ମଞ୍ଜରୀ ପଣ୍ଡା, ବରିଷ୍ଠ ଅଧ୍ୟାପିକା ସବିତା ପାଇକରାୟ, ଜୟନ୍ତୀ ମୁଦୁଲୀ, ପଦ୍ମାଳୟା ଦଣ୍ଡସେନା, ସୁଜାତା ମହାନ୍ତି,ଅଧ୍ୟାପକ ବଙ୍କିମ ମୁଣ୍ଡ, ସଂଜୀବ ମୁଣ୍ଡ, ସରୋଜ ମେହେର ଏବଂ ଅନ୍ୟାନ୍ୟ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ତଥା ଛାତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି, ବିଧାୟକ ଶ୍ରୀ ପଟ୍ଟଯୋଶୀ ତାଙ୍କର ବକ୍ତବ୍ୟରେ ଛାତ୍ରୀମାନଙ୍କୁ ନିଜ



ସ୍ୱପ୍ନକୁ ସାକାର କରିବାପାଇଁ ପ୍ରଗାଢ଼ ପରିଶ୍ରମ ପାଇଁ ପ୍ରେରଣାଦେବା ସହ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପକ ବଙ୍କିମ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଅଧ୍ୟାପକ ସଞ୍ଜୀବ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ । କୃତି ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିଙ୍କ କରକମଳରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଲିପିକା ବାଗ ଓ ଅଧ୍ୟାପକ ଉମେଶ ସୁନା ସଂଯୋଜନା କରିଥିଲେ । ସର୍ବୋପରି ଅଧପିକା ଡ଼. ପଦ୍ମଳୟା ଦଣ୍ଡସେନା, ସୁଜାତା ମହାନ୍ତି, ଅନାମିକା ବେହେରା, ଅନୁରକ୍ତା ମୁଣ୍ଡ, ବାସନ୍ତୀ ସାହୁ, ପ୍ରଜ୍ଞ୍ୟା ପରିମିତା ସାହୁ,ଭାଗ୍ୟଲତା ମିଶ୍ର, ସୁଜାତା ସାହୁ, ମନୀଷା ବାଗ, ଅର୍ଚ୍ଚନା ଗୁଛି, ଅଧ୍ୟାପକ ସରୋଜ ମେହେର, ହିତେଶ କୁମାର ନାଏକ, ଅଣ ଶିକ୍ଷକ ଡମ୍ବରୁଧର ନାଏକ, ମନୋଜ ସେଠୀ, ପଦ୍ମା ମେହେର, ଫୁଲ ଦେଇ, ଶଙ୍କର ଖରସେଲ, ହିମାଂଶୁ ସା, ଜୟସେନ ପଟେଲ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଲକ୍ଷପତି ନାଏକ, ବରିଷ୍ଠ ଗ୍ରନ୍ଥ ରକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଶିଫଳ

**ସୋମବାର, ୩ ଫେବୃଆରୀ ୨୦୨୫**



**ମେଷ :** ଜୀବନସାଥୀଙ୍କ ଉପରେ ପାରସ୍ପରିକ ଭଲପାଇବା ରହିବ। ଶୀଘ୍ର ଶୀଘ୍ର କାମ ପୂରଣ ହୋଇପାରେ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ଶାନ୍ତି ରହିବ। ବିନିଯୋଗ ଲାଭଦାୟକ ହେବ। କାମ ଶୀଘ୍ର ସରିଯିବ। ଘର ବାହାରେ ସୁଖ ଏବଂ ଶାନ୍ତି ରହିବ । ମନର ଅସ୍ଥିରତାକୁ ନିୟନ୍ତ୍ରଣ କରନ୍ତୁ ।



**ବୃଷ :** ଅଂଶୀଦାରମାନଙ୍କ ସହଯୋଗକୁ ଠିକ୍ ସମୟରେ ପାଇ ଖୁସି ହେବେ । ଚାକିରିରେ ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ। ବ୍ୟବସାୟ ଭଲ ହେବ । ସ୍ଥିର ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ଏକ ବଡ଼ ଲାଭ ଦେଇପାରେ । ପ୍ରତିଦ୍ୱନ୍ଦ୍ୱିତା ହେବ । ଆୟ ବୃଦ୍ଧି ପାଇବ। ଆଘାତ ଏବଂ ରୋଗ ବାଧା ଦେଇପାରେ ।



**ମିଥୁନ :** ବୈଦ୍ଧିକ କାର୍ଯ୍ୟ ସଫଳ ହେବ । ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଚାକିରିରେ ସୁସଙ୍ଗତତା ରହିବ। ପାର୍ଟି ଏବଂ ପିକନିକ୍ ଯୋଜନା କରାଯିବ। ସାଙ୍ଗମାନଙ୍କ ସହିତ ଭଲ ସମୟ ଅତିବାହିତ ହେବ ।



**କର୍କଟ:** ବ୍ୟବସାୟରେ କୌଣସି ସନ୍ତୋଷ ରହିବ ନାହିଁ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବ୍ୟସ୍ତ ହୁଅ ନାହିଁ । ଘର ବାହାରେ ଅଶାନ୍ତି ଦେଖାଯିବ। କାର୍ଯ୍ୟ ବାଧାପ୍ରାପ୍ତ ହେବ । ଚାକିରିରେ ଆୟ ଏବଂ କାର୍ଯ୍ୟ ଭାର ହ୍ରାସ ପାଇବ ।



**ସିଂହ:** ଆପଣ ସାଙ୍ଗମାନଙ୍କ ସହିତ ସହଯୋଗ କରିବାକୁ ସମର୍ଥ ହେବେ। ଋଣରେ ହ୍ରାସ ଘଟିବ । ତୃପ୍ତି ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ଚାକିରିରେ ସୁସଙ୍ଗତତା ରହିବ । ବିନିଯୋଗ ଭଲ ହେବ ।



**କନ୍ୟା :** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ବ୍ୟବସାୟରେ ତତ୍ପର ହୁଅନ୍ତୁ ନାହିଁ । ଆଘାତ ଏବଂ ଦୁର୍ଘଟଣାରୁ ଦୂରେଇ ରୁହନ୍ତୁ । ଲାଭ ସୁଯୋଗ ଆସିବ । ଘର ବାହାରେ ପରିସ୍ଥିତି ଅନୁକୂଳ ହେବ। ସୁଖର ପରିବେଶ ରହିବ । ଜିନିଷଗୁଡିକ ସହଜ ରଖନ୍ତୁ। ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।



**ତୁଳା :** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବ୍ୟବସାୟ ଭଲ ହେବ । ଚାକିରିରେ ଅଧିକାର ବୃଦ୍ଧି ପାଇପାରେ ।



**ବିଛା:** ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଯଦି କୌଣସି ବ୍ୟବସ୍ଥା ନାହିଁ, ତେବେ ଅସୁବିଧା ହେବ । ବ୍ୟବସାୟ ହ୍ରାସ ପାଇବ । ଚାକିରିରେ ବିବାଦ ହୋଇପାରେ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ହୋଇପାରେ । ତୁମେ କ୍ଳାନ୍ତ ଅନୁଭବ କରିବ । ଆଶା କରାଯାଉଥିବା କାର୍ଯ୍ୟରେ ବାଧା ଆସିବ । ଚିନ୍ତା ଏବଂ ଟେନସନ ହେବ ।



**ଧନୁ:** ବିନା ପ୍ରଶ୍ନରେ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ଅନୁକୂଳ ହେବ । ସେଠାରେ ଟଙ୍କା ରହିବ । ରିସ୍କ ନେବାକୁ ସାହସ କର । ଅଜ୍ଞାତ ଭୟ ଏବଂ ଚିନ୍ତା ରହିବ । ଯାତ୍ରା ସଫଳ ହେବ । ଆଖି ଯନ୍ତ୍ରଣା ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ ।



**ମକର :** ପ୍ରତିଷ୍ଠା ବୃଦ୍ଧି ପାଇବ । ସୁଖର ମାଧମ ସଂଗ୍ରହ ହେବ । ଚାକିରିରେ ପ୍ରାଧାନ୍ୟ ରହିବ। ଆୟର ଉତ୍ସ ବୃଦ୍ଧି ପାଇପାରେ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଘର ବାହାରେ ସହଯୋଗ ଏବଂ ସୁଖରେ ବୃଦ୍ଧି ଘଟିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି କରିବ । ସାମାଜିକ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ ।



**କୁମ୍ଭ:** ଲାଭ ପାଇଁ ସୁଯୋଗ ଆସିବ । ସୁଖର ପରିବେଶ ରହିବ। ଆପଣ ଅଧସ୍ତନମାନଙ୍କ ସମର୍ଥନ ପାଇବେ । ଏକ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ । ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ପୂଜାପାଠ ଏବଂ ସତସଙ୍ଗରେ ଆଗ୍ରହ ରହିବ । ସେଠାରେ ଶାନ୍ତି ହେବ। କୋର୍ଟର କାର୍ଯ୍ୟ ଅନୁକୂଳ ହେବ ।



**ମୀନ:** ବ୍ୟବସାୟ ଭଲ କରିବ । ବନ୍ଧୁ ଏବଂ ସମ୍ପର୍କୀୟମାନେ ସାହାଯ୍ୟ କରିବେ । ଆୟ ଜାରି ରହିବ । ରିସ୍କ ନିଅ ନାହିଁ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ପୁରୁଣା ରୋଗ ଅବରୋଧର କାରଣ ହେବ । ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ଯାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ ।



ଗଣନାରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯